ଙ୍କା ପର୍ଯ୍ୟନ୍ତ ପୁରସ୍କାର ଦେବାର ବିଧାନ କରି ସେଥିର ସର୍ବଶେଷ ନିୟମ ନିର୍ଦ୍ଧାରଣ କରିବାର ଭାର ଏହି କାର୍ଯ୍ୟନିମିତ୍ତ ନିଯୁକ୍ତ ହୋଇଥିବା ଶାଖା କମିଟୀକୁ ଅର୍ପଣ କରିଥିଲେ ଶାଖା କମିଟୀ ତଦନୁସାରେ ସ୍ଥିର କରିଅଛନ୍ତି ଯେ ଉତ୍କଳର ଏକଖଣ୍ଡି ଇତିହାସ ରଚନା ସକାଶେ ଉକ୍ତ ପୁରସ୍କାର ଦିଆଯିବ । ସେ ଇତିହାସ କୌଣସି ପୁସ୍ତକବିଶେଷର ଅନୁବାଦ ନ ହୋଇ ଉତ୍କଳଦେଶରେ ଥିବା ପୁରାତନ ଗ୍ରନ୍ଥମାନଙ୍କରୁ ଯଥାର୍ଥ ବିବରଣମାନ ସଂକଳନ ହୋଇ ନୂତନ ଗ୍ରନ୍ଥ ହେବ । ଏ ପୁସ୍ତକବିଷୟକ ବିସ୍ତାରିତ ନିୟମମାନ ବିଜ୍ଞାପନଦ୍ୱାରେ ଶୀଘ୍ର ପ୍ରକାଶ ହେବ ଓ ତହିଁରୁ ପାଠକମାନେ ସବିଶେଷ ଜାଣିପାରିବେ ବର୍ତ୍ତମାନ ଆମ୍ଭେମାନେ ଏତନ୍ମାତ୍ର ସମ୍ବାଦ ଦେଇ ଅତିଶୟ କୃତବିଦ୍ୟ ମହାଶୟମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଉକ୍ତ ପୁରସ୍କାର ପାଇବା ଆଶାରେ ଏ କାର୍ଯ୍ୟରେ ପ୍ରବୃତ୍ତ ହେଉନ୍ତୁ । ଯଦ୍ୟପି କି କେହି ୨ ନିରୂପିତ ପୁରସ୍କାରକୁ ଊଣା ବୋଧ କରିବେ ତାହାଙ୍କୁ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଉତ୍କଳର ଇତିହାସ ରଚନାରେ ଯେଉଁ ବ୍ୟକ୍ତି କୃତକାର୍ଯ୍ୟ ହେବେ ତାହାଙ୍କର ଏ ପୁସ୍ତକ ବିକ୍ରୟରେ ଏତେ ଲାଭ ହେବ ଯେ ପୁରସ୍କାର ଭିନ୍ନ ଏଥିରେ ପରିଶ୍ରମ କଲେ ତାହା ବ୍ୟର୍ଥ ହେବ ନାହିଁ ।

## ସାପ୍ତାହିକ ସଂବାଦ ।

ବ୍ରାହ୍ମ ଧର୍ମର ମର୍ମ ଉତ୍କଳର ସର୍ବସାଧାରଣଙ୍କୁ ଜଣାଇବା ଓ ଉକ୍ତ ଧର୍ମ ପ୍ରଚାର ଉଦ୍ଦେଶରେ ଗୋଟିଏ ମାସିକ ପତ୍ରିକା ଗଲାଭମାସଠାରୁ ଆରମ୍ଭ ହୋଇଅଛି । ଏହାର ନାମ ଉତ୍କଳ-ଶୁଭକରୀ ପତ୍ରିକା ମୂଲ୍ୟ ଏକଖଣ୍ଡକୁ ୵୦ ମାତ୍ର ଗତ ବୁଧବାର ଏହାର ପ୍ରଥମସଂଖ୍ୟା ଆମ୍ଭେମାନେ ପ୍ରାପ୍ତ ହୋଇଁ ଆନନ୍ଦିତ ହେଲୁଁ ।

ଅଳ୍ପ କାଳ କଟକରେ ନିଲାମର ବଡ଼ ଗୋଳ ଲାଗିଅଛି । ପ୍ରାୟ ଦୁଇ ତିନଦିନ ଉତ୍ତାରୁ ଏକଦିନ ନଗରର ଚତୁର୍ଦ୍ଦିଗରେ ନାଗରାର ଉଚ୍ଚ ଶବ୍ଦ ଶୁଣାଯାଏ ଓ ନାଗରଚୀ ଅମୁକ ବାବୁ କି ସାହେବଙ୍କ ହୁକୁମରେ ନାନା ପ୍ରକାର ଦ୍ରବ୍ୟ ଅମୁକ ସ୍ଥାନରେ ନିଲାମ ହେବ ବିଷୟର ଘୋଷଣା ଦେଉଅଛି ବୋଲି କହିଯାଏ । ପୂର୍ବେ କେବଳ ସରକାରୀ କଚେରୀରେ କୌଣସି ଦ୍ରବ୍ୟ ନିଲାମ ହେଲେ ଅମୁକ ସାହେବଙ୍କ ହୁକୁମ ବୋଲି ଘୋଷଣା ଦିଆଯାଉଥିଲା ଏବେ ସମସ୍ତଙ୍କର ହୁକୁମ ଚଳିଲାଣି । ନିଲାମର ଏତେ ଧୁମଧାମରେ ଯେବେ ଶସ୍ତାରେ ଦ୍ରବ୍ୟ ମିଳଇ ତେବେ ଅବଶ୍ୟ ଲାଭ ଅଛି ନତୁବା ଏସବୁ ଧୁମଧାମ ମାତ୍ର ।

କଟକଷ୍ଟାଣ୍ଡାର୍ଡ ନାମରେ ଯେଉଁ ଇଂରାଜୀ ପତ୍ରିକା ଗତ ମଙ୍ଗଳବାର ପ୍ରଥମଥର ଏ ନଗରରେ ପ୍ରକାଶିତ ହେଲା ସେଥିରୁ ଅବଗତ ହେଲୁଁ ଯେ ଜଣେ ଦେଶୀୟ ବୈଦ୍ୟର ଭ୍ରମରୁ ବାବୁ ଚଣ୍ଡୀଚରଣ ବନ୍ଦ୍ୟୋପାଧ୍ୟାୟଙ୍କ ପୁତ୍ରର ମୃତ୍ୟୁ ଘଟଣା ହେଲା । ଏ ବାଳକର ଝାଡ଼ାରୋଗ ହୋଇଥିଲା ବୈଦ୍ୟ ଝାଡ଼ା ବନ୍ଦ କରିବାର ଔଷଧ ଦେଉଁ ୨ ଭ୍ରମରେ ଝାଡ଼ା କରାଇବାର ଔଷଧ ଦେଲା ଓ ପରେ ବିଲାତି ଡାକ୍ତର ନେଇଁ ଚିକିତ୍ସା କରାଇବାରେ ମଧ୍ୟ କିଛି ଫଳ ଦର୍ଶିଲା ନାହିଁ ।

ପାୟୋନୀୟର ଲେଖନ୍ତି ଯେ ଜଣେ ବିଲାତି ସ୍ତ୍ରୀ ମୌଲବୀ ମସିଉଦ୍ଦୀନଙ୍କ ନାମରେ ୫୨୦୦୦୦ ଟଙ୍କା ଦାବିରେ ନାଲିସ କରିଅଛି । ତାହାକୁ ଉକ୍ତ ମଉଲବୀ ବିଲାତରେ ବିବାହ ହୋଇ ତଦନ୍ତରୁ ତାହାକୁ ଖତପତ୍ର ଦେଇ ପରିତ୍ୟାଗ କରିଅଛି । ବନାରସର ଅଦାଲତରେ ମୋକଦ୍ଦମା ଉପସ୍ଥିତ ହୋଇଅଛି ।

ଇଫ୍ଲେଞ୍ଜର ବୋଲନ୍ତି, ଉତ୍ତରପଶ୍ଚିମପ୍ରଦେଶର ସର୍ବତ୍ରରେ ବୃଷ୍ଟି ହୋଇଅଛି; ଅତଏବ ଆଉ ଦୁର୍ଭିକ୍ଷର ଆଶଙ୍କା ନାହିଁ ।

ବାବୁ ବିଜୟକୃଷ୍ଣ ଗୋସ୍ୱାମୀ ବ୍ରାହ୍ମଧର୍ମ ପ୍ରଚାର କରିବା କର୍ମରେ ଢାକାକୁ ଯାଇଅଛନ୍ତି ଓ ସେଠାରେ ଚିକିତ୍ସା ବ୍ୟବସାୟ ମଧ୍ୟ କରୁଅଛନ୍ତି ।

ଅମୃତବଜାର ପତ୍ରିକାରେ ଗୋଟିଏ ବିଜ୍ଞାପନ ଏହି ମର୍ମରେ ପ୍ରକାଶ ହୋଇଅଛି ଯେ ଦୁଇଜଣ ବିଧବା ସ୍ତ୍ରୀ ଉପଯୁକ୍ତ ବର ପାଇଲେ ବିବାହ ହେବାକୁ ଅଭିଳାଷୀ ଅଛନ୍ତି । ଏକଜଣ ବିଧବା ଜାତିରେ ବ୍ରାହ୍ମଣ ଓ ଅନ୍ୟଜଣ କାୟସ୍ଥ ଅଟଇ ଓ ଏମାନେ ସ୍ୱ ୨ ଜାତିର ପୁରୁଷକୁ ବିବାହ ହେବାକୁ ବାଞ୍ଛା କରନ୍ତି । ଯାହାଙ୍କୁ ବିଧବା ସ୍ତ୍ରୀ ବିବାହ ହେବାକୁ ଲୋଡ଼ା ଥାଏ ସେମାନେ ଇଣ୍ଡିୟାନର ସମ୍ପାଦକଙ୍କୁ ପତ୍ର ଲେଖିଲେ ବିଶେଷ ସମାଚାର ଅବଗତ ହୋଇପାରିବେ ।

ହିନ୍ଦୁପେଟ୍ରିଅଟ ବୋଲନ୍ତି ଯେ ଶ୍ରୀଯୁକ୍ତ ମେନସାହେବ ଭାରତବର୍ଷରୁ ଯାତ୍ରା କରିବା ପୂର୍ବରୁ ବ୍ୟବସ୍ଥାପକ ସଭାରେ ମୋକଦ୍ଦମା ସମ୍ପର୍କୀୟ ଷ୍ଟାମ୍ପ ଆଇନର ପାଣ୍ଡୁଲିପି ଆଗତ କରିବେ ଆମ୍ଭମାନଙ୍କର ବଡ଼ ଭରସା ଥିଲା ଯେ ଦସ୍ତାବିଜ ସମ୍ପର୍କୀୟ ଷ୍ଟାମ୍ପର ବିଧାନ ସଙ୍ଗେ ୨ ପ୍ରସ୍ତାବିତ ବିଷୟର ବିଧାନ ହୋଇଥାନ୍ତା କିନ୍ତୁ ସନ ୧୮୬୯ ମସିହାର ଆ ୧୮ ଇନ ଯାରିହେବାରୁଁ ସେ ଆଶା ବିଫଳ ହୋଇଅଛି ।

ଡେଲିନିଉସ ବିଲାତର ତାରଡାକରୁ ଅବଗତ ହୋଇଅଛନ୍ତି ଯେ ଯେଉଁ ଦେଶୀୟ ଦୁଇଜଣ ବୟସ ଆପତ୍ତିରେ ସିବିଲସର୍ବିସ ପରୀକ୍ଷାର ଫଳରୁ ବଞ୍ଚିତ ହୋଇଅଛନ୍ତି ତାହାଙ୍କର ଯଥାର୍ଥ ବୟସ ପକ୍ଷରେ ପୁନର୍ବିଚାର କରିବାକୁ କମିଶ୍ନରମାନେ ସମ୍ମତ ହୋଇଅଛନ୍ତି ଏ ଦେଶରୁ ଯେ ସମସ୍ତ ପ୍ରମାଣ ପ୍ରେରିତ ହୋଇଅଛି ସେହି ସମସ୍ତ ଘେନି ବିଚାର ହେବ ଓ ବୋଧ ହୁଅଇ ଏମାନେ କୃତକାର୍ଯ୍ୟ ହୋଇପାରିବେ ।

ଗବର୍ଣ୍ମେଣ୍ଟ ବିଧାନ କରିଅଛନ୍ତି ଯେ ଏ ଦେଶୀୟ ପେସାଦାର ଗାୟିକା ଓ ନର୍ତ୍ତକୀମାନଙ୍କ ନିକଟରୁ ଇନ୍କମଟାକ୍ସ ଗୃହୀତ ହେବ । ଏ ବିଧାନ ପ୍ରଚାର ହେଉଁ ୨ ଅସଭ୍ୟ ଅନେକ ବେଶ୍ୟାଙ୍କ ଉପରେ ଇନ୍କମଟାକ୍ସ ବସିଅଛି । ନୃତ୍ୟ ଗୀତ ଦ୍ୱାରା ଅସଭ୍ୟ ବେଶ୍ୟାମାନେ ଟାକ୍ସ ଦେବା ଭଳି ଆୟ କରନ୍ତି ଆମ୍ଭମାନଙ୍କୁ ଜଣା ନ ଥିଲା ।

ଆମ୍ଭମାନଙ୍କର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଲୁଣାନଦୀ ଦକ୍ଷିଣ ପାର୍ଶ୍ୱେ ବନ୍ଧ ବିହୀନ ସ୍ଥାନ ଅର୍ଥାତ୍ ସଠିଲୋଠାରୁ ଲୁଙ୍ଗଙ୍ଗ ପର୍ଯ୍ୟନ୍ତ ବଢ଼ି ଜଳ ଏପ୍ରକାର ପ୍ଲାବିତ ହୋଇଅଛି ଯେ କୌଣସି ପ୍ରସାରିତ ସ୍ଥାନରେ ଦୃଷ୍ଟି କଲେ ପ୍ରତୀୟମାନ ହେଉଅଛି । ତନ୍ମଧ୍ୟସ୍ଥିତ ଅପେକ୍ଷାକୃତ ଉଚ୍ଚ ଭୂମିମାନ ଦ୍ୱୀପ ସଦୃଶ ଧାରଣ କରିଅଛି । ଯେହେତୁ ସର୍ବପ୍ରକାର ଶସ୍ୟ ଓ ବୃକ୍ଷମାନଙ୍କ ଜୀବ ଆୟୁ ରହିତ କରି ଗର୍ଭଗତ କରିଅଛି ସେହେତୁ ତାକୁ ବଢ଼ିଜଳ ପରିବର୍ତ୍ତରେ ପ୍ରଳୟ ଜଳ ସଂଜ୍ଞା ଦେଲେ କିଛି ଅସଙ୍ଗତ ହେବ ନାହିଁ । ଯଦି ଭବିଷ୍ୟତରୁ ଉକ୍ତ ସ୍ଥାନମାନଙ୍କରେ ବନ୍ଧ ନ ହେବ ତେବେ ସେ ସ୍ଥାନମାନଙ୍କର ମଙ୍ଗଳ ଆଶା ଗବର୍ଣ୍ମେଣ୍ଟ ମନରୁ ତ୍ୟାଗ କରନ୍ତୁ । ନତୁବା ଇରିଗେସନ ବନ୍ଧ ଭଗ୍ନ କରି ଦେଇ ଜଳ ଗମନ ଚତୁର୍ଦ୍ଦିଗକୁ ବିସ୍ତାର କରି ଦେଉନ୍ତୁ ।

ଇରିଗେସନ ବନ୍ଧଯୋଗୁଁ ନାଳ ଉତ୍ତର-ପାର୍ଶ୍ୱସ୍ଥ ଲୋକମାନେ ମନ୍ଦଭାଗୀ ହୋଇଗଲେଣି, ଆଉ କାହା କଥା ଦୂରରେ ଥାଉ, ମୁଁ

Split by PDF Splitter



ପ୍ରାପ୍ତ ଉଲମାସ ହେବ ସେଥି ଗନ୍ତପର୍ଯ୍ୟନ୍ତ ପାଇ ନାହିଁ ଅହା! ସେ ମସ୍ତସମସ୍ତ କେଉଁ ଅଡ଼େ ଗଲା। ଅଉ କି ସେ ସମୟ ଫେରି ଆସିବ ?

ଯେଉଁ ସ୍ଥଳେ ପିତା ନାବାଳକ ପୁତ୍ରମାନଙ୍କର ସମ୍ମତି ନ ନେଇ ପୈତୃକ ସମ୍ପତ୍ତିର ଅଧିକତ୍ରାଂଶ ଅଳ୍ପ କରରେ ତାହାଙ୍କର ସୁହୃତ ଦେୱାନଙ୍କୁ ବହୁକାଳ ପର୍ଯ୍ୟନ୍ତ କି ଯେପର୍ଯ୍ୟନ୍ତ ବଶ୍ୟସ୍ଥସ୍ୱପେ ଗୃହସ୍ଥରେ ଥିବ ସେ ପର୍ଯ୍ୟନ୍ତ ପାରିତୋଷିକ ସ୍ୱରୂପ ପଟ୍ଟା ଦିଅନ୍ତି ସେସ୍ଥଳରେ ଉକ୍ତଦାନ ସିଦ୍ଧାନ୍ତଗ୍ରମରେ ଅସିଦ୍ଧ।

୧୮୬୮ ସାଲର ୨୬୦ ମ୍ବର ମକଦ୍ଦମା

ହୁଗୁଲି ଷ୍ଟୋ ଅଦାଲତରେ ଜଜକର୍ତ୍ତୃକ ୧୮୬୯ ସାଲର ମାର୍ଚ୍ଚ ତା ୬ ରିଖର ଏସୁମେଜାଜ ଗବର୍ଣ୍ଣମେଣ୍ଟ ସ୍କୁଲରେ ଯେଯେ ନିୟମରେ ଛାତ୍ରମାନେ ପାଠକରି ପାରିବେ ଗବର୍ଣ୍ଣମେଣ୍ଟର ସ୍ୱେଚ୍ଛାମତ ସେହି ସକଳ ନିୟମ ସଂସ୍ଥାପନ କରିବାର ସମ୍ପୂର୍ଣ୍ଣ କ୍ଷମତା ଅଛି। ଅତଏବ ଯେବେ ଏମନ୍ତ ନିୟମ ଥାଏ ଯେସ୍ଥଳେ କୌଣସି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍କୁଲର ବେତନ ନ ଦେଇ ଅନୁପସ୍ଥିତ ହେଲେ ଏବଂ କି ଉଚିତାଧିକ ଫିସ୍ ନ ଦେଲେ ପୁନରପି ସ୍କୁଲରେ ପଢ଼ିପାରିବ ନାହିଁ ତାହା ହେଲେ ସ୍କୁଲରେ ପଢ଼ିବାର ଇଚ୍ଛା ହେଲେ ଛାତ୍ର ତାହା ଦେବାକୁ ହେବ ଏବଂ ତାହା ପୁନଃ ପ୍ରାପ୍ତ ହେବା ନିମିତ୍ତ ଷ୍ଟୋ ଅଦାଲତରେ ନାଲିସ ଚଳିବ ନାହିଁ।

ଅମ୍ଭେମାନେ ଅତି ଆନନ୍ଦର ସହିତ ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ମନୀସାହେବ କି ଯେ ପୂର୍ବେ ଏଠାର କଲେକ୍ଟର ଥିଲେ ମଇମନସିଂହ ଜିଲ୍ଲାର ଜଜସାହେବ ନିଯୁକ୍ତ ହୋଇଅଛନ୍ତି।

ଗତ ସପ୍ତାହର କଲିକତା ଗେଜେଟରେ କେନ୍ଦ୍ରାପଡ଼ା ଓ ହାଇଲେବଲ କେନାଲରେ ନୌକା ଓ କାଠ ବାଉଁଶ ଇତ୍ୟାଦି ଯାତାୟାତର ମାସୁଲର ଫର୍ଦ୍ଦ ପ୍ରକାଶିତ ହୋଇଅଛି। ଯଥା।

କେନ୍ଦ୍ରାପଡ଼ା କେନାଲ

ପୂର୍ବରୁ ପଶ୍ଚିମକୁ ଯିବାପାଇଁ ମାରସାଘାଇ ଦାନପୁର ଓ କେନ୍ଦ୍ରାପଟଣା ଏ ପ୍ରତ୍ୟେକ ଲକ ଅର୍ଥାତ୍ କବାଟ ଠାରେ

| | |
|---|---|
| ନୌକା ପ୍ରତି ମ୧୦୦ଣ | କୁ ୪ ୦ ୫ |
| କାଠ ପ୍ରତ୍ୟେକ | କୁ ୪ ୦ ୪ |
| ବାଉଁଶ ପ୍ରତି ଗୋ୧୦୦ଟା | କୁ ୪ ୦ ୧ ୪ |

ପଶ୍ଚିମରୁ ପୂର୍ବକୁ ଯିବାପାଇଁ ଜଗତପୁର କେନ୍ଦ୍ରାପଟଣା ଓ ଦାନପୁର ଏ ପ୍ରତ୍ୟେକ ଲକଠାରେ ଏହିପରି ମାସୁଲ। ଏ କୁତା ନୌକାରେ ଥିବା ଜଣ ପ୍ରତି ଏକଥାହୁର ଚତୁର୍ଥାଂଶ।

ହାଇଲେବଲ କେନାଲ

ପୂର୍ବମୁଖରେ ପ୍ରବେଶ କର ତାଳଣ୍ଡୀ କେଉଟପୁର ଓ ବଉଳୀ ଏବଂ ପଶ୍ଚିମମୁଖରୁ ପ୍ରବେଶ କରି କଟକ ବଉଳୀ ଓ କେଉଟପୁର ପ୍ରତ୍ୟେକ ଲକ ଅର୍ଥାତ କବାଟଠାରେ ଉପର ଲିଖିତ ମାସୁଲ ଦେବାକୁ ହେବ।

ଉଲଲିଖିତ ଦବସମାନଙ୍କରେ ବନ୍ଦିଘରଠାରେ ଜାହାଜ ପହୁଞ୍ଚିବାର ସ୍ଥିର ହୋଇଅଛି ଯଥା।

| କଲିକତାରୁ ଯାହାଜ | ବନ୍ଦିଘରଠାରେ ପ୍ରବେଶ ହେବ |
|---|---|
| ସେପ୍ଟମ୍ବର ତା୭ରିଖ | ସେପ୍ଟମ୍ବର ତା୯ରିଖ ସକାଳ |
| ଅକ୍ଟୋବର ତା୫ | ଅକ୍ଟୋବର ତା ୭ ରିଖ |
| ନବମ୍ବର ତା ୨ | ନବମ୍ବର ତା ୪ |
| ,, ତା ୩୦ | ଡିସେମ୍ବର ତା ୨ |
| ଡିସେମ୍ବର ତା ୨୮ | ,, ତା ୩୦ |
| ବମ୍ବେଇ ଫେରିତା | ସେପ୍ଟମ୍ବର ତା ୧୮ ରିଖ |
| ଜାହାଜ କଲିକ- | ଅକ୍ଟୋବର ତା ୧୬ |
| ତାକୁ ଯିବା | ନବମ୍ବର ତା ୧୩ |
| କାରଣ | ଡିସେମ୍ବର ତା ୧୧ |
| | ଜାନୁଏରୀ ତା ୮ |

ଇଂଲଣ୍ଡସମ୍ବାଦ କହନ୍ତି, ମଧ୍ୟଭାରତବର୍ଷ, ଯାହା ଏପର୍ଯ୍ୟନ୍ତ ଏକଜଣ ପ୍ରଧାନକମିସନରଙ୍କ ଅଧୀନସ୍ଥ ରହିଅଛି, ଏକଜଣ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କର ଅଧୀନ ହେବ ଏବଂ ଆସାମପ୍ରଦେଶ ବଙ୍ଗଳା ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କର ହସ୍ତରେ ନ ରହି ଏକଜଣ ସ୍ୱତନ୍ତ୍ର କମିସନରଙ୍କର ଅଧୀନ ହେବ।

ଅଧ୍ୟାପକ ଟିଣ୍ଡାଲ ସାହେବ କହନ୍ତି, ଆଲୋକର ଉପାଦାନ ଇଥର ନାମକ ସୂକ୍ଷ୍ମପଦାର୍ଥର ପ୍ରକମ୍ପନରେ ଆଲୋକର ଜ୍ଞାନ ହୁଏ। ଏହି ଇଥର ଅତ୍ୟନ୍ତ ସ୍ଥିତିସ୍ଥାପକ, ଲଘୁ, ଓ ସର୍ବସ୍ଥବ୍ୟାପୀ। ଏହା ସକଳ ପଦାର୍ଥର ପରମାଣୁ ବେଷ୍ଟନ କରିଅଛି, ଏବଂ ତାହାର ଅନ୍ତର୍ଗତ ଧାତୁ ସମୂହର ଅଭ୍ୟନ୍ତର ପର୍ଯ୍ୟନ୍ତ ବ୍ୟାପ୍ତ। ଆଲୋକଜନକ ପଦାର୍ଥ ପରମାଣୁସମୂହର ସ୍ପନ୍ଦନ ଏହି ଇଥରରେ ଯେ ଊର୍ମି ଉତ୍ପନ୍ନ କରେ, ତାହା ସଞ୍ଚାଳିତ ହୋଇ ଚକ୍ଷୁର ଅନ୍ତର୍ଗତ ସ୍ନାୟୁ ମୂଳର ଉପରେ ଯେ ଆଘାତ କରେ, ତଦ୍ୱାରା ଦର୍ଶନଜ୍ଞାନ ଜନ୍ମେ। ସେ କହନ୍ତି ଯେ ଆଲୋକ ବର୍ତ୍ତି ବର୍ଣ୍ଣ ଊର୍ମିର ଦୈର୍ଘ୍ୟ ଏବଂ ଦ୍ରୁତତା ଅନୁସାରେ ହୋଇଥାଏ। ଗୋଟିଏ ଲୋହିତ ଆଲୋକ ଊର୍ମିର ଦୈର୍ଘ୍ୟମାନ ଏକଇଞ୍ଚର ୩୯ ହଜାର ଭାଗ ଏବଂ ଗୋଟିଏ ବାଇଗେଣିଆ ଆଲୋକ ଊର୍ମିର ଦୈର୍ଘ୍ୟମାନ ପ୍ରାୟ ଏକଇଞ୍ଚର ୧ ଲକ୍ଷ ୭୫ ହଜାର ଭାଗ। ଅନ୍ୟାନ୍ୟ ବର୍ଣ୍ଣର ଆଲୋକ ଊର୍ମିର ଦୀର୍ଘତା ଏହି ଦୁଇ ପରିମାଣର ମଧ୍ୟବର୍ତ୍ତୀ।

ମାଜିଷ୍ଟ୍ରେଟ ସାଧାରଣର ଚଳାଚଳ ନିମିତ୍ତ ଯେଉଁ ପଥ ଖୋଲିବାର ହୁକୁମ ଦେଇଅଛନ୍ତି ତାହା ସାଧାରଣର ପଥ ନୋହେ ବୋଲି ବନ୍ଦ କରିବାର ଆବେଦନ କରିବାକୁ ଦେୱାନୀ ଅଦାଲତର କ୍ଷମତା ନାହିଁ। ସନ ୧୮୬୮ ସାଲର ୩୦୧୪ ନଂ, ମକଦ୍ଦମା।

ମୂଲ୍ୟପ୍ରାପ୍ତି।

| | | | |
|---|---|---|---|
| ମିଷ୍ଟର ଜ, ଏମ, କଷ୍ଟ | କଟକ | ବଙ୍ଗାବ୍ଦ | ୪ ୬ ୫ |
| ,, ଟୀ, ଏମ, କର୍କ୍ରଡ | ,, | ,, | ୪ ୨ |
| ,, ଡବଲିଉ, ସି, ଲେସି | ,, | ,, | ୪ ୬ ୫ |
| ପାତ୍ରୀ ମିଲର ସାହେବ | ,, | ,, | ୪ ୬ |
| ବାବୁ ଭଗବତୀଚରଣ ସେନ | ,, | ,, | ୪ ୬ |
| ,, ଆନନ୍ଦ ଘୋଷ | ,, | ,, | ୪ ୬ |
| ,, କ୍ଷେତ୍ରନାଥ ମିଶ୍ର | ,, | ,, | ୪ ୪ |
| ,, ଗୋବର୍ଦ୍ଧନଚନ୍ଦ୍ର ମହାପାତ୍ର | ,, | ,, | ୪ ୨ ୫ |
| ,, ହରେକୃଷ୍ଣ ଦାସ | ,, | ଅଗ୍ରିମ | ୪ ୩ |
| ,, ଗୋପାଳପ୍ରସାଦ ମିଶ୍ର | ,, | ବଙ୍ଗାବ୍ଦ | ୪ ୬ ୫ |
| ,, ଧାନବନ୍ଧୁ ଦେ | ,, | ,, | ୪ ୩ |
| ,, କୃଷ୍ଣବଲ୍ଲଭ ଘୋଷ | ,, | ,, | ୪ ୨ |
| ,, ବଲରାମ ଘୋଷ | ,, | ,, | ୪ ୩ |

ବିଜ୍ଞାପନ।

ଶ୍ରୀକୃଷ୍ଣସିଂହଙ୍କ ରଚିତ ଉତ୍କଳ ଭାଷା ମହାଭାରତ ମୂଲ୍ୟ ୪ ୨

ଡାକରେ ଯିବାର ହେଲେ ମାସୁଲ ଓ ମୋଡ଼ା ଇତ୍ୟାଦ ୪୦ ୫

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ପ୍ରାପ୍ତ ହେଉଅଛି।

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

ଭା ୪ ଗ
ସଂ ୩୮ ଖ୍ୟା

ତାଃ ୧୮ ଇଂ ସିପ୍ତମ୍ବର ସନ ୧୮୬୯ ମସିହା । ମୂ । ଅଶ୍ୱିନ ୪ ଦିନ ସନ ୧୨୭୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨୲
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨୭
ମଫସଲ ପାଇଁ ଡାକମାସୁଲ ୲୩

## ସ୍ୱାଧୀନତା ।

ସ୍ୱାଧୀନତା କଣ ଓ ସ୍ୱାଧୀନ କିଏ ? ସଂସାରରୂପ ବନ୍ଧନରେ ପଡ଼ିଥିବା ବ୍ୟକ୍ତିଙ୍କୁ କେଉଁ ଯୁକ୍ତିଦ୍ୱାରା ସ୍ୱାଧୀନ କୁହାଯିବ ସ୍ଥିରକରିବା କଠିନ ବୋଧ ହେଉଅଛି । ବାସ୍ତବରେ ବନ୍ଧନାବସ୍ଥା ସ୍ୱାଧୀନତାର ବିପରୀତ ଭାବ ଅଟଇ । ଏଣେ ଶୃଙ୍ଖଳାସ୍ୱ ନିୟମ ତେଣେ ସାମାଜିକ ନିୟମ ଓ ସନ୍ତୋଷର ଧର୍ମର ନିୟମ ଓ ସାମାନ୍ୟତଃ ଶରୀରରକ୍ଷା ନିୟମ ଏ ସମସ୍ତର ଅଧୀନ ହୋଇ ଲୋକଙ୍କୁ ଅନୁକ୍ଷଣେ ଚଳିବାକୁ ପଡ଼ୁଅଛି । କୌଣସି ଏକ ନିୟମକୁ ଲଙ୍ଘନକରି କାର୍ଯ୍ୟକଲେ ତତ୍କ୍ଷଣାତ୍ ତହିଁର ଶାସ୍ତି ହେଉଅଛି ଏମନ୍ତ ଅବସ୍ଥାପନ୍ନ ବ୍ୟକ୍ତିର ସ୍ୱେଚ୍ଛାନୁରୂପେ କାର୍ଯ୍ୟ କରିବାର ସାମର୍ଥ୍ୟ ନାହିଁ ଓ ଏତେ ନିୟମର ଯେ ଅଧୀନ ତାହାକୁ ବା ସ୍ୱାଧୀନ କିରୂପେ ବୋଲାଯିବ ? ଏମନ୍ତ ବିଚାରକଲେ ପ୍ରତ୍ୟକ୍ଷ ଜଣାଯାଏ ଯେ ସ୍ୱାଧୀନତା ସର୍ବପଥବହିର୍ଭୂତ ଏକ କାଳ୍ପନିକ ପଦାର୍ଥ ଅଟଇ । ସମସ୍ତେ ତହିଁର ଅତ୍ୟାଶ୍ଚର୍ଯ୍ୟ ଗୁଣରୁ ଅବଗତ ଅଛନ୍ତି ମାତ୍ର କେହି ତାହାକୁ ପ୍ରାପ୍ତ ହୋଇ ନାହାନ୍ତି ଫଳତଃ ଅବାଧରୂପେ ସ୍ୱେଚ୍ଛାପୂର୍ବକ କର୍ମ କରିବାର ସାମର୍ଥ୍ୟକୁ ଯେବେ ସ୍ୱାଧୀନତା ବୋଲାଯାଏ ତେବେ ମନୁଷ୍ୟର ସ୍ୱାଧୀନତା ନାହିଁ ଓ କୌଣସି କଥାରେ ପରର ଅଧୀନ ନ ହୋଇ ଯେବ୍ୟକ୍ତି ସଂସାରଯାତ୍ରା ନିର୍ବାହ କରେ ଯେବେ ତାହାକୁ ସ୍ୱାଧୀନ ବୋଲାଯାଏ ତେବେ ଅନ୍ୟାନ୍ୟ ଜୀବଜନ୍ତୁମାନେ ସମସ୍ତେ ସ୍ୱାଧୀନ ମନୁଷ୍ୟ ଏକା ସେରୂପ ହେବାକୁ ଅକ୍ଷମ ଅଟଇ କାରଣ କେଉଁ ଲୋକ ଏପରି ଅଛି କି ଯେ ଆପଣା ଅଭାବ ମୋଚନ ନିମିତ୍ତ ଅନ୍ୟଠାରେ ପ୍ରାର୍ଥୀ ନ ହୁଅଇ ? ଯେଉଁମାନେ ସମାଜ ପରିତ୍ୟାଗପୂର୍ବକ ଅରଣ୍ୟରେ ବାସ କରନ୍ତି ସେମାନେ ମଧ୍ୟ ସ୍ୱାଧୀନ କୁହାଯାଇ ନ ପାରନ୍ତି କାରଣ ତାହାଙ୍କୁ ବନ୍ଧ ନ ହେଲେ ଶାରୀରିକ ନିୟମର ଅଧୀନ ହେବାକୁ ହୁଅଇ ଅତଏବ ମନୁଷ୍ୟର ସ୍ୱାଧୀନତା ପକ୍ଷରେ ନାନାବିଧ ସନ୍ଦେହ ଜାତ ହେଉଅଛି ।

ତେବେ କି ଯଥାର୍ଥରେ ମନୁଷ୍ୟର ସ୍ୱାଧୀନତା ନାହିଁ ? ମନୁଷ୍ୟର ସ୍ୱାଧୀନ ବୋଲି ଯେଉଁ ପରକ୍ଷେଗ୍ ବାକ୍ୟ ଅଛି ତାହା କି ମିଥ୍ୟା ଅଟଇ ? ଏରୂପ ଚିନ୍ତାକଲାକ୍ଷଣି ଅନ୍ତଃକରଣରେ ଯେଉଁ ଦୁଃସହ ଦୁଃଖ ଜାତ ହେଉଅଛି ତାହାର ସହ୍ୟ ହେବାର ନୁହଇ ଅତଏବ ଆମ୍ଭେମାନେ ଆପଣା ଚିତ୍ତକୁ ସ୍ଥିର କରିବାସକାଶେ ହେଲେ କହୁଅଛୁଁ ଯେ ପରକ୍ଷେଗ୍ ବାକ୍ୟ ଅମୂଳକ ନୁହଇ ଯେବେ ମନୁଷ୍ୟ ବାସ୍ତବରେ ସ୍ୱାଧୀନ ତେବେ ଆମ୍ଭେମାନେ ସ୍ୱାଧୀନତାର ଯଥାର୍ଥ ଅର୍ଥ ଜାଣି ନ ଥିବାରୁ ଉପର୍ଯ୍ୟୁକ୍ତ ଭ୍ରମମାନ ମନରେ ଉଦୟ ହେଲା । ବୋଧ ହୁଅଇ ଆମ୍ଭେମାନେ ଅନଧୀନତା ଓ ସ୍ୱାଧୀନତାର ଏକାର୍ଥ କରିବାରୁ ମନରେ ଭ୍ରମ ଜାତ ହେଉଅଛି । କାହାରି ଅଧୀନ ନ ହେବାକୁ ସ୍ୱାଧୀନତା କହନ୍ତି ନାହିଁ ତାହାର ନାମ ଅନଧୀନତା । ସ୍ୱାଧୀନତାର ପ୍ରକୃତ ଅର୍ଥ ଏହି ଯେ ଅନ୍ୟ କାହାରି ଅଧୀନ ନ ହୋଇ ଆପଣାର ଅଧୀନ ହେବା ଓ ଆପଣା ସ୍ୱତ୍ୱ ଶରୀରର କୌଣସି ଅଂଶପ୍ରତି ସମ୍ପୃକ୍ତ ନା । ଯେଉଁ ଜ୍ଞାନସ୍ୱରୂପ ପଦାର୍ଥ ଅବା ଅପଦାର୍ଥ ଶରୀରରେ ଅବସ୍ଥିତ କରଇ ସେହି ଏକା ଆପଣା ସ୍ୱତ୍ୱରେ ବ୍ୟକ୍ତ ହୁଅଇ ଅତଏବ ଜ୍ଞାନର ଅଧୀନତାକୁ ସ୍ୱାଧୀନତା ବୋଲାଯାଏ । ସ୍ୱାଧୀନତାର ଏରୂପ ଅର୍ଥ ହେଲେ ଏକା ମନୁଷ୍ୟକୁ ସ୍ୱାଧୀନ ବୋଲାଯିବ କାରଣ ମନୁଷ୍ୟଭିନ୍ନ ଅନ୍ୟ କୌଣସି ଜୀବଜନ୍ତୁର ଜ୍ଞାନ ନାହିଁ ଏ ସମସ୍ତ ଜୀବଜନ୍ତୁ ପୃଥିବୀ ହେଲାଦିନୁ ଅଦ୍ୟାବଧି ଏକପ୍ରକାର ନିୟମରେ ଜୀବିକା ନିର୍ବାହ କରି ଆସୁଅଛନ୍ତି କାହାରିକୁ କୌଣସିକାଳେ ଭିନ୍ନରୂପ ଆଚରଣ କରିବାର ଦେଖା ନ ଯାଏ ମାତ୍ର ମନୁଷ୍ୟ ବିଶୁଦ୍ଧ ଜ୍ଞାନର ପ୍ରଭାବରେ ଆପଣା ହିତାହିତ ବିବେଚନା କରି ନାନା ପ୍ରକାର ନିୟମ ସଂସ୍ଥାପନ କରୁଅଛି ଓ ଯେତେବେଳେ ଯାହା ତାହାର ହିତାର୍ଥ ପ୍ରୟୋଜନ ହେଉଅଛି ସେତେବେଳେ ତାହା ଅବଲମ୍ବନ କରୁଅଛି । ପରମେଶ୍ୱର ମନୁଷ୍ୟକୁ ସ୍ୱାଧୀନ କରି ଅଛନ୍ତି ବୋଲି ତାହାକୁ ଅନ୍ୟ କୌଣସି ଶିକ୍ଷା ନ ଦେଇ ଏକମାତ୍ର ଜ୍ଞାନ ଦେଇଅଛନ୍ତି ଯେ ତହିଁପ୍ରଭାବରୁ ସେ ସକଳ କାର୍ଯ୍ୟ ସମ୍ପନ୍ନ କରୁଅଛି । ପଶୁ ପକ୍ଷୀ ଜୀବଜନ୍ତୁର ଆହାର ପରିଚ୍ଛଦାଦି ପରମେଶ୍ୱର ସ୍ୱୟଂ ପ୍ରସ୍ତୁତ କରି ଦେଇଅଛନ୍ତି ଏ ସମସ୍ତଙ୍କୁ ଆପଣା ରକ୍ଷା ସକାଶେ କୌଣସି ଉପାୟ କରିବାକୁ ହେଉ ନାହିଁ

Digitized by srujanika@gmail.com

ମନୁଷ୍ୟ ସଂସାରରେ ନିତାନ୍ତ ଅସହାୟ ହୋଇ ଅଛି ସେହି ଈଶ୍ୱରଦତ୍ତ ବୁଦ୍ଧିବଳରେ ଆହାର ପରିଛଦ ଓ ବାସର ସୁନ୍ଦର ଉପାୟମାନ କରି-ଅଛି ଓ ସମୟ ସମୟରେ ପ୍ରୟୋଜନାନୁସାରେ ଭିନ୍ନ ଉପାୟ ମଧ୍ୟ ଅବଲମ୍ବନ କରଅଛି । ଅତଏବ ମନୁଷ୍ୟ ଯେ ସ୍ୱାଧୀନ ଏଥିରେ ସନ୍ଦେହ କିଛି ନାହିଁ ।

ରାଜକୀୟ ଅବା ସାମାଜିକ କୌଣସି ନିୟମର ଅଧୀନ ହେବାକୁ ପରାଧୀନତା ବୋଲି ଯାଇ ନ ପାରେ ଓ ସଂସାରଯାତ୍ରା ନିର୍ବାହ ସକାଶେ କାହାର ଦାସତ୍ୱ ସ୍ୱୀକାର କରିବାରେ ମଧ୍ୟ ସ୍ୱାଧୀନତା ଯାଏ ନାହିଁ । କାରଣ ଅମ୍ଭେମାନେ ଆପଣା ଜ୍ଞାନଦ୍ୱାରା ଜାଣି ପାରୁଅଛୁଁ ଯେ ସମସ୍ତେ ରାଜା କି ପ୍ରଭୁ ହେଲେ ସଂସାର ଚଳିବ ନାହିଁ । ତାହାରକୁ ପ୍ରତ୍ୟର୍ପଣ କରିବାକୁ ହେବ ଓ କେହି ଦାସ ସ୍ୱରୂପ ପ୍ରଭୁର ଆଜ୍ଞା ପ୍ରତିପାଳନ କରିବ ତେବେ ଯାଇ ସମାଜ ଉତ୍ତମରୂପେ ଚଳି ପାରେ । ମାତ୍ର ଏହା ବୋଲି ରାଜା କିଛି ସ୍ୱାଧୀନ କି ପ୍ରଜା ପରାଧୀନ ହେଲା ଏମନ୍ତ ନୁହଇ ରାଜା ପ୍ରଜାଙ୍କଦ୍ୱାରା ଯେମନ୍ତ ପ୍ରତିପାଳିତ ପ୍ରଜାମାନେ ତଦ୍ରୂପ ରାଜାଦ୍ୱାରା ରକ୍ଷିତ ହୁଅନ୍ତି ପ୍ରଭୁ ଦାସର ମଧ୍ୟ ସେହି ଭାବ । ଏକପକ୍ଷରେ ରାଜା ପ୍ରଜାଙ୍କର ଭୃତ୍ୟ ଓ ପ୍ରଭୁ ଦାସର ଅଧୀନ ଅଟନ୍ତି ସମସ୍ତଙ୍କର ଜ୍ଞାନ ସମାନ ନୁହଇ ଓ ସମସ୍ତେ ଏକାକି ରୂପେ କୌଣସି କାର୍ଯ୍ୟ ନିର୍ବାହ କରି ନ ପାରନ୍ତି ବୋଲି ମନୁଷ୍ୟ ଜ୍ଞାନଦ୍ୱାରା ରାଜକୀୟ ଓ ସାମାଜିକ ନିୟମମାନ ପ୍ରସ୍ତୁତ କରି ସେଥିର ବଶବର୍ତ୍ତୀ ହୋଇଅଛନ୍ତି ଅତଏବ ଜ୍ଞାନର ଅଧୀନ ହୋଇ ସମସ୍ତେ କାର୍ଯ୍ୟ କରୁଥିବାରୁ ସମସ୍ତଙ୍କୁ ସ୍ୱାଧୀନ ବୋଲି ଯିବ ।

ତେବେ ପରାଧୀନ କିଏ ? ଏଥିର ଉତ୍ତର ଅତି କଠିନ ବୋଧ ହେଉ ନାହିଁ । ମନୁଷ୍ୟ ମାତ୍ରର ଜ୍ଞାନ ଅଛି ବୋଲି ସମସ୍ତେ ସ୍ୱାଧୀନ, କେହି ପରାଧୀନ ନୁହଇ ଏରୂପ ଯୁକ୍ତି କଦାଚ ଉପସ୍ଥିତ ହୋଇ ନ ପାରେ ମନୁଷ୍ୟମାତ୍ରର ଜ୍ଞାନ ଅଛି ସତ୍ୟ କିନ୍ତୁ ଅତ୍ୟଳ୍ପ ଲୋକ ସେ ଜ୍ଞାନକୁ ମାର୍ଜିତ କରି କାର୍ଯ୍ୟରେ ପରିଣତ କରନ୍ତି । କୌଣସି ଗ୍ରନ୍ଥକାର କହିଅଛନ୍ତି ଯେ ମନୁଷ୍ୟର ଜ୍ଞାନ ପଥରର ଖଣି ପ୍ରାୟ ଓ ଶିକ୍ଷା ପଥୁରିଆ ଅଟଇ । ଖଣିସ୍ଥିତ ସକଳ ପଥରରେ ମୂର୍ତ୍ତି ଗଠନ ହେବାର ସମ୍ଭବ ଅଥଚ ପଥୁରିଆର ହସ୍ତ ନ ଲାଗିଲେ କୌଣସି ମୂର୍ତ୍ତି ନିର୍ମିଣ ହୋଇ ନ ପାରେ ସେହିରୂପ ସମସ୍ତ ମନୁଷ୍ୟର ଜ୍ଞାନ ଅଛି ଓ ସେ ଜ୍ଞାନଦ୍ୱାରା ଯାବତୀୟ କାର୍ଯ୍ୟ ହୋଇପାରେ ଅଥଚ ଶିକ୍ଷା ବିନା ସେ ଜ୍ଞାନ କୌଣସି ରୂପେ ପ୍ରକାଶ ପାଏ ନାହିଁ ସୁତରାଂ ଏପରି ଜ୍ଞାନ ଥିବା ନ ଥିବା ସମାନ ଅଟଇ ଅତଏବ ଯେଉଁ ଲୋକମାନେ ଶିକ୍ଷାଦ୍ୱାରା ଆପଣା ଜ୍ଞାନକୁ ଉନ୍ନତ କରି ନାହାନ୍ତି ସେମାନେ ପରାଧୀନ କାରଣ ସେମାନେ ଅନ୍ୟର ସାହାଯ୍ୟ ଭିନ୍ନ କୌଣସି କାର୍ଯ୍ୟ କରିବାକୁ ସକ୍ଷମ ନୁହନ୍ତି । ସୁଶିକ୍ଷିତ ବ୍ୟକ୍ତି ମାତ୍ରକେ ଯେ ସ୍ୱାଧୀନ ଏ କଥା ମଧ୍ୟ ବୋଲି ଯାଇ ନ ପାରେ । ଅନେକ ସୁଶିକ୍ଷିତ ଲୋକ ଜ୍ଞାନର ପ୍ରଦର୍ଶିତ ହିତ ମାର୍ଗକୁ ପରିତ୍ୟାଗ କରି ଇନ୍ଦ୍ରିୟର ବଶତ୍ୱ ସ୍ୱୀକାର କରନ୍ତି ଏମାନଙ୍କୁ ପରାଧୀନ ବୋଲାଯାଏ । ଏହାଙ୍କର ଜ୍ଞାନ ଥିବାରେ କିଛି ମାତ୍ର ଫଳ ହେଲା ନାହିଁ ବରଂ ଏହିରୂପ ଲୋକମାନେ ପରାଧୀନତାର କଷ୍ଟ ଅଧିକ ପରିମାଣରେ ଭୋଗକରନ୍ତି । ଯେଉଁ ବ୍ୟକ୍ତି ବିଶୁଦ୍ଧ ଜ୍ଞାନଦ୍ୱାରା ଆପଣା ହିତାହିତ ବିଚାର କରି ସୁପଥକୁ ଅବଲମ୍ବନ ଓ କୁପଥକୁ ପରିତ୍ୟାଗ କରଇ ସେହି ବ୍ୟକ୍ତି ଯଥାର୍ଥରେ ସ୍ୱାଧୀନ ଓ ଯେଉଁ ବ୍ୟକ୍ତି ଆପଣା ଜ୍ଞାନଦ୍ୱାରା ସୁପଥ କିଏ ଓ କୁପଥ କିଏ ସ୍ଥିର କରି ନ ପାରେ କିମ୍ବା ସ୍ଥିର କରି ପାରିଲେ ମଧ୍ୟ କୁସଂସ୍କାର ଅଥବା ଲୋକ ଭୟ କିମ୍ବା ଇନ୍ଦ୍ରିୟପରତନ୍ତ୍ରତା ପ୍ରଯୁକ୍ତ ସନ୍ମାର୍ଗ ଅବଲମ୍ବନ କରିବାକୁ ଅସମର୍ଥ ହୁଅଇ ସେ ନିତାନ୍ତରେ ପରାଧୀନ ଅଜ୍ଞାନ ବ୍ୟକ୍ତି ଯେବେ ଜ୍ଞାନବାନ୍ ବ୍ୟକ୍ତି-ମାର୍ଗର ପଶ୍ଚାଦ୍ଗାମୀ ହୁଅଇ ତେବେ ମଧ୍ୟ ତାହାକୁ ସ୍ୱାଧୀନ ବୋଲା ଯିବ । ମାତ୍ର କୁସଂସ୍କାରପୂର୍ଣ୍ଣ ଜ୍ଞାନବାନ୍ ବ୍ୟକ୍ତି କଦାଚ ସ୍ୱାଧୀନ ହୋଇ ନ ପାରେ ଏ ବ୍ୟକ୍ତି ଯଥେଷ୍ଟରୂପେ ପରାଧୀନ ।

ସ୍ୱାଧୀନତା ଓ ପରାଧୀନତାର ଏହିରୂପ ବିଚାର କରି ଅମ୍ଭେମାନେ ବାଧ୍ୟ ହୋଇ ସ୍ୱୀକାର କରୁଅଛୁଁ ଯେ ଅସ୍ମଦ୍ଦେଶୀୟ ଲୋକମାନେ ଅଦ୍ୟାପି ସ୍ୱାଧୀନତା ଲାଭ କରି ନାହାନ୍ତି । ତହିଁର କାରଣ ଏହି ଯେ ଏମାନେ କୁସଂସ୍କାରର ବଶବର୍ତ୍ତୀ ହୋଇ ବିଶୁଦ୍ଧ ଜ୍ଞାନପ୍ରଦର୍ଶିତ ମାର୍ଗରେ ଗମନ କରିବାକୁ କୁଣ୍ଠିତ ହେଉଅଛନ୍ତି । କୌଣସି ନୂତନ ପ୍ରଥା ଅବଲମ୍ବନ କରିବାର କଥା ହେଲେ ଏମାନେ ତହିଁର ହିତାହିତ ବିଚାର ନ କରି କେବଳ ଏହି ମାତ୍ର ଯୁକ୍ତି ପ୍ରଦର୍ଶନ କରନ୍ତି ଯେ ତାହା ଲୋକ ବିରୁଦ୍ଧ ଅଥବା ବିଗତ ମହାଜନଙ୍କ ନିୟମ ବିରୁଦ୍ଧ ଅଟଇ ଦେଶ କାଳ ପାତ୍ର ଭେଦରେ ଯେ ମନୁଷ୍ୟର ରୀତି ନୀତି ସର୍ବଥା ପରିବର୍ତ୍ତିତ ହେଉ-ଅଛି ଓ ପରିବର୍ତ୍ତନ ଭିନ୍ନ ଲୋକର ସୁଖ ସ୍ୱଚ୍ଛନ୍ଦତା ହେବାର ଉପାୟ ନାହିଁ ଏକଥା ସେମାନେ ସ୍ମରଣ ରଖିବାର ଜଣା ଯାଉ ନାହିଁ । ଅତଏବ ଏମନ୍ତ ଯୁକ୍ତିକୁ ମନରେ ସ୍ଥାନ ଦେଇ ହିତସାଧନରେ ବିମୁଖ ହେବାଠାରୁ ଅତି ପରାଧୀନତାର କି ପରିଚୟ ହୋଇପାରେ ଅତଏବ ଅମ୍ଭେମାନେ ଅସ୍ମଦ୍ଦେଶୀୟ ଲୋକଙ୍କୁ ବିନୟ ପୂର୍ବକ ଅନୁରୋଧ କରୁଅଛୁଁ ଯେ ଜ୍ଞାନମାର୍ଗକୁ ଅବଲମ୍ବନ କରି ଯଥାର୍ଥ ସ୍ୱାଧୀନତା ଲାଭ କରିବାର ଚେଷ୍ଟା କରନ୍ତୁ କୁସଂସ୍କାରକୁ ଆଉ ମନମଧ୍ୟରେ ସ୍ଥାନ ନ ଦେଉନ୍ତୁ ଓ ହିତସାଧନ ପକ୍ଷରେ ଯାହା କର୍ତ୍ତବ୍ୟ କାର୍ଯ୍ୟରେ ତାହା କରନ୍ତୁ ।

କଟକନଗରସ୍ଥ ଉତ୍କଳୋତ୍ସାହିନୀ ସଭର ଗତ ଦୁଇ ଅଧିବେଶନରେ ସ୍ୱାଧୀନତା ଓ ରୀତି ପରିବର୍ତ୍ତନ ବିଷୟରେ ଅନେକାନେକ ତର୍କ ବିତର୍କ ଉପସ୍ଥିତ ହେବାର ଶୁଣି ଅମ୍ଭେ-ମାନେ ଏପ୍ରସ୍ତାବ ଲେଖିବାରେ ପ୍ରବୃତ୍ତ ହେଲୁଁ ସଭାର ନିୟମାବଳୀରେ ଲେଖାଅଛି ଯେ ଦେଶ କାଳ ସହିତ ପୁରାତନ ଶାସ୍ତ୍ରର କଥାମାନ ପର୍ଯ୍ୟାଲୋଚନା କରି ସୁରୀତି ପ୍ରଚଳ ଓ କୁରୀତିର ମୂଳୋତ୍ପାଟନ ବିଷୟରେ ଏସଭରେ ତର୍କ ବିତର୍କ ଓ ମତ ପ୍ରକାଶ ହେବ ଅତଏବ ଅମ୍ଭମାନଙ୍କର ନିତାନ୍ତ ଇଚ୍ଛା ହେଉଅଛି ଯେ ଅସ୍ମଦ୍ଦେଶୀୟମାନେ ଅବିଳମ୍ବରେ ସ୍ୱାଧୀନତା ଫଳର ସୁସ୍ୱାଦୁ ଭୋଗକରିବେ ।

---

## ସରକାରୀ କର୍ମକାରକଙ୍କ ନାମରେ ମକଦ୍ଦମା

ସରକାରୀ କର୍ମକାରକଙ୍କ ନାମରେ ସରକାରୀ କାର୍ଯ୍ୟ ସମ୍ବନ୍ଧରେ କୌଣସି ମକଦ୍ଦମା ଉପସ୍ଥିତ ହେଲେ ଗବର୍ଣ୍ଣମେଣ୍ଟ ସେଥିର ଦାୟ ଆପଣା-ଉପରେ ନ ନେଇ ଉକ୍ତ କର୍ମକାରକଙ୍କୁ ତହିଁ-ପାଇଁ ଦାୟୀ କରଅଛନ୍ତି । ମାତ୍ର ହାକମଙ୍କୁ ଅନର୍ଥକ ବ୍ୟୟରୁ ରକ୍ଷା କରିବା କାରଣ କଙ୍ଗାଲ-ଗବର୍ଣ୍ଣମେଣ୍ଟ ବିଧାନ କରିଥିଲେ ଯେ ମକଦ୍ଦମା ନିଷ୍ପତ୍ତି ହେଲା ଉତ୍ତାରୁ ଯେବେ ଏମନ୍ତ ପ୍ରକାଶ ହେବ ଯେ ହାକମଙ୍କର ଦୋଷ ନ ଥିଲା ଓ ତାହାଙ୍କ ନାମରେ ବୃଥା ମକଦ୍ଦମା ହୋଇଥିଲା ତେବେ ଗବର୍ଣ୍ଣମେଣ୍ଟ ଉକ୍ତ ମକଦ୍ଦମାର ସମସ୍ତ

Split by PDF Splitter



ଖର୍ଚ୍ଚ ଦେବେ । ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ସମ୍ମୁଖରେ ଏକଥା ଉପସ୍ଥିତ ହେବାରୁ ସେଠାରେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ଆଜ୍ଞା କିୟଦଂଶରେ ପରିବର୍ତ୍ତିତ ହୋଇଅଛି । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏହି ବିଧାନ କରଅଛନ୍ତି ଯେ କୌଣସି କର୍ମଚାରିଙ୍କ ଉପରେ ନାଲିଶ ହେଲେ ଉକ୍ତ ମକଦ୍ଦମାର ସମସ୍ତ ବୃତ୍ତାନ୍ତ ଥାଗ୍ମରେ ଗବର୍ଣ୍ଣମେଣ୍ଟର ହୁଜୁର କାରଣ ପ୍ରେରିତ ହେବ । ଯେବେ ଏମନ୍ତ ଜଣାଯାଏ ଯେ ହାକିମର କୌଣସି ଦୋଷ ନାହିଁ ତାହାଙ୍କ ନାମରେ ବୃଥାରେ ନାଲିଶ ହୋଇଅଛି ତେବେ ତତ୍କ୍ଷଣାତ୍ ସରକାରୀ ଉକିଲର ମକଦ୍ଦମାର ବ୍ୟୟ ନିମିତ୍ତ ଅବଶ୍ୟକୀୟ ଟଙ୍କା ଅଗ୍ରିମ ଦିଆଯିବ ତହିଁ ଉତ୍ତାରୁ ମକଦ୍ଦମାର ନିଷ୍ପତ୍ତି ହେଲାରୁ ଯେବେ ହାକିମଙ୍କର ଦୋଷ ଜଣାଯାଏ ତେବେ ଉକ୍ତ ଦାଦନ ଟଙ୍କା ସେକ୍ରେଟରୀଠାରୁ ଉଶୁଲ ହେବ । ଉତ୍ତମ ଗବର୍ଣ୍ଣମେଣ୍ଟଙ୍କର ଏରୂପ ବିଧି ଯେ ଅତି ଯୁକ୍ତିଯୁକ୍ତ ହୋଇଅଛି ବୋଲିବା ବାହୁଲ୍ୟ ଅଟଇ ସରକାରୀ କର୍ମକାରକମାନେ ଅନେକ ଦୁଷ୍ଟଲୋକର ଶତ୍ରୁ ହୁଅନ୍ତି ଏହାଙ୍କୁ ଆପାତତଃ ଖର୍ଚ୍ଚାନ୍ତ କରାଇବା ଆଶାରେ ହେଲେ ଅନର୍ଥକ ମକଦ୍ଦମା କେହି ଉତ୍ଥାପିତ କରିବାର ବିଚିତ୍ର ନୁହଇ ବିଶେଷତଃ କର୍ମକାରକର ଦୋଷାଦୋଷର ତତ୍ତ୍ୱ ନ କରି ସବୁ ମକଦ୍ଦମାରେ ତାହାଙ୍କୁ ଖର୍ଚ୍ଚାନ୍ତ କରାଇବା ମୂଳକର ଧର୍ମ ନୁହଇ ଓ ଗବର୍ଣ୍ଣମେଣ୍ଟ ସେରୂପ କଲେ କର୍ମକାରକମାନେ ବଡ଼ କଷ୍ଟ ଭୋଗକରନ୍ତେ ବର୍ତ୍ତମାନ ନିୟମାନୁସାରେ କୌଣସି କର୍ମଚାରିର ତତ୍କ୍ଷଣାତ୍ କ୍ଲେଶ ହେବାର କଥା ନିବାରିତ ହେଲା ଏବଂ ପରିଶେଷରେ ମକଦ୍ଦମା ନିଷ୍ପତ୍ତିର ଫଳାନୁସାରେ ଖର୍ଚ୍ଚ ଅଦାୟ କରିବାର ବିଧି ଥିବାରୁ ସରକାରୀ କର୍ମଚାରିମାନେ ନିର୍ଭୟ ଅଥବା ସାବଧାନ ପୂର୍ବକ କାର୍ଯ୍ୟ ନ କରିବେ କାରଣ ସେରୂପ କଲେ ନିଶ୍ଚୟ ସେଥିର ଫଳ ଭୋଗ କରିବେ ।

———✳———

ଆମ୍ଭେମାନେ ଆନନ୍ଦର ସହିତ ଅବଗତ ହେଲୁଁ ଯେ ସରକାରୀଚାଉଳ ବନ୍ଦୋବସ୍ତ ପକ୍ଷରେ ଆମ୍ଭେମାନେ ଯେରୂପ ଅଭିପ୍ରାୟ ବ୍ୟକ୍ତ କରିଥିଲୁଁ ପ୍ରାୟ ସେହିରୂପ କାର୍ଯ୍ୟ ହେବ । ବୋର୍ଡ଼ର ଇଚ୍ଛା ନୁହଇ ଯେ ସବୁ ଚାଉଳ ଏ ସମୟରେ ଭାରତ ଛଡ଼ ଦିଅନ୍ତୁ ଅତଏବ ବିଦେଶୀୟ କମ୍ପାନୀଙ୍କି କିମ୍ବା ଅଧିକ ପରିମାଣରେ ଚାଉଳ ଚାଲାନ୍ କରିବାକୁ ସମ୍ମତ ନାହାନ୍ତି । ଅଳ୍ପ ୨ ପରିମାଣରେ ଲୋକଙ୍କ ସୁବିଧାର ନିମିତ୍ତ ବନ୍ଦୋବସ୍ତ ହେଉଥିବ । ଗତ ଯୁଲାଇମାସରେ ପ୍ରାୟ ଦୁଇଲକ୍ଷମହଣ ଚାଉଳ ଥିଲା ଏତେବେଳେ ମ-୭୫୦୦୦ହଣ ମାତ୍ର ଅଛି ଏଥିରୁ ଆଉ କେତେ ବନ୍ଦୋବସ୍ତ ହୋଇଗଲେ ଜଣା ବନ୍ଦୋବସ୍ତ ହେବ । ଯାହାଙ୍କର ଚାଉଳ ପ୍ରୟୋଜନ ବେଗେ କ୍ରୟ କରନ୍ତୁ । ପଛକୁ ଅଧିକ ମିଳିବାର କଷ୍ଟ ହେବ ।

ଯାହା ହେଉ ବଡ଼ ସୁଖର ବିଷୟ ଯେ ଗତ ସପ୍ତାହରେ ମୋଫସଲରେ ପ୍ରଚୁର ବୃଷ୍ଟି ହୋଇଅଛି । ଜାଜପୁର ଓ କେନ୍ଦ୍ରାପଡ଼ା ହାକିମମାନେ ରିପୋର୍ଟ କରିଅଛନ୍ତି । ଗତ ତା ୧୧ ରିଖରେ ବିଶେଷ ବୃଷ୍ଟି ହେବାରୁ ଫସଲ ପକ୍ଷରେ ବହୁତ ଆଶା ବଢ଼ିଅଛି ଏବଂ ଉଭୟ ଲୋକମାନେ ପ୍ରଫୁଲ୍ଲ ଚିତ୍ତରେ ଚାଷ କାର୍ଯ୍ୟରେ ଲାଗିଅଛନ୍ତି ପୁରୀରେ ମଧ୍ୟ ଏହିପରି ବର୍ଷା ହେବାର ଶୁଣାଯାଏ ଯେବେ ସମୟ ୨ ରେ ବୃଷ୍ଟି ହେବ ତେବେ ମଧ୍ୟ କୌଣସି ଆଶଙ୍କା ହୋଇ ନ ପାରେ ।

---

## ସାପ୍ତାହିକ ସଂବାଦ ।

କଲିକତାରୁ ମାସକୁମାସ ଯୁଆଂବଲ ଜାହାଜ ଆସିବାରେ ଏଜିଲ୍ଲାର କେତେ ସୁଯୋଗ ହୋଇଅଛି ତହିଁର ଉଦାହରଣ ସ୍ୱରୂପ ଲେଖୁଅଛୁଁ ଯେ ଗତସପ୍ତାହରେ ଯେଉଁ ଜାହାଜ ଆସିଲା ସେଥିରେ ମ ୮୧୦୦ ହଣ ମହାଜନୀ ଇତ୍ୟାଦି ଦ୍ରବ୍ୟ ଆସିଥିଲା । ଏଥିରେ ୫୭୦୦୦ଙ୍କା ଜାହାଜଭଡ଼ା ଆଦାୟ ହୋଇଥିବ ।

ବଡ଼ ସୁଖର ସହିତ ଅବଗତ ହେଲୁଁ ଯେ ପୁରୀର ବାରିକନାମ୍ବୁରୀ ମହକୁମା ବର୍ତ୍ତମାନ ପୁରୀମୁକାମକୁ ଉଠିଯିବାର ସୂଚିତ ହେଲା । ସୁପ୍ରିଣ୍ଟେଣ୍ଡିଂ ଇଞ୍ଜିନିୟର ସାହେବ ଅତି ସୁବିଚାର ପୂର୍ବକ କାର୍ଯ୍ୟ କରିଅଛନ୍ତି ଏବା ଉକ୍ତ ଇଲାକାର କର୍ମଚାରିମାନେ ଏଥିରେ ଧନ୍ୟବାଦ ଦେବେ ଏମନ୍ତ ନୁହଇ ଆମ୍ଭେମାନେ ଯେଉଁ ଗୋଟିଏ ଅମୂଳକ କଳଙ୍କର ଆଶଙ୍କା କଥା କହିଥିଲୁଁ ତାହା ମଧ୍ୟ ନିବାରଣ ହେଲା ।

କୌଣସି ବିଶ୍ୱାସିବ୍ୟକ୍ତିର ପତ୍ରରୁ ପାଠକଲୁଁ ଯେ । ସ୍ତ୍ର । କାଟେ । ତା । ଗଜପତିପୁର କୃଷ୍ଣପ୍ରସାଦ ଇଲାକା ଅମ୍ବାପଡ଼ା ମୌଜାରେ ନିତାଇବେହେରା ଡାଡରେ ବାରଡ ତାହା ଘରେ ବାସ କରିବା ତାହା ଝିଅର ପୁଅ ଅର୍ଥାତ୍ ନିତାଇବେହେରାର ନାତି ଅଟେ ଭାଗ୍ରବଂଶ ଦାସନ ଏକଗୋଟି ପିଲା ଜନ୍ମ କଲା ତାହାର ଚାରିଗୋଟା ହାତ ଓ ଚାରିଗୋଟା ଗୋଡ ଓ ସେ ସ୍ତ୍ରୀ କି ପୁରୁଷ ଜଣା ନ ଯାଏ ଜନ୍ମହୋଇ ତତ୍କ୍ଷଣାତ୍ ମରିଗଲା ।

କୁଟୁଭା କି ଉପଜନ ଯେବରୁ ଟଙ୍କା ଚୋରି କରିବାର ଧାରା ପୂର୍ବେ ଏଠା ଚୋରଙ୍କୁ ଜଣା ନ ଥିଲା । ସମ୍ପ୍ରତି ଏପ୍ରକାର ଚୋରି ବଢ଼ିବାର ଦେଖାଯାଏ । ଗତ ସପ୍ତାହରେ କଲେକ୍ଟରୀ କଚେରୀଠାରେ ଜଣକର କୁଟୁଭା ଯେବରୁ ୫୨ ଙ୍କା କେହି ବାହାର କରି ନେଲା ଶୁଣିଲୁଁ ଯେ ଚୋର ଗୋଟିଏ ପିଲା ଓ ପୁଲିସ ତାହାକୁ ଅନୁସନ୍ଧାନ କରି ଗିରଫ୍ତାର କରିଅଛି । ଏରୂପ ଚୋର ଧରିବାରେ ପୁଲିସର ସୁଖ୍ୟାତି ଅଛି ସନ୍ଦେହ ନାହିଁ ।

ଡେଲିନିଉସରୁ ଅତି ଦୁଃଖର ସହିତ ଅବଗତ ହେଲୁଁ ଯେ ଅମୃତ ସରରେ ଝାଡାବାନ୍ତ ରୋଗର ଭୟଙ୍କର ପ୍ରାଦୁର୍ଭାବ ହୋଇଥିଲା । ଯୁଲାଇଶେଷ ପକ୍ଷରେ ଜ୪୯୩ଣ ଅର୍ଥାତ୍ ଦିନାନ୍ଦ ଜ୨୯ଣ ମରୁ ପଡ଼ୁଥିଲେ । ପୁନଶ୍ଚ ଅଗଷ୍ଟମାସରେ ଜ୨୨୮୪ଣ ଅର୍ଥାତ୍ ଦିନାନ୍ଦ ଜ୮୦ଣ ମୃତ୍ୟୁମୁଖରେ ପତିତ ହେଲେ । ଏହି ଦିନମାନରେ ଜ୍ୱର ଏବଂ ଅନ୍ୟାନ୍ୟ କାରଣରେ ପ୍ରାୟ ଜ୭୦୦ଣର ପ୍ରାଣ ନାଶ ହୋଇଅଛି । ସାଧାରଣ ସମୟରେ ଏଠାରେ ଦିନାନ୍ଦ ମୃତ୍ୟୁ ସଂଖ୍ୟା ଜ୧୫ଣରୁ ଅଧିକ ହୋଇ ନାହିଁ । ଅତଏବ ଉକ୍ତ ଯନ୍ତ୍ରଣାମୟ ରୋଗ ଦିନାନ୍ଦ ଅଧିକା ଜ୭୦ଣର ପ୍ରାଣ ଘାତ କରିଅଛି ।

ମାନ୍ଦ୍ରାଜର କୌଣସି ସମ୍ବାଦପତ୍ରରେ ଲେଖାଅଛି ଯେ ଇନ୍ଦୋରନଗରର ମହାରାଜ ଆସନ୍ତା ଆଗ୍ରା ଦରବାରକୁ ଯିବାର ମାନସ ନ ରଖନ୍ତି କିମ୍ବା ରାଜକୁମାରଙ୍କୁ ଦେଖିବା କାରଣ କଲିକତା ପର୍ଯ୍ୟନ୍ତ ଯିବେ ନାହିଁ । ତାହାଙ୍କର ଏରୂପ ମନସ୍ଥର କାରଣ ଏହି ଯେ ଭିନ୍ନ ପ୍ରଦେଶକୁ ଗଲେ ସେଠାରେ ତାହାଙ୍କୁ ତୋପ ସଲାମି ଦେବାର ଆଜ୍ଞା ନାହିଁ ଅତଏବ ତାହାଙ୍କର ମର୍ଯ୍ୟାଦା ଭଙ୍ଗ ହେବ ।

ଚର୍ଚ୍ଚ ମିସନରୀଙ୍କ ଗତ ବାର୍ଷିକ ରିପୋର୍ଟରୁ ପ୍ରକାଶ ଯେ ତାହାଙ୍କ ଅଧୀନରେ ଜ୧୨୦ଣ ଦେଶୀୟ ଲୋକ ପ୍ରଚାରକ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । କେତେକି ଗେଜେଟ ବୋଲନ୍ତି ଯେ ସେମାନେ ଖ୍ରୀଷ୍ଟିୟାନ ଧର୍ମ ପ୍ରଚାରରେ ସାହାଯ୍ୟ

Digitized by srujanika@gmail.com

Split by PDF Splitter



କରିଅଛନ୍ତି ଏ କଥା ତାହାଙ୍କୁ ବଡ ଆଶ୍ଚର୍ଯ୍ୟର ହେବ ।

ଲେଫ୍ଟେଣ୍ଟାଣ୍ଟ ହବନ୍ ଅବଗତ ହେଲେ ଯେ ଜଣେ ଦୁର୍ଭିକ୍ଷ ପୀଡିତ ତନ୍ତୀର ଗୋଟିଏ ପିଲାକୁ ଧରି ଖାଇବାକୁ ଉପକ୍ରମ କରିବା ବେଳେ ଧରା ପଡିଅଛି ସେ ବ୍ୟକ୍ତି କ୍ଷୁଧାପୀଡା ନିବାରଣ ସକାଶେ କିମ୍ବା ତାହା କହିବାନୁସାରେ ଉନ୍ମାଦ ବଶତଃ ମନୁଷ୍ୟ ମାଂସ ଭକ୍ଷଣ ପାଇଁ ଚେଷ୍ଟା କଲା ନିଶ୍ଚୟ ଜଣା ଯାଇ ନାହିଁ ।

ନିର୍ଜୀବ ପିତୁଳାକୁ ସଜୀବ ଲୋକ ସଦୃଶ କରିବା-ପାଇଁ ବହୁଲୋକ ବହୁଉପାୟ କରି ଯାଇଅଛନ୍ତି ତନ୍ମଧ୍ୟରେ ଚାଲିବା, ବୋଲିବା, କାନ୍ଦିବା ଓ ଆଖିଠାରିବା ପିତୁଳା ଅବଧି ଦେଖା ଯାଇ ନ ଥିଲା ସମ୍ପ୍ରତି ହଲାଣ୍ଡିଏ ସାହେବ ନାମରେ ଜଣେ ବିଚକ୍ଷଣ ବ୍ୟକ୍ତି ଗୋଟିଏ ପିତୁଳା ନିର୍ମାଣ କରି-ଅଛନ୍ତି ଯେ ସେ କେବଳ ଚଲ ବୁଲ କରେ ଏମନ୍ତ ନୁହଇ ପରିଚ୍ଛନ୍ନୋପଯୋଗି କାର୍ଯ୍ୟ ମଧ୍ୟ କରିଅଛି । ମନୁଷ୍ୟର ବୁଦ୍ଧି ଦ୍ୱାରା ଯେ କେଉଁ କାର୍ଯ୍ୟ ସାଧିବା ଅସମ୍ଭବ ସ୍ଥିର କରିବା କାହାରି ଶକ୍ତି ନାହିଁ ।

ବାହ୍ୟପଦାର୍ଥ କିଛିହିଁ ନାହିଁ—ସମୁଦାୟ ଆମ୍ଭମାନଙ୍କର ମାନସିକ ଭାବପୁଞ୍ଜ ମାତ୍ର, ଏହିମତ ବାଦ ଅତି ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଚଳି ଆସୁଅଛି । ଏହା ଏଦେଶରେ ମାୟା-ବାଦ, ପ୍ରାଚୀନ ଗ୍ରୀକମାନଙ୍କ ମଧ୍ୟରେ ଦାର୍ଶନିକ ପିରହୋର ପ୍ରବର୍ତ୍ତିତ ସନ୍ଦେହ ବାଦ, ଅନ୍ୟ ଇଉରୋପୀୟମାନଙ୍କ ମଧ୍ୟରେ ବିସୋପ ବର୍କ-ଲି ଏବଂ ହିଉମର ମତ ବୋଲି ପ୍ରସିଦ୍ଧ । ଏହିମତ ବାଦ ସତ୍ୟ ବା ଅସତ୍ୟ ଯାହା ହେଉ ଲୋକଙ୍କର ପ୍ରତ୍ୟକ୍ଷମୂଳକ ସଂସ୍କାର ମାତ୍ର ଯେ ସତ୍ୟ ନୋହେ ପ୍ରକୃତ ଅନେକ ସ୍ଥଳରେ ମଧ୍ୟ ଭ୍ରମମୟ, ତାହା ବିଜ୍ଞାନ ଶାସ୍ତ୍ର ଆଲୋଚନା ଦ୍ୱାରା ମଧ୍ୟ ଅପ୍ରମାଣ ହୋଇଅଛି । ତାହାର ଗୋଟିଏ ଦୃଷ୍ଟାନ୍ତ ଦ୍ରବ୍ୟାଦିର ବର୍ଣ୍ଣ ଭେଦ । ଆମ୍ଭେମାନେ ସମସ୍ତେ ଦେଖୁଅଛୁଁ ଯେ, ଶ୍ୱେତ କୃଷ୍ଣ ନୀଳ ପୀତ ଲୋହିତାଦି ବର୍ଣ୍ଣବିଶିଷ୍ଟ ଭିନ୍ନ ୨ ଦ୍ରବ୍ୟ ପୃଥିବୀରେ ଅଛି । କିନ୍ତୁ ଦୃଷ୍ଟି-ବିଜ୍ଞାନ ଶାସ୍ତ୍ର ଦ୍ୱାରା ଯେଉଁମାନଙ୍କର ଚକ୍ଷୁ ଉନ୍ମୀଳିତ ହୋଇଅଛି ସେମାନେ ସମସ୍ତେ ଜାଣନ୍ତି ଯେ, ବର୍ଣ୍ଣ କୌଣସି ଦ୍ରବ୍ୟର ସ୍ୱତଃସିଦ୍ଧ ଗୁଣ ନୁହଇ । ଏହା ଆଲୋକରସ୍ଥିତ ମାତ୍ର ଗୁଣ—ଏହା ବିଶେଷ ୨ ପ୍ରକାର କମ୍ପନ ମାତ୍ର ।

ଜଳପାତ୍ରମଧ୍ୟରେ କୋଇଲା ଏବଂ ବାଲୁକା ସ୍ତର ୨ ବସାଇ ତାହା ଉପରେ ଜଳ ଢାଳିଦେଇ ତଳେ ଗୋଟିଏ ଛିଦ୍ର କରିଦେଲେ ଜଳ ସୁପରି-ଷ୍କୃତ ହୋଇ ଆସେ । ଜଳ ପରିଷ୍କାର କରିବାର ଏହି ପ୍ରଥା ସମସ୍ତଙ୍କର ଜଣାଅଛି । ବର୍ତ୍ତମାନ-ରେ ଆମେରିକାର ଅନ୍ତର୍ଗତ ଫିଲେଡେଲଫିଆ ନଗରରେ ଜଳ ପରିଷ୍କାର କରିବାର ଅନ୍ୟ ଏକ ପ୍ରଣାଳୀ ପ୍ରବର୍ତ୍ତିତ ହୋଇଅଛି । ଗୋଟାଏ ଭୁଙ୍ଗିର ଏକ ମୁଖ ଅତି ପରିଷ୍କାର ବସ୍ତ୍ର ଦ୍ୱାରା ଆବୃତ କରି ଏବଂ ଅନ୍ୟ ପାଖରେ ଗୋଟିଏ ନଳ ଖଞ୍ଜି ବସ୍ତ୍ରାବୃତ ମୁଖକୁ ତଳକୁ ରଖି ଜଳ-ରେ ବୁଡାଇବାକୁ ହୋଏ । ଅନନ୍ତର ନଳର ପ୍ରାନ୍ତଭାଗରେ ମୁଖ ଦେଇ ଶୋଷଣ କଲେ ଜଳ ଏହି ପ୍ରାନ୍ତ ଭାଗରେ ପରିଷ୍କୃତ ହୋଇ ବାହାର ହୋଇଁ ଥାଏ ।

## ବିଜ୍ଞାପନ ।

### ୫୦୦ ଟଙ୍କା ପୁରସ୍କାର ।

କଟକର ବିଦ୍ୟାଧ୍ୟାପନୀୟ କମିଟି ପ୍ରସ୍ତାବ କରିଅଛନ୍ତି କି ଯେ କେହି ତଳଲିଖିତ ନିୟମାନୁସାରେ ସର୍ବୋତ୍ତମ ଉତ୍କଳ ଭାଷାରେ ଗ୍ରନ୍ଥ ରଚନା କରିବେ ତାହାଙ୍କୁ ପାରିତୋଷିକ ସ୍ୱରୂପେ ଢେଙ୍କାନାଳର ଶ୍ରୀ ମହାରାଜଙ୍କ ପ୍ରଦତ୍ତ ଟଙ୍କାରୁ ୫୦୦ ଟଙ୍କା ଦିଆଯିବ ନିୟମ ଏହି ୨ ଯଥା ।

୧ । ଉକ୍ତ ଗ୍ରନ୍ଥରେ ଓଡିଶାର ପ୍ରାଚୀନ ସମୟଠାରୁ ଇଂରେଜମାନଙ୍କ ଅଧିକାର ପର୍ଯ୍ୟନ୍ତ ଇତିହାସ ଓ ପ୍ରଧାନ ନଗରମାନଙ୍କର ଉତ୍ପତ୍ତି ହ୍ରାସ ପ୍ରାଚୀନ କୀର୍ତ୍ତି ଇତ୍ୟାଦି ଲେଖାଥିବ ଏବଂ ତାହା ଅସଲ ଦେଶୀୟଗ୍ରନ୍ଥ ଓ ଅନ୍ୟାନ୍ୟ ସ୍ଥଳମାନଙ୍କ ଠାରୁ ସଂଗ୍ରହ କରିଥିବ ।

୨ । ଗ୍ରନ୍ଥକର୍ତ୍ତା ଇଂରେଜ କିମ୍ବା ଦେଶୀୟ-ଲୋକ ହୋଇପାରିବେ କିନ୍ତୁ ସେ ଉତ୍କଳଦେଶ ଓ ତନ୍ମଧ୍ୟ ଗଣିତ ଗଡଜାତ ସମ୍ବଲପୁର ଓ ଗଞ୍ଜାମ ପ୍ରଦେଶର ନିବାସୀ ହେବାର ଆବଶ୍ୟକ ।

୩ । ହସ୍ତଲିଖିତ ଗ୍ରନ୍ଥର ପରିମାଣ ସାଧାରଣ ଫୁଲସ୍କେପ ଅକ୍ଷରରେ ନ୍ୟୁନ ୪୦୦ ପୃଷ୍ଠା ହେବ ଓ ଗ୍ରନ୍ଥର ଭାବ ଓ ଭାଷା ଶୁଦ୍ଧଥିବ ଏବଂ ତହିଁରେ କୌଣସି ଧର୍ମର ସମ୍ପର୍କ ନ ଥିବ ଓ ତାହା ବିଦ୍ୟାଳୟମାନଙ୍କରେ ବ୍ୟବହାର ହେବା ପକ୍ଷରେ କୌଣସି ବାଧା ନ ହେବ ।

୪ । ସର୍ବାପେକ୍ଷା ଯାହାଙ୍କର ଗ୍ରନ୍ଥ ପସନ୍ଦ କରାଯିବ ତାହାଙ୍କର ବାଞ୍ଛା ହେଲେ ସେ ଗ୍ରନ୍ଥ-ବ୍ୟୟରେ ତାହା ଛାପା କରାଇବେ ତାହାହେଲେ କମେଟି ଶ ୨୦୦ ଖଣ୍ଡ ପୁସ୍ତକ ନେଇ ସେଥିର ପ୍ରକୃତ ବ୍ୟୟ ତିନିଅଂଶରୁ ଦୁଇଅଂଶ ଦେବେ କିନ୍ତୁ ଯଦି କମେଟି ଆପଣା ବ୍ୟୟରେ ଛପା-କରାନ୍ତି ତେବେ ବିନା ମୂଲ୍ୟରେ ଗ୍ରନ୍ଥକର୍ତ୍ତାଙ୍କୁ ଶ ୫୦ ଖଣ୍ଡ ଦେବେ ।

୫ । ୧୮୭୦ ସାଲ ଜୁଲାଇମାସ ତା ୧ ରିଖରେ କିମ୍ବା ତତ୍ପୂର୍ବେ କଟକର ବିଦ୍ୟାଧ୍ୟାପନୀୟ କମିଟିର ସେକ୍ରେଟେରୀଙ୍କ ନିକଟରେ ଗ୍ରନ୍ଥକର୍ତ୍ତା-ମାନେ ଆପଣା ୨ ଲିଖିତ ଗ୍ରନ୍ଥ ଦାଖଲ କରିବେ ।

୬ । ଯେଉଁ ଗ୍ରନ୍ଥ ପାରିତୋଷିକ ଯୋଗ୍ୟ ବୋଲି ପସନ୍ଦ କରାଯିବ ତାହା କମେଟିର ସ୍ୱୀୟ ବିବେଚନାନୁସାରେ ଛାପା ହେବାର ପୂର୍ବେ ସଂଶୋଧନ କରିବାର କ୍ଷମତା ଥିବ ।

ଏବିଷୟର ଅନ୍ୟ କୌଣସି ବୃତ୍ତାନ୍ତ ଜାଣି-ବାର ଆବଶ୍ୟକ ହେଲେ କମିଟିର ସେକ୍ରେଟେରୀ-ଙ୍କ ଠାରେ ପତ୍ର କଲେ ବାଞ୍ଛା ସିଦ୍ଧ ହେବ ।

କଟକ ।
୧୮୬୯ ସାଲ
ସେପ୍ତମ୍ବର ତା ୭ } ଡବଲିଉ, ଡି, ଲେସି
ସବ୍-କମିଟିର ମେମ୍ବର

ଶ୍ରୀକୃଷ୍ଣସିଂହଙ୍କ ରଚିତ ଉତ୍କଳ ଭାଷା ମହାଭାରତ ମୂଲ୍ୟ ଟ ୨

ଡାକରେ ନେବାର ହେଲେ ମାସୁଲ ଓ ମୋଟ ଯାମ୍ମା ଇତ୍ୟାଦି ଟ ୦ ୫

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ପ୍ରାପ୍ତ ହେଉଅଛି ।

### ମୂଲ୍ୟପ୍ରାପ୍ତି

| | |
|---|---|
| ବାବୁ କୃଷ୍ଣମୋହନ ଘୋଷ କଟକ କହୁସ୍ଥା | ଟ ୬ |
| ,, ବୈଦ୍ୟନାଥ ପଣ୍ଡିତ କଟକ ବଲ୍ଲଭ୍ୟା | ଟ ୬ |
| ,, ସାଧୁଚରଣଦାସ ,, ,, | ଟ ୩ |
| ,, ଗୋଲକଚନ୍ଦ୍ର ଘୋଷ ,, ,, | ଟ ୬ |
| ,, ହରିହର ଦାସ ,, ,, | ଟ ୬ |
| ,, ଶ୍ରୀରାମ ପଟ୍ଟନାୟକ ସମ୍ବଲପୁର ,, | ଟ ୬ |
| ,, ବଳରାମ ପଟ୍ଟନାୟକ ,, ,, | ଟ ୬ |
| ,, ଭଗବାନ ପଟ୍ଟନାୟକ ,, ,, | ଟ ୬ । |

☞ ଏହି ଉତ୍କଳଦୀପିକା ସହର କଟକ ଚଉ-ଧାବଜାର କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

ଭାଗ ୪ ଗ । ସଂ ୩୯ ସଂଖ୍ୟା । ତା ୨୫ ରିଖ ସେପ୍ଟେମ୍ବର ସନ ୧୮୬୯ ମସିହା । ମୁ । ଆଶ୍ୱିନ ଦ ୧୫ ନ ସନ ୧୨୭୭ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ୪୲
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୧୲

### କଷ୍ଟୀଘର ବାଟେ କଲିକତାର ଦ୍ରବ୍ୟ ଆସିବା ।

ଆମ୍ଭମାନଙ୍କ ପ୍ରାୟ ଦଶମାସ ହେଲା କଲିକତାର ଯାହାଜ କଷ୍ଟୀଘରକୁ ଆସୁଅଛି ଓ ପ୍ରତଥରରେ ହାଜାର ଏକହଜାର ବସ୍ତା ଇତ୍ୟାଦି ଥିବା ବାକ୍ସ ବା ବସ୍ତା ବାଣିଜ୍ୟ ଦ୍ରବ୍ୟ ଏ ନଗରକୁ ଆସୁଅଛି । ଏଥିରେ ଯେ କେତେ ବଡ ଉପକାର ହୋଇଅଛି ତାହା କାହାରକୁ ଅବିଦିତ ନାହିଁ । ଷ୍ଟିମର କମ୍ପାନିମାନେ କଷ୍ଟୀଘର ବାଟେ ଦ୍ରବ୍ୟ ଆସିବାର ସୁଯୋଗ କରି ଦେବାର ପ୍ରସ୍ତାବ କରି ଯେମନ୍ତ ଫଳର ଆଶା କରିଥିଲେ ସେଥିରୁ ଅନେକ ଅଧିକ ଫଳ ହେଲାଣି ଓ ଅନନ୍ତର ହେବ ସନ୍ଦେହ ନାହିଁ । ଯାହାକୁ ମାଲ ଦ୍ରବ୍ୟ ଆସିବାର ଲଭ୍ୟନ ହେବାରୁ ଏବଂ ତିନି ହାକିମମାନେ ସଙ୍ଗତବାର ସୁଯୋଗ କରି ଦେବାକୁ ଚେଷ୍ଟାରେ ତ୍ରୁଟି ନ କରିବାରୁ ନୂତନ ଉଦ୍ୟମାବଲମ୍ବନ ପୂର୍ବକ କଟକସ୍ଥ ମହାଜନଙ୍କ ଜଗତ ଜଳରେ ଦ୍ରବ୍ୟ ଆସି ପହଞ୍ଚୁଅଛି ନିର୍ଦ୍ଦିଷ୍ଟ ଦିନରେ ମହାନଦୀଗର୍ଭରେ ପ୍ରବେଶ ହେଲାକ୍ଷଣି କଲିକତାର ଦ୍ରବ୍ୟ ପ୍ରାପ୍ତ ହେଉଅଛି ଏଥିରୁ ବଳିକରି ଆଉ କି ସୁନ୍ଦର ଉପାୟ ହୋଇପାରେ । ଏହି ବର୍ଷାକାଳରେ କଲିକତାର ସଡକରେ ଦୂରନାସରେ ଦ୍ରବ୍ୟ ଆସିବା କଠିନ ହେଉଥିଲା ଷଷ୍ଠୀ ଦଶ ଦିନରେ ତାହା ଅନାୟାସ ଓ କେବଳ ପଥଯୋଗେ ପ୍ରାପ୍ତ ହେଉଅଛି ଏହା କି ସାମାନ୍ୟ ସୁଯୋଗ ଅଟେ । କିନ୍ତୁ ଏହିଭଳି ବଡ଼ ଉପକାର ଯାହା ଅଛି ସେଥିରେ ଏକ ଦୋଷ ହେତୁ ଲୋକଙ୍କୁ ଅର୍ଦ୍ଧେକର କାରଣ ହୋଇଅଛି ଏଥିରେ ଆମ୍ଭେମାନେ ବଡ଼ ଦୁଃଖିତ ଅଛୁଁ । ସେ ଦୋଷ ଏହି ଯେ ଦ୍ରବ୍ୟାଦି ସାବଧାନ ପୂର୍ବକ ଆଣିବା ଓ ତହିଁର କ୍ଷତି ନିବାରଣ କରିବାର ଭାର କାହାର ଉପରେ ନାହିଁ । କୌଣସି ଦ୍ରବ୍ୟ ହଜିଲେ କିମ୍ବା ଅସାବଧାନତା ପୂର୍ବକ କ୍ଷତି ହେଲେ ତାହା ପାଇଁ କେହି ଦାୟୀ ଥିବାର ବୋଧ ହେଉ ନାହିଁ ବୋଲି ଦ୍ରବ୍ୟ ପ୍ରତି କେହି ଯତ୍ନ କରୁ ନାହାନ୍ତି । ମେଘଗର୍ଜନ ଗଲା କ୍ଷତି ହେଲାତ ହେଲା ଯାହା ଅଛି ଓ ଯେଉଁରୂପ ଅଛି ସେହିପରି ନିଅ କାହାକୁ କହିଲେ କେହି ଶୁଣିବାକୁ ନାହିଁ କିମ୍ବା ପରେ କାହାକୁ ଜଣାଇଲେ ଆପଣା କଥାର ସତ୍ୟତା ଜଣାଇବାର କୌଣସି ନିଦର୍ଶନ ନାହିଁ । ଲୋକମାନେ ଯାହାଜରେ ଦ୍ରବ୍ୟ ଆସିଲେ ଓ ଲୋକମାନେ ତାହାକୁ ଯେଉଁରୂପ ଉତ୍ତମ ଅବସ୍ଥାରେ ଗ୍ରହଣ କଲେ ସେହିରୂପ ଉତ୍ତମାବସ୍ଥାରେ ଦେବାକୁ ସ୍ୱୀକାରପତ୍ର ଲେଖି ଦେଲେ । ଦ୍ରବ୍ୟ ଏଠାରେ ପହଞ୍ଚିଲା ଓ କଷ୍ଟୀଘରରେ ଥିବା ଏ ବିଷୟର ଭାରପ୍ରାପ୍ତ କର୍ମଚାରୀ ସେ ସମସ୍ତକୁ ଛାଟକି ଆଣି ଲୋକଙ୍କଠାରୁ ଅଗ୍ରେ ରସିଦ ଓ ସମୁଦାୟ ଖର୍ଚ୍ଚ ନେଇ ଦ୍ରବ୍ୟ ବିତରଣ କଲେ ଲୋକେ ବେଳେ ଯେବେ ସବୁ ଦ୍ରବ୍ୟ ଉତ୍ତମାବସ୍ଥାରେ ପ୍ରାପ୍ତ ହେଲା ତେବେ ତୁମ୍ଭର ସୌଭାଗ୍ୟ ଅଟେ ଓ ଯେବେ କୌଣସି ବାକ୍ସ ବା ବସ୍ତା ନ ମିଳିଲା ଅଥବା ଯେବେ ଖୋଲା ଅବସ୍ଥାରେ କେବଳ କେତୋଟି ପାଏ ପ୍ରାପ୍ତ ହେଲା ତେବେ କାନ ମୁଣ୍ଡ ଅଣ୍ଟିସି ଫେରି ଆସ ଗୁହାରି କଲେ କେହି ଶୁଣିବାକୁ ନାହିଁ କିମ୍ବା କି ଉପାୟରେ ତାହା ଭବିଷ୍ୟତରେ ନିବାରଣ ହେବ ସେଥିର ଚେଷ୍ଟା ନାହିଁ । ଏହି ମାସରେ ଯେ ଜାହାଜ ଆସିଥିଲା ସେଥିରୁ କେତେ ଲୋକର ଦ୍ରବ୍ୟ ଜଣା ପଡିଲା କିନ୍ତୁ ସେମାନଙ୍କଠାରୁ ପୂର୍ବ ରସିଦ ନିଆ ଯାଇଥିବାରୁ ସେମାନଙ୍କ ମନ ବୁଝିଲା ନାହିଁ ଦ୍ରବ୍ୟ ସବୁ ଭୁଲରେ ଗୋପାଳପୁର ଚାଲି ଯାଇଥିଲା ସେଠାରୁ ଫେରି ଆସି ଲୋକଙ୍କୁ ପ୍ରାପ୍ତ ହେଲା କିନ୍ତୁ ପ୍ରଥମେ ତାହାଙ୍କଠାରୁ ପୂର୍ବ ରସିଦ ନ ନେଇ କାଲି ଅବଲୋକନ ଉପରେ ଯେତେ ଦ୍ରବ୍ୟ ଦିଆଗଲା ତାହା ଲେଖି ମହାଜନକୁ ଫେରି ଦେଇ ସବୁ ଦ୍ରବ୍ୟ ଦେଲାଠାରୁ ପୂର୍ବ ରସିଦ ନେଲେ ଭଲ ହୋଇଥାନ୍ତା ଓ କ୍ଷତି ସକାଶେ ତାହାରିକୁ ଦାୟୀଭୂତ କଲେ ନଚେତ୍ ଯେ ବସ୍ତା ଖୋଲା ବା କ୍ଷତ ଅବସ୍ଥାରେ ଦିଆଗଲା ତାହା ସେରୂପ ଥିବାର ଲେଖି ଦେବାର ନିୟମ ହେଲେ କର୍ମଚାରିମାନେ ସାବଧାନ ପୂର୍ବକ କାର୍ଯ୍ୟ କରିବାର ଆବଶ୍ୟକ ବିବେଚନା କରିବେ । କିମ୍ବା ଅନ୍ୟ ସ୍ଥାନରେ ସରକାରୀ ଗୋଦାମ କରିବାର କଳ୍ପନା ଅଛି ତାହା ନ ହୋଇ କଟକ ମହାନଦୀକୂଳରେ ସେହି ଗୋଦାମ ନିର୍ମାଣ ହୋଇ ଆବଶ୍ୟକୀୟ ପ୍ରହରୀ ଓ କର୍ମକାରକ ରହି କାର୍ଯ୍ୟ ଚଳାଇଲେ ଏ ଦୋଷ ନିବାରଣ ହେବ । ଅତଏବ ଆମ୍ଭେମାନେ ଇଷ୍ଟଇଣ୍ଡିଆ ଷ୍ଟିମନାବିଗେସନ କମ୍ପାନି ଏବଂ ତଲ ହାକିମଙ୍କୁ ଅନୁରୋଧ କରୁଅଛୁଁ ସେ

Digitized by srujanika@gmail.com

ଉପରଲିଖିତ ପ୍ରସ୍ତାବମାନଙ୍କ ପ୍ରତି ମନୋଯୋଗ ପୂର୍ବକ ବିହିତ ବନ୍ଦୋବସ୍ତ କରନ୍ତୁ ସେରୂପ ହେଲେ ଅନ୍ତରି କେତେ ବାଣିଜ୍ୟ ବଣିକ ଓ ଯାତ୍ରୀଙ୍କ ଗମନାଗମନଦ୍ୱାରା ଭୂମ୍ୟାଦିର କେତେ ଲାଭ ହେବ ଅଚିରମଧ୍ୟରେ ପ୍ରତ୍ୟକ୍ଷ ହେବ ।

—✳✳—

## ଓଡ଼ିଶାରେ ବଙ୍ଗଲାଭାଷା ଶିକ୍ଷା ।

ଗଲିଗମାସ ତା୨୬ରିଖର ଇଣ୍ଡିଆନମିରର ନାମକ ଇଂରାଜୀ ସଂବାଦପତ୍ରରେ ଉତ୍କଳର ଶିକ୍ଷା ପ୍ରଣାଳୀ ବିଷୟକ ଗୋଟିଏ ପ୍ରବନ୍ଧ ପ୍ରକାଶ ହୋଇଅଛି । ସମ୍ପାଦକ ବୋଲନ୍ତି ଯେ ଯଦ୍ୟପି ବି ଅଦ୍ୟ ବଙ୍ଗାଳୀ ଓ ଓଡ଼ିଆମଧ୍ୟରେ ପରସ୍ପର ବିବାହ ହେବାର ରୀତି ପ୍ରଚଳ ହୋଇ ନାହିଁ ତଥାଚ ଉତ୍କଳ ଓ ବଙ୍ଗଦେଶ ଲୋକ ମଧ୍ୟରେ ଏମନ୍ତ ନୈକଟ୍ୟ ସମ୍ବନ୍ଧ ଅଛି ଯେ ଅନ୍ୟ କୌଣସି ଦୂରଦେଶ ବା ପ୍ରଦେଶର ଲୋକ ମଧ୍ୟରେ ସେରୂପ ଘନିଷ୍ଠତା ନାହିଁ । ଅତଏବ ଓଡ଼ିଶାବାସିମାନେ ଯେ ବଙ୍ଗଭାଷା ଶିକ୍ଷା କରିବାକୁ ଉତ୍କଣ୍ଠିତ ହେବେ ଏଥିରେ ଚମତ୍କାର କି ଅଛି । ଓଡ଼ିଆମାନେ କାହିଁକି ବଙ୍ଗଲା ଶିଖିବାକୁ ଆଗ୍ରହ କରୁଅଛନ୍ତି ସମ୍ପାଦକ ସେଥିର ଏହି କାରଣମାନ ଦେଇଅଛନ୍ତି ଯଥା—ବଙ୍ଗଳାଭାଷାରେ ଉତ୍କୃଷ୍ଟ ପୁସ୍ତକମାନ ଅଛି ଓ ଏ ଭାଷା ସହଜରେ ଶିକ୍ଷା ହୋଇପାରେ । ଉତ୍କଳୀୟମାନେ ଜାଣନ୍ତି ଯେ ଏ ଭାଷା ଯାହାଙ୍କର ଅଟଇ ସେମାନେ ବିଦ୍ୟା ଓ ସଭ୍ୟତାରେ ଅଧିକ ଉନ୍ନତି ଲାଭ କରିଅଛନ୍ତି ସେମାନେ ଅନୁଭବ କରନ୍ତି ଯେ ବଙ୍ଗଭାଷା ବହୁ ବିସ୍ତୃତ ଭୂଖଣ୍ଡ ଓ ଅନେକ ପ୍ରକାର ଲୋକ ମଧ୍ୟରେ ବ୍ୟବହୃତ ହୁଅଇ ଏବଂ ତାହାର ଗଠନ ସୁନ୍ଦର ସ୍ୱର ସୁଶ୍ରାବ୍ୟ ଉଚ୍ଚାରଣ କରିବା ସହଜ ଓ ତାଙ୍କ ମାତୃଭାଷାଠାରୁ ଉତ୍କୃଷ୍ଟ ଅଟଇ । ଏହି ସମସ୍ତ କାରଣ ଓ ବଙ୍ଗାଳୀଙ୍କଠାରୁ ଅନେକପ୍ରକାର ସାହାଯ୍ୟର ପ୍ରତ୍ୟାଶା କରି ଉତ୍କଳୀୟମାନେ ଆପଣା ପୁତ୍ରଙ୍କୁ ବଙ୍ଗଭାଷାରେ ଶିକ୍ଷା ଦେଉଅଛନ୍ତି ସୁତରାଂ ଗବର୍ଣ୍ଣମେଣ୍ଟ ବଙ୍ଗଲା ଉଠାଇଦେଇ ଓଡ଼ିଆଭାଷା ବିଦ୍ୟାଳୟରେ ଚଳାଇବାର ଚେଷ୍ଟା କାହିଁକି କରୁଅଛନ୍ତି ସମ୍ପାଦକ ବୁଝି ପାରୁ ନାହାନ୍ତି କିନ୍ତୁ ସେ ଏତକ ଜାଣନ୍ତି ଯେ ଓଡ଼ିଆମାନେ ଏଥିରେ ଭାରି ଅସନ୍ତୁଷ୍ଟ ଅଛନ୍ତି ଏବଂ ତାହା ନିବାରଣ ନିମିତ୍ତ ଗବର୍ଣ୍ଣମେଣ୍ଟଙ୍କୁ ପ୍ରଦାନ କରିବା କାରଣ ଏକଖଣ୍ଡ ଦରଖାସ୍ତ କଲିକତାସ୍ଥ କୌଣସି ବନ୍ଧୁଙ୍କଠାରୁ ପଠାଇଅଛନ୍ତି ।

ଆମ୍ଭେମାନେ ଉପର୍ଯ୍ୟୁକ୍ତ କଥାମାନ ପାଠ କରି ଅତ୍ୟନ୍ତ ଦୁଃଖିତ ଓ ଚମତ୍କୃତ ହେଲୁଁ । ଇଣ୍ଡିଆନ ମିରରର ସମ୍ପାଦକୀୟ କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେଉଥିବାର ଆମ୍ଭମାନଙ୍କର ବିଶ୍ୱାସ ଥିଲା ବିଶେଷତଃ ଏପତ୍ରିକା ବ୍ରହ୍ମସମାଜର ମୁଖ ଥିବାରୁ ଆମ୍ଭେମାନେ ମନେ କରୁଥିଲୁଁ ଯେ ସମ୍ପାଦକ ସତ୍ୟାନୁସନ୍ଧାନ ପକ୍ଷରେ ସମୁଚିତ ପରିଶ୍ରମ କରନ୍ତି କିନ୍ତୁ ଏବେ ଜଣାଯାଉଅଛି ଯେ ତାହାଙ୍କ ଅଜ୍ଞାତ ବିଷୟରେ ସେ ଯାହା ଶୁଣନ୍ତି ଅତି ଅସାବଧାନ ପୂର୍ବକ ସରଳ ହୃଦୟରେ ତାହାକୁ ସତ୍ୟଜ୍ଞାନ କରି ସର୍ବସାଧାରଣଙ୍କୁ ଜଣାଇବାକୁ କିଛିମାତ୍ର ସଂଶୟ କରନ୍ତି ନାହିଁ । ତାହା ନ ହେଲେ କି ସେ ଉପର୍ଯ୍ୟୁକ୍ତ କଥାମାନ ଲେଖିଥାନ୍ତେ । ଆମ୍ଭେମାନେ ନିଶ୍ଚୟ ବୋଧକରୁଅଛୁଁ ଯେ ଉମାଚରଣବାବୁଙ୍କ ସମ୍ପ୍ରଦାୟର କୌଣସି ବଙ୍ଗୀୟ ଲୋକଙ୍କ ପ୍ରବର୍ତ୍ତନାରେ ସମ୍ପାଦକ ଏବମ୍ପ୍ରକାର ମିଥ୍ୟା ଓ ଅଯୌକ୍ତିକ କଥା ଲେଖିବାକୁ ସାହସ କରିଅଛନ୍ତି ସେ ବୋଲନ୍ତି ଯେ ଓଡ଼ିଶା ସଙ୍ଗରେ ବଙ୍ଗଲାର ଅତି ନୈକଟ୍ୟ ସମ୍ବନ୍ଧ ସ୍ଥାପିତ ହୋଇଅଛି କିନ୍ତୁ ଦୁଃଖର ବିଷୟ ତଥାପି ସେ ଉତ୍କଳର କୌଣସି କଥା ଜାଣନ୍ତି ନାହିଁ ଅଥଚ ତାହାଙ୍କ ପରି ସମ୍ପାଦକୀୟଭାରପ୍ରାପ୍ତ ଭଦ୍ରବାନ୍ ଲୋକ ଯେବେ ନ ଜାଣିଲେ ତେବେ ଆଉ କାହାର ଜାଣିବାର ସମ୍ଭବ ହେବ । ସମ୍ପାଦକ ଯେବେ କିଛିମାତ୍ର ଉତ୍କଳର ବିଷୟ ଜାଣିବାକୁ ଯତ୍ନ କରିଥାନ୍ତେ ତେବେ ଓଡ଼ିଶାରେ ଏହି ବଙ୍ଗଲାଭାଷା ଓ ଅକ୍ଷର ଚଳାଇବା ବିଷୟ ଯେତେବେଳେ ଯେତେ ବିରୋଧ ଉପସ୍ଥିତ ହୋଇଅଛି ସେ ସମସ୍ତ ଅବଗତ ହୋଇଥାନ୍ତେ ବଙ୍ଗାଳିମାନେ ଆଜ୍ୟ କହି ବୁଲୁଅଛନ୍ତି ଯେ ଓଡ଼ିଆମାନେ ତାହାଙ୍କ ସ୍ୱଗ ପାନ୍ତି ନାହିଁ ଅଥଚ ବୁଝିବସିଲେ ଓଡ଼ିଆ ବଙ୍ଗାଳିଙ୍କର ଯେ ବିଚ୍ଛେଦ ମନାନ୍ତର କେବଳ ଏହି ଭାଷା ପରିବର୍ତ୍ତନ ବିଷୟରେ ଅଟଇ । ବଙ୍ଗାଳିମାନେ ଏପ୍ରଦେଶକୁ ଆସି ଲାଗି ଅସି ନାହାନ୍ତି ମାତ୍ର ପୂର୍ବର ବଙ୍ଗାଳିମାନେ ଏଦେଶର ଭାଷା ହେମ୍ୟ ଲୋକପ୍ରତି ଘୃଣା ନ କରିବାରୁ ଅତି ଗୌରବାନ୍ୱିତ ହୋଇଥିଲେ ବର୍ତ୍ତମାନ ବଙ୍ଗାଳିମାନେ ଓଡ଼ିଆଭାଷା ବା ଅକ୍ଷରକୁ ଦେଖିପାରୁ ନାହାନ୍ତି ବୋଲି ଏତେ ବିରୋଧ । ତଥାପି ଉକ୍ତ ସମ୍ପାଦକ ବୋଲନ୍ତି ଯେ ଉତ୍କଳୀୟମାନେ ଆପଣା ଭାଷାଠାରୁ ବଙ୍ଗଲା ପଢ଼ିବାକୁ ଅଧିକ ଆଗ୍ରହୀ ଅଛନ୍ତି ଓ ବଙ୍ଗାଳିଙ୍କର ଅଧୀନ ରହିବାକୁ ଲାଭଜନକ ଜ୍ଞାନ କରନ୍ତି । କେଡ଼େ ଭ୍ରମ ! ଅଥବା ଲୋକେ ସ୍ୱଭାବତଃ ଏତେ ପକ୍ଷପାତୀ ଯେ ସ୍ୱଜାତିବର୍ଗର କଥା ବିଶ୍ୱାସ କରିବାକୁ କେତେବେଳେ କୁଣ୍ଠିତ ନ ହୁଅନ୍ତି । ବଙ୍ଗାଳିମାନେ ଏଠାରେ ଅନେକ ପ୍ରକାର ଉଦ୍ଯୋଗ କରି ଯଦ୍ୟପି ଓଡ଼ିଆ ଉଠାଇବାକୁ ଅକ୍ଷମ ହେଲେ ଏବେ ଏଠାରେ ଆଉ କିଛି ଚେଷ୍ଟା ନ କରି ଦେଶଲୋକଙ୍କ ଆଶ୍ରୟ ନେଇଅଛନ୍ତି ଶୁଣି ସାହସ ଏତେ ଯେ ଗଣ୍ଡେ ଦରଖାସ୍ତ ମଧ୍ୟ ଏଠାରୁ ପ୍ରାପ୍ତ କରାଇ ଅଛନ୍ତି । ଏ ଦରଖାସ୍ତ କେଉଁଠାରୁ କିଏ ପଠାଇଲା ଆମ୍ଭମାନଙ୍କୁ ଜଣା ନାହିଁ ଓ ଜାଣିବାର ଆବ ସମ୍ଭବନା ନାହିଁ କାରଣ ଏ ସମସ୍ତ ଲୁଚାଚୋରା ବ୍ୟାପାର ଠକ କର୍ମ ସାଧନ କରିବାର କଥା । ଓଡ଼ିଆଙ୍କର ତେତେ ବୁଦ୍ଧିବଳ ନାହିଁ ଏମନ୍ତ ସୁନ୍ଦର କୌଶଳରେ କାର୍ଯ୍ୟ ସାଧନ କରିବେ ଏ କେବଳ ବଡ଼ ବୁଦ୍ଧିମନ୍ତଙ୍କର କାର୍ଯ୍ୟ ଅଟଇ । ସେ ଯାହା ହେଉ ଆମ୍ଭେମାନେ ଇଣ୍ଡିଆନମିରର ସମ୍ପାଦକ ଓ ତାହାଙ୍କର ସମ୍ପ୍ରଦାୟଙ୍କୁ ଅନୁରୋଧ କରୁଅଛୁଁ ଯେ ଓଡ଼ିଆମାନେ ବଙ୍ଗଲା ଶିକ୍ଷାପ୍ରତି କେଡ଼େ ଅସମ୍ମତ ଓ ବଙ୍ଗଲାଭାଷା ଅପଗତ ବିଦ୍ୟାଳୟରେ ପ୍ରଚଳ ଥିବାରୁ ଶିକ୍ଷା କାର୍ଯ୍ୟର କେତେ ବ୍ୟାଘାତ ହେଉଅଛି ଯେବେ ଏସମସ୍ତ ସେମାନଙ୍କର ଜାଣିବାର ଇଚ୍ଛା ଥାଏ ଓ ଯେବେ ଉତ୍କଳପ୍ରତି ସେମାନେ ଯଥାର୍ଥରେ ମନୋଯୋଗୀ ଅଛନ୍ତି ତେବେ ଏ ବିଷୟରେ ଅପରାପର ସାଧାରଣ ପକ୍ଷରୁ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ଆବେଦନପତ୍ର ଯାଇଅଛି ଓ ଟେଲ୍ଲୋର କଲେକ୍ଟର ଓ କମିସ୍ନର ହେବ ଯେ ସମସ୍ତ କଥା ଲେଖିଅଛନ୍ତି ଥରେ ସେ ସମସ୍ତ ପାଠ କଲେ ବର୍ତ୍ତମାନ ଉକ୍ତ କାଗଜମାନ ଶିକ୍ଷାବିଭାଗର ଡ଼ାଇରେକ୍ଟରଙ୍କ ଦପ୍ତରରେ ଅଛି ସେଠାରୁ ସେ ଅବଶ୍ୟ ଦେଖିପାରିବେ । ସେ ସମସ୍ତର ମର୍ମରୁ ଅବଗତ ହୋଇ ଆପଣା ମନ୍ତବ୍ୟ ଲେଖିଲେ ଉତ୍ତମ ହେବ । ଦୁଷ୍ଟାରୁ ଲୋକଙ୍କୁ ଭ୍ରମରେ ପକାଇବା ଉଚିତ କର୍ମ ନୁହଇ ।

—✳✳—

## ଚୌରିମୋକଦମାର ପରୀକ୍ଷଣ

ବ୍ରହ୍ମଦେଶର ସନ ୧୮୬୭ ମସିହାର ବାର୍ଷିକ କାଗଜପତ୍ରରେ ପାଠ କଲୁଁ ଯେ ପେସ୍ତୁରୋଲ କମିସ୍ନର ଚୌରି ମୋକଦମାରେ ସାକ୍ଷିଙ୍କ ସାକ୍ଷର ସାବତ୍ୟ ଏବଂ ମୋକଦମାର ଅଭିଯୋ-

Split by PDF Splitter



ଘଟିତ ପ୍ରଧାନ କର୍ମ୍ମଚାରୀ ଅପେଷରଙ୍କୁ ନ ବୁଝାଇ ସେମାନଙ୍କର ମତ ଗ୍ରହଣ କରନ୍ତି । ଏହାଙ୍କ ପଦେଙ୍କ ଉକ୍ତ ସ୍ଥାନରେ ଯେଉଁ କମିଶନର ଥିଲେ ସେ ପ୍ରଥମେ ଅପେଷରଙ୍କୁ ମୋକଦ୍ଦମାର କାର୍ଯ୍ୟ ପ୍ରଧାନ ବିଷୟ ଓ ସେଥିରେ ଯେ ସମସ୍ତ ଅଇନ ଘଟିତ କଥା ଜାଣିବାର ପ୍ରୟୋଜନ ଏବଂ ସାକ୍ଷିମାନେ ଯାହା ସାକ୍ଷ ଦେଲେ ଏ ସମସ୍ତ ସ୍ପଷ୍ଟ ରୂପେ ବୁଝାଇ ଦେଇ ତଦୁତ୍ତାରୁ ସେମାନଙ୍କର ମତ ପ୍ରାର୍ଥନା କରୁଥିଲେ । ଏ ରିପୋର୍ଟ ଗବର୍ଣ୍ଣମେଣ୍ଟ ଇଣ୍ଡିଆରେ ଅବଗତ ହେବାରୁ ଶ୍ରୀଯୁକ୍ତ ଗବର୍ଣ୍ଣର ସାହେବ ଉତ୍ତର ଦେଇଅଛନ୍ତି ଯେ ଏତେ ସାମାନ୍ୟ ଜାତି ଏ କମିଶନରଙ୍କୁ ଶିକ୍ଷା ଦେବାର ଆବଶ୍ୟକ ହେଲା ଏଥିରେ ସେ ଅତ୍ୟନ୍ତ ଦୁଃଖିତ ଓ ଚମତ୍କୃତ ହେଲେ । ଏଥିରୁ ବୋଧ ହୁଅଇ ଯେ ମୋକଦ୍ଦମାର ଆଇନଘଟିତ ଓ ପ୍ରଧାନ ବିଷୟ ଏବଂ ଯେରୂପ ସାକ୍ଷ ପ୍ରଦାନ ହେଲା ତହିଁର ସ୍ଥୂଳ ବିବରଣ ଅଗ୍ରେ ଅପେଷରଙ୍କୁ ଜଣାଇବାକୁ ହେବ ତହିଁ ଉତ୍ତାରୁ ସେମାନଙ୍କର ମତ ଗୃହୀତ ହେବ ।

ଅମ୍ଭେମାନେ ଉପର୍ଯ୍ୟୁକ୍ତ କଥା ପାଠ କରି ମନେ କରୁଅଛୁଁ କି ଯଦ୍ୟପି ଗବର୍ଣ୍ଣମେଣ୍ଟ ଛୋଟ ଅଦାଲତର କାର୍ଯ୍ୟାବଳୀ ଜାଣି ପାରନ୍ତେ ତେବେ କେତେ ଚମତ୍କୃତ ଓ ଦୁଃଖିତ ହୁଅନ୍ତେ କହି ନ ପାରୁଁ । ଏଠାରେ ଅମ୍ଭେମାନେ ଯେରୂପ ଅପେଷରଙ୍କର କାର୍ଯ୍ୟ ଦେଖୁଁ ଏଥିରୁ ଏମାନେ କେବଳ ସାକ୍ଷିଗୋପାଳ ପ୍ରାୟ ବୋଧ ହୁଅନ୍ତି । ଏମାନେ ବସି କେହି ମନଯୋଗ ପୂର୍ବକ ଗୁହାଙ୍କ ଯୋବାନବନ୍ଦି ଶୁଣନ୍ତି ଓ କେହି ଅନ୍ୟ ଚିନ୍ତା ଯୁକ୍ତ ଯୁଦ୍ଧ କରୁଥାନ୍ତି । କେତେ ଲୋକ କେତେ ବେଳକୁ ପର ଝଗ ହୋଇ ଅସି କେବଳ କିରୂପେ ଶୀଘ୍ର ପଳାୟନ କରିବେ ଏହିକ ମାତ୍ର ମନରେ ଭାବୁଥାନ୍ତି । ଯହିଁ ବୃଦ୍ଧ ଯୋବାନବନ୍ଦି ଶେଷ ହୁଏ ସେଠାରୁ ଦୋଷୀଙ୍କ ନିର୍ଦ୍ଦୋଷୀ ପଦେ କହି ବିଦାୟ ଗ୍ରହଣ କରନ୍ତି । ଏଇକ ମୁନ୍ସି ସମସ୍ତଙ୍କୁ କହିବାକୁ ହୁଏ ନାହିଁ । ଜଣେ କହିଲେ ଅପର "ଏକଜନ" ମାତ୍ର କହି ବୁଝଅଛେ । ଏରୂପ ଅବସ୍ଥାରେ ଅପେଷରଙ୍କ ଦ୍ୱାରା ସାଧାରଣର କି ହିତ ହେବାର ସମ୍ଭାବନା ଜଣା ଯାଉ ନାହିଁ ଯେବେ ଅପେଷରଙ୍କୁ ସକଳ ବିଷୟ ଶେଷକ ଅଦାଲତ ବୁଝାଇ ସେମାନଙ୍କର ମତ ନିଅନ୍ତେ ତାହା ହେଲେ ଅବଶ୍ୟ ଅନେକ ସାହାଯ୍ୟ ହୁଅନ୍ତା ମଧ୍ୟ ଅପେଷରଙ୍କର ଦଣ୍ଡ ଶକ୍ତି ଅଧିକ ହୁଅନ୍ତା ଅତଏବ ଅମ୍ଭେମାନେ ଭରସା କରୁଁ ଯେ ଗବର୍ଣ୍ଣମେଣ୍ଟ ଏ ବିଷୟରେ ମନୋଯୋଗୀ ହୋଇ ବଙ୍ଗ ପ୍ରଦେଶର ସଦୃଶରେ ଏହି ସୁନିୟମ ପ୍ରଚଳିତ ହେବା ବିଷୟରେ ଉଚିତ ଆଜ୍ଞା ପ୍ରଚାର କରନ୍ତୁ ।

## ସାପ୍ତାହିକ ସଂବାଦ ।

ଗତ ମଙ୍ଗଳ ବାର ଦୁଇପ୍ରହର ଦିନବେଳେ ବତ୍ରାନାସିଠାରେ ବଜ୍ରସୂଚ ପଡ଼ି ଅଠ ଦଶ ଗୋଟା ଛେଳିର ପ୍ରାଣନାଶ କରିଅଛି ଜଣେ କସାଇର ଛେଳିପଲ ମଧ୍ୟରେ ତାହା ପଡ଼ିଲା ସୌଭାଗ୍ୟକ୍ରମେ କୌଣସି ଲୋକ ମର ପଡ଼ି ନାହିଁ କେବଳ ଉଣୁଆଲ କିଞ୍ଚିତ ଆଘାତ ପାଇଅଛି ସେହି ଦିନଠାରୁ ତିନି ଚାରି ଦିନ ଯେରୂପ ବୃଷ୍ଟି ହେଲା ଏଥିରେ ସର୍ବସାଧାରଣଙ୍କ ମନରୁ ଦୁର୍ଭିକ୍ଷର ଭୟ ଏକାବେଳକେ ଦୂରୀଭୂତ ହୋଇଅଛି । ଖାଲ ଡୋଗଡ଼ିରେ ମଧ୍ୟ ଜଳ ଦେଖାଗଲା ଓ ବଜାରରେ ଚାଉଳର ମୂଲ୍ୟ ଊଣା ପଡ଼ିବାର ଆରମ୍ଭ ହୋଇଅଛି । ଅମ୍ଭେମାନେ ଏରୂପ ବୃଷ୍ଟି ଦେଖି ମନେ କରୁଁ ଯେ ଇନ୍ଦ୍ର ଦେବତା ବଡ଼ ଅଳସଥ ହେଲେଣି ସେହି କାର୍ଯ୍ୟ କଲେ ମାତ୍ର ଲୋକଙ୍କୁ କଷ୍ଟକାଳ ହରକତ ନ କରି କ୍ଷାନ୍ତ ହେଲେ ନାହିଁ ।

ଦଶହରା ପର୍ବ ଉପଲକ୍ଷରେ କଲିକତା ହାଇକୋର୍ଟ ଉକ୍ତମାସ ତା ୨୭ ରିଖ ସନ୍ଧ୍ୟା ସମୟଠାରୁ ଆଗାମୀ ନବମ୍ବରମାସ ତା ୨୬ ରିଖ ସୁଦ୍ଧା ବନ୍ଦ ହେବ ଓ ତା ୨୭ ରିଖ ସୋମବାର କଚେରୀ ଫିଟିବ ।

ଉକ୍ତ ପର୍ବ ଉପଲକ୍ଷରେ ସରକାରୀ ଖଜଣାଖାନାମାନ ଅକ୍ଟୋବର ମାସ ତା ୧୧ ରିଖ ସୋମବାରଠାରୁ ସେହିମାସ ତା ୨୧ ରିଖ ଗୁରୁବାର ପର୍ଯ୍ୟନ୍ତ ବନ୍ଦ ହେବାର ବିଜ୍ଞାପନ ହୋଇଅଛି ମା.ହ ଗବର୍ଣ୍ଣମେଣ୍ଟଇଣ୍ଡିଆ ଉକ୍ତମାସ ତା ୧୫ ନ ୩୭୧୨ ଚିଠି ଦ୍ୱାରା ଅଉ ଦୁଇଦିନ ଛୁଟି ମଞ୍ଜୁର କରିଅଛନ୍ତି । ଅତଏବ ସମୁଦାୟ ଦ ୧୫ ରେବିନ୍ୟୁ କଚେରିମାନ ବନ୍ଦ ହେବ ।

ଡେଲିନ୍ୟୁସ ଲେଖଣ କରିଅଛନ୍ତି ଯେ ଜବ୍ବଲପୁର ଜିଲ୍ଲାରେ ଗ୍ରାମ୍ୟପଶୁ ମଧ୍ୟରୁ ପ୍ରାୟ ବାରପଣ ଜଳ ଅଭାବରେ ମରି ଯାଇଅଛନ୍ତି । ଏବର୍ଷ ଯେପ୍ରକାର ଗ୍ରୀଷ୍ମ ଓ ଅଳ୍ପ ବୃଷ୍ଟି ହୋଇଅଛି ସେଥିରେ ଏମନ୍ତ ଘଟିବା ଆଶ୍ଚର୍ଯ୍ୟ ନୁହଇ

କଲିରିକ୍ଲାରୁ ଜଣେ ସମ୍ବାଦଦାତା ଲେଖିଅଛନ୍ତି ଯେ ନୈସାଦର ଅର୍କଦ୍ୱାରା ଓଲାଉଠା ଓ ସର୍ପାଘାତ ଏ ଦୁଇରୋଗ ନାଶ ହୁଅଇ । ଏହି କଥାଦ୍ୱାରା ଏକ ଲୋକ ଆରୋଗ୍ୟ ହେବାର ସେ ଲେଖିଅଛନ୍ତି ଉକ୍ତବ୍ୟକ୍ତି ଓଲାଉଠା ରୋଗରେ ମୃତପ୍ରାୟ ହୋଇଥିଲା ଓ ତାହାର ଜୀବନର ପ୍ରତ୍ୟାଶା ସମସ୍ତେ ପରିତ୍ୟାଗ କଲେ ଉତ୍ତାରୁ ଡାକ୍ତର ସୃଙ୍ଗସାହେବ ଉକ୍ତବ୍ୟକ୍ତିର ଏକ ରକ୍ତଶିରା ଚିରି ତହିଁ ମଧ୍ୟରେ ନୈସାଦର ଅର୍କ ପିଚକାରିଦ୍ୱାରା ପ୍ରବେଶ କଲାରୁ ତତ୍କ୍ଷଣାତ୍ ସେ ଲୋକର ଚେତନା ହେବାର ଚିହ୍ନ ଦେଖାଗଲା ତଦୁତ୍ତାରୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାପର୍ଯ୍ୟନ୍ତ ଔଷଧ ଦିଆଯାଉଥିଲା ।

ହିନ୍ଦୁପେଟ୍ରିଅଟ ଲେଖନ୍ତି ଯେ ରୁଅଡ଼ଙ୍କାର ଅଶିଷ୍ଟଣ୍ଟ ମାଜିଷ୍ଟ୍ରେଟଙ୍କ ନାମରେ ଯେଉଁ ମୁକ୍ତାର ଖେସାରତର ନାଲିଶ କରିଥିଲା ସେ ମକଦ୍ଦମା ଅଦାଲତରେ ଜିତି ହୋଇ ମୁକ୍ତାରକୁ ୫୧୦୦ଙ୍କା ଡିକ୍ରି ଦିଆଯାଇଅଛି ଅଶିଷ୍ଟଣ୍ଟମାଜିଷ୍ଟ୍ରେଟ ଆପଣା କୃତକର୍ମର ଫଳ ପାଇଲେ ।

ବଙ୍ଗଳା ମଧ୍ୟରେ ଯେପ୍ରକାରେ ପାଠଶାଳାର ପ୍ରଣାଳୀ ଚଳୁଅଛି, ଓଡ଼ିଶା ପ୍ରଦେଶରେ ମଧ୍ୟ ସେହି ପ୍ରଣାଳୀ ପ୍ରବର୍ତ୍ତିତ କରିବାର ଅନୁମତ ହୋଇ ଯାଇଅଛି । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗଭର୍ଣ୍ଣର ଉକ୍ତ ଟଙ୍କାରୁ ଏହିକାର୍ଯ୍ୟ ଆରମ୍ଭ କରିବାର ଆଦେଶ ପ୍ରଦାନ କରିଅଛନ୍ତି ।

ମଫସଲରେ ପୁଲିସଲୋକମାନେ କେବେ କେବେ କୌଣସି ଅପରାଧି କି ଗିରଫ୍ତାର କରି ତତ୍କ୍ଷଣାତ୍ ତାହାକୁ ଥାନାକୁ ଆଣନ୍ତି ନାହିଁ । ଗ୍ରାମବାସିମାନଙ୍କ ହସ୍ତରେ ରକ୍ଷା ବିଜ୍ଞାପନା ପ୍ରଦାନ କରନ୍ତି । ଏହିରୂପ କରିବାରୁ ଯେ ଅଭ୍ୟାଚାର ହୁଅଇ, ତାହା ନିବାରଣାର୍ଥ ସଂପ୍ରତି କର୍ତ୍ତୃପକ୍ଷ ଗୋଟିଏ ସର୍କ୍ୟୁଲାର ଜାରି କରିଅଛନ୍ତି ତାହାର ତାତ୍ପର୍ଯ୍ୟ ଏହି ଯେ, ଏରୂପସ୍ଥଳରେ ଆସାମୀ କେବେ କେଉଁ ସମୟରେ ଗେରଫ୍ତାର ହୋଇଅଛି, ଏବଂ କି ନିମିତ୍ତ ତାହାକୁ ତତ୍କ୍ଷଣାତ୍ ଥାନାକୁ ଅଣା ନ ଗଲା, ଏହିସକଳ ବିବରଣ ଲେଖି ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ରିପୋର୍ଟ କରିବାକୁ ହେବ ।

ଏକବ୍ୟକ୍ତି ଲେଖିଅଛନ୍ତି, ହିମଗଡ଼ ଗ୍ରାମରେ ଗୋଟିଏ ସ୍ତ୍ରୀ ଗର୍ଭରେ ଚାରିଗୋଟି ପୁତ୍ର ଏକାବେଳକେ ଜନ୍ମ ହୋଇଅଛନ୍ତି । ଏହିସନ୍ତାନ ସବୁ ଏକକାଳରେ ଉତ୍ପନ୍ନ ହୋଇଅଛନ୍ତି ବୋଲି ଯେ ଘଟନା କି ଚମତ୍କାର ଜନକ ଏମନ୍ତ ନୋହେ, ଏମାନଙ୍କର ମାତୃଗର୍ଭରୁ ନିଃସୃତ ହେବା ବିଷୟଟି ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ ଜନକ ପ୍ରଥମଦିବସ ଗୋଟିଏ ଓ ପରଦିବସ ଦୁଇଗୋ-

Digitized by srujanika@gmail.com

Split by PDF Splitter



ଟି ବାଳକ ଜନ୍ମହେଲେ। ଏବାଳକମାନଙ୍କୁ ଆମ୍ଭେ ସ୍ୱଚକ୍ଷୁରେ ଦେଖି ଆସିଅଛୁଁ ଏବଂ ଏମାନଙ୍କର ବୃତ୍ତାନ୍ତ ଏମାନଙ୍କ ପିତାଙ୍କଠାରୁ ଜ୍ଞାତ ହୋଇଅଛୁଁ। ଏହି ବାଳକମାନଙ୍କ ମାତାର ବୟସ ୧୫ ବର୍ଷରୁ ଅଧିକ ନୁହଇ। ଈଶ୍ୱରଙ୍କ କୃପାରେ ଶିଶୁମାନେ ଅଦ୍ୟାପି ଜୀବିତ ଅଛନ୍ତି।

ମଧ୍ୟପ୍ରଦେଶର ଜଙ୍ଗଲ ଓ ପତିତଭୂମି ଆବାଦ କରିବାପାଇଁ ଗବର୍ଣ୍ଣମେଣ୍ଟ କିପ୍ରକାର ଚେଷ୍ଟା କରୁଅଛନ୍ତି ତାହାର ଉଦାହରଣ ସ୍ୱରୂପ ଲେଖୁଅଛୁଁ ଯେ ସନ ୧୮୬୯ ମସିହା ତା ୩୦ ରିଖ ଯୁନରେ ଶେଷ ହେବା ଅର୍ଦ୍ଧବର୍ଷରେ ବନ୍ୟପଶୁ ବଧ କାରଣ ଟ ୨୯୫୦୦ ଙ୍କା ପୁରସ୍କାର ସ୍ୱରୂପ ବ୍ୟୟ ହୋଇଥିଲା ଏଥିରେ ପ୍ରାୟ ୨୫୦୦ ବ୍ୟାଘ୍ର ଭଲ୍ଲୁକ ଆଦି ହିଂସ୍ରକ ଜନ୍ତୁ ନିହତ ହୋଇଅଛନ୍ତି। କେବଳ ବ୍ୟାଘ୍ର ୩୫୮ ପାଇଁ ଟ ୧୭୬୫୦ ଙ୍କା ପୁରସ୍କାର ଦିଆଯାଇଅଛି ଏଥିମଧ୍ୟରେ ୫୫ଟା ବାଘ ମନୁଷ୍ୟଖିଆ ଥିଲେ। ଗ୍ରୀଷ୍ମଋତୁରେ ସର୍ବାପେକ୍ଷା ଅଧିକ ଜନ୍ତୁ ମରିଅଛନ୍ତି।

ଅଫିସିଏଣ୍ଟ ଓ ଡେପୁଟି କଲେକ୍ଟରଙ୍କ ଷାଣ୍ମାସିକ ପରୀକ୍ଷା ସନ ୧୮୬୯ ନବମ୍ବରମାସ ତା ୮ ରିଖରେ ଆରମ୍ଭ ହେବ।

ବମ୍ବେଇ ଗେଜେଟ୍ ପ୍ରକାଶ ଯେ ଏକଜଣ ହିନ୍ଦୁ ଦେଶର ଲୋକ ଓ ଏକଜଣ ମୁସଲମାନ ଗତ ଜୁଲାଇମାସରେ ଲୁଷୀନ କରେନ୍ସି ନୋଟ ପ୍ରସ୍ତୁତ କରିବା ଅପରାଧରେ ଧୃତ ହୋଇଥିଲେ ସେମାନଙ୍କ ନିକଟରେ ଏକହଜାର ଟଙ୍କା ମୂଲ୍ୟର [illegible] ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଥିବା କରେନ୍ସି ନୋଟ ଓ ପଞ୍ଚାସତଖଣ୍ଡ ଅସମ୍ପୂର୍ଣ୍ଣ ନୋଟ ଜାଲ କରିବାର ଅସ୍ତ୍ର ସହିତ ପ୍ରାପ୍ତ ହେଲା। ସୁରଟ ନଗରର ସେସନ ଅଦାଲତରେ ଏମାନଙ୍କର ବିଚାର ହୋଇ ମୁସଲମାନକୁ ବର୍ଷେ ଓ ଅନ୍ୟ ଲୋକକୁ ଦୁଇବର୍ଷ କଠିନ ପରିଶ୍ରମ ସହିତ ଦଣ୍ଡ କାରାବାସ କରିବାର ଆଜ୍ଞା ହୋଇଅଛି।

ହିନ୍ଦୁପେଟ୍ରିଅଟ ପ୍ରକାଶ କରିଅଛନ୍ତି ଯେ ଅଯୋଧ୍ୟାର ରାଜପୁତ୍ରର ଶିକ୍ଷା ଓ ଭରଣପୋଷଣ ନିମିତ୍ତ ଭାରତର ସେକ୍ରେଟରୀ ମାସିକ ଟ ୫୦୦ ବ୍ୟୟ ହେବାର ମଞ୍ଜୁର କରିଅଛନ୍ତି। ଗରଭର୍ଣ୍ଣରର ଅଧୀନରେ ଏଟଙ୍କା ବ୍ୟୟ ହେବ।

ଉକ୍ତ ପତ୍ରିକା ଗୋଟିଏ କୌତୁକଜନକ ସମ୍ବାଦ ଉଲ୍ଲେଖ କରିଅଛନ୍ତି। ଏସିଅ ଅମେରିକାର ଗ୍ରେମାଲାୟା ନାମକ ସ୍ଥାନରେ ପ୍ରଚଳ ଅଛି। ବିବାହ ହେବାର ଉପଯୁକ୍ତ କନ୍ୟାମାନଙ୍କୁ ସମ୍ପ୍ରଦାନ କରିବା ସକାଶେ ସେଠାରେ ପ୍ରତିବର୍ଷ ଗୋଟିଏ ହାଟ ହୁଅଇ। ହାଟବସିବାର କେତେଦିନ ପୂର୍ବରୁ କନ୍ୟାର ପିତା କୌତୁକଦେବାର ସାମଗ୍ରୀ ସଂଗ୍ରହକରି ସେ ସମସ୍ତ ଏକତ୍ରରେ ବାନ୍ଧି ଗଣ୍ଠାଦରେ ସଜାଡ଼ି ରଖଇ ଓ ନିରୂପିତ ଦିନରେ ପିତା କନ୍ୟା ଓ ଦ୍ରବ୍ୟ ସମସ୍ତେ ଯାଇ ବାହାର ହାଟନିକଟରେ ବାସ କରନ୍ତି। ଯେଉଁ ହାଟ ଆରମ୍ଭ ହୁଅଇ କନ୍ୟାମାନଙ୍କର ପିତାମାନେ ଆପଣା ଆପଣା ଗଣ୍ଠିଉପରେ ଛିଡ଼ି ଉଚ୍ଚୈଃସ୍ୱରରେ ଡାକି କହନ୍ତି "ଆମ୍ଭର ଗୋଟିଏ କନ୍ୟା ବିବାହଦେବାର ଅଛି କିଏ ବିବାହ ହେବ। ଯେ ବ୍ୟକ୍ତି ଆପଣା ପୁଅର ବିବାହ ସକାଶେ କନ୍ୟା ଖୋଜୁଅଥିବ ସେ ଏଥିରେ ଉତ୍ତର କଲାରୁ ଦୁହିଙ୍କ ମଧ୍ୟରେ କଥାବାର୍ତ୍ତା ହୁଅଇ ଓ ଦ୍ରବ୍ୟାଦି ମନୋନୀତ ହେଲେ ତତ୍କ୍ଷଣାତ୍ ବିବାହକାର୍ଯ୍ୟ ନିର୍ବାହ ହୁଅଇ ଓ ବର ଆସି କନ୍ୟା ଦ୍ରବ୍ୟ ଗଣ୍ଠିସବୁ ନେଇ ଘରକୁ ଚାଲିଯାଏ।

ଗତ ତା ୮ ରିଖରେ ଅନ୍ତରି ଦୁଇଜଣ ବଙ୍ଗାଳୀ ବିଲାତକୁ ଯାଇଅଛନ୍ତି। ସିଭିଲକର୍ମଚାରୀ ହେବାକୁ ପରୀକ୍ଷାଦେବା ଏମାନଙ୍କର ଉଦ୍ଦେଶ୍ୟ ଅଟଇ।

ଡେଲିନିଉସ ଅବଗତ ହୋଇଅଛନ୍ତି ଯେ ବଙ୍ଗପ୍ରଦେଶର ଯେ ସମସ୍ତ ସରକାରୀ କଚେରୀର ଅମଲାମାନେ ମାସିକ ଟ ୧୫ ଙ୍କାରୁ ଊଣା ବେତନ ପାନ୍ତି ସେମାନଙ୍କର ବେତନ ଉକ୍ତସଂଖ୍ୟା ପର୍ଯ୍ୟନ୍ତ ବୃଦ୍ଧି କରିଦେବା କାରଣ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି।

ଏଡୁକେସନ ଗେଜେଟ ଦୁଃଖିତ ହୋଇ ଲେଖିଅଛନ୍ତି ଯେ ବିକ୍ରମପୁର ଗବର୍ଣ୍ଣମେଣ୍ଟ ଉକିଲ ବାବୁ କୃଷ୍ଣକିଶୋର ଘୋଷ ଅସ୍ୱାସ୍ଥ୍ୟ ନିବନ୍ଧନରୁ ପଦ ତ୍ୟାଗ କରିଅଛନ୍ତି। ତାହାଙ୍କ କର୍ମରେ କେହି ନିଯୁକ୍ତ ହୋଇ ନାହାନ୍ତି।

ଆମ୍ଭେମାନେ ଏଥିପୂର୍ବେ ଜିଲ୍ଲା ସରକାରୀ ଉକିଲଙ୍କ ବେତନ ବୃଦ୍ଧିର କଥା ଯେରୂପ ପ୍ରାର୍ଥନା ଲେଖିଥିଲୁଁ ସେହିରୂପ ଗବର୍ଣ୍ଣମେଣ୍ଟ ଉଚିତ୍ୱ ମଞ୍ଜୁର କରିଅଛନ୍ତି। ଜିଲ୍ଲାର ଉକିଲମାନେ ମାସିକ ଟ ୫୦ ଙ୍କା ବେତନ ପାଇବେ।

କଟକର ଗଡ଼ଖାଇରେ ହାଡ଼ ଧରିବା କାରଣ ଗବର୍ଣ୍ଣମେଣ୍ଟ ଗୋଟିଏ ନୌକା ସ୍ଥାପନର ଆଜ୍ଞା ଦେଇଅଛନ୍ତି ଏହି ନୌକା କେନ୍ଦ୍ରଟରର ଲେଫ୍ଟନାଣ୍ଟ ଜାନସ୍ଟନ ସାହେବଙ୍କ ଅଧୀନରେ ରହିବ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ମଧ୍ୟପ୍ରଦେଶ ନିମିତ୍ତ ସ୍ୱତନ୍ତ୍ର ଜଣେ ଲେଫ୍ଟନେଣ୍ଟ ଗବର୍ଣ୍ଣର କରିବାର ପ୍ରସ୍ତାବ ନ ହୋଇ ଉକ୍ତ ପ୍ରଦେଶର ଯେଉଁ ଅଂଶରେ ମରହଟ୍ଟା ଭାଷା ପ୍ରଚଳ ସେ ଅଂଶ ବମ୍ବେଇ ଓ ଯେଉଁ ଅଂଶରେ ହିନ୍ଦୀଭାଷା ପ୍ରଚଳ ସେ ଅଂଶ ଏଲାହାବାଦ ସଙ୍ଗେ ଯୋଗ ହେବ। ସିନ୍ଧୁପ୍ରଦେଶ ପଞ୍ଜାବ ଭୁକ୍ତ ହେବ ଏବଂ ସମ୍ବଲପୁର ଓଡ଼ିଶା ସଙ୍ଗେ ମିଶି ଗୋଟିଏ ସ୍ୱତନ୍ତ୍ର ପ୍ରଧାନ କମିସନର ଅଧୀନ ହେବାର ବିଶ୍ୱାସ ହୁଅଇ। ଆମ୍ଭେମାନେ ଏପ୍ରସ୍ତାବର ବିରୋଧୀ ନୋହୁଁ ମାତ୍ର ଭରସା କରୁଁ ଯେମନ୍ତ ଓଡ଼ିଶା ଅଧିକ ବର୍ଦ୍ଧିତ ଦେଶ ହୋଇ ନ ଯାଏ ଓ ଗଞ୍ଜାମ ଜିଲ୍ଲା ଯେମନ୍ତ ଓଡ଼ିଶା ଭୁକ୍ତ ହୁଅଇ।

କେରଉଲିର ମହାଶୟ ମଦନପାଲ ଜି, ସି ଏସ, ଆଇ, ଙ୍କର ଓଲଉଠା ରୋଗରେ ସଂସାରଯାତ୍ରା ଶେଷ ହେବାରୁ ରାଜପୂତାନା ଜଣେ ଉତ୍ତମ ଦେଶୀୟ ଶାସନକର୍ତ୍ତାରି ଶାସନରୁ ବଞ୍ଚିତ ହୋଇଅଛି ଓ ତାହାଙ୍କର ପୁତ୍ର ନ ଥିବାରୁ ଗବର୍ଣ୍ଣମେଣ୍ଟ ତାହାଙ୍କର ଭ୍ରାତୁଷ୍ପୁତ୍ରକୁ ଅଭିଷିକ୍ତ କରିଅଛନ୍ତି।


ବିଜ୍ଞାପନ।

PUBLIC ENGAGEMENT.

THE CUTTACK DEBATING CLUB

The Revd. J. B[illegible] will deliver the concluding portion of his lecture on "the administration of the marquis of Hastings and Progress in India since its close" on Wednesday the 6th October, at 7 P. M.

Cuttack, the 24th September, 1169.

Obinash Chunder Chattergee
Ponr. Secy. C. D. Club.

ଗାଣ୍ଡିପ୍ରିଡିଂଙ୍କ ରଚିତ ଉତ୍କଳ ଭାଷା ମହାଭାରତର ମୂଲ୍ୟ ଟ ୨

ଡାକରେ ନିବାର ହେଲେ ମାସୁଲ ଓ ସୋମଯାମା ଅଧିକ ଟ ୦।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତ ହେଉଅଛି।


☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶ ହେଲା

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।


୪ ଭାଗ | ତା ୧୬ ଖ ଅକ୍ଟୋବର ସନ ୧୮୬୯ ମସିହା । ମୁ । ଅଶ୍ୱିନ ୨୮ ଦିନ ସନ ୧୨୭୭ ସାଲ ଶନିବାର

ସଂଖ୍ୟା ୪୧

ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧॥


## ଦୁର୍ଗାପୂଜା ।

ଅଦ୍ୟ କତ୍ତ୍ର ସୁଖର ଦିବସ । ବାର୍ଷିକ ଶାରଦୀୟ ପୂଜା ଉପଲକ୍ଷରେ ଅଦ୍ୟ ଠାରୁ ଏକ ବା ଦୁଇସପ୍ତାହ କାଲ ସମସ୍ତ କଚେରୀ ଦରବାର ଓ ବିଦ୍ୟାଳୟ ପ୍ରଭୃତି ବନ୍ଦ ହେବ ଓ କର୍ମଚାରୀମାନେ ବର୍ଷକର ପରିଶ୍ରମ ଦୂରକରଣାର୍ଥେ ନାନାପ୍ରକାର ଆନନ୍ଦ ଉତ୍ସବରେ କାଲାତିବାହିତ କରିବେ । ବର୍ଷଯାକ ପରିଶ୍ରମ ଉତ୍ତାରୁ କିଛି କାଲ ଅବସର ପାଇବା କେତେ ସୁଖକର ତାହା ପରିଶ୍ରମି ବ୍ୟକ୍ତିମାନଙ୍କେ ଜାଣନ୍ତି ବାକ୍ୟଦ୍ୱାରା ସେଥିର ବର୍ଣ୍ଣନ ଚେଷ୍ଟା ବୃଥା ଅଟଇ । ଅମ୍ଭେମାନେ ଏମନ୍ତ ସମୟରେ ଯେ ଏତେ ପରିଶ୍ରମ କରିବୁଁ ପାଠକମାନେ କଦାଚ ଏମନ୍ତ ଦାରୁଣ କଥାର ଅମ୍ଭମାନଙ୍କ ପ୍ରତି କରିବାର ସମ୍ଭବ ହେଉ ନାହିଁ ଅତଏବ ଅମ୍ଭେମାନେ ଏହି ପର୍ବ ଉପଲକ୍ଷରେ ଦୁଇସପ୍ତାହ କାଳ ଶ୍ରାନ୍ତି ଦୂର କାରଣ ବିଶ୍ରାମ ଗ୍ରହଣ କଲୁଁ । ପୁନର୍ବାର ନିୟମିତ ରୂପେ ସାଧାରଣ ସେବାରେ ଉପସ୍ଥିତ ହେବୁଁ ଏହି ଅମ୍ଭମାନଙ୍କର ଏକାନ୍ତ ଆଶା । ପ୍ରିଣ୍ଟିଂକମ୍ପାନିର କର୍ମଚାରିମାନେ ମଧ୍ୟ ବର୍ଷଯାକ ଅବିଚ୍ଛିନ୍ନ ରୂପେ କାର୍ଯ୍ୟ କରି ଏସମୟରେ ଅବକାଶର ସୁଖରୁ ବଞ୍ଚିତ ହୋଇ ନ ପାରନ୍ତି ଅତଏବ ଅଦ୍ୟାବଧି ଦୁଇସପ୍ତାହ କାଲ କମ୍ପାନିର କାର୍ଯ୍ୟାଳୟ ବନ୍ଦ ରହିବ ଏଥି ମଧ୍ୟରେ କୌଣସି ମୁଦ୍ରାଙ୍କନ କାର୍ଯ୍ୟ ହେବ ନାହିଁ ଓ ଯେ କୌଣସିଠାରୁ ସମ୍ବାଦ ଏ ସମୟ ମଧ୍ୟରେ ଉପସ୍ଥିତ ହେବ ସେ ସମସ୍ତର ଉତ୍ତର କାର୍ଯ୍ୟାଳୟ ଫିଟିଲରୁ ପଠା ଯିବ ।

—:—

## ଲବଣ ବ୍ୟବସାୟ ।

ଅମ୍ଭେମାନେ ଗତ ସପ୍ତାହରେ ଏ ବିଷୟରେ ଯେ ସମସ୍ତ କଥା ଲେଖିଥିଲୁଁ ସେଥିରେ ଅମ୍ଭମାନଙ୍କର ଏକାନ୍ତ ଆଶା ଏହି ଥିଲା ଯେ ଅସ୍ମଦ୍ଦେଶୀୟ ବ୍ୟକ୍ତିମାନେ ଲବଣ ପ୍ରସ୍ତୁତ ବ୍ୟବସାୟରେ ନିଯୁକ୍ତ ହେବେ ଓ ଏତେବେଳେ ଯେ ଏ ବ୍ୟବସାୟଦ୍ୱାରା ଯଥେଷ୍ଟ ଲାଭର ଆଶା ଅଛି ଏଥିରେ କିଛି ମାତ୍ର ସନ୍ଦେହ ନାହିଁ । ପୂର୍ବେ ସରକାର ଆପଣା ହସ୍ତରେ ଲବଣ ପ୍ରସ୍ତୁତର ଭାର ନେଇଥିଲେ ତାହା ଦୂଷଣୀୟ ବିବେଚନା ହେବାର ଅନ୍ୟାନ୍ୟ କାରଣ ମଧ୍ୟରେ ପ୍ରଧାନ ଏହି ଯେ ସରକାର ବ୍ୟବସାୟ କଲେ ଲୋକମାନେ ଗୋଟିଏ ଲାଭଜନକ ବ୍ୟବସାୟରୁ ବଞ୍ଚିତ ହୁଅନ୍ତି । ସରକାର ଅତି ସୁବିଚାର ପୂର୍ବକ ବ୍ୟବସାୟ ପରିତ୍ୟାଗ କରି କେବଳ ଆପଣାର ଯଥାର୍ଥ ଅଧିକାର ଯେ କରଗ୍ରହଣ ସେତିକି ମାତ୍ର ସ୍ୱହସ୍ତରେ ରଖିଅଛନ୍ତି କିନ୍ତୁ ସରକାରର ବ୍ୟବସାୟ ପରିତ୍ୟାଗରେ ଯେଉଁ ଫଲର ଆଶା ଥିଲା ତାହା ହେବାର ଦେଖାଯାଉ ନାହିଁ । କାରଣ ଅସ୍ମଦ୍ଦେଶୀୟ ଲୋକମାନେ ତାଦୃଶ ସୁବିଚାରପୂର୍ବକ ବ୍ୟବସାୟରେ ନିଯୁକ୍ତ ହେଉ ନାହାନ୍ତି ଅନ୍ୟଦେଶର ଲୋକମାନେ ବ୍ୟବସାୟ ଖୋଜି ବୁଲୁଅଛନ୍ତି ଓ ନିୟମିତ ପ୍ରକାରରେ ନିର୍ବାହ ଚଳୁ ନାହିଁ ବୋଲି ନିତ୍ୟ ନୂତନ ବ୍ୟବସାୟର କଳ୍ପନା କରୁଅଛନ୍ତି କିନ୍ତୁ ଏଠାଲୋକେ ଏମନ୍ତ ଅଲସୁଆ ଓ ଭୀରୁ ଯେ ବ୍ୟବସାୟ ପଡିରହିଅଛି ଦେଖି ଶୁଣି ଅବଲମ୍ବନ କରିବାକୁ ଏମାନଙ୍କର ଚିତ୍ତ ବଳୁ ନାହିଁ । ବିଦେଶୀୟ ଲୋକେ ଆସି ଏଠାରୁ ନାନା ଫନ୍ଦୀ କରି ଧନ ବାନ୍ଧି ନେଇ ଯାଉଅଛନ୍ତି ଓ ଏହା ଦିଠାଇଖିଆ ନାମରେ ସହସ୍ର ୨ ମୁଦ୍ରା ହସ୍ତଗତ କରୁଅଛନ୍ତି ତଥାଚ ଏଠା ଲୋକଙ୍କର ଚେତନା ହେଉ ନାହିଁ । କି ଦୁଃଖର ବିଷୟ ! ଅମ୍ଭେମାନେ ଅବଗତ ହେଲୁଁ ଯେ ପୂର୍ବରେ ସେଦାଗର ଜଣେ ଦୁଇଲକ୍ଷ ମହଣ ଲୁଣ ଯୋଗାନ କରିବାର ଦରଖାସ୍ତ କରିଥିଲା କିନ୍ତୁ ଏତେବେଳେ କି କାରଣରୁ ସେ ଚେଷ୍ଟା ପରିତ୍ୟାଗ କରିଅଛି ଓ ଯେଉଁ ତେଲଙ୍ଗା ଜଣକ ତିନିଲକ୍ଷ ମହଣର କବୁଲିୟତ କରିଥିଲା ସେ ପୁଣି ଉକ୍ତ ଦୁଇଲକ୍ଷ ପ୍ରସ୍ତୁତ କରିବାର ଭାର ଗ୍ରହଣ କରିଅଛି ଅମ୍ଭେମାନେ ଜଗେଶ୍ୱର ବାବୁଙ୍କ ବାଣିଜ୍ୟ ବୁଦ୍ଧି ଓ ସାହସ ଦେଖି ଯେମନ୍ତ ସନ୍ତୁଷ୍ଟ ହୋଇଅଛୁଁ ଅନ୍ୟ ଲୋକଙ୍କ ପରବୁଦ୍ଧିଆ ପଣରେ ତାଦୃଶ ବିରକ୍ତ ଓ ଦୁଃଖିତ ହୋଇଅଛୁଁ । ଏପ୍ରକାର ସୁଯୋଗମାନ ଯେବେ ପରିତ୍ୟାଗ କରିବେ ତେବେ ବାଣିଜ୍ୟଦ୍ୱାରା ଏମାନଙ୍କର କିରୂପେ ବୃଦ୍ଧି ହେବ କିଛି ସ୍ଥିର କରିପାରୁ ନାହୁଁ । ୫ଙ୍କାର ଦ୍ରବ୍ୟ ୬ଙ୍କାରେ ବିକ୍ରୟର ନାମ ବାଣିଜ୍ୟ ନୁହେ ତାହାର ନାମ ଡକାଇତି । ଯେଉଁ ବ୍ୟକ୍ତି ବାଞ୍ଛା କରେ ଯେ ଦ୍ରବ୍ୟ ମହରଗ ଦରରେ ବିକି ଅଧିକ ଲାଭ କରିବ ସେ ବାଣିଜ୍ୟ ଜାଣେ ନାହିଁ

Digitized by srujanika@gmail.com

ଓ ତାହାର ମନ ଜାତ ଅଟଇ । ଅଳ୍ପମୂଲ୍ୟରେ ଅନେକ ଦ୍ରବ୍ୟ ଉପକାର କରିବା ଓ ଅଳ୍ପ ଲାଭରେ ଶୀଘ୍ର ବହୁତ ଦ୍ରବ୍ୟ ବିକ୍ରୟ କରିବାର ନାମ ବାଣିଜ୍ୟ ଯେ ଏହା କରିପାରେ ସେ ଯଥାର୍ଥ ବ୍ୟବସାୟୀ । ଆମ୍ଭମାନଙ୍କର ଲବଣ-ବ୍ୟବସାୟିମାନେ ୮।୧୦ ଅତଙ୍କ ସ୍ୱାଧିକାରରେ ରକ୍ଷି ରଖିଣ ପଞ୍ଚାଶ ହଜାର ମହଣମାତ୍ର ଲବଣ ପ୍ରସ୍ତୁତ କରନ୍ତି ଓ ସେହିଥିରେ ଅନେକ ଲାଭ କରିବେବୋଲି ତାହାକୁ ମନଇଚ୍ଛା ମୂଲ୍ୟ ବଢାଇ ଦିଅନ୍ତି ଏଥିରେ ଅନେକଦିନ ଲୁଣ ପଡିଥାଏ ଓ ଅଧିକ ଲାଭର ଆଶା ମୂଳପେଟରେ ଲୁଚାଯାଏ ପଛେ ବ୍ୟସ୍ତ ହୋଇ ବେପାରୀ ଗୋଟାଇ-ଦିଅନ୍ତି । ଏହାର ନାମ ବାଣିଜ୍ୟ ନୁହେ ଯେବେ ଯଥାର୍ଥ ବାଣିଜ୍ୟ କରିବାର ଇଚ୍ଛା ହୁଅଇ ତେବେ ସେହିପରି ସାହସ ଅବଲମ୍ବନ ପୂର୍ବକ ପ୍ରଶସ୍ତ ଅନ୍ତଃକରଣ ସହିତ ଧନ ବ୍ୟୟ କରି ଓ ଏକାବେଳକେ ଦୁଇ ଏକଲକ୍ଷ ମହଣ ଯୋ-ଗାନ କରି ଜମା କରି ତେବେ ସେ ଦେଖିବ ଯେ ବ୍ୟବସାୟ କେମନ୍ତ ହୁଅଇ ଅଧିକ ଲବଣ ଜମା ଥିଲେ ଅବଶ୍ୟ ଅଧିକ ବିକ୍ରୟ ହେବ ଓ ଅଳ୍ପ ଲାଭ ଥିଲେ ମଧ୍ୟ ତାହା ଅଧିକ ହେବ ସନ୍ଦେହ ନାହିଁ । ବାଣିଜ୍ୟ ବଡ଼ ସହଜ ବ୍ୟାପାର ନୁହଇ । ଏଥିରେ ଅସାଧାରଣ ସାହାସର ପ୍ରୟୋଜନ ତେବେ ସେପରି ଲାଭ ଅଛିବାର କଥା । ଅସ୍ମଦେଶୀୟ ବ୍ୟକ୍ତିମାନେ ଏବିଷୟ ମନରେ ବିଚାର କରନ୍ତୁ ଓ ବିଦେଶି ଲୋକ ତାହାଙ୍କ ହସ୍ତରୁ ଧନ ଛଡାଇ ନେଇ ଯାଉ-ଅଛନ୍ତି ଓ ସେ ଅଶ ପଙ୍ଗୁ ହୋଇ ଅର୍ଜନର ଉପାୟରୁ ନିମୁଗ ରହୁଅଛନ୍ତି ଏ କଥା ଉତ୍ତମ ହେଉ ନାହିଁ । ସାହସ ପୂର୍ବକ କର୍ମ କଲେ ଅବଶ୍ୟ ଲାଭ ହେବ ଓ ଯେତେ କାଳ ବାଣିଜ୍ୟ ବ୍ୟବସାୟରେ ସାହାସ ହୋଇ ନାହିଁ ତେତେ କାଳ କୌଣସି ଉନ୍ନତିର ସମ୍ଭାବନା ନାହିଁ । ଅତ କାଳ ଏକା କହୁଛୁ ସବୁ ଉନ୍ନତିର ମୂଳ ଅଟଇ ମାତ୍ର କଉଣ ଅଣିବାର ଉପାୟ ଯେବେ ଏହିପରି ପରିଭ୍ୟାଗ କରିବେ ତେବେ ଅବିଭ୍ୟ ଲୋକଙ୍କର ମଙ୍ଗଳ ନାହିଁ ।

---

## ହାଇକୋର୍ଟୀୟ ଷ୍ଟାମ୍ପମାଶୁଲ ।

ଆମ୍ଭେମାନେ ଅନନ୍ତର ସହଜ ହିନ୍ଦୁପେଟ୍ରି-ଅଟରୁ ଅବଗତ ହେଲୁଁ ଯେ ମୋକଦ୍ଦମା-ସମ୍ପର୍କୀୟ ଷ୍ଟାମ୍ପ ଉଣା କରିବା ଅଭିପ୍ରାୟରେ ନୂତନ ଆଇନର ପାଣ୍ଡୁଲିପି ପ୍ରସ୍ତୁତ ହୋଇଅଛି କଥିତ ଆଇନର ପ୍ରଧାନ ବିଧାନ ଏହି ଯେ —

୧ ମ । ୫ ଟଙ୍କାର ଅନଧିକ ଦାବୀଦାର ମକଦ୍ଦମା ସକାଶେ ୫୦/ ଅଣା ମୂଲ୍ୟର ଷ୍ଟାମ୍ପ ମାଶୁଲ ଓ ୫୧୦ ଟଙ୍କାର ଅନଧିକ ଦାବୀରେ ୫୦୫ ଷ୍ଟାମ୍ପ ଲାଗିବ । ବର୍ତ୍ତମାନ ଆଇନରେ ୫ ୧୦ ଟଙ୍କାପର୍ଯ୍ୟନ୍ତ ଏକଟଙ୍କା ଧାର୍ଯ୍ୟଅଛି ।

୨ ୟ । ୫ ୧୦ ଟଙ୍କା ଠାରୁ ୫ ୧୦୦୦ ଟଙ୍କା ଦାବୀ ମକଦ୍ଦମାରେ ଶତକରା ୫ ୧୦ ଟଙ୍କା ପରିବର୍ତ୍ତରେ ୫ ୭୫ ଟଙ୍କା ନିଆଯିବ । ୫ ୧୦୦୦-ଟଙ୍କାରୁ ଅଧିକ ଦାବୀର ମକଦ୍ଦମାରେ ଶତକରା ବର୍ତ୍ତମାନ ଯେତେ ଅଛି ତହିଁରୁ କିଛି ଉଣା ହେବ ଓ ପୂର୍ବ ଆଇନ ପ୍ରାୟ କୌଣସି ମକଦ୍ଦ-ମାର ସର୍ବୋଚ୍ଚଷ୍ଟାମ୍ପମୂଲ୍ୟ ୫ ୫୦୦୦ ଟଙ୍କା ସ୍ଥିର ହେବ ।

୩ ୟ । ମକଦ୍ଦମାର ଦାବୀ ସ୍ଥିରକରିବା ସକାଶେ ଭୂମିର ମୂଲ୍ୟ ବାର୍ଷିକ ଖଜଣାର ୫ ଗୁଣ ଧାର୍ଯ୍ୟ ହେବ ଓ ନିଷ୍କର ଭୂମିର ମୂଲ୍ୟ ବାର୍ଷିକ-ଖଜଣାର ଗୁ ୧୫ ଣ ଧାର୍ଯ୍ୟ ହେବ ବର୍ତ୍ତମାନ ଆଇନରେ ୮ଗୁଣ ଓ ୨୦ ଗୁଣ ଧାର୍ଯ୍ୟ ହୋଇ-ଅଛି ।

୪ ର୍ଥ । ଦଖଲପାଇବା ମକଦ୍ଦମା ଓ ଖଜଣା ସମ୍ପର୍କୀୟ ଅନ୍ୟ ମକଦ୍ଦମା ଏ ଯହିଁରେ ନାଲିଶ-ର ଦାବୀଦ ସ୍ଥିର ହୋଇ ନ ପାରେ ସେଥିପାଇଁ ନୂତନ ବିଧାନ ହେବ ।

୫ ମ । ଫଉଜଦାରୀ ଅଦାଲତରେ ନାଲିଶ କରିବାଲାଗି ଏକଟଙ୍କା ପରିବର୍ତ୍ତରେ କେବଳ ୫୦୪ଅଣାର ଷ୍ଟାମ୍ପ ଲାଗିବ ।

୬ ଷ୍ଠ । କେତେ ପ୍ରକାର ବାକେ ଦରଖାସ୍ତର ଷ୍ଟାମ୍ପ ୫୦୭ ଅଣା ପରିବର୍ତ୍ତରେ ଏକଅଣା ହେବ ଏବଂ ଅପର କେତେ ଦରଖାସ୍ତ ସାଦାକାଗଜରେ ହେବ ।

ଏଥିରେ ଯେତେ ସ୍ୱଳ୍ପତର ଖଚ ହେବ ତାହା ପୂର୍ତ୍ତି କରିବା ନିମିତ୍ତ ପ୍ରସ୍ତାବ ହୋଇଅଛି ଯେ ପ୍ରଥମ ନମ୍ବରି ମକଦ୍ଦମାରେ ଯେ ଫିସ ଗ୍ରହଣ ହେବ ସେଥିରୁ କୌଣସି ଅଂଶ ଫେରି ଦିଆଯିବ ନାହିଁ । ଦ୍ୱିତୀୟ ଓକିଲତି ସାର୍ଟିଫିକଟ ଦେବା ସମ୍ବନ୍ଧରେ ଯେ ଫିସ ଗ୍ରହଣ ହୁଅଇ ତାହା ବୃଦ୍ଧି କରି କଲିକତାରେ ଗୃହୀତ ମାଶୁଲର ସମାନ ହେବ ।

ସନ ୧୮୬୭ ମସିହାର ୨୬ ଆଇନ ପ୍ରଚଳ ହେବା ଦିନୁ ମକଦ୍ଦମାକାରିଙ୍କର ଯେତେ କ୍ଳେଶ ହୋଇଅଛି ତାହା ସର୍ବଥାନ୍ୟ । ଏ ଆଇନ ହେବାସମୟରେ ଲୋକେ ଅନୁମାନ କରିଥିଲେ ଦୁଃସ୍ଥଲୋକମାନେ ଖର୍ଚ୍ଚା ଭୟରେ ମକଦ୍ଦମା କରି ନ ପାରି ଆପଣା ସତ୍ତ୍ୱରୁ ବଞ୍ଚିତ ହେବେ ବାସ୍ତବରେ ସେହିପ୍ରକାର ଘଟିଲା । ଆଇନ ପ୍ରଚ-ଳିତ ଦିନଠାରୁ କୌଣସି ସମ୍ବାଦପତ୍ରରେ ଅଧିକ ଷ୍ଟାମ୍ପମୂଲ୍ୟ ଜନିତ ଅନ୍ୟାୟର କଥା ଉଲ୍ଲେଖ ହେଉଥିଲା କିନ୍ତୁ ଶୁଣିବା ବିଷୟ ଏ କଥାକୁ ହେବାଯେ କାଲମ୍ବରେ ହେଲେ ମଧ୍ୟ ଗବର୍ଣ୍ଣମେଣ୍ଟ ଲୋକଙ୍କ ଆର୍ତ୍ତନାଦ ପ୍ରତି ଦୃଷ୍ଟି ଦେଇ ଏଥିର ପ୍ରତିକାରର କଳ୍ପନା କରିଅଛନ୍ତି । ଅବିଳମ୍ବରେ ଏ କାର୍ଯ୍ୟ ସଫଳ ହେବ ବୋଧ ହୁଅଇ । ଆମ୍ଭେମାନେ ପ୍ରସ୍ତାବିତ ଆଇନର ପାଣ୍ଡୁଲିପି ଗଜେଟରେ ପ୍ରକାଶ ହେବାର ଦେଖି ନାହୁଁ । ପ୍ରକାଶ ହେଲାରୁ ତହିଁର ସବିଶେଷ ଜଣାଇବୁଁ ଉପରେ ଯେଉଁ ସାର କଥାମାନ ଲେଖାଗଲା ସେଥିରୁ ଦେଖାଯାଏ ଓକିଲତି ସାର୍ଟିଫିକଟରେ ସରକାର ଅଧିକା କର ନେବାକୁ ବାଞ୍ଛା କରନ୍ତି । ଏହି କର ବସାଇବାପାଇଁ ଅନେକ ଦିନରୁ ଆନ୍ଦୋଳନ ହେଉଅଛି ମାତ୍ର ଗବର୍ଣ୍ଣମେଣ୍ଟ ସ୍ୱଭା-ବ ସ୍ୱପେ ସେ ବିଷୟରେ କିଛି ନ କରି ପ୍ରକାଶ୍ୟ-ଗ୍ରନ୍ଥରେ ସେ କଥା ସିଦ୍ଧ କରିଅଛନ୍ତି । ଉପରି-ମଣରେ ଏ କର ଅଧିକ କଣା ନ ପଡିବାରୁ ବର୍ତ୍ତମାନ ଏବିଷୟରେ କିଛି କୁହା ଯାଇ ନ ପାରେ ଜରମା ଉର୍ଦ୍ଧ୍ୱ ଅତ୍ୟନ୍ତ ଅଧିକ କର ହେବ ନାହିଁ । ପରନ୍ତୁ ଫଉଜଦାରୀ ଅଦାଲତ-ରେ ନାଲିଶ ସକାଶେ ଏକାବେଳକେ ଷ୍ଟାମ୍ପ-ମୂଲ୍ୟ ଉଠିଯିବାର ଆମ୍ଭେମାନେ ଆଶା କରି-ଥିଲୁଁ ମାତ୍ର ତାହା ନ ହୋଇ କେବଳ ଅଧା ଉଣା ହେବାର କଳ୍ପନା ହେଉଅଛି । ଗବର୍ଣ୍ଣ-ମେଣ୍ଟଙ୍କର ସମସ୍ତ ମତ ପଡ଼ିଅଛି । କମାଟର୍ଚ୍ଚ ମିଳାଇବାପାଇଁ ଗବର୍ଣ୍ଣର ଜେନରଲ ସାହେବ ଆହରଣ ସମସ୍ତ କର୍ମଚାରିଙ୍କୁ ଉତ୍ତେଜନା କରୁ-ଅଛନ୍ତି ସତ୍ୟ କିନ୍ତୁ ଅପରାଧର ପ୍ରତିକାର ସ୍ଥଳ-ରେ ଟଙ୍କା ନେବା ଅନୁଚିତ ଅଟେ । ପୂର୍ବେ ଗବର୍ଣ୍ଣମେଣ୍ଟ କିଛି ନେଉ ନ ଥିଲେ କିନ୍ତୁ ଏକଥର ମୁଁହରେ ଲାଗିଲାରୁ ବୋଧ ହୁଅଇ ସବୁ ପରିତ୍ୟାଗ କରିବାକୁ ସତ ବଳୁ ନାହିଁ ।

---

## ନ୍ୟାୟର ବ୍ୟୟ ସଂକ୍ଷେପ କରିବା ।

ଗବର୍ଣ୍ଣମେଣ୍ଟଇଣ୍ଡିଆ ଏବେଦିନେ ଗଭର୍ଣ୍ଣ ବ୍ୟୟ ସଂକ୍ଷେପ କରିବାଲାଗି ବଡ଼ ମନୋଯୋଗୀ ହୋଇଅଛନ୍ତି । ବର୍ଷକୁବର୍ଷ ଅସୁ ବ୍ୟୟର ଯେଉଁ ଅଗାମି ତାଲିକା ପ୍ରସ୍ତୁତ ହୁଅଇ ଓ

ଯାହା ବର୍ତ୍ତମାନରେ ଖ୍ୟାତ ଅଛି ତାହା ପୁନରାଲୋଚନା କରିବାରେ ପ୍ରକାଶ ପାଉଅଛି ଯେ ଏବର୍ଷ ଅଧିକ ବ୍ୟୟ ଅଧିକ ହେବ ଓ ଇନ୍‌କମ୍‌ଟାକ୍ସ ଓ ଋଣଦ୍ୱାରା କ୍ଷତିପୂରଣର ଯେ ଆଶା ହୋଇଥିଲା ସେଥିରେ ମଧ୍ୟ ବ୍ୟୟ ଚଳିବ ନାହିଁ । ସ୍ପଷ୍ଟ କହିବାକୁ ହେଲେ ଏହିମାତ୍ର ବୋଲାଯାଇପାରେ ଯେ ଯେଉଁ ଆଗାମି ହେ-ସାବ ଗତ ମାର୍ଚ୍ଚରେ ବ୍ୟବସ୍ଥାପକ ସଭାରେ ଆଗତ ହୋଇଥିଲା ତାହା ଯଥାର୍ଥମତେ ପ୍ରସ୍ତୁତ ହୋଇ ନ ଥିବାରୁ ସେଥିରେ ଭ୍ରମ ଥିଲା ଓ ତାହା ଏଥର ପ୍ରକାଶ ହେବାରେ ଜଣାଗଲା ଯେ ଆୟରେ ଊଣା ଓ ବ୍ୟୟ ଅଧିକ ହେବାରୁ ବାଞ୍ଛିତ ଅଙ୍କ-ଠାରୁ ଅଟକଳ ଅଧିକ ଅନଟନ ହେବ । ଅନ୍ୟ ସମୟରେ ବୋଧ ହୁଏ ଏରୂପ ଅବସ୍ଥା ଦେଖି କୌଣସି ଶାସନକର୍ତ୍ତା ତତ୍କ୍ଷଣାତ୍ ନୂତନ କର ବସାଇବାର ଚେଷ୍ଟା କରନ୍ତେ ମାତ୍ର ଲର୍ଡମେଓ ସାହେବଙ୍କୁ ଶତ ଧନ୍ୟବାଦ ଦେବାର ଉଚିତ ଯେ ସେ ତଦ୍ରୂପ କୌଣସି କାର୍ଯ୍ୟ ନ କରି ସ୍ପଷ୍ଟରୂପେ କହିଅଛନ୍ତି ଯେ ବର୍ତ୍ତମାନ ଅନ୍ୟ କୌଣସି ଟାକ୍ସ ବସିବାର କଳ୍ପନା ଅଯୌକ୍ତିକ ଓ ଅବହିତ ଅଟଇ ଅତଏବ ଯହିଁରେ ବ୍ୟୟ ଊଣା ହୋଇପାରେ ଏମନ୍ତ ଚେଷ୍ଟା କରିବାର ଉଚିତ । ଏହି ଉଦ୍ଦେଶ୍ୟରେ ସେ ସମସ୍ତ ଅଧୀନ ଗବର୍ଣ୍ଣ-ମେଣ୍ଟଙ୍କୁ ଲେଖିଅଛନ୍ତି ଯେ ଯେଉଁ ମହକୁମା-ସକାଶେ ଯେତେ ଟଙ୍କା ବଜେଟରେ ମଞ୍ଜୁର ହୋଇଅଛି ସେଥିରୁ ଏକଟଙ୍କ ମାତ୍ର ଅଧିକା ବ୍ୟୟ ହେଲେ ତାହା ଗବର୍ଣ୍ଣମେଣ୍ଟ ଦେବେ ନାହିଁ କିମ୍ବା ବର୍ଷମଧ୍ୟରେ ଆଉ କିଛି ଅଧିକା ମଞ୍ଜୁର କରିବେ ନାହିଁ । ବାରକ୍‌ମାଷ୍ଟରୀ ଓ ସୈନିକ ବ୍ୟୟ ଯେତେ ହୋଇପାରେ ଊଣା ହେବ । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏହି ଅନଟନ ପୂର୍ତ୍ତି କରି-ବା ସକାଶେ ବିଶେଷ ଯତ୍ନବାନ୍ ହୋଇଅଛନ୍ତି ଓ ଅଧିକ ଗବର୍ଣ୍ଣମେଣ୍ଟ କର୍ମଚାରିଙ୍କ ନାମରେ କ୍ଷଣେ୨ ନୂତନ ଆଜ୍ଞା ପ୍ରଚାର ହେଉଅଛି । ଏଥିରେ କିରୂପ ଫଳ ହେବ ବୋଲାଯାଇ ନ ପାରେ ସମ୍ପ୍ରତି ଦେଖୁଅଛୁଁ ଯେ ପ୍ରତ୍ୟେକ ସିଭିଲ ମହକୁମାର ଦପ୍ତରୀ ଉଠାଇଦେବା ଓ ପଶ୍ଚିମ-ଲମ ପରିବର୍ତ୍ତରେ ଲୌହ କଲମ ବ୍ୟବହାର କରିବା ଏ ଦୁଇ ପ୍ରସ୍ତାବ ବ୍ୟୟ ଲାଘବ ପକ୍ଷରେ ଆଗତ ହୋଇଅଛି ମାତ୍ର ବାରକ୍‌ମାଷ୍ଟରୀ ଓ ସୈନିକ ବ୍ୟୟ ଊଣା ପକ୍ଷରେ କିଛିମାତ୍ର ଉପାୟ ଅବଲମ୍ବିତ ହେବାର ଦେଖିବାରେ ଆସି ନାହିଁ ବଡ ଆଶ୍ଚର୍ଯ୍ୟର କଥା ! ଗବର୍ଣ୍ଣମେ-ଣ୍ଟଙ୍କର ଦୃଷ୍ଟି ଏତେ ଛୋଟ କାହିଁକି ହେଲା ଜଣା ଯାଉ ନାହିଁ । ବରଂ ବେତନ ଭୋଗ କରି ଯେଉଁମାନେ ଗୃହୀର ଭଲ ମନ ବୁଝୁଅଛନ୍ତି ତାହାଙ୍କର କି ଏହି ବିବେଚନା ଯେ କେତୋଟା ସାମାନ୍ୟ ଚାକର ଉଠିଗଲେ ଭାରତ ଊଣା ପଡିବ?

# ସାପ୍ତାହିକ ସଂବାଦ ।

ଆଜକୁ ଦ ୯ ନ ହେଲା ଅର୍ଥାତ୍ ଗତମାସ ତା ୩୦ ଋଖରେ ଏ ନଗରରେ ଗୋଟିଏ ଘୋର ଦୁଃଖାବହ ଓ ଭୟଙ୍କର ଘଟନା ହୋଇ ଯାଇ-ଅଛି । କେତେକଜଣ ଦୁର୍ବୃତ୍ତ ମିଶି ଅଳଙ୍କାର ଖଣ୍ଡ ଲୋଭରେ ଗୋଟିଏ ଆଠବର୍ଷ ପିଲାର ପ୍ରାଣ ବଧ କରିଅଛନ୍ତି । ପିଲାର ବାପ ଛାଉଣୀରେ ତହସିଲଦାର ପୁଲିସରେ ସମ୍ବାଦ ଦେଲା କି ପୂର୍ବଦିନ ଉପରଓଳି ତାହାପୁଅ ଯୁଅଖେଳ ଦେଖିବାକୁ ଦରଘା ବଜାରକୁ ଯାଇଥିଲା ଫେରି ନ ଆସିବାରୁ ତାହାକୁ ଖୋଜ ତହିଁ ଆରଦିନ ଦେଖିଲା ଯେ ଗୋଟାଏ କୂଅଭିତରେ ମରି ପଡିଅଛି । ପୁଲିସ ତଦାରଖକରି ତିନିଜଣ ଲୋକଙ୍କୁ ଧରି ଓ ଦୁଇଖଣ୍ଡ ରୂପାରଖଣ୍ଡ ବାହାର-କରିଅଛନ୍ତି । ଦୁଇଜଣ ଆସାମୀ ମାଜିଷ୍ଟ୍ରେଟଙ୍କ ସାକ୍ଷାତରେ ଅପରାଧ ସ୍ୱୀକାର କରିଅଛନ୍ତି ଅର୍ଥାତ୍ ଏକବ୍ୟକ୍ତି ମୁଣ୍ଡପିଟା ହାତରୁ ଖଡୁ ବାହାର କରିବାର ଓ ଅପର ବ୍ୟକ୍ତି ତାହାଙ୍କ ପରାମର୍ଶରେ ଥାଇ ଦୂରରୁ ଏସମସ୍ତ ଦେଖିବାର କହନ୍ତି । ମକଦ୍ଦମା ତଦାରଖ ଶେଷ ହୋଇ ନାହିଁ । ଯାହା ହେଉ ବାବୁ ଗୋଷ୍ଟକୃଷ୍ଣ ଏ ଇନ୍‌ସ୍‌ପେକ୍ଟର ଓ ବାବୁ ଶ୍ୟାମସୁନ୍ଦର ଦତ୍ତ ସବ୍‌ଇନ୍‌ସ୍‌ପେକ୍ଟର ଏମକଦ୍ଦମାର ଯେରୂପ ସନ୍ଧା-ନ କରିଅଛନ୍ତି ପ୍ରଶଂସନୀୟ ଅଟଇ ।

ଭଦ୍ରଲୋକଙ୍କର ଆମୋଦ ପ୍ରମୋଦ ନିମିତ୍ତ ଯଦ୍ୟପି ଏ ନଗରରେ କିଛି ଉପାୟ ନାହିଁ ତଥାପି ବାବୁ ଗୋଲକଚନ୍ଦ୍ର ଦୋଷଙ୍କ ପ୍ରସାଦରୁ ଆଜକୁ ଦ ୧୪ ନ ହେବ ଗୋଟିଏ ଆନନ୍ଦର ଉପାୟ ହୋଇଥିଲା ସେଦିନ ବାବୁଙ୍କ କୋଠା-ରେ ଦୁଇମଲ୍ଲର ଯୁଦ୍ଧ ହେବାର ଥିବାରୁ ନଗରର ପ୍ରଧାନ ୨ ଲୋକମାନେ ଆମନ୍ତ୍ରିତ ହୋଇ ଯାଇଥିଲେ ଓ ଭାରି ସମାରୋହ ହୋଇଥିଲା ମାତ୍ର ଦର୍ଶକମାନେ ପ୍ରାୟ ଅର୍ଦ୍ଧଘଣ୍ଟା ଅପେକ୍ଷା କଲା ଉତ୍ତାରୁ ଦୁଇମଲ୍ଲ ରଙ୍ଗଭୂମିରେ ପ୍ରବେଶ-ହୋଇ ଅଳ୍ପ ମୁହୂର୍ତ୍ତ ମଧ୍ୟରେ କଟକୀ ମଲ୍ଲ ବିଦେଶୀୟ ଯୋଦ୍ଧାକୁ ଚିତକରି ପକାଇଦେଲା ଓ ତାହାର ଗୋଡ଼ ଟେକିଦେଲା ସେ ମଧ୍ୟ ଏହାର ନାକ ଫଟାଇ ଦେଇଥିଲା । କିନ୍ତୁ ଜୟ-ଲାଭର ଗୌରବରେ ଏହାର ପ୍ରାୟାସ ଶୀଘ୍ର ହରଣ ହେଲା ସେ ବିଦେଶୀର ଗୋଡ଼ ଅବଶ୍ୟ ଆରୋଗ୍ୟ ହୋଇ ନାହିଁ ଶୁଣିଲୁଁ ବାବୁ ତାହାର ଆରୋଗ୍ୟର ଉପାୟ ଓ ବ୍ୟୟର ଭାର ନେଇ-ଅଛନ୍ତି ।

ଗତ ଗୁରୁବାର ଶ୍ରୀଯୁକ୍ତ କଲେକ୍ଟର ଓ କମିଶନର ପ୍ରଭୃତି ବନ୍ଦୀଘରଠାକୁ ଗମନ କରି-ଅଛନ୍ତି । ବନ୍ଦୀଘର ବାଟଉପରେ ଗବର୍ଣ୍ଣମେଣ୍ଟର ଯେମନ୍ତ ଶୁଭଦୃଷ୍ଟି ପଡ଼ିଅଛି ଏଥିରେ ଶୀଘ୍ର ଅନେକ ମଙ୍ଗଳ ହେବାର ସମ୍ଭାବନା ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଦକ୍ଷିଣପଶ୍ଚିମ ବିଭାଗର ଇନ-ସ୍ପେକ୍ଟର ସାହେବ ବାବୁ ଗୋବିନ୍ଦଚନ୍ଦ୍ର ମହାପା-ତ୍ରଙ୍କୁ ପୂର୍ବ ବିଭାଗର ସ୍କୁଲ୍‌ଡେପୁଟୀ ସମୂହର ଡେପୋଟୀଇନ୍‌ସ୍ପେକ୍ଟର ନିଯୁକ୍ତ କର ଡାଇରେ-କ୍ଟରଙ୍କ ସମ୍ମତି କାରଣ ପଠାଇଅଛନ୍ତି । ଭରସା ହୁଏଇ ଏ ପ୍ରସ୍ତାବ ଗ୍ରାହ୍ୟ ହେବ ଓ ଗୋବିନ୍ଦ-ଚନ୍ଦ୍ର ବାବୁ ସମ୍ପ୍ରତି ଚତୁର୍ଥଶ୍ରେଣୀର ଡେପୁଟୀଇନ-ସ୍ପେକ୍ଟର ମାସିକ ଟ ୭୫ ଙ୍କା ବେତନରେ ନିଯୁକ୍ତ ହେବେ । କ୍ରମେ ଉତ୍କଳବାସିଙ୍କ ପ୍ରତି ଗବର୍ଣ୍ଣମେ-ଣ୍ଟଙ୍କର ଦୃଷ୍ଟିପାତ ହେଉଅଛି ଅତି ସୁଖର ବିଷୟ ।

ଗତମାସ ତା ୧୬ ଋଖ ରବି ଦୁଇଟା ସମୟରେ ରଙ୍ଗୁନ ନଗରରେ ଭୂମିକମ୍ପ ହୋଇଥିଲା ।

ପୂର୍ବର ଆଜ୍ଞା ଉପ୍ରତରେ ବିଜ୍ଞାପନ ହୋଇ-ଅଛି ଯେ ଅଚିକ୍ଷ୍ଣ ଓ ଅନ୍ୟାନ୍ୟ କର୍ମଚାରିଙ୍କ ଆଗାମି ଷଣ୍ମାସିକ ପରୀକ୍ଷା ନବମ୍ବରମାସ ତା ୫ ଋ-ଖରେ ଆରମ୍ଭ ହେବ ।

ଲଣ୍ଡନରେ କୌଣସି ବ୍ୟକ୍ତି ବିବାହ ହେବାକୁ ଅଭିଳାଷୀ ହୋଇ ଏ ବିଷୟର ଗୋଟିଏ ବିଜ୍ଞାପନ ପ୍ରଚାର କରିଅଛି । ସ୍ୱୟଂ ସ୍ତ୍ରୀ ଅନ୍ୱେଷଣକରି ଏରୂପ ବିଜ୍ଞାପନ ଦେବାର ଏହି କାରଣ ଦର୍ଶାଇ ଅଛି ଯେ ତାହାର ସ୍ୱଭାବ ଶାନ୍ତ ଥିବାରୁ ସେ ନଗରର ସ୍ତ୍ରୀମାନଙ୍କ ସହିତ ସ୍ୱୟଂ ସାକ୍ଷାତ କରି ଆପଣା ଭାବ ବ୍ୟକ୍ତ କରିବାକୁ ସାହସ କରି-ପାରୁ ନାହିଁ । ଏହିଅଟୁ ଯାହାର ଏତେ ଲଜ୍ଜା ତାହାକୁ କେଉଁ ସ୍ତ୍ରୀ ବରଣ କରିବ ଆମ୍ଭେମା-ନେ ସ୍ଥିର କରି ପାରୁ ନାହୁଁ ।

ସିଷ୍ଟୋଲ୍ୟାନ ବୋଲନ୍ତି ଯେ କପ୍ତାନ ଟେଲ୍ସିଙ୍କ ମୁକ୍ତ ହେବାର କଥା ସମ୍ପୂର୍ଣ୍ଣ ରୂପେ ଅମୂଳକ ଅଟଇ । କେବଳ ଇଉରୋପୀୟ ପତ୍ରିକାରେ

Split by PDF Splitter



ତାହାଙ୍କୁ ରଖିବା କାରଣ ଦେଖା ନ ଯିବାରେ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞା ଅପେକ୍ଷାରେ ଗାରଦ ଉଠି ଯାଇଅଛି ନଚେତ୍ ସେ ଗିରଫ୍ତାରୀରୁ ମୁକ୍ତ ପାଇ ନାହାନ୍ତି ।

ଗତମାସ ତା ୨୬ ଇଂରେ ଉତ୍ତର ପଶ୍ଚିମର ଲେଫ୍ଟନାଣ୍ଟଗବର୍ଣ୍ଣର ରିପୋର୍ଟ କରିଅଛନ୍ତି ଯେ ନିୟମିତ କେତେଦିନ ପ୍ରଚୁର ବୃଷ୍ଟି ହେବାରୁ ଆଗାମି ଫସଲର ଅବସ୍ଥା ଏତେ ଭଲ ହୋଇଅଛି ଯେ ଆଉ ଏ ବିଷୟରେ ଥରକୁଥର ବିଜ୍ଞାପନ କରିବାର ଅନାବଶ୍ୟକ । ଏକା ଅଜମିରରେ ଶୁଭଲକ୍ଷଣ ଦେଖା ଯାଉ ନାହିଁ ନଚେତ୍ ସର୍ବସ୍ୱ କୁଶଳ ଅଛି ।

କର୍ଣ୍ଣାଟିକ ନାମକ ବାଷ୍ପୀୟ ଜାହାଜ ଚଳିତ ଡାକ ଅଣ୍ଟ ୨ ତାଂରେ ମଗ୍ନପଡ଼ିଲା । ଜାହାଜର ଓ ପଥିକମାନେ କୌଣସି ରୂପେ ପ୍ରାଣ ବଞ୍ଚାଇ ଅନ୍ୟ ଜାହାଜରେ ଚଢି ରକ୍ଷା ପାଇଲେ ତଥାଚ ପ୍ରାୟ ୩୦।୪୦ଜଣ ପଥିକ ମରିଗଲେ । ଧୂଆଁକଳ ଜାହାଜରେ ଏରୂପ ବିପଦ ଘଟିବା ବଡ଼ ଦୁଃଖର ବିଷୟ ।

ବାଲେଶ୍ୱର ବୋଧଦାୟିନୀ ସମୁଦ୍ରଯାତ୍ରା ବିଷୟରେ ଏକ ପ୍ରସ୍ତାବ ଲେଖି ସପ୍ରମାଣ କରିଅଛନ୍ତି ଯେ ପୂର୍ବକାଳରେ ହିନ୍ଦୁମାନେ ପୋତାରୋହଣ ପୂର୍ବକ ସମୁଦ୍ରରେ ଗମନାଗମନ କରୁଥିଲେ ଅତଏବ ବର୍ତ୍ତମାନ ତାହା ନିଷିଦ୍ଧ ବୋଲାଯାଇ ନ ପାରେ । ଅମ୍ଭେମାନେ ବୋଧକରୁଁ ଦେଶାଚାର ବିରୁଦ୍ଧ ବୋଲି କେହି ଜାହାଜରେ ଚଢି ସମୁଦ୍ର ପଥରେ ଯିବାକୁ ଅସମ୍ମତ ନୁହନ୍ତି । ଜାହାଜର କର୍ମକାରକମାନେ ଭିନ୍ନ ଜାତି ଲୋକ ଥିବାରୁ ସେମାନଙ୍କ ସଂସର୍ଗରେ ଆହାରାଦି କରିବାରେ ଜାତି ନଷ୍ଟ ହେବ ଅଥବା ଅନାହାରରେ ପ୍ରାଣ ଯିବ ଏହି ଭୟରେ ପୋତାରୋହଣ କରନ୍ତି ନାହିଁ । ଅଲିଗଡ଼ ଇନଷ୍ଟିଚ୍ୟୁଟ ନାମକ ସମ୍ବାଦପତ୍ରର ମଧ୍ୟ ଏହି ମର୍ମ ବୋଧ ହୁଅଇ କାରଣ ସେ ଦେଶୀୟ ଧନାଢ୍ୟ ବ୍ୟକ୍ତିଙ୍କୁ ଅନୁରୋଧ କରିଅଛନ୍ତି ଯେ ସମସ୍ତେ ମିଶି ଗୋଟିଏ ଉତ୍ତମ ଜାହାଜ ନିଯୁକ୍ତ କରି ହିନ୍ଦୁ ଚାକର ଦ୍ୱାରା ତାହାକୁ ଚଳାଇବାର ଚେଷ୍ଟା କରନ୍ତୁ ତାହା ହେଲେ ସେଥିରେ ଚଢି ବିଦେଶ ଭ୍ରମଣ କରିବାରେ ଜାତି ରକ୍ଷା ହେବ ଅଥଚ ଦେଶ ପର୍ଯ୍ୟଟନର ଫଳ ଲାଭ ହେବ ।

ପଞ୍ଜାବର ଲେଫ୍ଟନାଣ୍ଟଗବର୍ଣ୍ଣର ସାହେବ ଗ୍ରାହମ ନାମକ ଜଣେ କର୍ମଚାରୀକୁ କର୍ମରୁ ବାହାର କରି ଦେଇଅଛନ୍ତି । ସେ ବ୍ୟକ୍ତି ଋଣଗ୍ରସ୍ତ ହୋଇ ବେମକ ଦୁରହଲଫ କରିବାରୁ ଏ ନ୍ୟାଯ୍ୟ ହୋଇଅଛି । ଗବର୍ଣ୍ଣମେଣ୍ଟ ଋଣଗ୍ରସ୍ତ ଅମଲାଙ୍କ ପକ୍ଷରେ ଅଳ୍ପକାଳ ହେଲା ଯେଉଁ ସରକ୍ୟୁଲର ଜାରି କରିଅଛନ୍ତି ତାହା କଠିନ ରୂପେ କାର୍ଯ୍ୟରେ ପରିଣତ କରିବାକୁ ତାହାଙ୍କର ଏକାନ୍ତ ମାନସ । ଅମ୍ଭେମାନେ ଏଥିରେ ବଡ଼ ଆନନ୍ଦ ହେଲୁଁ ।

ଫ୍ରେଣ୍ଡଅବଇଣ୍ଡିଆ ଅବଗତ ହୋଇଅଛନ୍ତି ଯେ ବିଦ୍ୟା ଶିକ୍ଷା ନିମିତ୍ତ କର ବସାଇବା ଲର୍ଡମେଓଙ୍କର ଅଭିପ୍ରାୟ ନୁହଇ କିନ୍ତୁ ସେ ରାସ୍ତା ଉପରେ କର ବସାଇବାର ସ୍ଥିର କରିଅଛନ୍ତି ।

ହିନ୍ଦୁପେଟ୍ରିଅଟ ଲେଖନ୍ତି ଯେ ଓଲଦାଉସ୍ଥାଠାରୁ ମେଦନୀପୁର ପର୍ଯ୍ୟନ୍ତ ଦେଶ ଖଣ୍ଡ ଛଡ଼ି ବଙ୍ଗଳାର ସର୍ବସ୍ଥରେ ଉତ୍ତମ ଫସଲ ହେବାର ଜଣାଯାଏ । ସମ୍ପ୍ରତି ଯେଉଁ ବୃଷ୍ଟି ହେଲା ଏହା ଯଥେଷ୍ଟ ଉପକାର କରିଅଛି ।

କଲିକତାର ଆଉ ଏକଜଣ ପ୍ରଧାନ ବ୍ୟକ୍ତି ବାବୁ ଗିରୀଶଚନ୍ଦ୍ର ଘୋଷ ମରିଯିବାର ଦୁଃଖର ସହିତ ଅବଗତ ହେଲୁଁ । ହିନ୍ଦୁପେଟ୍ରିଅଟ ଯଥାର୍ଥ ଲେଖିଅଛନ୍ତି ଯେ ଗତ ଆଠବର୍ଷ ମଧ୍ୟରେ ଯେମନ୍ତ ଗୁଣବାନ୍ ବ୍ୟକ୍ତିମାନେ ବଙ୍ଗଳାକୁ ପରିତ୍ୟାଗ କଲେ ତାହାଙ୍କର ସ୍ଥାନ ପୂର୍ଣ୍ଣ କରିବାକୁ ତେମନ୍ତ ଲୋକ ପ୍ରାପ୍ତି ହେବାର ଦୁଷ୍କର ଅଟଇ ।

ନବଦକ୍ଷିଣ ଓଏଲ୍ସରେ ସମ୍ପ୍ରତି ଗୋଟିଏ ହୀରକ ଆବିଷ୍କୃତ ହୋଇଅଛି । ଏହି ହୀରାର ପରିମାଣ ପ୍ରାୟ ଏକପା ହୋଇଅଛି । ନବଦକ୍ଷିଣ ଓ ଏଲ୍ସର ବ୍ୟାଙ୍କ ଅଧ୍ୟକ୍ଷମାନେ ୫ ଜନେଣ୍ଡ ସାହେବଙ୍କୁ ଆପାତତଃ ୫୨୦୦୦ଙ୍କା ପ୍ରଦାନ କରିଅଛନ୍ତି ପରେ ଏହି ହୀରାର ମୂଲ୍ୟ ପ୍ରକୃତରୂପେ ନିର୍ଣ୍ଣିତ ହେଲେ ତାହାଙ୍କୁ ଆଉ ମଧ୍ୟ ଦେବାର ଅଙ୍ଗୀକାର କରିଅଛନ୍ତି ।

ହିନ୍ଦୁ ରଞ୍ଜିକା ବୋଲନ୍ତି " ଯଶୋହରର ଅନ୍ତର୍ଗତ ବାଗଆଁଚଡ଼ା ଗ୍ରାମର ଦକ୍ଷିଣ ପ୍ରାନ୍ତରେ ମେଘର ନ୍ୟାୟ ବାଷ୍ପରାଶି ଦେଖାଗଲା, ଏହା ହଠାତ୍ ଭୟଙ୍କର ଝଡ଼ରେ ପରିଣତ ହୋଇ ଉତ୍ତର ମୁଖରେ ପ୍ରାୟ ହାତ ୨।ଉ ପ୍ରସ୍ଥ ଓ ବେଢ଼ମାଇଲ ଦୈର୍ଘ୍ୟ ବ୍ୟାପି ଧାବିତ ହେଉଥିଲା ।

ଇଣ୍ଡିୟାନ ମିରର ଲେଖନ୍ତି ଯେ କଲିକତାର କେତେଜଣ ଭଦ୍ରଲୋକ ବିଲାତକୁ ଗମନ କରିବାର ସ୍ଥିର କରିଅଛନ୍ତି । ଏମାନେ ସମସ୍ତେ ଦତ୍ତବଂଶର ଲୋକ ଅଟନ୍ତି କେବଳ ଭ୍ରମଣାର୍ଥେ ଏମାନେ ବିଲାତକୁ ଯିବେ ପୁଣି ଶୁଣାଯାଏ ଆପଣା ସ୍ତ୍ରୀମାନଙ୍କୁ ସଙ୍ଗରେ ଘେନିଯିବେ ସସ୍ତ୍ରୀକ ହୋଇ ବିଲାତକୁ ଯିବା ବଙ୍ଗାଳିମାନଙ୍କର ଏହିଠାରୁ ଆରମ୍ଭ ହେବ ।

## ବିଜ୍ଞାପନ ।

କୃଷ୍ଣସିଂହଙ୍କ ମହାଭାରତ ଆଦିପର୍ବ ମୂଂ ରୁ ୫ ୨ ବଣିକ୍ଭୃତ ବଚସ ଗ୍ରନ୍ଥାୟଣ ଦ୍ୱା୨୧ ମୂଂ ରୁ ୫ ୧୨ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ତଳବ କଲେ ପ୍ରାପ୍ତ ହେବ ।

—*—

ପୁରୀ ଜିଲାସ୍କୁଲର ପ୍ରଧାନ ଶିକ୍ଷକତା କର୍ମ ଶୂନ୍ୟ ଅଛି, ମାସିକ ବେତନ ୫ ୧୦ ଟଙ୍କା କର୍ମପ୍ରାର୍ଥୀମାନେ ଚଳିତମାସ ତା ୨୦ ରିଖ ପୂର୍ବ ଅମ୍ଭ ନିକଟକୁ ସ୍ୱ ସ୍ୱ ଆବେଦନପତ୍ର ପଠାଇବେ ଯେଉଁମାନେ କ୍ଷେତ୍ରତତ୍ତ୍ୱ ନ ଜାଣନ୍ତି . ସେମାନଙ୍କର ଆବେଦନ କରିବାର ଆବଶ୍ୟକ ନାହିଁ ।

ପ୍ୟାରୀମୋହନ ସେନ
ପୁରୀ ଓ ଅନୁଗୁଳ ଇଲାକା ସ୍କୁଲସମୂହର
ଡେପୁଟୀ ଇନସ୍ପେକ୍ଟର

—*—

## ପ୍ରାପ୍ତି ସମ୍ବାଦ

ଅମ୍ଭେମାନେ କୃତଜ୍ଞତା ପୂର୍ବକ ସ୍ୱୀକାର କରୁଅଛୁଁ ଯେ ବ୍ରାହ୍ମ ପୁସ୍ତକ ମୁଦ୍ରାଙ୍କନ ସାହାଯ୍ୟ କାରଣ ବାଲେଶ୍ୱରର ବ୍ରାହ୍ମଭ୍ରାତାଙ୍କ ଠାରୁ ସଂଗୃହୀତ ୫ ୯୧ । ଉକ୍ତ ସମାଜର ସମ୍ପାଦକଙ୍କ ନିକଟରୁ ପ୍ରାପ୍ତ ହୋଇଅଛୁଁ ।

## ମୂଲ୍ୟ ପ୍ରାପ୍ତି

ଶ୍ରୀ ବାବୁ ଗୋବିନ୍ଦଚନ୍ଦ୍ର ଦାସ କଟକ ବକସ୍ତା ୫ ୭

ଶ୍ରୀ ବାବୁ ଚନ୍ଦ୍ରଶେଖର ଦାସ ପୁରୀ ବକସ୍ତା ୫ ୯ ।

ଶ୍ରୀ ମହନ୍ତ ନାରାୟଣ ଦାସ ପୁରୀ ଅଗ୍ରିମ ୫ ୮ ।

ଶ୍ରୀ ବାବୁ ଆର୍ତ୍ତବଲ୍ଲଭ କର କଟକ ବକସ୍ତା ୫ ୩

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା ।


ଭାଗ ୪୪ | ସଂଖ୍ୟା ୪୪ } ତାଂ ୨ରା ଅକ୍ଟୋବର ସନ ୧୮୭୯ ମସିହା । ମୁ । କାର୍ତ୍ତିକ ୨ ଦିନ ସନ ୧୨୮୭ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪ । ବର୍ଷାନ୍ତେ ମୂଲ୍ୟ ଦେଲେ ବାର୍ଷିକ ୫ । ମଫସଲ ପାଇଁ ଡାକମାସୁଲ ୧ ।


### ଜଳସେଚନ କାର୍ଯ୍ୟର ଫଳ ।

ଏଠାରେ ଜଳସେଚନକାର୍ଯ୍ୟ ଆରମ୍ଭ ହେଲାଠାରୁ ଯେଉଁ ବର୍ଷମାନ ଗତ ହୋଇଅଛି ସେ ବର୍ଷସମୂହରେ କ୍ଷତି ହୋଇଅଛି ତାହା ଏହି ସମସ୍ତର ତୁଳନା କରି ଦେଖିବାର ଆବଶ୍ୟକ ଯେ ସମସ୍ତରେ ଉଚିତ ଉପାୟ ଅବଲମ୍ବିତ ହୋଇ ସର୍ବସାଧାରଣରେ ଏ କାର୍ଯ୍ୟ ଅବଲମ୍ବିତ ଜନମାନଙ୍କର ହିତର କାରଣ ହେବ । ଯେଉଁ ସମୟରେ ପ୍ରଥମେ ଏ କାର୍ଯ୍ୟର ଅନୁଷ୍ଠାନ ହେଲା ସେତେବେଳେ ଏଥିର ଉଦ୍ଦେଶ୍ୟ ଏହି ମାତ୍ର ପ୍ରଚାର ହୋଇଥିଲା ଯେ ଏହା ଦ୍ୱାରା ଦେଶର ଦୁର୍ଭିକ୍ଷ ନିବାରଣ ହେବ ଅର୍ଥାତ୍ ନାଲ ଖନନ ଦ୍ୱାରା ନଦୀର ଜଳ ଯେବେ ଯାଇ କ୍ଷେତରେ ପ୍ରବେଶ କରାଇଲେ ଯଥାକାଳରେ ଜଳ ସେଚନର ସୁଯୋଗ ହେବ ଓ ତଦ୍ଦ୍ୱାରା ଅନାବୃଷ୍ଟି ହେତୁ ଯେ ଫସଲ ହାନି ହୁଅଇ ତାହା ନିବାରଣ ଏବଂ ସର୍ବଦା ଚାଷର ସୁଯୋଗ ଥିବାରୁ କୌଣସି କାଳରେ ଦୁର୍ଭିକ୍ଷ ପଡ଼ିଆ ଉଠିବ ନାହିଁ । ପୁଣି ଦେଶର ଚତୁର୍ଦ୍ଦିଗ ନାନା ସ୍ଥାନରେ ଅନେକ ନାଲ ପ୍ରସ୍ତୁତ ହେବାରୁ ବୃଷ୍ଟି ଓ ବନ୍ୟାଦ୍ୱାରା ଯେତେ ଜଳ ଦେଶରେ ଏକତ୍ର ହେବ ସେ ସମସ୍ତ ଅବଲମ୍ବରେ ବୋହି ଯାଇ କୌଣସି ଏକସ୍ଥଳରେ ବିଶେଷ ଜଳ ଅଧିକ ଉଠି ନ ପାରିବ ।

ଏହିପ୍ରକାର ଦୁଇ ଲାଭର ଆଶା ଥିଲା ଓ ଏ ଦୁଇ ଆଶା ପୂର୍ଣ୍ଣ ହେବା ଯେ ଦେଶର ମଙ୍ଗଳକର ତାହା ସମ୍ପୂର୍ଣ୍ଣରୂପେ ବୋଧ ହୋଇ ନ ପାରେ । ଓଡ଼ିଶା କୃଷିପ୍ରଧାନଦେଶ ଅଟଇ ଓ କୃଷିଜୀବୀଙ୍କର ଅନୁକ୍ଷଣ ଆଶା ଏହି ଯେ କୌଣସି ରୂପେ ଜଳବୃଷ୍ଟିକୁ ଆପଣା ଅଧୀନରେ ରଖିଲେ ତାହାଙ୍କର ପରମ ସ୍ୱାର୍ଥ ହେବ । ଜଳସେଚନ କାର୍ଯ୍ୟ ଜଳଉପରେ ଅଧିକାର ସ୍ଥାପନର ଏକମାତ୍ର ଉପାୟ କିନ୍ତୁ ଦୁଃଖର ବିଷୟ ଯେ ସେ କାର୍ଯ୍ୟଦ୍ୱାରା ଯେତେ ମଙ୍ଗଳ ହେଲେ ଅମଙ୍ଗଳ ହେଉଅଛି କୌଣସିଠାରେ ଧୋଇ ନଷ୍ଟ ହେବାକୁ ହେଉଅଛି ଓ କୌଣସି ଠାରେ ଧୋଇ ନଷ୍ଟ ହେଉଅଛି ଯେପ୍ରକାରେ ଯେଉଁଠାରେ ଅନିଷ୍ଟ ଘଟୁଅଛି ତାହା ହୃଦୟଙ୍ଗମ କରିବା କଠିନ ନୁହଇ । ଅପେ ନଦୀର ଏକକୂଳ ଧରି ବସିଛି ନାଲ ଚଳିଛି ତାହା ରକ୍ଷା କରିବା ନିମିତ୍ତ ଉଚ୍ଚ ଦୁଇପାଖରେ ଅତି ଉଚ୍ଚ ବନ୍ଧ ପଡ଼ି ନଦୀର ଉତ୍ତରକୂଳସ୍ଥିତ ଭୂମିଖଣ୍ଡକୁ ଅତି ପ୍ରବଳ ବଢ଼ିର ପାଣିରୁ ରକ୍ଷା କରିଅଛି ଏଥିରେ ଏହି ଫଳ ହୋଇଅଛି ଯେ ନଦୀର ସମସ୍ତ ଅଧିକ ଜଳ ନଦୀର ଦକ୍ଷିଣପାଖ ଭୂମିରେ ପଡ଼ିବାରୁ ସେ ଅଞ୍ଚଳରେ ଧୋଇ ହେଉଅଛି । ଏହିରୂପେ ଏବର୍ଷ ଲୁଣାନଦୀର ଦକ୍ଷିଣପାଖରେ ବହୁତ ଭୂମିର କ୍ଷେତ ନଷ୍ଟ ହୋଇଅଛି ଶୁଣୁଅଛୁଁ ଜମିଦାରମାନେ ଗବର୍ଣ୍ଣମେଣ୍ଟରେ ଦରଖାସ୍ତ କରିଅଛନ୍ତି ଓ ସେଥିର ବିଚାର ପୂର୍ବରୁ କଲେକ୍ଟରଙ୍କ ବାରିକସାହେବମାନେ ଦକ୍ଷିଣ ପାଖର ବନ୍ଧ ଉଚ୍ଚ କରିବାର ଉଦ୍ୟମ କରୁଅଛନ୍ତି । ଏହିରୂପେ ନଦୀପାଖରେ ଧୋଇ ନିବାରଣ ହୋଇପାରେ ଓ ଉତ୍କ୍ଷେପଭୂମିକୁ ନଦୀର ଏକ କୂଳ ଦେଇ ଯାଇଥିବା ନାଲର ବନ୍ଧ ଯେତେ ଉଚ୍ଚ ହେବ ଅନ୍ୟପାଖର ବନ୍ଧ ସେତେ ଉଚ୍ଚ କଲେ ଆଉ କିଛି ଅନିଷ୍ଟ ନ ଘଟିବ ମାତ୍ର କେନାଲଦ୍ୱାରା ଯେସମସ୍ତ ଅନିଷ୍ଟ ଘଟୁଅଛି ତାହା ନିବାରଣର କୌଣସି ଉପାୟ ଦେଖାଯାଉ ନାହିଁ । ପୂର୍ବେ ଯେଉଁ ବାଟେ ବର୍ଷାପାଣି ଯାଉଥିଲା ଏବେ ସେଠାରେ କେନାଲର ବନ୍ଧ ପଡ଼ିବାରେ ସେ ପଥ ରୁଦ୍ଧ ହୋଇ ସବୁ ବର୍ଷାଜଳ ଏକ ସ୍ଥାନରେ ଜମା ହୋଇ ପ୍ରବଳ ଧୋଇ ଜାତ କରୁଅଛି ଓ ଅପର ଯେସମସ୍ତ ସ୍ଥାନ ଦେଇ ସେଜଳ ବୋହି ଯାଉଥିଲା ସେସ୍ଥାନର ଜଳକଷ୍ଟ ନିବାରଣ ହେଉଥିଲା ବର୍ତ୍ତମାନ ସେ ଜଳଧାର ରୁଦ୍ଧ ହେବାରୁ ନଷ୍ଟ ହେଉଅଛି । ଅତଏବ ଅନେକ ସ୍ଥାନର କେନାଲ ଏକ ପାଖରେ ଧୋଇ ଓ ଅନ୍ୟପାଖରେ ନଷ୍ଟ ହେଉଅଛି । ଆଉ ଗୋଟିଏ ଅନିଷ୍ଟ ଏହି ଯେ ନାଲ ଭିତରୁ ପାର୍ଶ୍ୱସ୍ଥିତ ଭୂମିରେ ଅହରହ ଜଳ ଝରିବାରୁ ସେ ସମସ୍ତ କ୍ଷେତ୍ରବିଷୟରେ ଅକର୍ମଣ୍ୟ ହୋଇଅଛି । ଅତଏବ ଦେଖାଯାଏ ଯେ ନାଲ ବା କେନାଲ ନିର୍ମାଣ ହେବାରେ ଯେତେ ଭୂମି ଯାଉଅଛି ତାହା ଛଡ଼ା ନାନା ପ୍ରକାରରେ ବହୁତ ଭୂମିର କ୍ଷେତ ନଷ୍ଟପ୍ରାୟ ଅଛି । ଏସମସ୍ତକୁ ମିଶ କ୍ଷତିପୂରଣ କରିବା ଭଳି କ୍ଷେତ ଅବଶିଷ୍ଟ ଭୂମିରେ ହେବାର ଦେଖା ଯାଉ ନାହିଁ ଅବଶ୍ୟ ନାଲ ଜଳରେ ସ୍ୱାଭାବିକ ଉତ୍ପନ୍ନର ଅଧିକ ଫସଲ ହୋଇ ନାହିଁ ଓ ଯେବେ ବା ଜଳଦ୍ୱାରା କେ-

Split by PDF Splitter



ତେବେଳେ କେତେବେଳେ ମଫସଲ ରକ୍ଷା ପାଉ-
ଅଛି କିମ୍ବା ଜଳର ସୁଯୋଗରୁ କ୍ଷେତ୍ର ରକ୍ଷା-
ପାଉଅଛି କିନ୍ତୁ ଜଳକର ସ୍ୱରୂପ ଅତିରିକ୍ତ ମୂଲ୍ୟ
ଦେଇ ପଡ଼ିବାରୁ ସାଧାରଣ ସେ ଉପକାରର
ଭୋଗୀ ହେଉ ନାହାନ୍ତି ।

ଅମ୍ଭେମାନେ ଯେଉଁସମସ୍ତ ଅଭିଯୋଗର କଥା-
ଉପରେ ନିର୍ଦ୍ଦେଶ କଲୁଁ ଏଥିରୁ କ୍ଷେତ୍ର କମିବ
ନାହିଁ । ଲୋକେ ଏସବୁ ଅଭାବ ଅନୁଭବ
କରି ପ୍ରତିକାର ନିମିତ୍ତ କଲେକ୍ଟର ସାହେବଙ୍କ
ସାକ୍ଷାତରେ ସମସ୍ତ ସମୟରେ ଆବେଦନ କର-
ଅଛନ୍ତି । ଅମ୍ଭେମାନେ ଏହି ଆଶା କରୁଁ ଯେ
କର୍ତ୍ତୃପକ୍ଷମାନେ ଶୀଘ୍ର ଏଥିର ପ୍ରତିକାରର
ଚେଷ୍ଟା କରନ୍ତୁ । ଏଥିରେ ଯେତେ ବିଲମ୍ବ ହେବ
ସେତେ ମନ୍ଦ । ଲୋକବିଶେଷର କ୍ଷତିର କଥା
ସାଧାରଣ କାଗଜର ବିଷୟ ନୁହଇ ତଥାପି ଏକ
ଲୋକର କ୍ଷତି ଏକଇଦ୍ୱାରା ସାଧାରଣ ଅମଙ୍ଗଳ
ହେଉଅଛି ସନ୍ଦେହ ନାହିଁ । ପରନ୍ତୁ ଲୋକ-
ବିଶେଷର କ୍ଷତି ଅବହେଳିତ ଦେଉଥିବାର ନାଲି-
ଶର ହେତୁ ହୋଇଅଛି । ଏପ୍ରକାର ନାଲିଶ
ଏଠାରେ ଉଦୟ ହୋଇ ନାହିଁ । ସତ୍ୟ କିନ୍ତୁ
କେବେ ଉଦୟ କଲେ ସରକାରଙ୍କର ଅନର୍ଥକ
ବ୍ୟୟ ହେବ ଅତଏବ ଅତ୍ୟାବଶ୍ୟକ ଯେ ଶୀଘ୍ର
ଏସମସ୍ତ ଦୋଷରୁ ଜଳ ସେଚନକାର୍ଯ୍ୟକୁ ମୁକ୍ତ
କରିବାର ବିଧାନ ହେଉ ।

—୦○✻○—

## ସରକାରୀ କର୍ମଚାରୀଙ୍କ ଚିକିତ୍ସା ।

ସରକାରୀ କର୍ମଚାରୀଙ୍କ ଚିକିତ୍ସାବିଷୟରେ
ଗବର୍ଣ୍ଣମେଣ୍ଟ ଇଣ୍ଡିଆଦ୍ୱାରା ଲିଖିତ ବିଧାନମାନ
ପ୍ରକାଶ ହୋଇଅଛି । ପାଠକଙ୍କ ଜ୍ଞାତବ୍ୟ କାରଣ
ତାହାର ଅବିକଳ ଅନୁବାଦ ନିମ୍ନେ ଲେଖାଗଲା ।
ପୂର୍ବେ ଏ ବିଷୟରେ କିଛି ସ୍ପଷ୍ଟ ଆଜ୍ଞା ନ ଥିବାରୁ
ଅନେକ ଅମଲାଙ୍କର କ୍ଲେଶ ହେଉଥିଲା ଓ
କାହା ନିକଟକୁ ଗଲେ ଚିକିତ୍ସା ଲାଭ କରିବେ
ଜଣା ନ ଥିଲା ଏବେ ସେ ସମସ୍ତ ଗୋଳଯୋଗ
ନିବାରଣ ହେଲା ।

୧ । ଅତଏବ କେଉଁ ୨ ଶ୍ରେଣୀର କର୍ମଚାରୀ-
ମାନେ ଆପଣା ୨ ଘରେ ଥାଇ ପୀଡ଼ାବସ୍ଥାରେ
ଚିକିତ୍ସା ପାଇବାର ଯୋଗ୍ୟ ହୁଅନ୍ତି, ଏହି କଥାର
ସ୍ଥିର ହେବାର [ମନ୍ତବ୍ୟଗ୍ରଥିତ] ଶ୍ରୀଯୁକ୍ତ ଗବର୍ଣ୍ଣର-
ଜେନେରଲ ସାହେବ ବଙ୍ଗଳା ପ୍ରେସିଡେନ୍ସୀମଧ୍ୟରେ
ସର୍ବସାଧାରଣ ମାନିବା ନିମିତ୍ତ ସେହି ବିଷୟର
କୌଣସି ବିଧି କରି ଅନାବଶ୍ୟକ ଜାଣି ଭାରତବ-
ର୍ଷୀୟ ଚିକିତ୍ସାସଂକ୍ରାନ୍ତ କର୍ମ ବିଭାଗର ହସ୍ପିଟାଲ
ଇନସ୍ପେକ୍ଟର ଜେନେରଲ ସାହେବଙ୍କ ସଙ୍ଗେ
ପରାମର୍ଶ କରଣ ପୂର୍ବକ ମନ୍ତବ୍ୟଗ୍ରଥିତ ନିୟମମା-
ନର ଏହି ବିଧି ନିର୍ଦ୍ଧାର୍ଯ୍ୟ କରୁଅଛନ୍ତି । ଉକ୍ତ
ବିଧିର ମର୍ମାନୁସାରେ ଅବଧାରିତ ଯେ କର୍ମଚାରକ-
ମାନଙ୍କ ନିଯୋଗର କଥା ଭାରତବର୍ଷର
ଗବର୍ଣ୍ଣମେଣ୍ଟ କିମ୍ବା ସ୍ଥାନୀୟ କୌଣସି ଗବର୍ଣ୍ଣ-
ମେଣ୍ଟଙ୍କ କର୍ତ୍ତୃକ ବା କର୍ତ୍ତୃତ୍ୱ କାର୍ଯ୍ୟ ନିରୂପଣା-
ଧିକାର କର୍ତ୍ତୃକ ଗେଜେଟରେ ପ୍ରକାଶ
କରାଯାଏ ସିଭିଲସର୍ଜନ ସାହେବ ସ୍ୱୟଂ
ସେମାନଙ୍କର ଚିକିତ୍ସା କରିବେ ।

୨ । କୌଣସି ନଗରରେ ଆପଥିକର ଓ
ସବଆସିଷ୍ଟାଣ୍ଟ ଡାକ୍ତର କିମ୍ବା ହସ୍ପିଟାଲ ଆସିଷ୍ଟାଣ୍ଟ
ଥିଲେ, ସେମାନେ ଗବର୍ଣ୍ଣମେଣ୍ଟଙ୍କ ନିମ୍ନଶ୍ରେଣୀ
ମଧ୍ୟରେ ଉଚ୍ଚଶ୍ରେଣୀର ଯେ କର୍ମଚାରକମାନଙ୍କ
ନିଯୋଗର କଥା ଗେଜେଟରେ ପ୍ରକାଶ ନୋହେ
ସେମାନଙ୍କର ଓ କ୍ଲାର୍କମାନଙ୍କର ପୀଡ଼ା ହେଲେ
ସେମାନଙ୍କ ଘରକୁ ଯାଇ ଚିକିତ୍ସା କରିବେ ।

୩ । ଅଧଃଶ୍ରେଣୀ କର୍ମକାରକମାନଙ୍କ ନିମିତ୍ତ
ପ୍ରାୟ ପ୍ରତ୍ୟେକ ନଗରରେ ଔଷଧାଳୟ ଓ
ସାଧାରଣ ବା ସିଭିଲ ହସ୍ପିଟାଲ ଅଛି । ଗବର୍ଣ୍ଣ-
ମେଣ୍ଟ କର୍ମକାରକମାନଙ୍କ ଚାକରମାନେ ମଧ୍ୟ
ସେହି ଔଷଧାଳୟକୁ ବା ହସ୍ପିଟାଲକୁ ଯାଇ
ଔଷଧାଦି ପାଇପାରିବେ ।

୪ । କିନ୍ତୁ ନିମ୍ନଶ୍ରେଣୀର ଚିକିତ୍ସକ ଅଭାବ-
ଗ୍ରସ୍ତ ସ୍ଥଳରେ କି ସଂକଟଜନକ ବା ଦୁଃସାଧ୍ୟ
ରୋଗରେ ଯେ କୌଣସି ସମୟରେ ସିଭିଲ ଚିକି-
ତ୍ସକସାହେବଙ୍କ ଉପସ୍ଥିତ ହେବାର ପ୍ରାର୍ଥନା
କରନ୍ତି, ମନ୍ତବ୍ୟଗ୍ରଥିତ ମହମତ ବୋଧ କରନ୍ତି
ଯେ ତାହାର ଗମନକରା କର୍ତ୍ତବ୍ୟ ।

—୦—

## ଇନକମ୍ ଟାକ୍ସ ବୃଦ୍ଧି

ଅମ୍ଭେମାନେ ଆଶା କରିଥିଲୁଁ ଯେ ଗବର୍ଣ୍ଣ-
ମେଣ୍ଟ ବର୍ଷନେ କିଛିଦିନ ସକାଶେ ସମସ୍ତ
କାର୍ଯ୍ୟାଳୟ ବନ୍ଦକରି କର୍ମଚାରିମାନଙ୍କୁ ଯେମନ୍ତ
ଅବକାଶ ଦେଇଥିଲେ ଶ୍ରୀଯୁକ୍ତ ଗବର୍ଣ୍ଣର ଜେ-
ନେରଲ ସାହେବ ସେହିରୂପ ଅବକାଶ ନେଇଥା-
ନ୍ତେ ମାତ୍ର ଦୁଃଖର ବିଷୟ ଯେ ତଦ୍ରୂପ ହୋଇ-
ନାହିଁ ଦୁର୍ଗୋତ୍ସବ ଛୁଟି ଆରମ୍ଭ ଦିନର ଟେଲିଗ୍ରାଫ
ପତ୍ରିକାରେ ଦଶ୍ୟୋନ୍ନତି କରବୃଦ୍ଧିର ଆଶଙ୍କା ଦେଖା
ଗଲା । ସେତିଏ ମାନ୍ଦ୍ରାଜ ଓ ବମ୍ବେଇରେ
ଲବଣକର ବୃଦ୍ଧି ଅର୍ଥାତ ପୂର୍ବେ ମହଣ ପ୍ରତି
୨୧୫ କର ଥିଲା ତାହା ମହଣ ପ୍ରତି ବୃଦ୍ଧିହୋଇ
୨୧୮ ହେଲା ଦୁଃଖର ବିଷୟ ଏହି ଯେ ଭାରତବର୍ଷର
ଶେଷାର୍ଦ୍ଧ ବାବଦ ଇନକମ୍ ଟାକ୍ସ ବୃଦ୍ଧି କରିବା
ଅବକାଶାଭାବରୁ ଏଥିର ବାହୁଲ୍ୟ ଅବସ୍ଥା ଏ
ସପ୍ତାହରେ ପାଠକଙ୍କୁ ଗୋଚର କରାଇ ନ ପାରି-
ଲୁଁ । ପ୍ରକାଶ ଥାଉ କି ଇନକମ୍ଟାକ୍ସ ବୃଦ୍ଧିର
ଆଇନର ପାଣ୍ଡୁଲିପି ସଭାରେ ଅର୍ପିତ ହୋଇ-
ଅଛି ଆଇନ ଜାରି ହୋଇ ନାହିଁ କିନ୍ତୁ ଗବର୍ଣ୍ଣ-
ମେଣ୍ଟ ଟାକ୍ସଦ୍ୱାରା ଯେମନ୍ତ ବ୍ୟଗ୍ର ଅଛନ୍ତି
ସେଥିରୁ ଅନୁମାନ ହୁଅଇ ଯେ ଏ ଆଇନ
ଜାରି ହେବ ।

—✻✻—

## ଆଗାମି ଫସଲର ଅବସ୍ଥା ।

ବର୍ଷାର ଅଭାବ ହେତୁ ଦୁଇମାସ ପୂର୍ବେ
ଲୋକଙ୍କ ମନରେ ଯେମନ୍ତ ଶଙ୍କା ଜାତ ହୋଇ
ଥିଲା ବର୍ତ୍ତମାନ ସୁବୃଷ୍ଟି ଦେଖି ସେ ଶଙ୍କା ମନରୁ
ଦୂରୀଭୂତ ହୋଇ ଏବେ ସମସ୍ତଙ୍କର ବିଶ୍ୱାସ
ହୋଇଅଛି ଯେ ଆଗାମି ଫସଲ ନିରାପଦରେ
ଉତ୍ତମରୂପେ ହସ୍ତଗତ ହେବ । ଏରୂପ ସୁଫଳ
ପ୍ରତ୍ୟକ୍ଷ ହେବ ବୋଲି କାହାର ଆଶା ନ ଥିଲା ।
ଦଶହରା ବନ୍ଦ ସମୟରେ କଟକ ଲୋକ ମୋଫସ-
ଲକୁ ଯାଇ ଧାନ୍ୟର ଅବସ୍ଥା ସ୍ୱଚକ୍ଷେ ଦେଖି
ଆସିଅଛନ୍ତି ଏବଂ ସର୍ବସାଧାରଣର ବିଶ୍ୱାସ
ହୋଇଅଛି ଏବର୍ଷ ଦୁର୍ଭିକ୍ଷର ଭୟ ହେବ ନାହିଁ
ଏକା ଏହି ଜିଲ୍ଲାରେ ବଙ୍ଗଳାର ଗାଦରୁ ଜେଲରୁ
ଏହିରୂପ ସମ୍ବାଦ ପ୍ରାପ୍ତ ହୁଅଇ ଓ ଉତ୍ତର ପଶ୍ଚି-
ମାଞ୍ଚଳରେ ମଧ୍ୟ ଦୁର୍ଭିକ୍ଷର ଆଶଙ୍କା ବର୍ତ୍ତମାନ
ଲୋପ ପାଇଅଛି । ସମ୍ବାଦପତ୍ରରେ ପାଠ କରୁ-
ଅଛୁଁ ସେ ସମସ୍ତ ପ୍ରଦେଶରେ ଏକପ୍ରକାର
ନିର୍ବାହ ସ୍ୱରୂପ ଫସଲ ପ୍ରାପ୍ତିର ଆଶା ହୋଇ-
ଅଛି । ଓଡ଼ିଶାରେ ଅଉ ଜଳର ପ୍ରୟୋଜନ
ନାହିଁ ବରଂ ଅତି କାଳି ନିତ୍ୟ ୨ ଯେରୂପ ବୃଷ୍ଟି
ହେଉଅଛି ସେଥିରେ ଲୋକେ ଡରୁ ଅଛନ୍ତି ।
ଏବଂ କେହି ୨ ବୋଲନ୍ତି ଯେ ବୃଷ୍ଟି ବନ୍ଦ ନ
ହେଲେ କେତେ ଅଂଶରେ ଧାନ ନୋକସାନ
ହୋଇପାରେ । କ୍ଷେତ୍ରରେ ସର୍ବସ୍ଥାନରେ ଜଳ
ପୂର୍ଣ୍ଣ ରହିଅଛି ଏତେବେଳେ ଯେବେ ବୃଷ୍ଟି ବନ୍ଦ
ହୋଇ ଶିଶିର ପଡ଼ିବ ତେବେ ପ୍ରସୂତ ହୋଇ-
ଥିବା ଫସଲର କିଛି ମନ୍ଦ ଖରାପ ହେବ ନାହିଁ ।
ଅନ୍ୟଥା ହେଲେ କେତେ ଧାନ ଅଗାଡ଼ି
ହୋଇଯିବ । ପ୍ରସୂତ ଫସଲ ପ୍ରତି ଅଉ ଗୋଟିଏ
ଭୟ ଅଛି ତାହା ଏହି ଯେ ଦ୍ୱୀପାବଳୀ ଅମା-
ବାସ୍ୟା ଦିନ ତୋଫାନ ହେବାର କଥା ଅର୍ଥାତ
ବଡ଼ାସର ଗଣନା ଅବଧି କେହି ନିଶ୍ଚୟ କରି
ନାହାନ୍ତି ତଥାପି ଓଏବ ସାହେବଙ୍କ ଗଣନା

Digitized by srujanika@gmail.com

...ଶ୍ଚିଁ ବ୍ୟର୍ଥ ବୋଲି ବୋଲାଯାଇ ନ ପାରେ ... ଏକସ୍ଥାନରେ ନା ଏକସ୍ଥାନରେ ପ୍ରତ୍ୟକ୍ଷ ...ଉଅଛି । ଉପସ୍ଥିତ ବର୍ଷାର ଗଣନା ଅନୁ- ...ଯ୍ନ ଜ୍ୟୋତିଷ ଶ୍ଚ ଯେ ପ୍ରିଣ୍ଟିଙ୍ଗ ହୋମାରର ...ର୍ନ ପଞ୍ଜିକା ପ୍ରସ୍ତୁତ କରନ୍ତି ତାହାଙ୍କ ଦ୍ୱାରା ...ଅଛି ସେ ବୋଲନ୍ତି ଯେ ଅନାବଷ୍ଟ୍ୟା- ... ଦ୍ୱାଦ୍ଗୀ ଯୋଗ ପାଇଥିବାରୁ ଗ୍ରହ ଦୋଷ- ... ବର୍ଷାର ଓ ବୃଷ୍ଟି ହେବ । ଯେବେ ତାହା ... ହୁଅଇ ତେବେ ନିଶ୍ଚୟ ଉତ୍ତମ ଶସ୍ୟ ... ହେବ ସନ୍ଦେହ ନାହିଁ । ତଥାପ ... ଫସଲର ଅବସ୍ଥା ଦେଖାଯାଉଅଛି ... ଭରସା ହୁଅଇ ଯେ ଶତ ଉତାରୁ ... କ୍ଷେତ ରକ୍ଷା ହୋଇପାରେ ଯାହା ହେଉ ... ଧାନପକ୍ଷର ଲୋକେ କିଛିନ୍ତ ... କିନ୍ତୁ ରବିଫସଲର ଜଳାଭାବ ଘଟିଅଛି । ... ଯେ ଦ୍ରବ୍ୟ ଉତ୍ତ ହେବ ଏମନ୍ତ ଅଶା ... ତେବେ ଏହିମାତ୍ର ଭରସା ଯେ ଧାନ ... ହେଲେ କବ ପାଇଁ କେହି ଗଡ ମରବେ ... ହିମାଗତ ତଳମାସ ଯେ ଗୋଧୂମ ଦୁର୍ମୂ- ...ର ବନ୍ଧ୍ୟ ହେଲ ତାହା ପ୍ରାୟ ଲୋକେ ଭବ କର ନ ପରଲେ ଏକରୂପ ମୂଗ ... କିଛି ମଧ୍ୟ ଜଣାପଡ଼ିବ ନାହିଁ ।

...ମଂହ ରସ୍ଥଳେ ବକ୍ତବ୍ୟ ଏହି ଯେ ... ହଉର ଯେଉଁ ଫସଲ କ୍ଷତ ହୋଇ- ... ହିଁ ପ୍ରତ ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ରଖିବା ... ଶୀଘ୍ର କୌଣସି ପ୍ରତିକାର ନ ହେଲେ ... ଅନେକ କ୍ଷତି ହେବ ।

...ଯୁକ୍ତ ଯେ, ଡ, ଗ୍ରେଲିସ ସାହେବ କଟକର ... ଡେପୁଟିମାଜିଷ୍ଟ୍ରେଟ ନିଯୁକ୍ତ ହୋଇ- ... ।

...ଇମାସ ତା ୧୭ ରଖରେ ଲାହୋରରେ ... ଇସ ଓ ବୃଷ୍ଟି ହୋଇଥିଲା । ଏପରି ... ଫ ନ ଥିବ ନ ବର୍ଷ ପୂର୍ବାରୁ ଦେଖା ନ ...ଥିଲା । ଜଳ ସଙ୍ଗେ ଶିଳା ବୃଷ୍ଟି ମଧ୍ୟ ହୋଇ- ଥିଲା । ଘର ଓ ଗଛ କେତେ ଯେ ପଡିଅଛି ସୀମା ନାହିଁ । ଏ ତୋଫାନ ପ୍ରାୟେ ଘ ୨୪ ଣ୍ଟା ପର୍ଯ୍ୟନ୍ତ ହୋଇଥିଲା ।

# ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ କର୍ଣ୍ଣେଲ୍ ହ୍ୟୁଗ୍ ସାହେବ ସମ୍ପ୍ରତି ବାରକ୍‌ମାଷ୍ଟରୀ କାର ଜଲନ୍ଧର ଗାରଦରେ କର୍ମ କରବେ ...ଗନ୍ଧର୍ବୀୟ କାର୍ଯ୍ୟର ଏହାଙ୍କୁ ବଦଳି କରିବାରେ ମନ୍ଦ ହୋଇ ନାହିଁ ଏବଂଜ୍ଞି ଯେମନ୍ତ ପରିଶ୍ରମୀ ଓ କାର୍ଯ୍ୟରେ ମନୋଯୋଗୀ ଏହାଙ୍କ- ଦ୍ୱାରା କଲକରକାର୍ଯ୍ୟ ଉତ୍ତମରୂପେ ଚଳିବ ସନ୍ଦେହ ନାହିଁ ।

ଚଳିତମାସ ତା ୭ ରିଖରେ ସାଗରରେ ଝଡ ହୋଇଅଛି । କେତେ କ୍ଷତ ହୋଇଅଛି ଜଣା ଯାଇ ନାହିଁ । କଲିକତାରେ ମଧ୍ୟ ଝଡ ବର୍ଷା ହୋଇଥିଲା କିନ୍ତୁ କୌଣସି କ୍ଷତ ହୋଇ ନାହିଁ । କର୍ଣ୍ଣେଲ୍ ସାକ୍ସ ବ ମହାଲିସ୍ଥା ବନ ଯେଉଁ ଝଡ଼ର ଅନୁମାନ କରିଥିଲେ ତାହା ବ୍ୟର୍ଥ ନ ହେଲା କେବଳ ଯେଦନ ନ ଘଟି ଦୁଇଦନ ଉତାରୁ ଘଟିଅଛି ।

ଛତ୍ରସିଂହପୁର ଇଲାକାର ଯେଉଁ ବ୍ରାହ୍ମଣ ଆପଣା ସ୍ତ୍ରୀକୁ ହତ୍ୟା କରିଥିଲା ଚଳିତ ମାସ ତା ୯ ରଖ ପ୍ରାତଃକାଳରେ ତାହାର ଫାଶୀ ଦଣ୍ଡ ହେଲା । ମୃତ୍ୟୁ କାଳ ପର୍ଯ୍ୟନ୍ତ ସେ ମଜି- ଷ୍ଟ୍ରେଟଙ୍କ ସମ୍ମୁଖରେ ଆପଣା ଦୋଷ ସ୍ୱୀକାର କଲା ନାହିଁ । କିନ୍ତୁ ଜେଲ ସାହେବଙ୍କ ସାକ୍ଷା- ତରେ ସମସ୍ତ ଦୋଷ ବ୍ୟକ୍ତ କରି ଥିବାର ଶୁଣି- ଅଛୁଁ । ପାଶିର ପୂର୍ବଦନ ତାହାର ପକ୍ଷ ଓ କୁଟୁମ୍ବର କେତେ ଲୋକ ସଙ୍ଗେ ସାକ୍ଷାତ କରି ଆପଣା ସମ୍ପତ୍ତିର ରକ୍ଷା ଓ ତର୍ପଣ ବିଷୟରେ ଏକଖଣ୍ଡ ଉଇଲ ଲେଖି ଦେଇ ଯାଇଅଛି ଓ ତାହା ରେଜେଷ୍ଟ୍ରାର ସାହେବ ସ୍ୱୟଂ ଜେଲକୁ ଯାଇ ଯାଇଅଛନ୍ତି ଉଇଲ ହେବା ପକ୍ଷରେ କେହି ବାଧା ଜନ୍ମାଇବାର ଚେଷ୍ଟା କରିଥିଲେ କିନ୍ତୁ ଜେଲ ସାହେବ ସବୁବେବସ୍ଥା ପୂର୍ବକ କାର୍ଯ୍ୟ କରିବାରୁ ସେ ସବୁ ନିଷ୍ଫଳ ହେଲା ।

ଟାଙ୍ଗ୍ରୋନର ଏକଜଣ ଜାଜ ବୃଦ୍ଧ ବୟସରେ ଗୋଟିଏ ଅଷ୍ଟାଦଶବର୍ଷୀୟା ଯୁବତୀକୁ ବିବାହ କରାଇଥିଲା ସ୍ତ୍ରୀ ବ୍ୟଭିଚାରିଣୀ ହେବା ଭୟରେ ଜାଜ ତାହାକୁ ସର୍ବଦା ଗୃହରେ ରୁଦ୍ଧ କରି ରଖି- ଥାଏ । ବାଳିକାଟି ପିତାଳୟକୁ ଯିବାର ପ୍ରାର୍ଥନା କରିବାରେ ଜାଜର ସନ୍ଦେହ ଅଧିକ ଅଧିକ ହେଲା । ସେ ସର୍ବଦା ସ୍ତ୍ରୀକୁ ପ୍ରହାର କଲା । ଏହି ଦୁଃଖରୁ ଦନେ ବାଳିକାର କେତେକ ସ୍ଥାନ ଦଗ୍ଧ କଲା । ବାଳିକାଟି ଶେଷରେ ପ୍ରହାର ସହି ନ ପାରି ଶଯ୍ୟାରେ ପଲ ଦ୍ରବ୍ୟ କଲା । ଜାଜର ବଶ ହୋଇ ସାତବର୍ଷ ମିଆଦ ହୋଇଅଛି ।

ଡାକ୍ତର ଫେୟର ଅବଧାନ୍ତ ସର୍ପଦଂଶନର ଔଷଧର ପରୀକ୍ଷା କରୁଅଛନ୍ତି ଜଣେ ହାକିମ ଏକପ୍ରକାର ଔଷଧ ପେଶ ଅଣିଥିଲେ କିନ୍ତୁ କର୍ମର ହୋଇ ନାହିଁ । ଓହ୍ମାମାନେ ଯେଉଁରୂପ ଉଲ କରନ୍ତି ତାହାର ଏକ ଦୃଷ୍ଟାନ୍ତ ଦଆଯାଉ- ଅଛି । ଡାକ୍ତର ଫେୟର ଡାକ୍ତରଖାନାକୁ ଯାଇଁ ଦେଖିଲେ ଯେ ଏକବ୍ୟକ୍ତି ସର୍ପଦଂଶନରେ ମୂର୍ଚ୍ଛିତ ହୋଇଅଛି ଯେଉଁ ସର୍ପ ଦଂଶନ କରିଥିଲା ସେ ଏକ ବୋତଲମଧ୍ୟରେ ଅଣାଯାଇଥିଲା । ଡାକ୍ତର କହିଲେ ଏ ସାପର ବିଷ ନାହିଁ ଏହା ଶୁଣି ରୋଗୀ କ୍ରମଶଃ ଆରୋଗ୍ୟ ଲାଭ କରି ଗୃହକୁ ଗଲା ଏହିରୂପେ ଅନେକ ଲୋକ ମୁକ୍ତ ହୁଅନ୍ତି ଭୟବିହ୍ୱଳବ୍ୟକ୍ତିମାନଙ୍କୁ ମୁକ୍ତକର ଓହ୍ମା- ମାନେ ପ୍ରଶଂସିତ ହୁଅନ୍ତି । ଡାକ୍ତର ଫେୟର କହନ୍ତି କ୍ଷତସ୍ଥାନ ଉପରେ ତାଗ ବାନ୍ଧିଲେ ବିଷ ଶୀଘ୍ର ଉଠି ନ ପାରେ । କିନ୍ତୁ ସର୍ପର ବିଷ ଏପରି ବେଗଗାମୀ ଯେ ଅଳ୍ପ ସମୟରେ ତାଗ ବନ୍ଧା ନ ହେଲେ ପ୍ରାଣସଂଶୟ ହୋଇଥାଏ । ସର୍ପ- ଦଂଷ୍ଟ୍ର ଏକ ପଇଁର ଶୋଣିତରେ କଞ୍ଚିତ ଜଳ ମିଶାଇ ସେ ଏକ କୁକ୍କୁରର ଶିରରେ ପିଚକାରୀ ମାରିଲେ ତହିଁରେ ତାହାର ମୃତ୍ୟୁ ହୋଇଅଛି ବିନ୍ଦୁମାତ୍ର ବିଷ ପ୍ରାଣ ସଂହାର କରିପାରେ ।

ଲର୍ଡ୍ରେନ ଇକନମିଷ୍ଟ ବୋଲନ୍ତି, "ଭାରତବର୍ଷର ସମୁଦାୟ ଗ୍ଲାଡ଼୍ସ୍ଟୋନ ଭାରତବର୍ଷ ନିମିତ୍ତ ବ୍ୟସ୍ତ ହେଉଅଛି, ଆୟ ବିଲକ୍ଷଣ ଅଛି, ତଥାପି ଅକୁଲାନ ଦୂର ନାହିଁ । ରୋମକମାନେ ଯେରୂପ ଅଧୀନସ୍ଥ ଦେଶ ସକଳରୁ କର ନେଉଥିଲେ, ଇଂଲଣ୍ଡ ଯେବେ ସେହି ପ୍ରକାର ଭାରତବର୍ଷ ନିକଟରେ ବାର୍ଷିକ କର ନଅନ୍ତି, ଏବଂ ରାସ୍ତା ପନ୍ଥରର କର ଲୋକଙ୍କ ସ୍କନ୍ଧରେ କ୍ଷେପଣ କରନ୍ତି, ତାହା ହେଲେ ଅକୁଲାନ ରହିବ ନାହିଁ । ରୋମକମାନଙ୍କ କାର୍ଯ୍ୟପ୍ରଣାଳୀର ଶେଷ କି ଅବସ୍ଥା ହୁଅଇ? ଅଗଷ୍ଟସଙ୍କ ସମ- ୟରେ ସମୁଦାୟ ସାମ୍ରାଜ୍ୟରେ ନଗଦ ୩୬୦ କୋଟି ଟଙ୍କା ଥିଲା; ଜାଷ୍ଟିନିୟନଙ୍କ ସମୟରେ ୮୦ କୋଟି ମାତ୍ର ହୋଇଥିଲା । ଅର୍ଥାଭାବ ମଧ୍ୟ ରୋମସାମ୍ରାଜ୍ୟ ନାଶର ଗୋଟିଏ ପ୍ରଧାନ କାରଣ ।

ଯେଉଁ କର୍ମଚାରୀ ଫିରୋଜପୁରରେ ଗୋଟିଏ ବାଳିକା ଉପରେ କୁପ୍ରବୃତ୍ତି ଚରିତାର୍ଥ କରିବାକୁ ଯାଇ ତାହାର ପ୍ରାଣ ନାଶ କରିଅଛନ୍ତି, ତାହାଙ୍କ ହେବିସୁନରେ ଦଆ ଯାଇଅଛି ମାଜିଷ୍ଟ୍ରେଟ ତାହାଙ୍କୁ ଲଘୁତର ଅପରାଧର ଦୋଷୀ କରିଥିଲେ, କିନ୍ତୁ ସେସିଯନର ବଳା- ତ୍କାରର ଅପରାଧୀ କରିବାର ଆଜ୍ଞା ହୋଇଅଛି ।

ଡେଲିନ୍ୟୁଜର ଏକଜଣ ପତ୍ରପ୍ରେରକ ପ୍ରସ୍ତାବ କରିଅଛନ୍ତି, ଯୋଉଁମାନେ ଏକର ଅଧିକ

ହିସାବ ହେବେ ସେମାନଙ୍କର କର ଦ୍ୱିଗୁଣ ହେଲେ ବୃଦ୍ଧି କଲେ ଅନେକ ଟଙ୍କା ଆୟ ହୋଇପାରେ । ଏ କଥ ନିଶ୍ଚୟ ସ୍ପଷ୍ଟ ପ୍ରତୀତ ହୋଇଅଛି । ମସ୍ତକ ଗଣନା ରେ କର ବୃଦ୍ଧି କଲେ ତ ଆଉ ଅଧିକ ବୃଦ୍ଧି ହୋଇ ନ ପାରେ ।

ଶିଳଶାସ୍ତ୍ରର ଭୂମାର ପ୍ରମଥନାଥଙ୍କ ବିଦ୍ୟାଳୟ, ତକ୍ଷଶାଳୀୟ ପ୍ରଭୃତି ସତ୍କାର୍ଯ୍ୟରେ ଅନେକ ଟଙ୍କା ପ୍ରଦାନ କରିବାରୁ ଗବର୍ଣ୍ଣର ଜେନରଲ ତାହାଙ୍କୁ "ରାଜାବାହାଦୁର" ଉପାଧି ଦେଇଅଛନ୍ତି । ଓଡ଼ିଶା ଅଳଦୃଶ୍ୟ ଯେ ଅଳ୍ପସଙ୍ଖ୍ୟକ ଉତ୍ତମ ଛାତ୍ର ବହୁବର୍ଷ ହୋଇଅଛନ୍ତି ପ୍ରମଥନାଥ ଭଲିଆରେ ତାହାର ଏକଜଣ । ତାହାଙ୍କି ଯେ ସମ୍ମାନ ଦିଆଯାଇଅଛି, ସେ ତାହାର ଯୋଗ୍ୟପାତ୍ର ।

ସଂପ୍ରତି ଉତ୍ତରାମୁଣ୍ଡର ପୁସ୍ତକାଳୟ ଅଧ୍ୟକ୍ଷଙ୍କୁ ଦୁଇଜଣ ଇଉରୋପୀୟ ପ୍ରହାର କରିଅଛନ୍ତି ଅଧ୍ୟକ୍ଷ ବସିଥିଲେ ଏମନ୍ତସମୟରେ ଏହି ଦୁଇଜଣ ସାହେବ ହଠାତ୍ ତାହାଙ୍କ ମୁଣ୍ଡ ଚିପି ଧରି ପ୍ରହାର କରିବାକୁ ଲାଗିଲେ । ଏକଜଣ କେରାଣୀ ମଧ୍ୟ ପ୍ରହୃତ ହୋଇଥିଲେ । ଅଧ୍ୟକ୍ଷ ସେଠାରେ ଜଳନଦୀ ବାଟେ ପଳାଇ ସନ୍ଦେହ ପାଇଁ ସମ୍ବାଦ ଦେଲେ । ଥାନା ସେଠାରୁ ସାହେବ ଦୁହେଁ ବୋଇଲେ ସେମାନେ ପରିହାସ କରିବାର ଏହିରୂପ କରିଥିଲେ । ଏମାନଙ୍କର ଏକଜଣର ୭୦ ଓ ଅପର ଜଣର ୫୦ ଟଙ୍କା ଦଣ୍ଡ ହୋଇଅଛି । ଅନେକସ୍ଥଳରେ ଇଉରୋପୀୟମାନେ ଅନେକ ଖେଳା ଖେଳା କରୁଅଛନ୍ତି ।

ଗବର୍ଣ୍ଣର ଜେନରଲ ଆଜ୍ଞା ଦେଇଅଛନ୍ତି ବ୍ୟୟ ସଂକ୍ଷେପର ଉଦ୍ଦେଶରେ ଯେବେ କୌଣସି କର୍ମଚାରୀଙ୍କୁ ଛଡ଼ାଇ ପୁରସ୍କାର ଦିଆଯାଏ, ସେ ଯେବେ ପୁଣି ସରକାରୀ କାର୍ଯ୍ୟ କରେ, ତେବେ ପୁରସ୍କାର ଟଙ୍କା ଏକକାଳରେ ପ୍ରତ୍ୟର୍ପଣ କରିବାକୁ ହେବ । ଯେଉଁମାନେ ଏପ୍ରକାର ଟଙ୍କା ନେଇ ପେନସନ ନିମିତ୍ତ ଆବେଦନ କରିବେ ସେମାନଙ୍କୁ ମଧ୍ୟ ଅଗ୍ରେ ଟଙ୍କା ଦେବାକୁ ହେବ । ଏକକାଳରେ ଟଙ୍କା ପ୍ରତ୍ୟର୍ପଣ କରି ନ ପାରିଲେ ନିର୍ଦ୍ଦିଷ୍ଟ ସ୍ଥଳରେ କ୍ରମଶଃ ଦେଇବାକୁ କଷ୍ଟ କରିବ ।

ଇଂଲଣ୍ଡର କାର୍ଡିଫରେ ଏକ ଜଣ ଲେଖିଅଛନ୍ତି ତାଙ୍କ ଦେଶରେ ଏବେଶେ ସେଥିଲା ଗୃହ ହୋଇଅଛି ତାହା ଅତି ଭୟାନକ । କଦାପି ପ୍ରାଣୀମାନେ ସେଠାରେ ସୁଖ ପ୍ରସ୍ତୁତ ହେଉ ନାହିଁ । ବେରେଣ୍ଡା ଓ ମଧ୍ୟଅଂଶରେ କେତେଗୁଡ଼ିଏ ଖମ୍ବ ଥାଏ ଖମ୍ବର ଉପରେ ଏକ ଖଣ୍ଡ କଡ଼କାଠ ଦଆ ହୋଏ ତାହା ଉପରେ ଘରର ଛାତ ପଡ଼େ । ଦୁଇଟି ପଥର ହେଲେ କେତେ ଭଲ ହୁଅନ୍ତା । ସୂର୍ଯ୍ୟରଶ୍ମି ସୁଦ୍ଧ ଶୀଘ୍ର ନଷ୍ଟ ହୋଏ ପୂର୍ବେ ଏପ୍ରକାର ନ ଥିଲା କିନ୍ତୁ ଖମ୍ବ ଭେଳି ଶିଲନ କଲେ ଶକ୍ତ ହୋଏ । ଆମ୍ଭମାନଙ୍କ ପଞ୍ଚାଭ ଦଲଣ ସକଳ ଯେ କୌଶଳରେ ହୁଅଇ ତାହା ଖମ୍ବ ଓଳି ଗୃହମାଣରେ କରାଯାଏ କି ନା ଇଞ୍ଜିନିୟର ଗଣ ଅନୁସନ୍ଧାନ କରିବେ ।

ଏକଜଣ ଇଉରୋପୀୟ ଏ ଦେଶ ବିଷୟରେ ଅଦ୍ଭୁତ ମତ ପ୍ରକାଶ କରିଅଛନ୍ତି । କଣ୍ଟାକଷ୍ଟ କେଟରର ବୋଲନ୍ତି ହିନ୍ଦୁମାନେ ସର୍ବଦା ବାଘର ଭୟ କରନ୍ତି । ସେମାନେ ସ୍ତ୍ରୀ ବସ୍ତ୍ର ପାନ କରିବା କଥ କରନ୍ତି ଏହି ନିମିତ୍ତ ସହମୃତା ପ୍ରଥା ହୁଅଇ ସ୍ୱାମିର ସହିତ ଜଳେ ମରିବାକୁ ହେବ ଏହି ଭୟରେ ସ୍ତ୍ରୀ ବିଷ ଦେବେ ନାହିଁ ସହମରଣର ମୂଳର ଯୁକ୍ତି ବାହାର ହୋଇଅଛି ।

ସୋନାଗାଛିର କୃଷ୍ଣକାଳୀ ନାମ୍ନୀ ୩୬ ବର୍ଷ ବୟସ୍କା ଏକଜଣ ବେଶ୍ୟା ୧୪ ଅଗଷ୍ଟ ପର୍ଯ୍ୟନ୍ତ ପତ୍ରିକା ଅପଣାର ଭଣ୍ଡାର ଓ କଣ୍ଠାଭରଣ ନେଇ କଣ୍ଠରେ ଉଦ୍ବନ୍ଧନରେ ପ୍ରାଣ ତ୍ୟାଗ କରିଅଛି କରୋନାରର ରିପୋର୍ଟରେ ଦେଖାଗଲା ଏହାର ମାତା ମଧ୍ୟ ବେଶ୍ୟା । ଅନେକ ବେଶ୍ୟାମାନେ ସୁଯୋଗ ପାଇଲେ ଧର୍ମ ରକ୍ଷା କରି ରହିପାରନ୍ତି । କିନ୍ତୁ ସମାଜ ତାହାଙ୍କୁ ଗ୍ରହଣ କରିବାକୁ ସମ୍ମତ ନୁହନ୍ତି ; ଏହି ନିମିତ୍ତ ସେମାନେ ଆବଶ୍ୟ ପାପ ଅବଲମ୍ବନ କରନ୍ତି । ଏହି ହତଭାଗିନୀ ବାଳିକାର ସ୍ୱଭାବ ଦର୍ଶନ କରି ବୋଧ ହେଉଅଛି ଯେ ଯଦି ସେ କୌଣସି ସଚ୍ଚରିତ୍ର ପୁରୁଷର ସ୍ତ୍ରୀ ହୋଇଥାନ୍ତା ତେବେ କେବେହେଁ ଅପରାଧ ଘରର ଓ ଅନ୍ୟାକୁ କଷ୍ଟ କରି ଶେଷରେ ନାନା ପ୍ରକାର କଷ୍ଟରେ ପ୍ରାଣ ତ୍ୟାଗ କରି ନ ଥାନ୍ତା । ସେ ଲେଖାପଢ଼ା ଓ ସୂଚୀର କାର୍ଯ୍ୟ ଉତ୍ତମରୂପେ ଜାଣୁଥିଲା ଏହା ଲୋକର ଦୃଷ୍ଟାନ୍ତ ଅତି ଶୋଚନୀୟ ।

ଦେଲାନକାର୍ଣ୍ଣୀ ନାମକ ୬୦ ବର୍ଷ ବୟସ୍କା ଗୋଟିଏ ସ୍ତ୍ରୀ ରେଲଗାଡ଼ିର ଅଗ୍ନିମ ଦିଗର ପାଦରେ ପ୍ରାଣତ୍ୟାଗ କରିଅଛି ତାହାର (ସା) ସ୍ୱାମିର ଭ୍ରାତୃବଧୂ ମଧ୍ୟ ଦେବଦ୍ରକାଶ ଅଗ୍ନିମ ଦିଗରେ କରିଥିଲା କିନ୍ତୁ ସେ ଅନୁମାନ କରିଥାର ରକ୍ଷା ପାଇଅଛି । ଏହି ମୂର୍ତ୍ତି ଅବଶ୍ୟ ସନ୍ଦେହଜନକ ଅଟଇ ।

ହଗାନୋଭର ଜେସିଅନଜଜ ଏକବ୍ୟକ୍ତିକୁ ଶସ୍ତ୍ରମାନଙ୍କରି ବେଇନ ଦେବାର ମାନ୍ଦ୍ରାଜଗବର୍ଣ୍ଣମେଣ୍ଟ ତାହାଙ୍କ କର ବେତନରୁ ୫୧୮।୦ କର୍ତ୍ତନ କରିଅଛନ୍ତି ଏପ୍ରକାର ଦୃଷ୍ଟାନ୍ତ ମନ୍ଦ ନୁହଇ ।

ଦେହଲିଭୂଷର ଏକଜଣ ପାଦ୍ରେକ୍ଟରଙ୍କ କହନ୍ତି ଯଦ କୌଣସି ଜମିଦାର ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ସଙ୍ଗରେ ସାକ୍ଷାତ କରିବାକୁ ଯାନ୍ତି ତେବେ ତାହାଙ୍କର ଭୃତ୍ୟମାନେ ବଖସିସ ନେବାପାଇଁ ପଛରେ ଲାଗନ୍ତି କରନ୍ତି ଗବର୍ଣ୍ଣରଜେନରଲଙ୍କର ଭୃତ୍ୟମାନେ ମଧ୍ୟ ଏବିଷୟରେ କମ ନୁହନ୍ତି କେବଳ ଜମିଦାର କାହିଁକି ଯେବ୍ୟକ୍ତି ଗବର୍ଣ୍ଣରଙ୍କ ଅଲସ୍ଥିତ ମିଟିଂ ବେଲଭେଡ଼ିୟରକୁ ଗମନ କରନ୍ତି ସେମାନଙ୍କୁ ମଧ୍ୟ ପାଇବା ଦରଜାରେ କିଛି ଦେବାକୁ ହୁଏ । ଏହି ଲଜ୍ଜାକର ପ୍ରଥା ବନ୍ଦ କରିବାର ଆବଶ୍ୟ କର୍ତ୍ତବ୍ୟ ।

ଶୋମପ୍ରକାଶ ଲେଖନ୍ତି ଯେ ଭୂଲୋକରେ ଶାନ୍ତ କରିବା ନିମିତ୍ତ ଉପଯୁକ୍ତ କର୍ତ୍ତୃପକ୍ଷ ନିକଟ ମଧ୍ୟ ଭାରତବର୍ଷ ଓ ଭେନ୍ଦରର ସହିତ ସମ୍ପର୍କ ଇଉରୋପୀୟ ମିଳି ଯାଇ ଅଛନ୍ତି । ଜେନରଲ ଏହି ପ୍ରସ୍ତାବରେ ସମ୍ମତ ହୋଇଅଛନ୍ତି । ଇଂଲଣ୍ଡର ନ ଆଣି ଅନେକବାର ଆଣିଲେ ଭଲ ହେବ ।

ପଞ୍ଜାବର ସ୍ଥାନେ ସ୍ଥାନେ ଜ୍ୱରର ବୃଦ୍ଧି ହେବାର ସିମଲାଁର ଦେବେନ୍ଦ୍ରନାଥ ଲଙ୍ଗ ହୋଇଅଛି ।

ଉତ୍ତରପଶ୍ଚିମ ଦେଶର ଟେମ୍ପଲ ନାମକ ଯେ କାପ୍ତେନ ଟେଗବସ ନାମକ ଏକଜଣ ଅପିସର ସମୁଦ୍ର ମଧ୍ୟରେ ଅକାରଣେ ପ୍ରହାର ଓ ଶୃଙ୍ଖଳ ବନ୍ଧ କରିଥିଲେ ସେ ମାତ୍ର ମଣ୍ଟେଗୁ ତାହାଙ୍କୁ କଠିନ ସର୍ଜନ ବଢ଼ାଇ ଦୂରଦେଶର ନିଗ୍ରହରେ ଅନୁମତି ଦେଇଅଛନ୍ତି । ସାହେବମାନଙ୍କର କେବଳ ଅର୍ଥଦଣ୍ଡରେ କର୍ମ ହୁଏ ନାହିଁ

ଅଯୋଧ୍ୟାର ଚନ୍ଦ୍ରଦିବ ଗବର୍ଣ୍ଣମେଣ୍ଟ ବିଦ୍ୟାଳୟରେ ୧୦ଗ ବର୍ଷରେ ଅଧିକ ଖର୍ଚ୍ଚ ହୋଇଅଛି ଏହା ଅନୁଚିତ ବଶେଷ ଦୃଷ୍ଟିଗୋଚର ନାହିଁ

## ମୂଲ୍ୟ ପ୍ରାପ୍ତି

ଚୁଡ଼ିକେଶ ସାନ୍ତରାଣ ଦୋଲଧା ୫ ୨

ଏହି ଉତ୍କଳଦୀପିକା ସହର କଟକ ବଜାର ଯାହିଦାର ଓଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

# ଅତିରିକ୍ତ ।

ଉତ୍କଳଦୀପିକା ତା ୩୦ ରଖ ମାହେ ଅକ୍ଟୁବର ସନ ୧୮୭୯ ମସିହା

ପ୍ରେରିତ ପତ୍ର ।

ପରମମାନ୍ୟବର ଅଶେଷ ଗୁଣାଲଂକୃତ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ଶ୍ରୀଚରଣକମଳେଷୁ ।

ମହାଶୟ ! ଅନୁନୟ ପୁରଃସର କୃତାଞ୍ଜଳିପୂର୍ବ୍ବେ ନିବେଦନ ମିଦଂ । ବିଶେଷ ଅନୁଗ୍ରହପୂର୍ବ୍ବକ ନିମ୍ନଲିଖିତ କବିତାଟି ଭବଦୀୟପତ୍ରିକାରେ ପ୍ରକାଶିତ କରି ଅଧୀନକୁ ଚରିତାର୍ଥ କରିବା ହେବେ

ବର୍ଷାବର୍ଣ୍ଣନା

ରାଗ ଆଷାଢ଼ଶୁକ୍ଳ

ବିଗତ ଗ୍ରୀଷ୍ମ ହୋଇଲା ଶେଷ । ବରଷା ଉଷାରେ ସରେ ପ୍ରବେଶ । ଅଷ୍ଟନରଞ୍ଜନ ଜଳଦରୟ । ଅନନ୍ତେ ଅନନ୍ତେ ବିସ୍ତାର କାୟ । ହରଷେ ହରଷେ । ବିହରନ୍ତି ହେଲେ ଅତି ଦୁରନ୍ତେ । ୧ ।

ମହୀ ମହିଳା ମଣୁଛି ମୁଁ ସତ । ଉଦିତ ଉରଗ ଛନ୍ଦିତ ପର୍ବତ । ଅମ୍ବର ପ୍ରସୂଟ ସୁସମାବଶେ । ଘନରସେ ମହାଇବା ଲାଳସେ । ଘନ ଅଞ୍ଜନ । ଘନ କି ବହିଲା ତହିଁ ବସନ । ୨ ।

ନୋହେ ନୀରଦ ଏ ଦ୍ୱିରଦ ଜାଲ । ଝରି ବହେ ପ୍ରମଦ ଜଳ । ଧ୍ୱନିତ ପଟହ ସ୍ତନିତ ବ୍ୟାଜ ଛିଡ଼ିଲ କି ସେ ତଡ଼ିତ୍ ତେଜ । ବଳାକାମାଳିକା । ଉଡ଼ୁଛି କି ସେ ଧବଳ ପତାକା । ୩ ।

ସୁମନସ ଈଶ କୋଦଣ୍ଡ ସତ । ସୁମନସେ ମିଶେ କରି ଅନର୍ଥ । ଉତକର୍ଷ ଈଶ ଶବଦ୍ ବ୍ୟକ୍ତ । ନୀଳ ରକ୍ତ ପୀତ ଗୁଣ ଯୁକ୍ତ । ଏ ଧାରାସମ୍ପାତ । ନୁହଇ ସେ ଶରଧାର ସମ୍ପାତ । ୪ ।

ବିଗୁରୁଛି କି ଦୁଷ୍ଟ ମନସିଜ । କରିବ ବଧକୁ ବିହୁଛି ସଜ । ଅର୍ଯ୍ୟମା ପଲାଇ ରଥାଙ୍ଗ ଦୃଗ । କୁଳଇ ଫିଙ୍ଗିଥିଲା ବହି ଦ୍ୱେଷ । ମଣୁଛି ଏ ସତ । ଯେଣୁ ସେ ରକ୍ତିମାକ୍ଷତଙ୍କ ଲୁପ୍ତ । ୫ ।

ପଞ୍ଚାସ୍ୟ ପରପର୍ ପଞ୍ଚଶର । ଶତ୍ରୁ ମଣି ରମଣୀ କୁଞ୍ଜର । ଯବେ ଅଭିମାନ କୁମ୍ଭ ବିଦାରି ବଳକ୍ଷ ମୁକୁତା କରକାବଳୀ । ଫିଙ୍ଗି କି ଦେଉଛି ଭଙ୍ଗୀ ଦେଖି ମୋ ମନେ ହେଉଛି । ୬

କଳାପୀଏ ବଡ଼ ନୃତ୍ୟ କୁଶଳ । ଟେକି ପୁଚ୍ଛ ହେଲେ ନର୍ତ୍ତନ ବିହ୍ୱଳ । ଘନସ୍ୱନ ବ୍ୟାଜେ ବାଜେ ମର୍ଦ୍ଦଳ । ଶ୍ରୀଗ ଅଲାପ ବର୍ଷାକୁ ଭଦ୍ରଲତା ଅଧିକ କଲେ । ନବଙ୍କେ ଶ୍ରୀକୃତି ଶିଖଣ୍ଡ ଲତେ । ୭ ।

ବରଷା ସରସ ବିଟପୂରୁଷ । ମିଥୁନଯୋଗରୁ କରି ବିଳାସ । ବିଟପୀ ଗଣିକା ଜାତ ଉଲ୍ଲାସ । ରତନ ଦିଦେଶ୍ୱ ବଶ ଅବଶ । ନୁହଇ ଏ ମିଷ । ଯେଣୁ ସମ୍ଭବେ ପୂର୍ଣ୍ଣ ଘନରସ । ୮ ।

ମନେ ମଣୁଛି ସନ୍ଧୂର୍ତ୍ତି ଉଦ୍ଭାଗ । ଲଭୁଛି ଜଳାଶୟ ଗୃହଯୋଗ । ବନ୍ଧୁ ଭୁବନ ହୋଇଛି ଅଧୀନ । ସମ୍ଭବିଛି ଅହିତର ଶରଣ । କୁମୁଦ ସଂଜାତ । ନାଗେଶ୍ୱର ସକାଶରେ ନିଗ୍ରୀତ । ୯

ସୁଧୀବରତୟ ଛିଡ଼ି ସନ୍ତତ । ନିରତ ରଙ୍ଗରେ ହୋଇଛି ମତ୍ତ । ଚିଷାର୍ତ୍ତଜନେ ଦିଅଇ ଅମୃତ ଲୁପଣ ନୁହଇ ତହିଁ ବିଶ୍ରୁତ । ନୁହଇ କି ସତ । ଯେଣୁ ଉତ୍ସବରେ ସଦା ପୂରିତ । ୧୦ ।

ନୂଧାଳ ପ୍ରିୟ ଦୀପଦଣ୍ଡୀ ମଧ୍ୟସ୍ଥ । ଯେଣୁ ସେ ହଂସାବଳୀ ପରିବୃତ । ଧବଳଛଦ ଅଡମ୍ବର ଲଭି । ଶୋଭା ପ୍ରକାଶିଛି ମୋ ମନେ ଭାବି । ପାଦପସ୍ଥ ଦ୍ୱିଜେ । ଶାସ୍ତ୍ର ଛାତ୍ରଣ କରି ନେଇ ବ୍ୟାଜେ । ୧୧ ।

ତମହାର ମୋ ଜଡ ବିମରକୁ । ବହୁଛି ବର୍ଷା ଏ ଦୁର୍ଗମରକୁ । ଗରଷ୍ଟ ମଦ ବଶମ୍ବଦ ହୋଇ । ସ୍ୱକୁଳ ପ୍ରଭବ ଯାହା ବର୍ଜ୍ଜଇ । ପଙ୍କ ମୂର୍ତ୍ତି ଯେଣୁ ବିବେକ ମନାକ ନାହିଁ ଟି ତେଣୁ । ୧୨ ।

କାନ୍ତକ ରମଣୀମଣି ଏ ମଣି । ଋତୁ ପ୍ରଯତନ ମନେ ହାରଣୀ । ବିବାହିତ ଯେଣୁ କଲ୍ୟାଣ ବରେ । ସଙ୍ଗମ ଆକୁଳେ ଚଳେ ସତ୍ୱରେ । ନୁହଇ ଅଲିକ । ନାବ ପୂର୍ତ୍ତିକରି ନବ ଯୌବନ ପ୍ରସୂନବଧୀ କେତକାଳୀ ଶୋଭିତା । ଯେଣୁ ସେ ମଧୁପ ପ୍ରୀତି ରହିତା । ବିରହ ବ୍ୟାମୋହ ସହି ନ ପାରି । ପ୍ରଖର ନୂତ ଶାନ୍ତେ ଛେଦ କରି ଅଛି କି ମୁଁ ପାଶ୍ୱ । କାଳ ଅଶେଷର ଅଛି ସେ ବକ୍ଷ । ୧୩ ।

କଦମ୍ବ ମାଳତୀ ଫୁଟିଲେ ବନେ । ବେପଥୁ ସଂଜାତ ଝଞ୍ଜାପବନେ । ଶସ୍ୟପୂର୍ଣ୍ଣ କ୍ଷେତ୍ର ଶୋଭା ସମ୍ପଦ । ଦର୍ଶନେ ପଥିକ ନୟନ ଲୁବ୍ଧ । ହାଲିକ ପ୍ରମୋଦ । ବର୍ଣ୍ଣିବେ ଦକ୍ଷ ନାହିଁ ଆଉ ପଦ । ୧୪ ।

ବିଳାସ ପ୍ରମତ୍ତ ନବଦମ୍ପତି । ଦୂରେ ନିଅନ୍ତି ଏଡ଼ ଦିନ ରାତି । କଷ୍ଟେ ପ୍ରଭୀକ୍ଷେତ ସ୍ୱଉଦରସ୍ଥ କି ଦୂରସମସ୍ତ ଏ ସାନବନସ୍ତ । ବିରଥ ଅଗୀତ । ଭଲଯେ ନାହିଁ ଯା ନବ ଯୋଷିତ । ୧୬ ।

ତା ୧୦।୧୮୭୯

ଖୋରଧା

✓ଉତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ ।

ଆମ୍ଭର ରଚନା ହେଉଥିବା ସିଦ୍ଧାନ୍ତଦର୍ପଣ ଗ୍ରନ୍ଥ ସାଧିତ ବୁଧଗ୍ରହ ସ୍ଫୁଟ ଏବଂ କ୍ରାନ୍ତି ଅତୀତ ଡିସେମ୍ବରମାସ ତା ୫ ରଖ ଶୁକ୍ରବାରେ ସ୍ଫୁଟ ସୂର୍ଯ୍ୟ ସମାନ ପଡ଼ିଲା, ଯାମ୍ୟବିକ୍ଷେପ ଅଳ୍ପ ହେବାରୁ ପୁଣି ଚନ୍ଦ୍ରାର୍ଦ୍ଧରେ ଥିବାରୁ ସେଦିନ ଦିବସ ଘଣ୍ଟା ୧୧ । ୪୦ ମିନିଟରେ ସୂର୍ଯ୍ୟମଣ୍ଡଳର ଅଧୋଭାଗେ ଅଗ୍ନେୟକୋଣରେ ବୁଧମଣ୍ଡଳ ପ୍ରବେଶ ହୋଇ ବିମ୍ବର ୩୨ ଭାଗରୁ ଭାଗେ ଆଚ୍ଛାଦିତ କରି ମଧ୍ୟରେ ବିନ୍ଦୁ ପ୍ରାୟ ଦୃଶ୍ୟ ହୋଇ ଘଣ୍ଟା ୩ । ୧୭ ମିନିଟରେ ନୈର୍ଋତକୋଣରେ ମୁକ୍ତ ହେଲ ଘଣ୍ଟା ୩ । ୩୦ ମିନିଟ ପର୍ଯ୍ୟନ୍ତ ଦେଖା ଗଲା । ଏ ଗ୍ରହଯୁତି ସିଦ୍ଧାନ୍ତଶିରୋମଣି ପ୍ରଭୃତି ଗ୍ରନ୍ଥାନୁସାରେ ସାଧିଲେ ଅଭ୍ୟନ୍ତ ପ୍ରଭେଦ ହୁଅନ୍ତା । ଏବେ ନୂତନକଳ୍ପିତ ଗ୍ରନ୍ଥରେ ଦୃକ୍ସଂବାଦ ମିଳିବାରୁ ମହାନନ୍ଦ ଜାତ ହେଲା । ଏ ବିଷୟରେ ଯେ ବନାରସକଲେଜର ପଣ୍ଡିତ ଗୃନେଶ୍ୱର ଦତ୍ତ ଉକ୍ତଗ୍ରହଣକୁ ମଙ୍ଗଳଗ୍ରହଣ ନାମରେ ପ୍ରକାଶ କରିଥିଲେ । ଏ ତାହାଙ୍କର ବୃହଭ୍ରମ । କାରଣ ଏହି ଯେ ସେଦିନକୁ ସୂର୍ଯ୍ୟଙ୍କଠାରୁ ମଙ୍ଗଳ ଛନିଶି ଅନ୍ତରେ ଥିଲେ । ସମାନ ଅଂଶରେ ଯେବେ ଥାନ୍ତେ ତେବେ ମଧ୍ୟ ଗ୍ରହଣ ସମ୍ଭବ ହୁଅନ୍ତା ନାହିଁ । କେବଳ ବୁଧ ଶୁକ୍ର ଦୁହେଁ ବକ୍ରି କାଳରେ ସୂର୍ଯ୍ୟର ଅଧୋଭାଗସ୍ଥ ହୁଅନ୍ତି । ଅନ୍ୟ ତାରା ଗ୍ରହମାନେ କଦାପି ସୂର୍ଯ୍ୟାଧୋଭାଗକୁ ନ ଆସନ୍ତି । ଅତଏବ ଏତାଦୃଶ ଅସମ୍ଭବ ଉକ୍ତି କରିବା ବ୍ୟକ୍ତିଙ୍କ ଯୁକ୍ତି ନ ଦେଇ ଆମ୍ଭେ କ୍ଷାନ୍ତ ହୋଇ ରହି ନ ପାରୁଁ । ଏପରି ବିଷୟମାନ ସମ୍ବାଦରେ ପ୍ରଚଳିତ ଥିବାର ଜ୍ଞାତ ନ ଥିବାରୁ ପୂର୍ବରୁ ଉଲ୍ଲେଖ କରି ନ ଥିଲୁଁ ।

ଉତ୍କଳଦେଶାନ୍ତର୍ଗତ ଖଣ୍ଡପଡ଼ା ଦୁର୍ଗସ୍ଥ

ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତ ।

☞ ବୋଧ ହୁଅଇ ସମ୍ବାଦପତ୍ରରେ ଭ୍ରମରେ ବୁଧକୁ ମଙ୍ଗଳ ବୋଲି ଲେଖା ହୋଇଥିବ ।

ଉ, ଦୀ, ସମ୍ପାଦକ ।

ମୂଲପତ୍ର ଦେଖ ।

Split by PDF Splitter

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା ।


| | | |
|---|---|---|
| ଭାଗ ୧୪ | ତା ୨୨ ରିଖ ନଭେମ୍ବର ସନ ୧୮୭୯ ମସିହା । ମୁ । କାର୍ତ୍ତିକ ୨୬ ଅଙ୍କ ସନ ୧୨୮୭ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୨॥ |
| ସଂଖ୍ୟା ୪୭ | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩ |
| | | ମଫସଲ ପାଇଁ ଡାକମାସୁଲ ୨। |


ମୃତ ବାବୁ ଗୌରୀଶଙ୍କରଉପାଧ୍ୟାୟ ।

ଗତଗତମାସ ତା ୬ରିଖ ଶୁକ୍ରବାର ବେଳ ତୃତୀୟପ୍ରହର ଉତ୍ତୀର୍ଣ୍ଣସମୟରେ ବାବୁ ଗୌରୀଶଙ୍କ-ରୋପାଧ୍ୟାୟ ସଂସାରଯାତ୍ରା ସମାପନକରି ଦିବ୍ୟ-ସ୍ଥାନକୁ ଗମନକଲେ । ଦଶଦିନ ପୂର୍ବରୁ ତାହାଙ୍କୁ ସାମାନ୍ୟ ଜ୍ୱରରୋଗ ଆକ୍ରାନ୍ତ କରିଥିଲା କ୍ରମେ ରୋଗ ଏତେ ପ୍ରବଳ ହୋଇଉଠିଲା ଯେ କୌଣସି ଚିକିତ୍ସା କାର୍ଯ୍ୟକର ହେଲା ନାହିଁ । ଅଦୃଷ୍ଟରେ ଯାହା ଥିବାର ଥିଲା ତାହା ଘଟିଲା ।

ଅମ୍ଭେମାନେ ଏ ଶୋକସମ୍ବାଦ ଲେଖିବା-ରେ ପାଠକମାନେ ପଚାରିପାରନ୍ତି ଯେ ଏ ମୃତ-ବ୍ୟକ୍ତି କିଏ ଥିଲେ ଓ କାହିଁକି ଅବା ତାହାଙ୍କ ସମ୍ବାଦ ଅମ୍ଭେମାନେ ଲେଖିଲୁଁ ସେଥିର ଉତ୍ତର ଏହି ଯେ ଗୌରୀଶଙ୍କର ଗୁଣ ବର୍ଣ୍ଣନ ଅମ୍ଭମାନଙ୍କର କୌଣସି ପ୍ରଥମକାର୍ଯ୍ୟ ଓ ଅମ୍ଭେମାନେ ପୂର୍ବ ଏକ ଉଦାହରଣରେ ଦର୍ଶାଇଅଛୁଁ ଯେ ମହତ୍ତ୍ୱ ଧନ କିମ୍ବା ସାମାଜିକ ମର୍ଯ୍ୟାଦାର ଅପେକ୍ଷା କରେ ନାହିଁ ଯେବ୍ୟକ୍ତି ସଦଗୁଣରେ ଭୂଷିତ ସେହି ମହତ୍ । ଗୌରୀଶଙ୍କବାବୁ ସାମାନ୍ୟ ଅବ-ସ୍ଥାପନ୍ନ ବ୍ୟକ୍ତି ଥିଲେ ହେଁ ତାଙ୍କ ନୂତନ ଶାରୀରିକ ମୂର୍ତ୍ତିର ଭାଗ୍ୟଥିଲା ତାହାଙ୍କ ସ୍ୱଭାବ ଗୁଣହିଁ ତାହାଙ୍କୁ ଆଦରଣୀୟ କରେ । କଟକର ସ୍କୁଲମଣ୍ଡଳୀରେ ଗୌରୀଶଙ୍କରଙ୍କୁ ଅପ-ରିଚିତ ନ ଥିଲେ ଇହାର ପ୍ରମାଣ ଏହି ଯେ ତାହାଙ୍କ ପରଲୋକ ଗମନରେ ସମସ୍ତେ ଅକୃତ୍ରିମ ଦୁଃଖ ପ୍ରକାଶ କରୁଅଛନ୍ତି । ଅପରସ୍ଥାନବାସୀଙ୍କୁ ଏତଦ୍ଦ୍ୱାରା ପରଲସ୍ତୁ ଦେଖାଇ ଯଥେଷ୍ଟ ଯେ ଦେଶବ୍ୟବହାରାନୁଯାୟୀ ସାମାନ୍ୟ ଉତ୍କଳ ଓ ପାରସୀବିଦ୍ୟା ଲାଭକରି ପୁଲିସବିଭାଗର କାଟିଂ କମିସ୍ନରଙ୍କ କଚେରୀରେ ମାସିକ ୫ ୮ ଟଙ୍କା ବେତନର ମୋହରିରୀ କାର୍ଯ୍ୟ କରିଥିଲେ କିନ୍ତୁ ଧନ ଓ ବିଦ୍ୟାର ଯେଉଁ ଫଳର ପ୍ରତ୍ୟାଶା ହୁଏ ସେଥିରୁ ସେ ବଞ୍ଚିତ ନ ଥିଲେ ଧନଶାଳୀ-ଙ୍କଠାରୁ ଯେ ତାହାଙ୍କ ଅଂଶରୁ ଦେଖାଯାଇ ନାହିଁ କିମ୍ବା ସୁଶିକ୍ଷିତ ହେଲେ ଯେ ତାହାଙ୍କ ସନ୍ତୋଷ କିମ୍ବା ଜୀବନର କାର୍ଯ୍ୟ କରିବାର ଦେଖାଯାଇ ନାହିଁ । ଯାହାଙ୍କର ବିଦ୍ୟା ଓ ଧନ କିଛିରେ ଅଛି ସେମାନେ ସଚ୍ଚରିତ୍ର ହେବାରେ କିଛି ବାଧା ଦେଖା ନ ଯାଏ । କିନ୍ତୁ ସାମାନ୍ୟ-ଅବସ୍ଥାର ଲୋକ ସର୍ବଦା ସନ୍ତୋଷ ଅବଲମ୍ବନ ଓ ଲୋଭ ପରିତ୍ୟାଗ କରି ଏକ କାର୍ଯ୍ୟକୁ ମାତ୍ର ଅନ୍ୟାଯ୍ୟ ଧନ ଗ୍ରହଣ ନ କରିବା କିମ୍ବା କଠୋରତାରେ ଅନ୍ୟ ବ୍ୟବହାର ନ କରିବା ଅତ୍ୟନ୍ତ ପ୍ରଶଂସନୀୟ ଅଟେ ଓ ଏରୂପ ଲୋକ କେତେଜଣ ସଂସାରରେ ଅଛନ୍ତି ଯେବ୍ୟକ୍ତି ଧୀରେ ବିଚାର କରିବ ସେ ଗୌରୀଶଙ୍କବାବୁଙ୍କର ଗୁଣକୀର୍ତ୍ତନରେ ପରମାନନ୍ଦ ଲାଭ କରିବ ସନ୍ଦେହ ନାହିଁ । ତାହାଙ୍କର ଉଦାରସ୍ୱଭାବ ଓ ସଚ୍ଚରିତ୍ର ଦେଖି କଟକପ୍ରିଣ୍ଟିଂ କୋମ୍ପାନିର ଡିରେକ୍ଟରମାନେ ତାହାଙ୍କୁ କୋମ୍ପାନିର ଧନରକ୍ଷକପଦରେ ନିଯୁକ୍ତ କରିଥିଲେ ଓ ସେଥିରେ କୋମ୍ପାନିର କେତେ ଉପ-କାର ହୋଇଅଛି ବର୍ଣ୍ଣନା ହୋଇ ନ ପାରେ ସେ ଅବୈତନିକ କର୍ମଚାରୀ ହୋଇ ଯେମନ୍ତ କାର୍ଯ୍ୟ କରିଥିଲେ ତାହାକୁ ବେତନ ଦେଲେ ମଧ୍ୟ ସେପ୍ରକାର ହେବାର ଅଳ୍ପ ସମ୍ଭାବନା । ପ୍ରତିଦିନ ସକାଳଠାରୁ ସାଂସାରିକ ଓ ସନ୍ଧ୍ୟାଠାରୁ ରାତି ୯ଟା ପର୍ଯ୍ୟନ୍ତ ତାହାଙ୍କୁ ଯନ୍ତ୍ରାଳୟରେ ବସି କାର୍ଯ୍ୟ କରିବାର ଦେଖାଯାଇଅଛି ଓ ରବିବାର ବା କଚେରୀ ବନ୍ଦ ହେଲେ ତାହାଙ୍କ ପରିଶ୍ରମ ବୃଦ୍ଧି ହେଉଥିଲା ନଚେତ୍ ଅବକାଶ କାହାକୁ କହନ୍ତି ସେ ଜାଣି ନ ଥିଲେ । କୋମ୍ପାନିର ଯନ୍ତ୍ରାଳୟ ଗୃହ ତାହାଙ୍କର କୀର୍ତ୍ତିସ୍ମୃତିସ୍ୱରୂପ ଅଟଇ ଏଘର ନିର୍ମାଣ ଆରମ୍ଭଠାରୁ ଅବଧି ଯେତେ କାର୍ଯ୍ୟ ହୋଇଅଛି ତାହା ସମସ୍ତ ତାହାଙ୍କର ଏକାକୀପରିଶ୍ରମ ଓ ତତ୍ତ୍ୱାବଧାନରେ ହୋଇଅଛି ବାଣୀପୀଠ ମଣ୍ଡଳ ଉଦ୍ଦେଶ୍ୟରେ ଯନ୍ତ୍ରାଳୟ ସ୍ଥାପନ ହୋଇଅଛି ଏହି ବିଶ୍ୱାସ ବିଶେଷରୂପେ ତାହାଙ୍କ-ହୃଦୟରେ ବଦ୍ଧମୂଳ ଥିବାରୁ ସେ ପରିଶ୍ରମ ଓ କ୍ଲେଶକୁ ତୁଚ୍ଛ ମଣି ସର୍ବଦା ହୃଷ୍ଟଚିତ୍ତରେ ଥିଲେ । କିନ୍ତୁ କି ଦୁଃଖର ବିଷୟ ଯେ କୋମ୍ପାନିର ଗୃହନିର୍ମାଣ ସମ୍ପୂର୍ଣ୍ଣ ହେବାର ମଧ୍ୟ ଦେଖିଲେ ନାହିଁ ତଥାପି ସେ କୋମ୍ପାନିର କେତେ-ବଡ଼ ଉପକାରୀ ଥିଲେ ତାହା ଚିନ୍ତା କରି ହେଉଥିଲେ ଅମ୍ଭେ-ମାନେ ବର୍ଣ୍ଣନା କରିବାକୁ ଅସମର୍ଥ ।

ଅପରାପରକର୍ମ ଓ ପାରିବାରିକ ବ୍ୟକ୍ତିଙ୍କ-ଠାରେ ଗୌରୀଶଙ୍କବାବୁ ଯେପ୍ରକାର ସରଳହୃଦୟ ପ୍ରକାଶ କରିଥିଲେ ତାହା କି ସହଜରେ ବିସ୍ମରଣ ହେବ ? ସେ କୋମ୍ପାନିର ଧନରକ୍ଷକ ଥିଲେ ସତ୍ୟ ମାତ୍ର କାର୍ଯ୍ୟତଃ ଅନେକଙ୍କର ଧନରକ୍ଷକ ଥିଲେ ଓ ସେମାନଙ୍କର ଦେଣା ପାଉଣା ଦ୍ୱାରା

ଏମନ୍ତ ଦୁଃଖରୂପେ ଘଟାଇ କରୁଥିଲେ ଯେ ସମସ୍ତେ ନିଜେ ନିଜଠାରୁ ଅଧିକ ଜ୍ଞାନ କରନ୍ତି ସୁଧାମାର କର୍ମସୁଦ୍ଧି ନଥାନ୍ତା ତହିଁର ପେ- ଶୁଣ ଦେଖ ଓ ପଦ୍ୟ ଥିଲା ଏମନ୍ତ ଅନେକ ମୂଳବଚନରେ ଦେଖାଯାଇଅଛି ।

ହାୟ ! ଏପରି ସରଳହୃଦୟ ସଚ୍ଚରିତ୍ର ସତ- ସ୍ୱଭାବ ବ୍ୟକ୍ତିରୁ ଜନ୍ମିବା କେତେଦୂର ଦୁଃଖର ବିଷୟ ଓ ସେମାନଙ୍କର ସଞ୍ଚ ପର୍ଯ୍ୟନ୍ତ ନ ଭୋଗିବାକୁ ଅନାଦ ଓ ସୁଖଶାନ୍ତି କର୍ଯ୍ୟ ନୁହଇ ? କିନ୍ତୁ ପରମେଶ୍ୱରଙ୍କର ଇଚ୍ଛା ଏମନ୍ତ ଯେ ଯେବ୍ୟକ୍ତି ଅଦ୍ଭୁତ ପରାକ୍ରମ ପରିଶ୍ରମ କରି ଉପକାର କରିବାରେ ବ୍ୟସ୍ତ ତାହାର କ୍ଷୁଦ୍ରମ- ନଷ୍ଟର୍ଥେ କେହ ନାହିଁ ! ଯୁଦ୍ଧରେ ବିଧବା ସ୍ତ୍ରୀ ଓ ବହୁସନ୍ତାନ ଶିଶୁଙ୍କୁ ଅତ୍ୟନ୍ତ ଅନାଥ କରି ସେ ପରଲୋକ ପ୍ରାପ୍ତ ହେଲେ ! ପରମେଶ୍ୱର କେମନ୍ତ ବଡ଼ଯୋଗରେ ପୃଥିବୀର ଚିନ୍ତା କରୁଅଛନ୍ତି ତାହା ମନୁଷ୍ୟର ସାମାନ୍ୟ ବୁଦ୍ଧିର ଅଗମ୍ୟ ଅତଏବ ସେ ଚମତ୍କାର କ୍ଷାନ୍ତ ରହିଲୁଁ ।

---

## ଦୁର୍ଗୋତ୍ସବ ପର୍ବ ।

ବଙ୍ଗପ୍ରଦେଶର ସକଳ ପର୍ବ ମଧ୍ୟରେ ଦୁର୍ଗୋ- ତ୍ସବ ପ୍ରଧାନ ଅଟଇ । ବଙ୍ଗଳାରେ ଏପର୍ବ ଅତିସମାରୋହରେ ପ୍ରଚଳିତ ହୁଅଇ ଓ ଉତ୍କଳରେ ଯଦ୍ୟପି ବଙ୍ଗଳା ପରି ପ୍ରଚଳିତ ନ ଥିବାରୁ କେତେ ସ୍ଥଳୀୟମାନେ ମୂର୍ତ୍ତିଦେବୀ ନିର୍ମାଣ କରି ପୂଜା ନ କରିବାରୁ ଏଥିର ଭେଦ ଦୃଷ୍ଟାନ୍ତ ନାହିଁ ତଥାପି ଏଠାରେ ଏପର୍ବ ଯେଉଁପରି ରକ୍ଷା ହୁଅଇ ତାହା ଅନ୍ୟ- ପର୍ବାପେକ୍ଷା ଉତ୍କୃଷ୍ଟ ଅଟେ । ଏଠାରେ ବାସ- କରୁଥିବା ବଙ୍ଗାଳିମାନେ ମୂର୍ତ୍ତିଦେବୀ ପୂଜା- କରନ୍ତି ଓ ଉତ୍କଳୀୟମାନେ ଘଟପୂଜା ଓ ଛାମ- ଦେବୀଙ୍କ ଅର୍ଚ୍ଚନା କରି ପର୍ବ ରକ୍ଷା କରନ୍ତି । ଦେଶୀୟ ସେନ ପରେ କୁମାରପୂର୍ଣ୍ଣିମା ଏଦେଶର ବହୁ ଅଦଭୀୟ ପର୍ବ ଏଦିନ ଅନେକ ଉତ୍ସବ ହୁଅଇ । ଏ ପର୍ବର ମହତ୍ୱ ଦେଖି ବର୍ତ୍ତମାନ ଇଂରେଜଗବର୍ଣ୍ଣମେଣ୍ଟ ନେମ୍ତ ଦେଇଛି କର୍ଯ୍ୟା- ଳୟମାନ କେତେକ ଦିନ ବାରଣ ବନ୍ଦ କରନ୍ତି । ଏଥିରେ ଯେ କେତେ ଉପକାର ହୁଅଇ ତାହା ଅନିର୍ବଚନୀୟ ବିଶେଷରେ ଦୂରାପର ପ୍ରଥା ଅଛି ଯେ ଦୁର୍ଗୋତ୍ସବ ସମୟରେ ସମସ୍ତେ ଆପଣା ବନ୍ଧୁକୁଟୁମ୍ବ ସଙ୍ଗେ ସାକ୍ଷାତ କରି ଗ୍ରାମ ସ୍ଥାନନ କରନ୍ତି ଓ ଏହି ହେତୁରୁ ବନ୍ଧୁ- ବର୍ଗଙ୍କର ଦୁଃଖ ଲୋକେ ଆପଣା ପରକୁ ଦୂର- କରିବା ଜନ୍ୟ ଅସ୍ତୁ । ଦୁଃଖର ବିଷୟ ଯେ ଅନେକ କେବଳ ଏପର୍ବର ମହତ୍ୱକୁ ବିବେଚନା କରି ନାନାଦିନ ବାରଣରୁ ଏ ପର୍ବରେ ଯେଉଁ ଛୁଟି ହୁଅଇ ତାହାକୁ ସମସ୍ତାନ୍ତରେ ଦେବାର ପ୍ରସ୍ତାବ କରନ୍ତି । ଉତ୍କଳଭୂଷ ନାମକ ସମ୍ବାଦ- ପତ୍ରରେ ଏ ବିଷୟରେ ଦୁଇ ତିନି ରଚନା ପ୍ରକାଶ ହୋଇଥିଲା । ତଦ୍ଧି ସମ୍ବାଦପତ୍ରରେ ଯେଉଁ ବାଣିଜ୍ୟ ବଜାରର ଗାଇର କଥା ଲେଖନ୍ତି ସେ ଦୁର୍ଗୋତ୍ସବ ସମୟରେ ବାଣିଜ୍ୟ ସ୍ଥଗିତ ହେବାର ଦେଖି ଲେଖିଥିଲେ ଯେ ଏମନ୍ତ- କାଳରେ କର୍ଯ୍ୟ ବନ୍ଦ କରିବା ଅନୁଚିତ ଅଟଇ ଏବଂ ଉପଲକ୍ଷରେ ସମସ୍ତ ଦୋଠ ବନ୍ଦ ହେବାର ପ୍ରସ୍ତ ଦୁଇଗତିରୁ ଅଧିକ ତାହାଙ୍କ ସଦାଗର ଅନର୍ଥକ ବସିବାରୁ ମହାଜନମାନେ କ୍ଷତିକୁ ହେଲେ ଓ ଦୁଃଖର ତାହ ତର କ୍ଷତି ସମାନ୍ୟ ନୁହଇ । ଅତି କାଳ ଲୋକେ ଯେଉଁକାର ସର୍ଭିନ ବିଷୟରେ ବସ୍ତ୍ର ଓ କମ୍ବଳ ଉପାର୍- ଜନ କରି ରହିଲେ ତେମ୍ପେ ନେଇ କରିବାରୁ ହୁଅଇ ସେଥିରେ ଦାନ ନ ଦେଲ ଉପାୟ ନ କଲେ ବସ୍ତ୍ର ସରିଗଲେ କେବଳ ତେମ୍ପେ ହେବାର ସମ୍ଭାବନା ଏହି ବେଦୁନ ନଙ୍କର ଭଲ୍- ଲେଖକ ଏ ପର୍ବରେ ଏତେ ଦିନ ଅବକାଶ ଦେବା ଉଚିତ ବିବେଚନା କରନ୍ତି । ପଦ୍ଧାର ଶୈକ୍ଷିକ ଏମନ୍ତ ପକ୍ଷ ହେଇ କହୁଅଛନ୍ତି ଯେ, ଏ ଛୁଟିରୁ ତେତିଶ ଦିନରେ ବେଲ ଅନେକ ମଙ୍ଗଳ ହୁଅନ୍ତା କାଳରେ ଏଥିରୁ କୌଣସି ଫଳ ହୁଅଇ ନାହିଁ । କାରଣ ବୃଷ୍ଟି ଶେଷ ହୋଇ ନ ଥିବା ଓ ପଥ ଘାଟ ଶୁଷ୍କ ନ ଥିବାରୁ ଭ୍ରମଣେଚ୍ଛାରେ ଯେଉଁମାନେ ଦେଶ- କୁ ଗମନ କରନ୍ତି ତାହାଙ୍କର କ୍ଲେଶ ହୁଅଇ ଓ ଅଧିକ ଲୋକ ଏ ପ୍ରତିବନ୍ଧକ ହେତୁ ଯାଇ ପାରନ୍ତି ନାହିଁ । ପରେ କହେ ଯେ ଖୋଲ କୌଣ୍ଡିନ୍ୟ ଗୋତ୍ର ଓ ଶିକ୍ଷକ ବଳ ପାଠନ ଉଦ୍ୟେ ଅର୍ଥର ମଧ୍ୟ ଦୂରତା ହୁଅଇ ନାହିଁ । ଏକତ ରୋଗର ପ୍ରକୋପ କାରଣ ଜ୍ୱରାଦି ବୃଦ୍ଧି ହେତୁରୁ ଭୂମି ଶୁଷ୍କ ଥିବାରୁ ପଲ୍ଲୀରେ ଶୀତ ବୃଦ୍ଧି ଶରୀର କ୍ଷୀଣତା ଦୂର ହୋଇ ନ ପାରେ ପ୍ରକୃତି ଅବଶ୍ୟ ସମୟରେ ଯେଉଁ ଦୁଃଖ ବି- ସ୍ତାର ଅଛି ତାହା ନେଲେ ଅତ୍ୟନ୍ତ ଆବଶ୍ୟକ କରନ୍ତି ଓ କରିବାର ଉଚିତ ଅର୍ଥରୁ ଭ୍ରମଣ ଓ ଦେଶ- ମୁକ୍ତି କ୍ରୀଡା ଏ ବିଷୟରେ ବାରମ୍ବାର ଜନ୍ମିବାର ଛୁଟିର ଫଳ ଲାଭ ହୁଅଇ ନାହିଁ । ଏତଦ୍ଭିନ୍ନ ପରୀକ୍ଷା ଦିଆଯିବାର ସମୟରେ ଯଦ୍ୟପି ଏପର୍ବ ପଡ଼େ ତେବେ ପୂର୍ବ ବଳୋବସ୍ତ ହେଲେ ଶିକ୍ଷକ ଓ ଛାତ୍ରମାନେ ଉଭୟ ପ୍ରକାରରେ ଅସୁବିଧା ଭୋଗ କରନ୍ତି । ଛାତ୍ରମାନେ ଧର୍ମବିଷୟରେ ଅପତ୍ତି କରିବେ କିନ୍ତୁ ତାହା ଯଥାର୍ଥ ନୁହଇ । କାରଣ ଧର୍ମ- ବିଷୟରେ କେବଳ ଗୋଟିଏ ଦିନ ପ୍ରୟୋଜନ ଓ କେବଳ ଲୋକେ ପର୍ବକୁ ଦିନ ଦିନ ଅଧିକ- ତର ଅବକାଶ ଲୋଡ଼ନ୍ତି । ଏ ଅଙ୍ଗୀ ସମୟା- ନ୍ତରରେ ଦୂର ହେବାର କଷ୍ଟ ଅଟନ୍ତି ନାହିଁ ବରଂ ବିଶେଷ ଲାଭର ସମ୍ଭାବନା ।

ଏହିରୂପେ କେତେ ଜାଗାର ପଣ୍ଡିତ ଓ ବଡ଼ବଡ଼- ସ୍ଥ ଲୋକେ ଏ ପର୍ବର ଦୂରେ ସ୍ଥାପନ କରିବାକୁ ଚେଷ୍ଟା କରୁଅଛନ୍ତି । ଆମ୍ଭେମାନେ ଯେ ଏ- ମାନଙ୍କର ମତ ସଂକଳ୍ପ ତାହା ଲେଖକର କାର୍ଯ୍ୟ ଅଟେ । ଧର୍ମବିଷୟରେ ଆମ୍ଭେମାନେ ଏ ପର୍ବର ଯୋଗ୍ୟତା କରିବାକୁ ଯିବୁଁ ନାହିଁ କାରଣ ଧର୍ମର ତର୍କ କରିବାର ଆମ୍ଭମାନଙ୍କର କର୍ଯ୍ୟ ନୁହଇ କିନ୍ତୁ ଆମ୍ଭେମାନେ ସାମାଜିକ ନିୟମ ବିବେଚନାରେ ଏ ପର୍ବର ଶ୍ରେଷ୍ଠତ୍ୱ ପୋଷକତା କରୁଁ ଓ ଆମ୍ଭମାନଙ୍କର ଏହାହିଁ ମନ୍ତବ୍ୟ ଯେ କୌଣସି ଅଂଶରେ ଏ ପର୍ବ ରକ୍ଷାର ନିୟମ ପରିବର୍ତ୍ତନ ହେଲେ ଉତ୍କଳୀୟ- ର ଏ ପର୍ବର ସମସ୍ତ ନିୟମ ଲୋପ ପାଇବ । ବୁଦ୍ଧିମାନ ଲୋକଙ୍କୁ ଏହି କଥା ଜାଣିବା ଉଚିତ ସେମାନେ ଆପଣା ବିବେଚନାନୁସାରେ ଏକ- ସମୟର ସାମାଜିକ ବ୍ୟବହାରମାନ ଅନ୍ୟ ସମୟ- ରେ ରକ୍ଷା କରି ସ୍ଥାନାନ୍ତର କରାଇବାକୁ କିନ୍ତୁ ଭୂମିମାନଙ୍କ ଲୋକଙ୍କ ଏବଂ ଅଜ୍ଞ ଓ ଅଳ୍ପ ଓ ଅଧି- କାଂଶ ଲୋକ ବାଧ୍ୟତାରେ ତାହାକୁ ଅବଲମ୍ବନ କରି କର୍ଯ୍ୟ କରନ୍ତି । ଯେବେ ଏହାର କୌଣସି ଭାଗ ପ୍ରଚଳିତ ରୀତିର ନିୟମ ଓ ଅନ୍ୟଥା ଦେଖା- ଯାଏ ତେବେ ସେଥିରେ ଅଶ୍ରଦ୍ଧା ଜନ୍ମି କ୍ରମେ ତାହା ଲୋପକୁ ପ୍ରାପ୍ତ ହୁଅଇ ବୃଦ୍ଧଲୋକଙ୍କର ଯେ- ମନ୍ତ ମାନ୍ୟ ପୁରାତନ ନିୟମର ମଧ୍ୟ ସେହିପରି ମାନ୍ୟ କରି ଅନୁରୂପ ନିୟମ ଯେତେ ପ୍ରସ୍ତୁତ ହୁଅଇ ତେତେ ନୂତନ ଏପ୍ରକାର ବିଷୟରୁ ଯେବେ ନୂତନ ପଦ୍ଧତି ଯାହା ବର୍ଷବର୍ଷ ପରି- ବର୍ତ୍ତିତ ହୁଏ ଯାଏ ତେବେ ତାହାର କେଉଁ ମହତ୍ତ୍ୱ ରହିବାର ସମ୍ଭାବନା ଅତଏବ ଆମ୍ଭେ- ମାନେ ବିଚାର କରୁଁ ଯେ କୌଣସି ପର୍ବ ବିଷୟ- ରେ ହସ୍ତକ୍ଷେପଣ କରିବା କାଳରେ ଅତି ସତର୍କ ସହ ରକ୍ଷା କରିବା ଉଚିତ ବିବେ- ଚନା କରିବା କର୍ତ୍ତବ୍ୟ ଯେବେ ଉଚିତ ହୁଅଇ

ତେବେ ତାହାର କୌଣସି ଅଂଶ ବଦଳାଇବା କର୍ତ୍ତବ୍ୟ ନୁହଇ ।

ଲୋକଙ୍କ ସୁବିଧା ନିମନ୍ତେ ଉତ୍ତମ ଉଲେ ମଧ୍ୟ ଶତାବ୍ଦୀରେ ଅବକାଶ ଦେବା ଅତ୍ୟନ୍ତ ଯୁକ୍ତିଯୁକ୍ତ ଅଟଇ । ଏ ଦେଶ କୃଷିପ୍ରଧାନ ଦେଶ ଅଟଇ ଓ କୃଷିକାର୍ଯ୍ୟ ଏ କାଳରେ ଉନ୍ନତ ଥାଏ ଏବଂ ଦେଶର ଲୋକେ ଅପରାପର ଅସି କୃଷି ଓ ଜମିଦାରୀ କର୍ମ ବୃଦ୍ଧିକୁ ଲକ୍ଷ୍ୟ କରନ୍ତି । ଗ୍ରୀଷ୍ମକାଳରେ ଥାନା ଇତ୍ୟାଦି ନାନା କାର୍ଯ୍ୟରେ କୃଷିଲୋକଙ୍କୁ ବ୍ୟସ୍ତ ରହିବାକୁ ହୁଅଇ ଏହିରୂପ ଆହୁରି ମଧ୍ୟ ଅନେକ କାରଣ ଅଛି ।

---

ଭାରତବର୍ଷର ଅପବ୍ୟୟ ।

ଅସ୍ମମାନଙ୍କ ବର୍ତ୍ତମାନ ଗବର୍ଣ୍ଣରଜେନେରଲ ଲର୍ଡ଼ଲିଟନ ଭାରତବର୍ଷର ଅପବ୍ୟୟର ସମସ୍ତ ରକ୍ଷାକରିବା ନିମନ୍ତେ ଯେପରି ମନୋଯୋଗୀ ହୋଇଅଛନ୍ତି ସେଥିରୁ ବୋଧ ହୁଏ ଯେ ସମ୍ପ୍ରତି ଯେସକଳ ଅପବ୍ୟୟ ହେଉଅଛି ତାହା ଅଳ୍ପକାଳରେ ନିବାରିତ ହେବ ଏବଂ ରାଜ୍ୟ ଦୃଢ଼ତର ଅଧିକନ୍ତୁ କର ଦେବାର ଆବଶ୍ୟକ ହେବ ନାହିଁ ଲର୍ଡ଼ଲିଟନଙ୍କ ଯତ୍ନରେ ଯେବେ ଏ ବୃହତ୍କାର୍ଯ୍ୟ ସାଧନ ହୋଇପାରେ ତେବେ ତାହାଙ୍କ ନାମ ଭାରତବର୍ଷରେ ଚିରସ୍ମରଣୀୟ ହେବ । ଆୟ ଅପେକ୍ଷା ବ୍ୟୟ ଅଧିକ କରିବାର କୌଣସି ଲୋକ ପକ୍ଷରେ ଉଚିତ ନୁହେ ଓ ଗବର୍ଣ୍ଣମେଣ୍ଟରେ ରାଜାଙ୍କୁ ମଧ୍ୟ ସେହି ନିୟମ ପ୍ରତିପାଳନ କରିବାର ଉଚିତ ତେବେ ଦେବାକୁ କୌଣସି ଅନିବାର୍ଯ୍ୟ ଘଟଣାର ଘଟନା ଉପସ୍ଥିତ ହେଲେ ସେଥିର ଆବଶ୍ୟକ ବ୍ୟୟ ନିର୍ବାହ ନିମନ୍ତେ ଋଣ କର୍ମ୍ମ ଅଗତ୍ୟା କର ସଞ୍ଚୟ ପ୍ରଭୃତି ଉପାୟ ହେଲେ ସେଥିରେ କେହି ଆପତ୍ତି କରିପାରେ ନାହିଁ । ଲର୍ଡ଼ଲିଟନ ଭାରତବର୍ଷର ଗବର୍ଣ୍ଣର ଜେନେରେଲ ପଦ ଗ୍ରହଣ କଲା ଅବଧି ଉପର୍ଯ୍ୟୁକ୍ତ ନିୟମ ପ୍ରତିପାଳନ କରିବା ନିମନ୍ତେ ଦୃଢ଼ପ୍ରତିଜ୍ଞ ହୋଇଅଛନ୍ତି ଏବଂ ଦିନକୁ ଦିନ ତାହାଙ୍କର ଏହି ପ୍ରତିଜ୍ଞା କାର୍ଯ୍ୟରେ ପରିଣତ ହେବାର ପ୍ରମାଣମାନ ଦୃଶ୍ୟ ହେଉଅଛି ଗଲାବର୍ଷର ଆୟ ଓ ବ୍ୟୟ ଯେତେ ହେବାର ଅନୁମାନ କରାଯାଇଥିଲା ତଦପେକ୍ଷା ବାସ୍ତବରେ ଆୟ ନ୍ୟୁନ ଓ ବ୍ୟୟ ଅଧିକ ହେବାରୁ ବର୍ଷଶେଷରେ ପ୍ରାୟ ୨ କ୍ରୋଡ଼ ଅନାଟନ ହେବାର ସ୍ଥିର ହୋଇଥିଲା ଏହି ଅନାଟନ ପୂର୍ଣ୍ଣ କରିବା ନିମିତ୍ତ ଭାରତବର୍ଷୀୟ ଉପାୟମାନ ଲକ୍ଷ୍ୟ ହୋଇଅଛି ପ୍ରଥମ ସାମରିକ ବିଭାଗରେ ଏବର୍ଷ ପାଞ୍ଚକୋଟି ଟଙ୍କା ବ୍ୟୟ ହେବାର ମଞ୍ଜୁର ହୋଇଥିଲା ସେଥିରୁ ପାଞ୍ଚଅଣା ଅଂଶ କର୍ତ୍ତନ ହେବ କର୍ମଚାରୀଙ୍କ ବେତନରୁ ୫୨୦୦୦୦ ଟଙ୍କା ମାତ୍ର ଯେଉଁ କର୍ମମାନ ହେବାର ଥିଲା ସେଥିରୁ ଊଣା କରିବାକୁ ହେବ । ଇରିଗେସନ ଅଥବା ରେଲୱେ କର୍ମ ସକାଶେ ଯେତେ ଟଙ୍କା ମଞ୍ଜୁର ହୋଇଅଛି ତାହା ସେହିପରି ରହିବ । ଏ ହୁକୁମ ସମସ୍ତ ପ୍ରଦେଶମାନଙ୍କରେ ଜାରି ହେଉ ତଦନୁସାର କାର୍ଯ୍ୟ ଆରମ୍ଭ ହେଲାଣି । ଏ ପ୍ରକାର ବ୍ୟୟ କର୍ତ୍ତନ ହୋଇ ଯାହା ରହିଲା ଆଗାମୀ ବର୍ଷମାନଙ୍କରେ ତଦପେକ୍ଷା ଅଧିକ ବ୍ୟୟ ହେବ ନାହିଁ ।

ଦ୍ୱିତୀୟ ନୂତନ ନିୟମରେ ଡେପୁଟି ଇନସ୍ପେକ୍ଟର ଜେନେରେଲ କର୍ମ ରହିତ ଅନାବଶ୍ୟକ ଥିବାରୁ ସେକର୍ମ ଉଠିଯିବ ଏବଂ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟମାନଙ୍କ ଦ୍ୱାରା କୌଣସି ବିଶେଷ ଉପକାର ହେଉ ନ ଥିବାରୁ କେବଳ ଯେତେଜଣ ଉନ୍ନତିକୁ ସୁପରିଣ୍ଟେଣ୍ଡେଣ୍ଟ ପଦ ପାଇବାର ଉପଯୁକ୍ତ ହେବାନିମିତ୍ତ କର୍ମ ଶିକ୍ଷା କରିବାନିମିତ୍ତ ଆବଶ୍ୟକ ସେତେଜଣ ରହିବେ ସେ ପଦ ଶୂନ୍ୟ ହେବ ଓ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟମାନେ ଯେଉଁ କର୍ମ କରୁଥିଲେ ତାହା ଇନସ୍ପେକ୍ଟରଙ୍କ ଦ୍ୱାରା ନିର୍ବାହ ହେବ ଏତଦ୍ଦ୍ୱାରା ସରକାରର ଅନେକ ଟଙ୍କା ବଞ୍ଚିବ । କର୍ମଚାରୀମାନଙ୍କ ମଧ୍ୟରୁ ଯେଉଁମାନେ ପେନସନ ନେବାକୁ ଯୋଗ୍ୟ ସେମାନେ ସ୍ୱେଚ୍ଛାପୂର୍ବକ ପଦ ତ୍ୟାଗ କରିବେ ଓ ଅନ୍ୟମାନଙ୍କ ସକାଶ ସେମାନଙ୍କ ଉପଯୁକ୍ତ ପଦ ଶୂନ୍ୟ ହେଲେ ମଧ୍ୟରେ ପ୍ରଥମେ ସେମାନଙ୍କୁ ଦିଆଯିବ ।

ତୃତୀୟ ମାନ୍ଦ୍ରାଜ ଓ ବମ୍ବେଇ ଇଲାକାରେ ଲବଣ କର ବୃଦ୍ଧି ହେଉ ପୂର୍ବେ ୫୧୲ ଟଙ୍କା ଥିଲା ବର୍ତ୍ତମାନ ୫୧୲୵ ଟଙ୍କା ହେବ ଏବଂ ଲବଣ ପ୍ରସ୍ତୁତ କରିବାର ଖର୍ଚ୍ଚ ସହିତ ୫୨ଟଙ୍କା ମୂଲ୍ୟରେ ବିକ୍ରି ହେବ ।

ଚତୁର୍ଥ ଇନକମଟାକ୍ସ ଦଣ୍ଡି । ଏବର୍ଷ ଲୋକମାନଙ୍କ ଆୟ ଉପରେ ଯେତେ ଟଙ୍କା କର୍ଦ୍ଧାର୍ଯ୍ୟ ହୋଇଅଛି ସେଥିରେ ଦେଖା ଯାଉଅଛି ।

ଏ ଉପାୟମାନଙ୍କ ମଧ୍ୟରୁ ଅସ୍ମମାନଙ୍କ ଜାଣିବାରେ ପ୍ରଥମ ତିନି ଉତ୍ତମ ଅଟେ ଏବଂ ଗବର୍ଣ୍ଣମେଣ୍ଟର ଯେପରି ବ୍ୟୟ ଏବଂ ବୃଦ୍ଧି ଶାସନର ରୀତି ଦେଖା ଯାଉଅଛି ତହିଁରୁ ଜଣାଯାଏ ଯେ ଆଉ ଯେଉଁ ୨ ଇଲାକାରେ ଅନର୍ଥକ ବ୍ୟୟ ହେଉଅଛି ତାହା ଆଳମ୍ବରେ ସେ କର୍ତ୍ତନ କରିବେ ଓ ଏବର୍ଷ ମଧ୍ୟରେ ସେ ସମସ୍ତ ହୋଇ ନ ପାରିବାରୁ ବୋଧ ହୁଏ କାଣ୍ଡିଆ ହୋଇ ଶେଷ ଦୁଇଥିବାରୁ ଅବଲମ୍ବନ କଲେ । ଜନରବ ଶୁଣାଯାଉଅଛି ଯେ କଣ୍ଟ୍ରାକ୍ଟ ବେତନଭୋଗୀ ସମସ୍ତ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କ ବେତନ ହ୍ରାସ କରିବାର ମଧ୍ୟ ସ୍ଥିର ହୋଇଅଛି ଏବଂ ସେହି ଉଦ୍ଦେଶ୍ୟରେ ଗବର୍ଣ୍ଣରଜେନେରଲ, ଗବର୍ଣ୍ଣର ଲେଫ୍ଟନେଣ୍ଟ ଗବର୍ଣ୍ଣର, କାଉନସିଲର ମେମ୍ବର, ହାଇକୋର୍ଟର ଜଜ ପ୍ରଭୃତି ଯେଉଁମାନେ ମହାରାଣୀଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି ଓ ଯେଉଁମାନଙ୍କୁ ମାସିକ ବାହାଲି କରିବାର ଇଣ୍ଡିଆ ଗବର୍ଣ୍ଣମେଣ୍ଟର ଅଧିକାର ନାହିଁ ସେମାନଙ୍କର ବେତନ କର୍ତ୍ତନର ପ୍ରସ୍ତାବ ମଞ୍ଜୁର ନିମିତ୍ତ ବିଲାତକୁ ଯାଇଅଛି ତାହା ମଞ୍ଜୁର ହେଲେ ତାହାଙ୍କ ଅଧିକାରାଧୀନ କର୍ମଚାରୀମାନଙ୍କ ବେତନ କର୍ତ୍ତନ ପକ୍ଷରେ ଅଳ୍ପ ହେବ ।

ଏ ପ୍ରସ୍ତାବ ଲେଖା ହେଲାପରେ ତେଲିଗ୍ରାଫରେ ଅବଗତ ହେଲୁଁ ଯେ ବାରିକମାଷ୍ଟରରେ ବ୍ୟୟ ଊଣା ହେବାର କାର୍ଯ୍ୟ ଆରମ୍ଭ ହେଲାଣି । ଗଲାମାସ ତା ୧ ରିଖଠାରୁ ବର୍ତ୍ତମାନର ଜେନେରେଲଙ୍କର ବେତନ ଉଠିଗଲା ଓ ମାଲେରିଆର ବେତନ ଉଠି ଯାଇ ଟଙ୍କା ଉଜାଡ଼ଦ୍ୱାରା ସେଠାର କାର୍ଯ୍ୟ ହେବ । ପୋଷ୍ଟରେ ସବସ୍କ୍ରିପସନ ମଧ୍ୟ ଉଠିଗଲାଣି । ଶୁଣାଯାଏ ଯେ ଭାରତୀୟ ପ୍ରେସିଡେନ୍ସି ଉଭୟ ମଧ୍ୟ ଉଠିଯିବ । ଏଥିରେ ଶ୍ରୀଯୁକ୍ତ ଓବରହିୟର ସବଓଭରସିୟର ଓ କରଣୀ କର୍ମଚ୍ୟୁତ ହୋଇଅଛନ୍ତି ।

---

ଦୁଃସାହସୀ ଅମାବାସ୍ୟା ।

ଏ ବର୍ଷ ଏ ପରି ଅଦ୍ଭୁତ ଘଟଣା କେବେଁ କେବଳ ଏହାର ପୂର୍ବଦିନ ଦୁର୍ଭିକ୍ଷବଶତଃ ଗୋଟିଏ ଦୁର୍ଘଟନା ଘଟିଥିଲା ତେଲଙ୍ଗାବଜାରରେ ଏକ ବ୍ୟକ୍ତି ଅପଣା କୋଠାଉପରେ ବସି ଫଟକା ପକାଉଥିଲା କେତେ ଗୋଟିଏ ଫଟକା ନିକଟସ୍ଥ ଛପରଘରେ ପଡ଼ିବାରୁ ପ୍ରାୟ ଅଠରଗୋଟି ଘର ପୋଡ଼ିଗଲା । ଗାଁ ସମସ୍ତ ଥିବାରୁ ବୋଧ ହୁଅଇ କେହି ଅଗ୍ନି ନିବାଇବା ନିମିତ୍ତ ସମର୍ଥ ନ ହେଲେ । ଶୁଣିଲୁଁ ଯେ ପୁଲିସ ସେ ବ୍ୟକ୍ତିକୁ ଧରି ଚଲାନ କରିଅଛନ୍ତି । ବିଶେଷ ପରେ ଜଣାଯିବ । ଏହି ଦୁଃସାହସୀଙ୍କ

ପୂର୍ବସ ତର୍କ ଥ ଇଁ ଅମାବସ୍ୟା ଗୃହରେ ନଗର- ରକ୍ଷା କାର୍ଯ୍ୟ ଉତ୍ତମରୂପେ ଚଳାଇ ଛଲେ । ପୂର୍ବସ୍ଥ ପତ୍ରିକାମାନେ ଯେଉଁ କର୍ଷା ଓ ବଡ଼ାହର ଲସ୍ତ ଥିଲା । ତାହା ଈଶ୍ୱରଙ୍କ ଅନୁଗ୍ରହରୁ ଘଟି ନାହିଁ । ଅତଏବ ଆଶା ହେଉଅଛି ଯେ ଏଥର ଲଗ୍ନପଦରେ ଶସ୍ୟ ବହୁତ ହେବ । ଏ ବଡ଼ ଭୂଷିର ବିଷୟ ।

# ସାପ୍ତାହିକ ସଂବାଦ ।

ମହାମାନ୍ୟା ଶ୍ରୀଯୁକ୍ତା ଶ୍ରୀମତୀ ମହାରାଣୀ ଇଂଲଣ୍ଡେଶ୍ୱରୀଙ୍କର ଅନୁଗ୍ରହପୂର୍ବକ ଦତ୍ତ ଷ୍ଟାର ଅଫ ଇଣ୍ଡିଆ ପଦବୀ ଏବଂ ଉତ୍କଳର ପୂର୍ବସ୍ଥିତ ମର୍ମ- ଭ ମଣ୍ଡଳ ପଦକ ଲେ ପାଇବୁ ଦର ଶ୍ରୀ କୁଳେ ଚନ୍ଦ୍ରଶେଖର ମାନସିଂହ ଦେବ ରତ୍ନ ଦତ୍ତ ମର୍ଦ୍ଦରାଜ ଭ୍ରମରବର ରାୟଙ୍କୁ ପ୍ରଦାନ ହେବା ନିମନ୍ତେ ଚଳିତ ନବମ୍ବର ମାସ ତା ୧୬ ରଖ ମଙ୍ଗଳବାର ଦ ୧୧ ଘ ଟିକା ବେଳ ସାନ୍ଧ୍ୟପୁରେ ଠିକ ଦୁଇ ନାହିଁ ସମୟରେ ଓଡ଼ିଶା ଡିଭିଜନର କମିସନର ସାହେବ- ଙ୍କ ଦ୍ୱାରା ଦରବାର ହେବ ।

ହିନ୍ଦୁ ହିତୈଷିଣୀ ନାମକ ସମ୍ବାଦପତ୍ର ଉତ୍କଳ- ର ଲୁଣ ବନ୍ଦୋବସ୍ତ ବିଷୟରେ ଲେଖି ଅଛନ୍ତି ଯେ ସେହି ତଳା ଧାର ଉପରେ ଟାକ୍ସ ଧାର୍ଯ୍ୟ କରିବା ଅନ୍ୟାୟ ଅଟଇ ଏବଂ ଗର୍ଭମେଣ୍ଟଙ୍କୁ ପ୍ରତି ଲୋକେ ଦ୍ୱେଷ ଭାବ ଧାରଣ କରନ୍ତି ତାହା ହର୍ଷ ଇତ୍ୟା ଅତି ସ୍ପଷ୍ଟରେ ଲେଖିଅଛନ୍ତି ଯେ ବଡ଼ଲାଟଙ୍କ ଜଣେ ଅଫିସର ମଫସଲରେ ଭ୍ରମଣ କରିବା କାଳରେ ଏକ ହାଟ ବାଟରେ ଯାଉଥିଲେ ସେଠାରେ ଲୋକମାନେ ତାହାଙ୍କର ପିଅଦଙ୍କୁ ଧରି ଭତ୍ତ୍ୱରୂପେ ପ୍ରହାର କଲେ ଏବଂ ଯେ ଟଙ୍କା ଓ ବସନ୍ତ ଧନେ ଥିଲା ଛଡ଼ାଇ ନେଲେ । ଅଫିସର ଏହା ଦେଖି ଅପମାନ ଭୟରେ ସେ ଠାଏ ନାଇ ପଳାଇ- ଯାଇ ପଳାଇଥିଲେ । ତାଙ୍କ ପକ୍ଷର ଏମନ୍ତ ଅପରାଧ ହେବା ଶୋଚନୀୟ ଅଟଇ କିନ୍ତୁ ଏକ୍ଷଣରେ ଇନକମଟାକ୍ସ ପ୍ରତି ଲୋକଙ୍କର ଘୃଣା ଏହାଦ୍ୱାରା ପ୍ରମାଣ ହେଉଅଛି । ଯାହା ହେଉ ଉତ୍କଳରେ ଏମନ୍ତ ଦୁର୍ବୃତ୍ତ ପ୍ରଜା ନାହାନ୍ତି ତଥାପି ଅଫିସର- ମାନଙ୍କୁ ବହୁତ ସାବଧାନ ରହିବା କର୍ତ୍ତବ୍ୟ ।

ମେଦିନୀପୁରର ଜଣେ ସମ୍ବାଦଦାତା ଲେଖନ୍ତି ଯେ ବ ମୋଦା ବଡ଼ାଇ ଓ ନୃସିଂହପୁର ଛକ- ମାନ ଅତିଶୟ ବୃଷ୍ଟି ଓ ପ୍ରବଳ ଝଡ଼ ହୋଇ ଅଛି । ସେଠାରେ ଗ୍ରାମ ଜଳରେ ବୁଡ଼ଯାଇ- ଥିବା ଲୁ ଫସଲର ଅବସ୍ଥା ଅନିଶ୍ଚିତ ଅଛି

ମଧ୍ୟଦେଶର ସ୍ୱାସ୍ଥ୍ୟରକ୍ଷକ ଗତ ଜୁଲାଇ ମାସର ମୃତ୍ୟୁର ତାଲିକା ପ୍ରକାଶ କରଅଛନ୍ତି ତହିଁରୁ ଦେଖାଯାଏ ଯେ ପୂର୍ବମାସ ଅପେକ୍ଷା ଉକ୍ତ ମାସରେ ମୃତ୍ୟୁସଂଖ୍ୟା ଉଣା ଥିଲା ଅର୍ଥାତ୍ ପୂର୍ବମାସରେ ୨୭୨୩ ଜଣ ଓ ଜୁଲାଇ ମାସରେ ୧୯୦୨ ଜଣର ମୃତ୍ୟୁ ହୋଇଥିଲା । ଓଲାଉଠା ରୋଗ ନିବାରଣ ହେବାରୁ ଏ ଶୁଭଫଳ ଘଟିଲା ।

ଅକ୍ଟୋବର ତା ୫ ରିଖରେ ଆଲହାବାଦରେ ପ୍ରବଳ ବତାସ ଓ ଅତିଶୟ ବୃଷ୍ଟି ହୋଇ ଯାଇଅଛି ।

ସନ ୧୮୬୯ ସାଲର ୬ ୪ ନମ୍ବର ମକଦ୍ଦମା

କୌଣସି ବ୍ୟକ୍ତି ବେଃ କାର୍ଯ୍ୟାଧ୍ୟକ୍ଷ ୨୪୬ ଧାରାମତେ ମହାଜନ ହେଲେ ତେବେ ଏମନ୍ତ ସାବ୍ୟସ୍ତ ହୋଏ ଯେ ନୋଟିସ ସେବି ଏହି ମହାଜନଙ୍କର ନିଜ ସମ୍ପତ୍ତି ଏବଂ ତାହାର ମଧ୍ୟ ଦଖଲରେ ଅଛି ତେବେ ତାହା ଉକ୍ତ ଲକ୍ଷଣ- ର କୋର୍ଟ ରୁ ଖରଚ କୋର୍ଟରୁ ଉଠାଇ ର- ଙ୍କୁ ତାହା ଆଇନ ହେବାକୁ ହେଉଅଛି ହେବ ।

ଭାରତବର୍ଷୀୟ ଗିନିଉ ଇଂଲଣ୍ଡରେ କେଉଁ ଭାଲଗା ସାଠରେ ଅବଗତ ହୋଇଅଛି ଯେ ଖାଜଣା- ବାବ ଏବଂ ଗୁଦାର୍ ଗତ ୧୮୬୭।୧୮୬୮ ଅବ୍ଦରେ ୫ ୩,୬୪,୫୭୦ ଙ୍କା ୧୮୬୮।୧୮୬୯ ଅବ୍ଦରେ ୫ ୧୪,୩୮,୨୮୦ ଙ୍କା ନୂତନ ଇଣ୍ଡିଆ ଅଫିସରେ ୧୮୬୭।୬୮ ଅବ୍ଦରେ ୫୯,୦୨,୮୩୦ ଙ୍କା ୧୮୬୮। ୧୮୬୯ ଅବ୍ଦରେ ୫୪,୫,୧୩୦ ଙ୍କା ଭାରତବର୍ଷୀୟ ଷ୍ଟୋରସ ବିଭାଗରେ ୫ ୮୬,୨୫୦ ଙ୍କା ସେକ୍ରେଟାରୀ- ଙ୍କର କମିଶନ ୫୪୬,୧୩୦ଙ୍କା ପାର୍ଲିଆମେଣ୍ଟର ମେଲରେ ଭାରତବର୍ଷୀୟ ଚୁକ୍ତି ସମ୍ବାଦରେ ୫ ୮୧,୮୨୦ ଙ୍କା ଭାରତବର୍ଷୀୟ କମିଶନ ୫୩୫,୨୦୦ଙ୍କା । ପାଗଲମାନଙ୍କ ଭରଣ ପୋଷଣ- ନିମିତ୍ତ ୫୨୫,୯୩୦ଙ୍କା । ସେକ୍ରେଟାରୀ ଅବଷ୍ଟେଟଙ୍କ କାର୍ଯ୍ୟାଳୟର ଏବଂ ଅନ୍ୟ ବ୍ୟୟ ୫ ୧୯,୪୩,୦୯୦ ଏବଂ ଦାତବ୍ୟ ଖାତାରେ ୫୨,୧୦୦ଙ୍କା ।

ଟୋପଷ୍ଟିକସ ସୂର୍ଯ୍ୟ ଏବଂ ନକ୍ଷତ୍ର ସକଳ ଅଚଳ ମନେ କରିଥିଲେ । କାଉଁଟାହେବ ନକ୍ଷତ୍ର ଗଣର ଗତି ଆବିଷ୍କାର କରଅଛନ୍ତି । ଏକ୍ଷଣରେ ସୂର୍ଯ୍ୟଙ୍କର ଗତି ପରିମିତ ହୋଇଅଛି ଏହା ପ୍ରତି ଘଣ୍ଟାରେ ୧୬୩୦୦ ମାଇଲ ।

ପର୍ଯ୍ୟାଲୋଚନ ସମୟରେ ଯେ ସକଳ ଶିଳ୍ପ ଦେଖାଯାଏ, ତାହା ସକଳ ଅଗ୍ନେୟ ଜଳଜନ୍ୟ ବାଯୁ ସଂଯୁକ୍ତ । ଏମନ୍ତ ଅତ୍ୟନ୍ତ ସର୍ବଦା ପରିବର୍ତ୍ତନ ହେଉଥାଏ । ଏହି ସକଳ ଶିଳା- ମଧ୍ୟରେ ସେ ୫ଏ ୨୭୦୦ ମାଇଲ ଉଚ୍ଚ ପରିମିତ ହୋଇଥିଲା ।

ମେଲବର୍ଣ୍ଣ ଅଷ୍ଟ୍ରେଲିଆର ଏତଗଣ ସମ୍ବା- ଦପତ୍ର ରାଜକୁମାର ଆଲଫ୍ରେଡଙ୍କ ଚରିତ୍ର ସହିତ ଏକ ପ୍ରସ୍ତାବ ଛାପ କରଅଛନ୍ତି ଏହି- ପତ୍ରରେ ଲେଖନ୍ତି ରାଜକୁମାରଙ୍କ ସମ୍ମାନ ରକ୍ଷ- ଣାର୍ଥ ଅଷ୍ଟ୍ରେଲିଆର ସାଧାରଣ ଧନାଗାରରୁ ଲକ୍ଷ ଟଙ୍କା ବ୍ୟୟ କରିବାକୁ ହୋଇଥିଲା । କିନ୍ତୁ ରାଜକୁମାର ଯେ ସମାନ୍ୟ ଉପଭୋଗକ ହେଲେ ତନ୍ନିମିତ୍ତ କମନ୍ସ ସଭା ଛବିରେ ସମ୍ପୂର୍ଣ୍ଣ ପ୍ରାର୍ଥୀ ହୋଇଅଛନ୍ତି । ଏହି ଉପ- ଭୋଗର ଅନ୍ୟ ସମସ୍ତ । ରାଜକୁମାର ଦୂରଥର ମଧ୍ୟ ଗୃହ କରି ଯାଇଅଛନ୍ତି । ଏକଜଣ ଯୋଗ ନା ୫୨୨୦ଙ୍କା ନିମନ୍ତେ ନରନାରୀଙ୍କର ଅଭିନନ୍ଦନ ଅଟିଥିଲେ, ସେକ୍ଷେ ପ୍ରତ୍ୟେ ୫ଙ୍କାରେ ଲଗା ହେଲା । ସେ ଯେଉଁ ହୋଟେଲରୁ ଦ୍ରବ୍ୟ ଯୋଗାଉଥିଲେ ଓ ରାତ୍ରି କାଟନ୍ତି ସେଠାର ଟଙ୍କା ନ ଦେଇ ପଳାୟନ କରିଥିଲେ ।

ଭୂପାଳର ଶାହଜାହାନ ବେଗମ ... ଯ ... ସ୍ତ୍ରୀଶିକ୍ଷା କରିବାକୁ ଆରମ୍ଭ କରଅଛନ୍ତି, ସେ ବର୍ତ୍ତମାନରେ ଗୋଟିଏ ଶିଳ୍ପ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି । ଏଠାରେ ବାଳିକାମାନେ ଗାଲିଚା, ଫିତା, ମୋଜା ଓ ଅନ୍ୟାନ୍ୟ ସୂତ୍ରର ତୁଳାର ବସ୍ତ୍ର ପ୍ରସ୍ତୁତ କରିବାକୁ ଶିଖି ପାରିବେ । ଭାରତ- ବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ହେଲା ନାହିଁ ଏତଦେଶୀୟ କୌଣସି ରାଜା ଯେବେ ତାହା କଲ କରନ୍ତି ଯେବେ ବହୁ ଭଲ ହେବ । ଏହି କଲ କରନ୍ତେ ମ ଶ୍ରେୟସ ଲାଭ ହେବେ ।

ବାନାପୁରର ପେଟିଜ ପ୍ରତିନିଧି ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଶ୍ରେଣୀ ଅଯୋଗ୍ୟ ହୋଇ ବଙ୍ଗଦେଶୀୟ ଗବର୍ଣ୍ଣମେଣ୍ଟ କର୍ତ୍ତୃକ ଏମାସନ- ଙ୍କର ଆଗମନ ପର୍ଯ୍ୟନ୍ତ ଜବଲପୁର ଏମ ମୂଖାର ସାହେବଙ୍କ ସ୍ୱଳ୍ପରେ ନିଯୁକ୍ତ କରଅଛନ୍ତି, ମାଜିଷ୍ଟ୍ରେଟମାନଙ୍କୁ କେବେ ଦୋଷ ଦଅ ଯିବ ? ଦମଦମା ବୋର୍ଡିଂ ସ୍କୁଲରେ ଏକ ଏକଜଣ ପୋଲିସ ମୁନସଫ ଏକ ... ଭାଇଦାନ । ପୋଲିସ ମାଜିଷ୍ଟ୍ରେଟ ଅଛନ୍ତି ସେମାନଙ୍କ ବିଚାରର କଥା ବୁଝିଲେ ବଡ଼ବୁଦ୍ଧି ହେଉଅଛି ।

---

☞ ଏହି ଉତ୍କଳଦୀପିକା କଟକ ବିଦ୍ୟା ଦକ୍ଷ- ସାଦକର କଟକପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା ।


ଭାଗ ୪ । ସଂଖ୍ୟା ୪୫ । ତା ୧୩ ଇଗେ ନବମ୍ବର ସନ ୧୮୬୯ ମସିହା । ମୂ । କାର୍ତ୍ତିକ ୨୯ ଅଂକ ସନ ୧୨୭୭ ସାଲ ଶନିବାର

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ୪ |
| ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ | ୫ |
| ମଫସଲ ପାଇଁ ଡାକମାସୁଲ | ୧ |


ଅଦାଲତ ଫିସ ଆଇନର ପାଣ୍ଡୁଲିପି ।

ଭାରତବର୍ଷର ବର୍ତ୍ତମାନର ବ୍ୟବସ୍ଥାପକମାନେ ଦୂରଦର୍ଶୀ ନୁହନ୍ତି ଏବଂ ସେମାନେ ଆଜ ଯେ ଆଇନ କରୁଅଛନ୍ତି ତାହା ଶୀଘ୍ର ଉତାରୁ ସଂଶୋଧନ କରିବାର ଆବଶ୍ୟକ ହେଉଅଛି ଏହି ଯେ ପ୍ରବାଦ ଲୋକମାନଙ୍କ ମୁଖରୁ ସର୍ବଦା ଶୁଣାଯାଏ ତହିଁର ବିଲକ୍ଷଣ ଅଧିକ ପ୍ରମାଣ ମିଳୁଅଛି । ବ୍ୟବସ୍ଥାପକମାନେ ଆପଣାମାନଙ୍କୁ ସର୍ବଜ୍ଞ ଜ୍ଞାନ ନ କରି ବିଷୟଲ୍ ଧୈର୍ଯ୍ୟ ଅବଲମ୍ବନ କରି ସକଳଶ୍ରେଣୀର ଲୋକମାନଙ୍କର ମତ ନେଇ କାର୍ଯ୍ୟ କରିଥିଲେ ଏପରି ବିଡ଼ମ୍ବନା ଘଟନ୍ତା ନାହିଁ । ପୂର୍ବ ଆଇନକର୍ତ୍ତାମାନେ ଧିରାପର ବିଶେଷ ଆଲୋଚନା କରି ଆଇନ କରିଥିବାରୁ ତାହା ବହୁକାଳ ସ୍ଥାୟୀ ହୋଇଅଛି ତେବେ ଦେଶର ଅବସ୍ଥା ପରିବର୍ତ୍ତନ ହେତୁ ଯେସବୁ ଆଇନର ସଂଶୋଧନ ଆବଶ୍ୟକ ହୋଇଅଛି ସେଥିସକାଶେ ସେମାନଙ୍କୁ ଦୋଷୀ କରାଯାଇ ନ ପାରେ ।

ସନ ୧୮୬୭ ସାଲର ୨୬ ଆଇନ ଜାରୀ ହେଲାଦିନୁ ଦୁଇବର୍ଷ ମଧ୍ୟରେ ଦେଖାଗଲା ଯେ ସେ ଆଇନ ଅନୁସାର ଷ୍ଟାମ୍ପ ଫିସ ବିଶେଷ କଠିନ ହୋଇଥିବାରୁ ଦେଓ୍ୱାନୀ ନାଲିଶର ସଂଖ୍ୟା ପୂର୍ବାପେକ୍ଷା ଅନେକ ହ୍ରାସ ହୋଇଗଲା ଏହି ବିବେଚନାରେ ପୂର୍ବ ନିୟମାନୁସାରେ ଷ୍ଟାମ୍ପ ଫିସ ନିର୍ଦ୍ଧାର୍ଯ୍ୟ କରିବା ଅଭିପ୍ରାୟରେ ବର୍ତ୍ତମାନ ନୂତନ ଆଇନ ପ୍ରସ୍ତୁତ ହେଉଅଛି ସନ ୧୮୬୭ ସାଲର ୨୬ ଆଇନର ପାଣ୍ଡୁଲିପି ବିଚାର ହେବା ସମୟରେ ଭାରତୀୟ ଲୋକମାନଙ୍କର ନ୍ୟାୟ ପାଇଁବା ପକ୍ଷରେ ହାନି ଜନ୍ମିବା ବିଷୟରେ ଅନେକ ଆପତ୍ତି ହୋଇଥିଲା କିନ୍ତୁ ବ୍ୟବସ୍ଥାପକ ସଭା ସେ ସମସ୍ତ ଆପତ୍ତି ଗ୍ରହଣ ନ କରି ଅଧିକ ଲାଭ ହେବାପ୍ରତି ଦୃଷ୍ଟି ରଖି ସେ ଆଇନ ଜାରୀ କଲେ ମାତ୍ର ମକଦ୍ଦମାର ସଂଖ୍ୟା ଊଣା ହେବାର ଅନୁଭବରେ ଦେଖାଯିବାରୁ ଷ୍ଟାମ୍ପ ଫିସ ଊଣା କରିବା ଅଭିପ୍ରାୟରେ ଅଦାଲତ ଫିସ ଆଇନ ନାମକ ଏକ ନୂତନ ଆଇନର ପାଣ୍ଡୁଲିପି ପ୍ରସ୍ତୁତ ହୋଇଅଛି ଏ ଆଇନର ସାରାଂଶ ଏହି ଯେ ନାଲିଶ ଅର୍ଜିର ଷ୍ଟାମ୍ପ ଫିସ ବର୍ତ୍ତମାନଅପେକ୍ଷା ଊଣା ହେବ । ଭୂମିବିଷୟକ ମକଦ୍ଦମାମାନଙ୍କରେ ଭୂମିର ମୂଲ୍ୟ ସ୍ଥିର କରିବାରେ ଚିରସ୍ଥାୟୀ ବନ୍ଦୋବସ୍ତ ମହାଲମାନଙ୍କରେ ସଦରଜମାର ଦଶଗୁଣ ଓ ଚିରସ୍ଥାୟୀ ବନ୍ଦୋବସ୍ତ ହୋଇ ନ ଥିବା ମହଲମାନଙ୍କରେ ପାଞ୍ଚଗୁଣ ଓ ନିଷ୍କର ଭୂମି ହେଲେ ସେଥିର ଯଥାର୍ଥ ବାର୍ଷିକ ଉତ୍ପନ୍ନ ଲାଭର ପନ୍ଦରଗୁଣ ଧରାଯିବ ୫ଙ୍କା ପାଇବା ଦାବୀମକଦ୍ଦମା ଛଡ଼ା ଜମିଦାର ସହିତ ରୟତର ଅନ୍ୟ ଯେ ମକଦ୍ଦମା ହେବ ସେଥିରେ ଅର୍ଥ ଭିଗାଇ ସ୍ୱତ୍ୱ ପାଇବା କିମ୍ବା ରୟତକୁ ବେଦଖଲ କରିବା ପ୍ରଭୃତି ମକଦ୍ଦମାମାନଙ୍କରେ ଯେଉଁ ଜମି ବିଷୟରେ ନାଲିଶ ହେବ ସେଥିର ଖଜଣାଅନୁସାର ମକଦ୍ଦମାର ଦାବୀ ଧରାଯିବ ଫୌଜଦାରୀ ଅଦାଲତରେ ଯେଉଁ ଅପରାଧରେ କାର୍ଯ୍ୟବିଧି ଆଇନ ଅନୁସାରେ ପୁଲିସ ବିନା ୱାରେଣ୍ଟରେ ଗିରଫ୍ତାର କରି ନ ପାରେ ସେଅପରାଧମାନଙ୍କର ନାଲିଶ ଆଠଅଣା କାଗଜରେ ହୋଇପାରିବ ଫୌଜଦାରୀ କିମ୍ବା ରେଭିନ୍ୟୁ ହାକିମଙ୍କ ଠାରେ କୌଣସି ବିଷୟରେ ଦରଖାସ୍ତ ଦେବାର ହେଲେ ସକଳ ସ୍ଥଳରେ ଆଠଅଣା କାଗଜ ଲାଗିବାର ଯେ ବିଧି ଥିଲା ତାହା ରହିତ ହୋଇ କେତେକ ସ୍ଥଳରେ ମାଫ କରାଯାଇଅଛି କୌଣସି ହୁକୁମ ଜାରୀ କରାଇବାର ହେଲେ ଅଦାଲତର ହୁକୁମ ଜାରୀ ହେବା ସ୍ଥାନର ଦୂରତା ଓ ଜାରୀହେବାରେ ଯେତେ ସମୟ ଲାଗେ ସେଥିବିବେଚନାରେ ପିଆଦାମିଆଦ ଦାଖଲ ହେବାର ବର୍ତ୍ତମାନ ଯେ ଦସ୍ତୁର ଅଛି ତାହା ରହିତ ହୋଇ ଦୂରତା କିମ୍ବା ଜାରୀହେବାର ସମୟ ବିବେଚନା କରି ନ ଯାଇ କେହି କୌଣସି ହୁକୁମ ଜାରୀ କରାଇବାକୁ ଚାହିଁଲେ ଚାରିଅଣାର ଷ୍ଟାମ୍ପ କାଗଜରେ ଦରଖାସ୍ତ କରିବାକୁ ହେବ ଚୌକିଦାର ଓ ଭାଉତାର ଇଲାକାରେ ଦୂରତାର ବିଚାର ନ ହୋଇ ସକଳ ସ୍ଥାନକୁ ସମାନ ମାସୁଲ ଲାଗିବାର ଯେପରି ନିୟମ ଅଛି ପିଆଦାମିଆଦ ମଧ୍ୟ ସେହି ନିୟମରେ ଲାଗିବ ଉପରଲିଖିତ ସ୍ଥଳମାନଙ୍କରେ ଷ୍ଟାମ୍ପ ଫିସ ଊଣା କରିବାରେ ଗଭର୍ଣ୍ଣମେଣ୍ଟ ଅନେକ ହ୍ରାସ ହୋଇଯିବାର ସମ୍ଭାବନା ଥିବାରୁ ଏହି କ୍ଷତିପୂର୍ତ୍ତି କରିବା ନିମନ୍ତେ ଯେଉଁ ସ୍ଥଳମାନଙ୍କରେ ପ୍ରଥମ ନାଲିସ ଅର୍ଜିର କାଗଜର ମୂଲ୍ୟ ଫେରାଇ ଦେବାର ବିଧି ଅଛି ତାହା ରହିତ ହେବ। ଏହି ଆଇନ ସନ ୧୮୭୦ ସାଲ ଜାନୁଏରୀମାସଠାରୁ ଜାରୀ ହେବାର ସ୍ଥିର ହୋଇଅଛି ଏ ଆଇନ ଜାରୀ ହେଲାରୁ ଷ୍ଟାମ୍ପ ବିଷୟରେ ଅଉ

Digitized by srujanika@gmail.com

Split by PDF Splitter



ସମସ୍ତ ଆଇନ ରଦ ହୋଇ କେବଳ ସନ୧୮୬୯ ସାଲର ଅ ୧୮ ଇନ ଓ ଏହି ଆଇନ ପ୍ରବଳ ରହିବ ।

ବର୍ତ୍ତମାନର ଷ୍ଟାମ୍ପ ଫିସର କମ୍ତି ପ୍ରତି ଦୃଷ୍ଟି କଲେ ଏ ଆଇନକୁ ଲୋକମାନେ ଉପକାର ଜ୍ଞାନ କରିବେ ସନ୍ଦେହ ନାହିଁ । ଅଉ ସକଳ-ବିଧାନମାନଙ୍କ ମଧ୍ୟରେ ପିଆଦା ମିଆଦ ନଗଦ ଟଙ୍କା ଦିଆ ନ ଯାଇ ଷ୍ଟାମ୍ପରେ ଦରଖାସ୍ତ କରିବାର ଯେ ବିଧି ହୋଇଅଛି ଏହା ଉତ୍ତମ ହୋଇଅଛି କାରଣ ବର୍ତ୍ତମାନ ସମସ୍ତ ଲୋକମାନେ ପ୍ରତ୍ୟେକ ସ୍ଥଳରେ ପିଆଦା ମିଆଦ ଯଥାର୍ଥ ଯେତେ ଦେୟ ଅଟେ ତାହା ନିଶ୍ଚୟ ଜାଣିପାର ନ ଥିବାରୁ ଅନେକ ଵଥା ଖର୍ଚ୍ଚରେ ପଡ଼ନ୍ତି ଓ ପିଆଦାମାନେ ପ୍ରାୟ ଜହର ଦାବି କରନ୍ତି ଏ-ସକଳ ଅତ୍ୟାଚାରରୁ କେତେକ ଉଦ୍ଧାର ମିଳିବ ନିଷ୍କର ଭୂମି ବିଷୟକ ମକଦ୍ଦମାରେ ସେଥିର ବାର୍ଷିକ ଯଥାର୍ଥ ଉତ୍ପନ୍ନ ଲାଭର ପନ୍ଦରଗୁଣା ମକଦ୍ଦମାର ତାଦାଦ ଧରିବାର ଯେ ବିଧାନ ହୋଇଅଛି ସେଥିର ଉପଯୋଗିତା ବିଷୟରେ ଆମ୍ଭମାନଙ୍କର ସନ୍ଦେହ ହେଉଅଛି କାରଣ ପ୍ରତିବାଦୀ ଉଚିତ ତାଦାଦ ଧରାଯାଇ ନ ଥିବାର ଆପତ୍ତି କଲେ କଲକ୍ଟର ସ୍ଥାନକୁ ଅମିନ ପଠାଇବାର ଆବଶ୍ୟକ ହେବ ତାହା ହେଲେ ଅନର୍ଥକ ଅନେକ ବ୍ୟୟ ଓ ବିଳମ୍ବ ହେବ ।

---

## ଜଳକର ।

ଇରିଗେସନ କମ୍ପାନୀ ଅଧୀନରେ ଥିବା-ସମୟରେ ଯେପରି କାର୍ଯ୍ୟର ଶୃଙ୍ଖଳା ଏବଂ ଜଳକର ଆଦାୟର ନିୟମ ଥିଲା ସେଥିରେ ଲୋକମାନେ ଯେପରି ସନ୍ତୁଷ୍ଟ ହୋଇଥିଲେ ତାହା ଆମ୍ଭମାନଙ୍କ ପାଠକମାନଙ୍କୁ ଅବିଦିତ ନାହିଁ । କମ୍ପାନୀ ଲାଭ କରିବା ଉଦ୍ଦେଶରେ ଏତେ ଟଙ୍କା ବ୍ୟୟ କରି ଏ କାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ ସୁତରାଂ ବାଣିଜ୍ୟୋପଯୋଗୀ ଲାଭ-ପ୍ରତି ଦୃଷ୍ଟି ରଖି କୃଷକ ଦେଶର ଅବସ୍ଥା ବିବେଚନା ନ କରି କର ନିର୍ଦ୍ଧାର୍ଯ୍ୟ କରିଥିଲେ । ମାତ୍ର ଏ କର୍ମ ଗବର୍ଣ୍ଣମେଣ୍ଟ ହସ୍ତଗତ ହେବାରୁ ଲୋକମାନଙ୍କର ଦୃଢ଼ ଆଶା ହୋଇଅଛି ଯେ ଅନ୍ୟ ସମସ୍ତ କାର୍ଯ୍ୟ ପରି ଦେଶର ଉନ୍ନତିସାଧନ ନିମିତ୍ତ ଗବର୍ଣ୍ଣମେଣ୍ଟ ଏ ବ୍ୟାପାରରେ ପ୍ରବୃତ୍ତ ହୋଇଅଛନ୍ତି ଓ ଅଳ୍ପ ବ୍ୟୟରେ ସେମାନେ ଜଳ ପାଇବାରେ ଆଉ କିଛି କଷ୍ଟ ହେବ ନାହିଁ ଗଲିତ ନବମ୍ବର ମାସ ତା ୩ ରିଖର କଲିକତା ଗେଜେଟରେ ବଙ୍ଗଲା ଗବର୍ଣ୍ଣମେଣ୍ଟ ଏହି ବିଷୟରେ ଯେ ନିୟମମାନ ପ୍ରଚାର କରିଅଛନ୍ତି ସେଥିର ସାରାଂଶ ବର୍ତ୍ତମାନ ଆମ୍ଭେମାନେ ପାଠକମାନଙ୍କୁ ଜଣାଉଅଛୁଁ । ଇରିଗେସନ କମ୍ପାନୀ ଅଧୀନରେ ଥିବା ସମୟରେ ଯେ କାର୍ଯ୍ୟର ଶୃଙ୍ଖଳା ଥିଲା ତଦପେକ୍ଷା ଏତଦ୍ଦ୍ୱାରା କି ପର୍ଯ୍ୟନ୍ତ ଅଧିକ ଉପକାର ହେବ ତାହା ପାଠକମାନେ ବିବେଚନା କରିବେ ।

ନାଲମାନଙ୍କର ଜଳ ଦେବା ଓ ଜଳକର ନିର୍ଦ୍ଧାରିତ କରି ତାହା ଆଦାୟ କରିବା ଓ ତତ୍ସଂକ୍ରାନ୍ତ ମକଦ୍ଦମାମାନ ନିଷ୍ପତ୍ତି କରିବା ନିମିତ୍ତ ରେବେନିଉ ସୁପରିଣ୍ଟେଣ୍ଡେଣ୍ଟ ଉପାଧିରେ ଜଣେ ପ୍ରଧାନକର୍ମଚାରୀ ରହିବେ ଅମ୍ଭମାନଙ୍କୁ ବୋଧ ହୁଏ ଶାମୁଏଲ କର୍ଣ୍ଣୁଡ଼ ସାହେବ ଏହି କର୍ମ କରିବେ ଏବଂ ତାହାଙ୍କ ଅଧୀନରେ ଦୁଇ ଜଣ ଡେପୁଟିକଲେକ୍ଟର ରହିବେ । ଜଳ ନେବା-ଅଭିଳାଷୀ କୃଷକମାନେ ସ୍ୱୟଂ କିମ୍ବା କ୍ଷମତା-ପ୍ରାପ୍ତ ପ୍ରତିନିଧିଦ୍ୱାରା ରେବେନିଉ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ କିମ୍ବା ସେ ଅନ୍ୟ ଯାହାକୁ ଅଧିକାର ଦେବେ ତାହାଙ୍କଠାରେ ଆବେଦନ କରିବେ । ଆବେଦନକାରୀ ରୟତର ଜମିଦାର କିମ୍ବା ତାହାର ଗ୍ରାମ ଅଥବା ନିକଟବର୍ତ୍ତୀ ଗ୍ରାମନିବାସୀ ଥାନିରୟତ ବିନା ଅନ୍ୟ ବ୍ୟକ୍ତି ଜଳ ନେବା ନିମିତ୍ତ ଦରଖାସ୍ତ କରିବାରେ ପ୍ରତିନିଧି ହୋଇ ପାରିବ ନାହିଁ । ପ୍ରତିନିଧିବ୍ୟକ୍ତି ଜଳକର ଓ ତାହା ଆଦାୟ କରିବାରେ ଯେ ଆବଶ୍ୟକ ଖର୍ଚ୍ଚ ହେବ ସେଥି ସକାଶ ଦାୟୀ ହେବ ।

ନାଲମାନଙ୍କର ଯେଉଁ ଗ୍ରାମମାନଙ୍କୁ ଦୁଇ-ଧ ମତେ ଜଳ ଯାଇପାରେ ସେଠାକୁ ଗବର୍ଣ୍ଣମେଣ୍ଟ ଖର୍ଚ୍ଚରେ କେନାଲମାନ ପ୍ରସ୍ତୁତ ହେବ କେନାଲରୁ କ୍ଷେତକୁ ପାଣି ନେବା ନିମିତ୍ତ ମାଦାଗ ଖୋଳିବାର ଆବଶ୍ୟକ ହେଲେ ତାହା ରୟତ କିମ୍ବା ଜମିଦାର ଆପଣା ଖର୍ଚ୍ଚରେ କରିବେ ମାତ୍ର ରେବେନିଉ ସୁପରିଣ୍ଟେଣ୍ଡେଣ୍ଟଙ୍କର ଇଚ୍ଛା ହେଲେ ଗବର୍ଣ୍ଣମେଣ୍ଟ ଖର୍ଚ୍ଚରେ ଏପରି ପାଣି ମାଦାଗ ପ୍ରସ୍ତୁତ କରିବା ନିମିତ୍ତ ଅଥବା ପ୍ରସ୍ତୁତ କରିବାରେ ରୟତମାନଙ୍କୁ ସାହାଯ୍ୟ କରିବା ନିମିତ୍ତ ହୁକୁମ ଦେଇ ପାରିବେ । ଯେଉଁ ରୟତମାନେ ମାଦାଗ ଖୋଳିଥିବେ ସେମାନଙ୍କ ବ୍ୟତିରେକେ ଅନ୍ୟ ବ୍ୟକ୍ତିମାନେ ସେଥିର ହୋଇଥିବା ଖରଚ ଉଚିତ ଅଂଶ ଦେଲେ ରେବେନିଉ ସୁପରିଣ୍ଟେଣ୍ଡେଣ୍ଟଙ୍କ ହୁକୁମରେ ସେ ମାଦାଗରେ ପାଣି ନେଇ ପାରିବେ ।

ଜଳକରର ଦର ଯେପରି ଥିଲା ସେହିପରି ବାହାଲ ରହିଲା ସେଥିରେ କିଛି ମାତ୍ର ଊଣା ଅଧିକ ହୋଇ ନାହିଁ ।

ବାର୍ଷିକ ପଟ୍ଟାର ମିଆଦ ଏପ୍ରେଲ ମାସ ତା ୧ ରିଖଠାରୁ ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ଗଣନା ହେବ ଏବଂ ମାର୍ଚ୍ଚମାସ ତା ୧୫ ରିଖ ପୂର୍ବରୁ ଇସ୍ତଫା ନ ଦେଲେ ସେଥିର ପର ବର୍ଷ-ସକାଶ ପଟ୍ଟା ବାହାଲି ରହିବାର ଜ୍ଞାନ କରାଯିବ ।

ଯେଉଁ ଗ୍ରାମକୁ ଜଳ ନିଆଯିବ ସେଥିର ଜମିଦାର କିମ୍ବା କେହି ଜଣେ କୃଷୀ ବିନା ଅନ୍ୟ କାହାରିକୁ ଜଳକର ଇଜାରା ଦିଆ ନ ଯିବ ଏବଂ ଇଜାରାଦାରମାନେ ଶତକଡ଼ା ୪ ୮ ଟଙ୍କା ହିସାବରେ ଗବର୍ଣ୍ଣମେଣ୍ଟରୁ ପାଇବେ ଓ ରୟତ-ମାନଙ୍କଠାରୁ ଉଚିତ କର ଅପେକ୍ଷା ଅଧିକ ନ ନେବେ । ମାଲ ଖଜାଣ୍ଚି ଦାଖଲ ନ ହେଲେ ଯେପରି ମହାଲ ନାଟବନ୍ଦରେ ଅସଉ ଜଳକର-ପକ୍ଷରେ ସେହି ବିଧାନ ଘଟିବ ଏବଂ ଏପରି ମକଦ୍ଦମା ବିଚାର କରିବା ସକାଶ ରେବେନିଉ ସୁପରିଣ୍ଟେଣ୍ଡେଣ୍ଟଙ୍କୁ [illegible] କଲେକ୍ଟର କ୍ଷମତା ଦିଆ ଗଲା ।

କେହି ବ୍ୟକ୍ତି ଜଳ ନେବାର ପଟ୍ଟା ନେଇ ଅନ୍ୟ ବ୍ୟକ୍ତିଙ୍କୁ ଜଳ ବିକ୍ରୀ କରି କିମ୍ବା ସେହି ପଟ୍ଟା ଦେଇ ଲାଭ କରି ପାରିବ ନାହିଁ ।

କୌଣସି ବ୍ୟକ୍ତି କବୁଲିୟତ କରିଥିବା ପାଣି-ମାଦାଗରେ ପାଣି ଯାଇ ଯଦି କୌଣସି କ୍ଷେତ୍ର-ଜମିରେ ତାହାର ଅଧିକାରିର ଇଚ୍ଛାପୂର୍ବକ ହେଉ ବା ନ ହେଉ ମାଡ଼ି ଗଲେ ସେଥିର ଜଳକର ନିଆ ଯିବ ଏବଂ ଯଦି ପଡ଼ିଆଜମିରେ ପାଣି ମାଡ଼ି ନଷ୍ଟ ହୁଏ ତେବେ ମାଦାଗ କବୁଲିୟତ-କରିଥିବା ବ୍ୟକ୍ତିଠାରୁ କିମ୍ବା ଯେଉଁ ବ୍ୟକ୍ତିର କାର୍ଯ୍ୟଦ୍ୱାରା ଜଳ ନଷ୍ଟ ହୋଇଥିବ ତାହାଠାରୁ ସମ୍ପୂର୍ଣ୍ଣ କର ନିଆ ଯିବ କବୁଲିୟତ ନ କରି କେହି ଆପଣା କ୍ଷେତକୁ ପାଣି ନେଲେ ତାହାଠାରୁ ଦ୍ୱିଗୁଣ କର ଆଦାୟ କରାଯିବ ।

---

## ପ୍ରାପ୍ତ

ଓଡ଼ିଶାର ଅବସ୍ଥା ପୂର୍ବକାଳରେ ବର୍ତ୍ତମାନ ଅପେକ୍ଷା ଅଧିକ ଉନ୍ନତ ଥିବାର ଅନେକ ଚିହ୍ନମାନ ଏ ପର୍ଯ୍ୟନ୍ତ ଦେଖା ଯାଉ-ଅଛି ସେଥିମଧ୍ୟରେ ଏ ଦେଶର ଅତି ସାମାନ୍ୟ-ଜାତୀୟମାନଙ୍କ ମଧ୍ୟରେ ଅନେକ ଲୋକ ଲେଖି

Digitized by srujanika@gmail.com

ପଢ଼ି ଜାଣିଥିବାରୁ ଓଡ଼ିଶାରେ ପୂର୍ବେ ଯେପର ବିଦ୍ୟାର ଚର୍ଚ୍ଚା ଥିଲା ସେଥିର ପରିଚୟ ପ୍ରାପ୍ତ ହେଉଅଛି ବୋଧ ହୁଏ ପୂର୍ବକାଳରେ ବ୍ରାହ୍ମଣଠାରୁ ଚଣ୍ଡାଲ ପର୍ଯ୍ୟନ୍ତ ସକଳଶ୍ରେଣୀର ମନୁଷ୍ୟମାନେ ବିଦ୍ୟାର ଗୌରବ ବୁଝି ତଦଭ୍ୟାସରେ ଅନୁରକ୍ତ ଥିଲେ ପରେ ବିଦେଶୀୟ ରାଜାମାନଙ୍କଦ୍ୱାରା ପରାଭୂତ ହୋଇ ସ୍ୱାଧୀନତା ସଙ୍ଗେ ଗୁଣର ଉଚିତ ପୁରସ୍କାର ଲାଭ ଅଟାରୁ ବଞ୍ଚିତ ହେବାରୁ କ୍ରମେ ସକଳ ବିଷୟରେ ନିରୁତ୍ସାହ ହୋଇ ଉନ୍ନତିର ଉପାୟମାନ ପରିତ୍ୟାଗ କଲେ ବର୍ତ୍ତମାନ ଦେଖାଯାଏ ଯେ ପାଣ ବାଉରି ପ୍ରଭୃତି ଅତି ନୀଚ ଶ୍ରେଣୀର ଲୋକମାନେ ବୃଦ୍ଧା ଆପଣା କାୟିକ ପରିଶ୍ରମଦ୍ୱାରା, ଭରଣାଚ୍ଛାଦନର ବ୍ୟୟ ନିର୍ବାହକରି କିଞ୍ଚିତ ସଞ୍ଚୟ କରିପାରିଲେ ସନ୍ତାନମାନଙ୍କୁ ସାଧ୍ୟମତେ ବିଦ୍ୟାଭ୍ୟାସ କରାଇବାରେ ତ୍ରୁଟି କରନ୍ତି ନାହିଁ । ବିଦ୍ୟା ବିଷୟରେ ଲୋକମାନଙ୍କର ଏପରି ଅନୁରକ୍ତି ଥାଉଁଥାଉ କେହେଲୁ ତଦ୍ବିଷୟରେ ବିଶେଷ ଉନ୍ନତି ଦେଖାଯାଉ ନାହିଁ ଏଥିର କାରଣାନ୍ୱେଷଣରେ ଏହି ଜଣାଯାଉଅଛି ଯେ ଯଥାର୍ଥ ବିଦ୍ୟା କାହାକୁ କହନ୍ତି ଓ ତଦ୍ୱାରା ସାଂସାରିକ କର୍ମରେ କିପ୍ରକାର ଫଳ ଲାଭ ହୋଇପାରେ ତାହା ବହୁକାଳ ଚର୍ଚ୍ଚାଭାବରୁ ସମସ୍ତଲୋକମାନେ ବର୍ତ୍ତମାନ ବୁଝି ନ ପାରିବାରୁ ଓ ଅନ୍ୟ ଶିକ୍ଷା କରିବାର ଉପାୟ ନ ଥିବାରୁ ଲୋକମାନେ ସେବିଷୟରେ ବିଶେଷ ଉତ୍ସାହୀ ହେଉ ନାହାନ୍ତି ବର୍ତ୍ତମାନସମୟରେ କେହି ଚାଟଶାଳିରେ କିଛିଦିନ ପଢ଼ିଲେ କାର୍ଯ୍ୟ ଚଳିବାଭଳି କିଞ୍ଚିତ ଅଙ୍କ ଶିକ୍ଷି ଶୀଘ୍ର ଲେଖିପାରିଲେ ସାଧାରଣରେ ଲେଖାପଢ଼ା ଜାଣିଥିବା ଲୋକଙ୍କ ମଧ୍ୟରେ ଗଣ୍ୟ ହୁଅନ୍ତି ଏବଂ ସଂସ୍କୃତ ବିଦ୍ୟାରେ କିଛି ବ୍ୟାକରଣ ଅଭିଧାନ ଏକଖଣ୍ଡ କାବ୍ୟ ପଢ଼ିପାରିଲେ ପଣ୍ଡିତ ଉପାଧି ପ୍ରାପ୍ତ ହୁଅନ୍ତି ଓ ରୋଜଗାର ପାଇବା ବିଦ୍ୟାର ଏକମାତ୍ର ଉଦ୍ଦେଶ୍ୟ ବୋଲି ଅଧିକାଂଶ ଲୋକଙ୍କର ଜ୍ଞାନ ଅଛି ଏହା ଲେଖିବାରେ ଆମ୍ଭମାନଙ୍କର ଏପର ଅଭିପ୍ରାୟ ନୁହେ ଯେ ଏଦେଶରେ ବିଦ୍ୟାର ସମ୍ପୂର୍ଣ୍ଣ ମର୍ଯ୍ୟାଦା ଜାଣିବା ଲୋକ କେହି ନାହାନ୍ତି କିମ୍ବା ସମସ୍ତେ ଯଥାର୍ଥ ଜ୍ଞାନୋପାର୍ଜ୍ଜନରେ ପରାଙ୍ମୁଖ ଅଟନ୍ତି କିନ୍ତୁ ପ୍ରାୟ ସାଧାରଣ ଲୋକଙ୍କର ଏହିପରି ଜ୍ଞାନ ଥିବାର ବୋଧ ହୁଏ ବୁଝାଯାଇପାରେ ବିଦ୍ୟାର ସୀମା ଓ ପ୍ରୟୋଜନ ବର୍ତ୍ତମାନକାଳର ସାଧାରଣ ଲୋକଙ୍କୁ ଏହିପର୍ଯ୍ୟନ୍ତ ଜଣାଥିବାରୁ ସେମାନେ ଭରଣାଚ୍ଛାଦନମାତ୍ର ଉପାୟ କରି ପାରିଲେ ଆଉ ଅଧିକ ଉନ୍ନତିର ଚେଷ୍ଟା ନ କରି ସେଥିରେ ସନ୍ତୁଷ୍ଟ ରହନ୍ତି । ଏବଂ ବହୁକାଳରୁ ଏହି ଅଭ୍ୟାସ ହେବାରୁ ଆପଣାର ଉତ୍ତରୋତ୍ତର ବୃଦ୍ଧି କରିବା ନିମିତ୍ତ କୌଣସି ଅଳ୍ପାୟାସ ସାଧ୍ୟ କାର୍ଯ୍ୟରେ ମଧ୍ୟ ସହଜରେ ପ୍ରବୃତ୍ତ ହେଉ ନାହାନ୍ତି ଏବଂ ଏହିକାରଣରୁ ବୋଧ ହୁଏ ଉତ୍କଳୀୟମାନେ ବିଦେଶୀୟ ମାନଙ୍କର ବିଶେଷ ଘୃଣାଭାଜନ ହେଉ ନାହାନ୍ତି ଓଡ଼ିଶା ବ୍ରିଟିଷ ରାଜ୍ୟାଧୀନ ହେଲାବଧି ବିଦ୍ୟାର ଚର୍ଚ୍ଚା ପୂର୍ବାପର ଦିନକୁ ଦିନ ବୃଦ୍ଧି ହେବାର ଦେଖାଯାଏ ଏବଂ ମଧ୍ୟମ ଶ୍ରେଣୀର ଲୋକମାନଙ୍କୁ ଗୁଣୋପାର୍ଜ୍ଜନରେ ପ୍ରବୃତ୍ତ କରାଇବାର ଯତ୍ନରେ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ତ୍ରୁଟି କରୁ ନାହାନ୍ତି ଏବଂ ଗୁଣ ଉପାର୍ଜ୍ଜନ କରିବାର ନାନାବିଧ ଉପାୟମାନ ମଧ୍ୟ କ୍ରମେ କ୍ରମେ ଆମ୍ଭମାନଙ୍କ ଆୟତ୍ତାଧୀନ କରିବାର ଚେଷ୍ଟା କରୁଅଛନ୍ତି ଏ ଅବସ୍ଥାରେ ଏଦେଶର ଲୋକମାନଙ୍କ ମନରେ ବିଦ୍ୟାର ଯେପର ପୂର୍ବସଂସ୍କାର ଅଛି ସେଥିରୁ ଅନୁମାନ ହୁଏ କିଞ୍ଚିତ ଯତ୍ନ କଲେ ଅବିଳମ୍ବେ ଓଡ଼ିଶା ଆପଣାର ପୂର୍ବ ଉନ୍ନତାବସ୍ଥାକୁ ପ୍ରାପ୍ତ ହେବ ଏତଦ୍ଦେଶୀୟ ସମସ୍ତ ରାଜା ଜମିଦାର ଓ ଅନ୍ୟ ବିଷୟାପନ୍ନ ଓ ଶକ୍ତିଶାଳୀ ଲୋକମାନଙ୍କୁ ଉଚିତ ଯେ ଏଫଳ ଯେପ୍ରକାର ଶୀଘ୍ର ଲାଭ ହୁଏ ସେ ବିଷୟରେ ସ୍ୱୟଂ ସାଧ୍ୟମତେ ଯତ୍ନ କରି ଗବର୍ଣ୍ଣମେଣ୍ଟଙ୍କୁ ସାହାଯ୍ୟ କରିବେ ।

## ସାପ୍ତାହିକସଂବାଦ ।

ଜ୍ୟୋତିଷ ଶାସ୍ତ୍ରକୁ ଅବଲମ୍ବନ କରି ମନୁଷ୍ୟର ଭାଗ୍ୟାଭାଗ୍ୟ ଓ ଆୟୁର ଯେଉଁ ଗଣନା ହୁଅଇ ତାହା ବହୁକାଳରୁ ଏ ଦେଶରେ ବ୍ୟବହାର ଥିଲେହେଁ ଆଧୁନିକ ବିଦ୍ୱାନ୍ ଓ ସଭ୍ୟମଣ୍ଡଳୀ ତାହାକୁ ଗ୍ରାହ୍ୟ କରୁ ନାହାନ୍ତି ତଥାଚ ଆମ୍ଭେମାନେ ଖଡ଼ିରତ୍ନଙ୍କ ଗଣନା ପ୍ରତ୍ୟକ୍ଷ କରି ଅତିଶୟ ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ । ପ୍ରଥମେ ବାବୁ କୃଷ୍ଣଚନ୍ଦ୍ରଦାସ ଓ ତଦୁତ୍ତାରୁ ବାବୁ ଗୌରାଙ୍ଗପ୍ରସାଦଗୁପ୍ତଙ୍କ ଆୟୁ ଗଣନାକରି ଖଡ଼ିରତ୍ନ ଯେଉଁ କାଳରେ ମୃତ୍ୟୁ ନିଶ୍ଚୟ କରିଥିଲେ ତହିଁର ବ୍ୟତିକ୍ରମ ହୋଇ ନାହିଁ । ଅନ୍ୟାନ୍ୟ ଜ୍ୟୋତିଷଙ୍କର ମଧ୍ୟ ଏହିପରି ପରୀକ୍ଷା ହୋଇଅଛି । ଅତଏବ ଏ ଶାସ୍ତ୍ର ଯଥେଷ୍ଟ ପରୀକ୍ଷା କରିବାର ଆବଶ୍ୟକ ।

ଗତକାଲି ପାରିକୁଦ ରାଜାଙ୍କୁ ପଦ ପ୍ରଦାନର ଦରବାର କାର୍ଯ୍ୟ ନିର୍ବାହ ହୋଇଗଲା ସବିଶେଷ ପରେ ପ୍ରକାଶ ହେବ । ଶୁଣି ଦୁଃଖିତ ହେଲୁଁ ଯେ ଉପର ଗଡ଼ଜାତ କି ତଳ ଗଡ଼ଜାତର କୌଣସି ରାଜା ଆସିଲେ ନାହିଁ । ଏଥିର କାରଣ କି ଜଣାଯାଉ ନାହିଁ ସ୍ୱଦେଶବାସିମାନେ ଏରୂପ ନିରୁତ୍ସାହୀ ହେଲେ ଏଠାରେ କିରୂପ ମଙ୍ଗଳ ହେବ ।

ଆଜିକାଲି ସର୍ବତ୍ରରେ ଜ୍ୱରରୋଗର ଅତିଶୟ ପ୍ରାଦୁର୍ଭାବ ଦେଖାଯାଏ କଟକରେ ଏ ରୋଗ ବିସ୍ତର ଲୋକଙ୍କୁ ବ୍ୟସ୍ତ କରୁଅଛି ପୁଣି ବର୍ଦ୍ଧମାନ ଶ୍ରୀରାମପୁର ଓ ନିକଟବର୍ତ୍ତୀ ସ୍ଥାନରେ ଏ ରୋଗ ଭୟାନକ ହୋଇଅଛି ଗବର୍ଣ୍ଣମେଣ୍ଟ କି ପ୍ରତୀକାର କରୁଅଛନ୍ତି ଜଣାଯାଉ ନାହିଁ ।

ବଙ୍ଗଦୂତ ବୋଲନ୍ତି, ସମ୍ପ୍ରତି ଗାସେହାଟୀୟ କେତେଗୁଡିଏ ଛାତ୍ର ସେମାନଙ୍କ ଶିକ୍ଷକ ଉପରେ ବିରକ୍ତ ହୋଇ ତାହାଙ୍କୁ ବଧକରି ଭକ୍ଷଣ କରିଅଛନ୍ତି, ଆମ୍ଭେମାନେ ଗୁରୁମାର ବିଦ୍ୟାର କଥା ଶୁଣିଥିଲୁଁ ବର୍ତ୍ତମାନରେ ପ୍ରତ୍ୟକ୍ଷ ହେଲା । ସମ୍ବାଦଟି କି ସତ୍ୟ ?

କାମ୍ପଟିର ପୁଲିସ ଇନ୍‌ସପେକ୍ଟର ଲାମରି ସାହେବ ଏକଜଣ ବିଖ୍ୟାତ ଓହାବ ମୌଲବୀକୁ ଧରି କରିଅଛନ୍ତି । ଏବ୍ୟକ୍ତିକୁ ଗ୍ରେପ୍ତାର କରିବା ନିମିତ୍ତ ଗବର୍ଣ୍ଣମେଣ୍ଟ ୪ ୧୦୦୦ ଟା ପୁରସ୍କାରର ଘୋଷଣା ଦେଇଥିଲେ । ଏପରି କ୍ଷତିକର ନାନାସାହେବ ମତ ନ ହୁଅନ୍ତୁ ।

ସେଥରିଙ୍କଲୁଷ୍ଟା ନାମକ ଏକଜଣ ମାନ୍ଦ୍ରାଜ କଷ୍ଟିଗେର ଭଷତ୍ୟ କୌନ୍‌ସିଲର ସଭ୍ୟ ଏଲିସ ଫିଲପ୍ସ ସାହେବଙ୍କୁ ଉତ୍କୋଚ ଦେଇ କୌଣସି କାର୍ଯ୍ୟ ସାଧନ କରିଦେବ ବୋଲି ଏକବ୍ୟକ୍ତି ନିକଟରୁ ୪ ୩୦୦୦ ଙ୍କା ଠକି ନେଇଅଛି ଏବ୍ୟକ୍ତିକୁ ଫୌଜଦାରିରେ ଦିଆଯାଇଅଛି ।

ଡେଲିନ୍ୟୁସ ଅବଗତ ହୋଇଅଛନ୍ତି ପୁଲିସ କର୍ମଚାରିମାନଙ୍କ ଶିକ୍ଷାର୍ଥେ ପ୍ରେସିଡେନ୍ସି ବରହମପୁର, କୃଷ୍ଣନଗର ଓ ଢାକା କାଲେଜରେ ଏକ ଏକ ଆଇନ ଶ୍ରେଣୀ ହୋଇବ କର୍ଣ୍ଣଲର ସାକ୍ଷ୍ୟ ଆଇନ, ଦଣ୍ଡବିଧି ଫୌଜଦାରି ଆଇନ, ଅବକାରି ଆଇନ ପ୍ରଭୃତି ନେଇ ଉପଦେଶ ଦିଆହେବ । ଯେଉଁମାନେ ପୁଲିସରେ ପ୍ରବେଶ ହେବାକୁ ଇଚ୍ଛାନ୍ତି ସେମାନେ ମଧ୍ୟ ଫୀସ ଦେଇ ଶ୍ରବଣକରି ପରୀକ୍ଷା ଦେଇ ପାରିବେ ।

କସ୍ଟର କାପ୍ତେନ ଗେଲେହ୍ନି ଅର୍ଥାତ ପୂର୍ବେ ପ୍ରକାଶିତ ହୋଇଥିଲା କି ଯେବ୍ୟକ୍ତି

ଏକ ଏକାଦଶବର୍ଷୀୟ କୁମାରୀ କନ୍ୟାଠାରେ ବଳାତ୍କାର ଅଭ୍ୟାସର କରିବାରୁ ସେ କନ୍ୟା ପ୍ରାଣତ୍ୟାଗ କରିଥିଲା, ତାହାଙ୍କୁ ଉକ୍ତ ମୋକଦ୍ଦମାରେ ବର୍ତ୍ତମାନରେ ଫୌଜଦାରୀରେ ଅର୍ପଣ କରାଯାଇଅଛି ।

ଗବର୍ଣ୍ଣରଜେନରଲଙ୍କର ଆଜ୍ଞାନୁସାରେ ପୁଲିସ ଇନେସ୍ପେକ୍ଟର ଜେନରଲ ଜ୬୪ଣ ସରକାର ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପଦ ତ୍ୟାଗ କରିବାର ସମ୍ବାଦ ଦେଇଅଛନ୍ତି । ଏମାନଙ୍କ ମଧ୍ୟରେ ଦୁଇଜଣ ମାତ୍ର ଏତଦ୍ଦେଶୀୟ ଅଛନ୍ତି ।

ଦିଲ୍ଲୀର ଏକବ୍ୟକ୍ତି ଷ୍ଟାମ୍ପ ଜାଲ କରି ଅଳ୍ପମୂଲ୍ୟରେ ବିକ୍ରୟ କରୁଥିଲା । ସେ ବସ୍ତୁର ଅଦାଲତର ଓ ଛୁଣ୍ଡିର ଷ୍ଟାମ୍ପ ଜାଲ କରେ । ଜାଲର ଯନ୍ତ୍ର ଓ ଅର୍ଦ୍ଧଜାଲର ଷ୍ଟାମ୍ପର ସହିତ ଦିଲ୍ଲୀର ମାଜିଷ୍ଟ୍ରେଟ ଏହାକୁ ଧରିଅଛନ୍ତି ।

ବୋମ୍ବାଇଗେଜେଟ ଲେଖନ୍ତି, ଅକ୍ଷତ୍ୟ କେତେଗୁଡ଼ିଏ ବ୍ରାହ୍ମଣ ଏକତ୍ର ହୋଇ ମଦ୍ୟପାନ ଓ ମାଂସଭୋଜନ ଉଚିତ କି ନା । ଏହାର ମୀମାଂସା କରୁଅଛନ୍ତି । ଉଚିତ ଏ ମୀମାଂସା କଲେ ଅନେକ ସେମାନଙ୍କୁ ଆଶୀର୍ବାଦ କରିବେ

ଏକଜଣ ଫରାସୀ ବିଜ୍ଞାନବିତ୍ ବୋଲନ୍ତି ଯେସମସ୍ତଲୋକେ ତମ୍ବାର କାର୍ଯ୍ୟ କରନ୍ତି ସେମାନଙ୍କର ଓଲାଉଠା ବଡ଼ ହୁଏ ନା । ଅନ୍ୟାନ୍ୟ ଧାତୁର ମଧ୍ୟ ଏହି ଗୁଣ ଅଛି । ବର୍ମିଙ୍ଗହେମ ଆଦି ସ୍ଥାନରେ ବସ୍ତୁର ଧାତୁର କାରଖାନା ଅଛି । ଏହି ନଗରରେ ଏପର୍ଯ୍ୟନ୍ତ ଓଲାଉଠା ହୋଇ ନାହିଁ । ସେ ଉକ୍ତମତର ପ୍ରସ୍ତାବ କରିଅଛନ୍ତି । ତାମ୍ର ବ୍ୟବହାର କଲେ ଓଲାଉଠାରୋଗର ପ୍ରତି ନାଶକ ହୋଇପାରେ ।

ଏକଜଣ ମିସନରିଙ୍କୁ ନିବଙ୍କର କେତେକ ଗୁଡ଼ିଏ ବ୍ରାହ୍ମଣ ପ୍ରହାର କରିବାରୁ ଦେଓିାନମାଧବଗଞ୍ଜ ଅଭ୍ୟାଗତମାନଙ୍କୁ ସାମାନ୍ୟ ମାତ୍ର ଦଣ୍ଡ ଦେଇଅଛନ୍ତି । ଉକ୍ତ ସ୍କନ୍ଦରେ ଜନ୍ମ ଅଛି ଯେଉଁ ଛାମରେ ବ୍ରାହ୍ମଣର ବାସ ଥିବ ତାହାମଧ୍ୟରେ ନୀଚଜାତୀୟ କେହି ଗମନ କରି ନ ପାରେ । ଏହାଦ୍ୱାରା ମିସନରୀ ଶୁଦ୍ଧ ହୋଇଅଛି । ଲର୍ଡ ଅର୍ଗାଇଲ ଦେଓିାନ କାର୍ଯ୍ୟପ୍ରତି ଅସନ୍ତୋଷ ପ୍ରକାଶ କରିଅଛନ୍ତି । ଦେଓିାନମାଧବଗଞ୍ଜ ବ୍ରାହ୍ମଣମାନଙ୍କର ଗୁରୁଦଣ୍ଡ କରିଥିଲେ ପଶ୍ଚାତ ଅନିଷ୍ଟ ହେବାର ସମ୍ଭାବନା ଥିଲା କିନ୍ତୁ ତାହା ଅନୁସନ୍ଧାନକରଣ ଉଚିତ ।

ଫ୍ରେଣ୍ଡଅଫଇଣ୍ଡିଆ ଗୋଟିଏ ଉତ୍ତମ ପ୍ରସ୍ତାବ କରିଅଛନ୍ତି । ୧୪ ଅଇନ ସୃଷ୍ଟିର ପର ଏହି ହୋଇଅଛି ଯେସକଳ ବେଶ୍ୟା ସୁଯୋଗ ପାଇଅଛନ୍ତି ସେମାନେ ପାପକ୍ରିୟାର ଲକ୍ଷୃତ ହୋଇଅଛନ୍ତି । ଫ୍ରେଣ୍ଡ ବୋଲନ୍ତି ଗବର୍ଣ୍ଣମେଣ୍ଟ ଯାଲୟ ସହିତ ଗୋଟିଏ ସଂଶୋଧନୀ ଆଲୟ କଲେ ଭଲ ହେବ । ସେଠାରେ ଉକ୍ତ ସଂଶୋଧିତ ବେଶ୍ୟାଗଣ ଲେଖା, ପଢ଼ା, ଓ ସୂଚର କାର୍ଯ୍ୟ ଶିକ୍ଷିପାରିଲେ ଏକପ୍ରକାର ଆପଣାମାନଙ୍କ ଜୀବିକା ସଭ୍ୟତା ସହକାରରେ ନିର୍ବାହ କରିପାରିବେ । ଆମ୍ଭେମାନେ ଏହି ପ୍ରସ୍ତାବରେ ଅନୁମୋଦନ କରୁଅଛୁଁ । ଦଣ୍ଡସହିତ ଚରିତ୍ର ସଂଶୋଧନ ନ ହେଲେ ସମସ୍ତ ବୃଥା ହୋଏ ।

---

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ଅମୃତ ନିମ୍ନ ଲକ୍ଷିତ କତିପୟ ପଂକ୍ତି ଅନୁଗ୍ରହପୂର୍ବକ ସଂଶୋଧନାନନ୍ତର ଭବଦୀୟ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ଚରିତାର୍ଥ କରିବା ହେବେ । ଗଳିତ ନବମ୍ବରମାସ ତା ୧ ରିଖ ଉତ୍କଳ ହିତୈଷିଣୀ ପତ୍ରିକାରେ ଶ୍ରୀଗୌରୀଶଙ୍କର ମୁଖୋପାଧ୍ୟାୟ ପ୍ରକାଶ କରନ୍ତି ଯେ ଦଶଧଂସନରେ ଅଛି, ଭବ ଗଣ ଲୁଚିବାରେ କାର୍ତ୍ତିକେ ନଷ୍ଟଚନ୍ଦ୍ରେ ପ୍ରିଭ ଧୃତ ବସ୍ତୁମେ ସ୍ୱାତ ନକ୍ଷତ୍ର ଯୋଗେ କଳଟର ଦ୍ରବିଣାଥା ଥାକର ଜଙ୍ଗମେଣ ଧରଣୀ ତୁଳ ମୂର୍ଚ୍ଛା ବାସୁକୀ କୋପ ହେତୁ" ଅର୍ଥାତ୍, ଏହିବାକ୍ୟଦ୍ୱାରା ବାସୁ କିଷ୍ଟ୍ୟ କେଉଥିଲେ, କାର୍ତ୍ତିକ ଅମାବାସ୍ୟା ଦିନ ଆଜ ଯେତେ କାଳ ତହିଁରେ ଶୋଫାନ ହୁଅନ୍ତା ନାହିଁ । ଗତ ସନ ୧୮୬୭ ମସିହା ଅକ୍ଟୋବର ମାସ କୁମାର ପୂର୍ଣ୍ଣିମା ଶେଷ ପ୍ରତିପଦା ପ୍ରବେଶ ସମୟରେ ଯେଉଁ ବତାସ ହୋଇଥିଲା ସେଠାରେ କି ଉକ୍ତ ବାକ୍ୟର କି ସମ୍ଭାବନା ଅଛି ? ସେ କି କାର୍ତ୍ତିକ ନଷ୍ଟଚନ୍ଦ୍ର ? ଏକା ଏ ଅନୁଷ୍ଟୁବ ବାକ୍ୟରେ ଲକ୍ଷ୍ୟ ହେଉଥିଲେ ନିଷ୍ଫଳ ପତିତମର କି ଦରକାର ହୁଅନ୍ତା । କିନ୍ତୁରେ ଲେଖନ୍ତି " ଉଦ୍ଧାରଣି ଉର୍ଣ୍ଣବା ବ୍ରିଂ ସବେଷଣ ପାଣିତ ପ୍ରାବୃଷ୍ଣ୍ୟାଦପ କ୍ଷୟକେ ନାଥ ସର୍ବ ମନ୍ଦନ୍ତୁମୂର୍ତ୍ତଂ " ବାକ୍ୟ ଲକ୍ଷ୍ୟରେ ଗ୍ରହମାନଙ୍କର ଅଷ୍ଟପ୍ରକାର ଗତି ଲେଖନ୍ତି । ଏସ ଗତଦ୍ୱାରା ଗ୍ରନ୍ଥକାର ଲେଖନ୍ତି " ଚଣ୍ଡାକ୍ଷା ବାସୁନାତ୍ୟା ତହନା ସୌମ୍ୟ କିର୍ତ୍ତିତା କଳା ତଗ୍ କ୍ଷୀଣ୍ ଚୈବ ସପ୍ତୈତେ ଗତନାଡ଼ିକା " ଅର୍ଥାତ୍

ଯେନାଡ଼ି ଅଧିପତି ଯେହୁ ।
ସେ ନାଡ଼ୀ ଯୁକ୍ତ ଯେବେ ସେହୁ ।
ତହିଁ ଉଦ୍ରର ସଂଯୋଗରେ ।
ନାଡ଼ିର ଫଳ କରେ ରଲେ ।

ଏମନ୍ତେ ଲେଖନ୍ତି ଏହିରୂପ ଗ୍ରହଗଣନାଡ଼ଯୋଗେ ସନ ୧୮୬୩ ମସିହା ଓ ସନ ୧୮୬୭ ମସିହାର ବାସୁ ଘଟନା ହୋଇଅଛି ସନ ୧୮୬୪ ମସିହାରେ ଦହନ ନାଡ଼ରେ ଗ୍ରହ ରହିଥିଲେ ପୃଥ୍ୱୀ ଗନ୍ଧଦଗ୍ଧ ହୋଇଅଛି ଜଳନାଡ଼ରେ ପ୍ରବେଶ ହେଲେ ପୂର୍ଣ୍ଣ ଜଳବୃଷ୍ଟି ହେଉଛି ବାସୁ ନାଡ଼ରେ ପ୍ରବେଶ ହେଲେ ଝଡ଼ ବତାସ ହେଉଛି ଖାପାବଲୀ ଅମାବାସ୍ୟା ଘଟନା ନୋହିବା କାରଣ ଏହିକ କ୍ଷୀଣଚନ୍ଦ୍ରରେ ଏ ଯୋଗମାନ ଘଟନା ହୁଅନ୍ତି ନାହିଁ ଉଦ୍ର ବଳନ୍ତ ହେବାର ସମ୍ଭାବନା ଅଛି ଅନୁଭବରେ ଅସି ନ ଥିଲ ଭବିଷ୍ୟତରେ ଘଟନା ହେବା ପ୍ରତ୍ୟକ୍ଷରେ ଉଲ୍ଲେଖ କରିବୁଁ ।

| | |
|---|---|
| କଟକ<br>୮ । ୧୧ । ୧୮୬୯ | ବଶମ୍ବଦ<br>ଶ୍ରୀ ହରିହର ଶତପଥି<br>ଉତ୍କଳପତ୍ରିକା ସାଧକ |

---

## ବିଜ୍ଞାପନ

କଟକ ବ୍ରାହ୍ମସମାଜର ସହାୟତାରେ ଉତ୍କଳଶୁଭକରୀ ପତ୍ରିକା ପ୍ରଥମ ପ୍ରକାଶ ହୋଇଥିଲା ମାତ୍ର ଉକ୍ତ ପତ୍ରିକାର ସମ୍ପାଦକଙ୍କ ମତରେ ସମସ୍ତ ବିଷୟରେ ସମାଜ ସମ୍ପୂର୍ଣ୍ଣରୂପେ ଐକ୍ୟ ନ ହେବାରୁ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଉଅଛୁଁ କି ଉତ୍କଳଶୁଭକରୀ ପତ୍ରିକାର କଟକ ବ୍ରାହ୍ମସମାଜ ସଙ୍ଗେ କୌଣସି ସମ୍ବନ୍ଧ ନାହିଁ ।

| | |
|---|---|
| କଟକ<br>ବ୍ରାହ୍ମସମାଜ<br>୧୧।୧୦।୧୮୬୯ | ଶ୍ରୀହାସ୍ୟନାଥ ଘୋଷ<br>ସମ୍ପାଦକ |

---

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ରଘୁନାଥ ଘୋଷ | ବାଙ୍କୀ | ଅଲିମ | ୪ ॥ |
| ,, ହରମୋହନ ଗୁପ୍ତ | କଟକ | ବକ୍ସୀ | ୪ ॥ |
| ,, ଗୋପୀନାଥ ଗୁପ୍ତ | ,, | ,, | ୪ ॥ |
| ଶ୍ରୀ ଗଙ୍ଗା ଚରଣ | ଖୁର୍ଦ୍ଦା | ,, | ୪ ୬ |
| ଚଉଧୁରୀ ପ୍ରହ୍ଲାଦ ମହାପାତ୍ର | | ,, | ୪।୧ |

☞ ଏହି ଉତ୍କଳଦୀପିକା ସହର କଟକ ବରଦାବଜାର କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

| | | |
|---|---|---|
| ଭାଗ ୧୪ | ତା ୨୨ ରଶ ନବମ୍ବର ସନ ୧୮୭୯ ମସିହା । ମୁ । ମାର୍ଗଶିର ଦ୍ୱାଦଶ ସନ ୧୨୮୭ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୨ |
| ସଂଖ୍ୟା | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨। |
| | | ମଫସଲ ପାଇଁ ଡାକମାସୁଲ । |


177

## ସଦାବର୍ତ୍ତସମ୍ପତ୍ତିର ତତ୍ତ୍ୱାବଧାରଣ

ଆମ୍ଭେମାନେ ଆନନ୍ଦରସହିତ ଅବଗତହେଲୁଁ ଯେ ସଦାବର୍ତ୍ତ ମଠସମ୍ବନ୍ଧରେ କମିଟୀ ବସି ଏଠାରେ କେତେକ ମଠର ଅବସ୍ଥା ଅନୁସନ୍ଧାନ ପୂର୍ବକ ଯେଉଁ ବିବରଣମାନ ଲେଖିଥିଲେ ତାହା ଗବର୍ଣ୍ଣମେଣ୍ଟର ହୃଦ୍‌ଗତରେ ଅଛିଅଛି ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରସାହେବ କମିଟୀର ଲକ୍ଷିତ ବୃତ୍ତାନ୍ତ ପାଠରେ ମଠମାନଙ୍କର ପ୍ରକୃତ ଅବସ୍ଥା ଜାଣିବାକୁ ସକ୍ଷମ ହୋଇଥିବାର ବୋଧ ହୁଅଇ କାରଣ ଯେବେସେ ହୋଇ ନ ଥିଲେ ସେ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କ ନିକଟରେ ଅଧିକ ସଂଶୋଧନ କରିବା ଅନୁରୋଧ କରନ୍ତେନାହିଁ । ଉତ୍କଳବାସିମାନେ ପ୍ରଥମେ ଏହଥାର ଅଦୋଳନ କରନ୍ତି ବହୁ ଦେଖିରେ ସେମାନେ ଯେପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇଅଛନ୍ତି ବୋଲିଯାଇ ନପାରେ ଏହା ଉତ୍କଳର ମଠସମ୍ବନ୍ଧରେ କଥା ଉତ୍ଥାପନ ହେଲା ମାତ୍ର ମଠମାନଙ୍କର ଦୁରବସ୍ଥା ଦେଖି ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ବିଶ୍ୱାସ ହୋଇଅଛି ଯେ ଭାରତବର୍ଷର ସମସ୍ତ ସଦାବର୍ତ୍ତ ସମ୍ପତ୍ତିର ବହୁଳ ଚର୍ଚ୍ଚା ହେବା ନିତାନ୍ତ ଆବଶ୍ୟକ ଏହି ହେତୁରୁ ସେ ଆପଣା ଅଧୀନ କମିଶନରମାନଙ୍କୁ ଆଜ୍ଞା ଦେଇ ଅଛନ୍ତି ଯେ ସେମାନେ ଆପଣା ଅଧିକାରରେ ଥିବା ସମସ୍ତ ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ ବା ଅନ୍ୟପ୍ରକାର ଦେବାଳୟ ଓ ଧର୍ମାର୍ଥ ସମ୍ପତ୍ତିର ଅବସ୍ଥା ଅନୁସନ୍ଧାନ କରି ଲେଖିବେ ।

ଗବର୍ଣ୍ଣମେଣ୍ଟବଙ୍ଗାଲ ସମ୍ପ୍ରତି ଏହି ପ୍ରସ୍ତାବ କରିଅଛନ୍ତି ଯେ ପ୍ରତ୍ୟେକ ଜିଲ୍ଲାର ସଦାବର୍ତ୍ତର ତତ୍ତ୍ୱାବଧାରଣ କାରଣ ଗୋଟିଏଲେଖାଏଁ କମିଟୀ ନିଯୁକ୍ତ ହେବ ଓ ପ୍ରତ୍ୟେକ କମିଟୀର ଅଧୀନରେ ଜଣେ ସେକ୍ରେଟରୀ ରହିବ । ସେକ୍ରେଟରୀ ବେତନଭୋଗୀ ନଉକର ହୋଇ ସମସ୍ତ କର୍ମ କରିବେ ଓ ସାମୟିକ ହିସାବମାନ ରଖିବେ । ସେକ୍ରେଟରୀଙ୍କ ବେତନ ସମସ୍ତ ସଦାବର୍ତ୍ତ ଉପରେ ବଣ୍ଟନ ହୋଇ ଆଦାୟ ହେବ । କମିଟୀର ସଭ୍ୟମାନେ ବିନାବେତନରେ କାର୍ଯ୍ୟ କରିବେ ।

ଏ ପ୍ରସ୍ତାବମାନ ଯେ ହୃଦୟର ଅତିଶୟ ଲେଖିବାଲ ବାନ୍ଧୁଳି । ଆମ୍ଭେମାନେ ଏହିମାତ୍ର ପ୍ରାର୍ଥନା କରୁଁ ଯେ ଗବର୍ଣ୍ଣମେଣ୍ଟଇଣ୍ଡିଆ ଶୀଘ୍ର ଏ ମତର ପୋଷକତା କରି ବହୁତ ଅଧିକ ଜାରି କରିବାର ଆଜ୍ଞା କରନ୍ତୁ ।

---

## ଉତ୍କଳଭାଷା ଶିକ୍ଷା ପରୀକ୍ଷା ସଭା ।

ପାଠକମାନେ ଛବଣରେ ଅବଗତ ହେବେ ଯେ ବିଦେଶୀସ୍କୁଲରେ ଉତ୍କଳଭାଷା ଉଠାଇଦେବାପାଇଁ ଯେଉଁ ଚେଷ୍ଟା କରନ୍ତି ଆମ୍ଭମାନଙ୍କର ଦୟାବାନ ଗବର୍ଣ୍ଣମେଣ୍ଟ ସେଥିର ଆସ୍ଥା ନ କରି ଏ ଦେଶର ଭାଷା ଉନ୍ନତିପକ୍ଷରେ ଯଥେଷ୍ଟ ଉପାୟ କରିବାକୁ ଅନୁକମ୍ପା ପ୍ରକାଶ କରିଅଛନ୍ତି । ଗତ ବର୍ଷକର ଉର୍ଦ୍ଧ୍ୱ ହେବ ବିଦ୍ୟାଳୟରେ ପାଠୋପଯୋଗୀ ପୁସ୍ତକ ପରୀକ୍ଷା କାରଣ ଗୋଟିଏ ପୁସ୍ତକ ସଭା ହେବାର ପ୍ରସ୍ତାବ ହୋଇଥିଲା ସମ୍ପ୍ରତି ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରସାହେବ ଉକ୍ତ ନିମ୍ନଲିଖିତ ବ୍ୟକ୍ତିଙ୍କୁ ଉକ୍ତ ସଭାର ସଭ୍ୟପଦରେ ନିଯୁକ୍ତ କରି ଅଛନ୍ତି ଯଥା ଶ୍ରୀଯୁକ୍ତ ଡବଲିଉ ଡି, ଲେଂସାହେବ ସଭାପତି

| | |
|---|---|
| ,, ରାଜା ଭଗୀରଥୀ ମହେନ୍ଦ୍ର ବାହାଦୁର | ସଭ୍ୟ |
| ,, ବାବୁ ଜଗନ୍ନାଥାନନ୍ଦ ଦାସ | |
| ,, ,, ବନମାଳୀ ସିଂହ | |
| ,, ,, ଦ୍ୱାରକାନାଥ ଚକ୍ରବର୍ତ୍ତୀ | |

ଅଥଚ ଏ ସଭ୍ୟମାନ ସ୍ଥିର ହୋଇଅଛୁ ଗବର୍ଣ୍ଣମେଣ୍ଟଙ୍କ ଗେଜେଟ ଦେଖିଲେ ଜଣାଇବୁଁ ।

---

## ପାଇକୁଦ ରାଜାଙ୍କୁ ପଦପ୍ରଦାନର ଦରବାର

ଦୁର୍ଭିକ୍ଷର ଦୁର୍ଘଟନାମାନ ମନେକଲେ ଯେମନ୍ତ ହୃଦୟ ବିଦୀର୍ଣ୍ଣ ହୁଅଇ ତହିଁର ଜାତହୋଇ ଥିବା କେତେଗୁଡ଼ିଏ ସୁଫଳ ଦର୍ଶନରେ ଅନେକାଂଶ ମନର ଦୁଃଖ ଯାଏ ଦୂର ହୁଅଇ ଗତବର୍ଷ ପ୍ରାୟ ଏହି ସମୟରେ ଢେଙ୍କାନାଳର ରାଜାଙ୍କୁ ମହାରାଜ ପଦ ଦେବା ନିମିତ୍ତ ଗୋଟିଏ ବୃହତ୍ ଦରବାର ହୋଇଥିଲା ଏବଂ ଏ ବର୍ଷ ଗତ ସପ୍ତାହ ଶୁକ୍ରବାର ପାଇକୁଦର ରାଜାଙ୍କୁ କମ୍ପାନିୟନ ଷ୍ଟାର ଅବ ଇଣ୍ଡିଆ ପଦ ଦେବା ସକାଶେ ଅନ୍ୟଏକ ଦରବାର ହୋଇଥିଲା । ଦରବାର ଠିକୁ ସମସ୍ତ କରିବା ବିଷୟରେ କୌଣସି ଅନୁଷ୍ଠାନର ତ୍ରୁଟି ହୋଇ ନ ଥିଲା । ଡିଭିଜନ ପୁଲିସ ପଲ୍ଟନ ଓ ବୋଲ ନଟିଆର ପଲ୍ଟନର ସେନାମାନେ ଦରବାର ଗୃହର ଚତୁର୍ଦ୍ଦିଗରେ ସଶସ୍ତ୍ର ହୋଇ ଦଣ୍ଡାୟମାନ ଥିଲେ ଓ ଦରବାର ସମୟରେ ତୋପଧ୍ୱନି ଓ ବନ୍ଧୁକର ଶବ୍ଦରେ ଦିଗ୍‌ଦିଗନ୍ତ କମ୍ପିଲାପରି ପୂର

Split by PDF Splitter

Digitized by srujanika@gmail.com

ଉଠିଲା । ଦରବାରଗୃହ ମଧ୍ୟ ନାନାବର୍ଣ୍ଣ ବସ୍ତ୍ରରେ ମଣ୍ଡିତ ହୋଇ କଡ଼ମୁଡ଼ଙ୍କ ଦଶୁଥିଲା ନିର୍ଦ୍ଦିଷ୍ଟ ସମୟରେ ମହାରାଜା ଦରବାରରେ ପ୍ରବେଶ କେଲେ ଯଥାବିଧି କ୍ରିୟାମାନ ହେଲା ଶ୍ରୀଯୁକ୍ତ କମିଶନର ସାହେବ ଗୋଟିଏ ଇଂରାଜୀ ଚିଠି ପାଠକରି ରାଜାଙ୍କୁ ସନଦ ପ୍ରଦାନ କଲେ ଚିଠି ଓ ସନଦର ଅବିକଳ ଅନୁବାଦ ପାଠକଙ୍କ ଗୋଚର କାରଣ ଅନ୍ୟ ପୃଷ୍ଠାରେ ପ୍ରକାଶ ହେଲା ସେଥିରୁ ସମସ୍ତ ବିଷୟ ଅବଗତ ହେବା ଆଶାରେ ଆଉ ବିଶେଷ ଉଲ୍ଲେଖ କରିବାର ପ୍ରୟୋଜନ ବୋଧ ହେଉନାହିଁ । ଅତଏବ ତହିଁର ଆନୁଷଙ୍ଗିକ ଦରବାର ସମ୍ବନ୍ଧୀୟ କେତେକ ବିଷୟ ଲେଖିବାକେ ପ୍ରବୃତ୍ତ ହେଲୁଁ ।

ଦରବାର ସମ୍ବନ୍ଧରେ ଅନେକ ଲୋକର କଥା ଶୁଣି ବୋଧ ହୁଅଇ ଯେ ଦରବାରର ମହତ୍ ଏସ୍ଥଳରେ ସମସ୍ତଙ୍କର ହୃଦୟଙ୍ଗମ ହୋଇ ନାହିଁ । ଏହି ଦରବାରରେ ଯେ ସମସ୍ତ କାର୍ଯ୍ୟ ହେଲା ସେସବୁ ଅନେକ ଲୋକ ବୃଥା ଆଡ଼ମ୍ବର ଜ୍ଞାନ କରି କହନ୍ତି ଯେ ଏରୂପ ଅନର୍ଥକ ବ୍ୟୟ ନ କରି ରାଜାଙ୍କୁ ଟଙ୍କା ଛାଡ଼ି ଦେଇଥିଲେ ଭଲ ହୋଇଥାନ୍ତା । ଏଥିରୁ ଏହିକି ଜଣାଯାଏ ଯେ ଅଧିକାଂଶ ଲୋକ ଧନକୁ ଯେତେଦୂର ଯେମନ୍ତ ମର୍ଯ୍ୟାଦାକୁ ସେତେ ସେମନ୍ତ ନାହିଁ । କିନ୍ତୁ ସଦ୍‌ବ୍ୟୟ ନ କଲେ ଧନର କିଛି ଅର୍ଥ ଏବଂ ସଦ୍‌ବ୍ୟୟ କରିବା କାରଣ ଲୋକଙ୍କୁ କିରୂପ ଉତ୍ସାହିତ କରାଯାଇ ପାରେ ଏକଥାମାନ ଯେ କେହି ବ୍ୟକ୍ତି ମନରେ ଆନ୍ଦୋଳନ କରିବ ସେ ଅବଶ୍ୟ ସ୍ୱୀକାର କରିବ ଯେ ପ୍ରକାଶ୍ୟ ଦରବାରରେ ଲୋକର ମାନ୍ୟ ବଢ଼ାଇବା ଅନର୍ଥକ କାର୍ଯ୍ୟ ନୁହଇ । ଧାର୍ମିକ ବ୍ୟକ୍ତି ଆପଣା କର୍ତ୍ତବ୍ୟ ସାଧନରେ ଯାଦୃଶ ଆନନ୍ଦ ଭୋଗ କରଇ ସାଂସାରିକ କୌଣସି ମର୍ଯ୍ୟାଦା ତାହାକୁ ସେତେ ଆନନ୍ଦ ଦେଇ ନାହିଁ ବରଂ ଏସମସ୍ତ ବ୍ୟାପାରରେ ସେ ବିରକ୍ତ ହୋଇପାରେ ସତ୍ୟ କିନ୍ତୁ ଏ ସମସ୍ତ ରାଜକୀୟ କାର୍ଯ୍ୟରେ ସେ ବ୍ୟକ୍ତିର ଉପକାର ନିମିତ୍ତ ଗବର୍ଣ୍ଣମେଣ୍ଟ କରନ୍ତି ନାହିଁ କିମ୍ବା ଏ ସବୁରେ ତାହାର ଉପକାର ହେବାର ସମ୍ଭାବନା ନାହିଁ । ଯେ କେହି ସଂସାରର ହିତ ନିମିତ୍ତ କୌଣସି କାର୍ଯ୍ୟ କରେ ଗବର୍ଣ୍ଣମେଣ୍ଟର ତାହା ପ୍ରତି କିରୂପ ସ୍ନେହ କେବଳ ଏହି ମାତ୍ର ବ୍ୟକ୍ତ କରିବା ଓ ତାହା ବ୍ୟକ୍ତ କରି ପ୍ରତ୍ୟକ୍ଷ ଦୃଷ୍ଟାନ୍ତଦ୍ୱାରା ଅନ୍ୟ ଲୋକଙ୍କୁ ଶିକ୍ଷା ଦେବା ଗବର୍ଣ୍ଣମେଣ୍ଟର ଉଦ୍ଦେଶ୍ୟ ଅଟଇ । ଅତଏବ କିଛି ଲୋକଙ୍କୁ ଏକତ୍ରିତ କରି ଏ କାର୍ଯ୍ୟ ସମ୍ପନ୍ନ ହୁଅଇ । ଧନ ଦାନ ଦେଲେ ତାହା ଅନ୍ୟ କେହି ଜାଣି ନ ପାରନ୍ତି ଓ କେତେ ଧନ ଏକ ବ୍ୟକ୍ତିଙ୍କୁ ଦାନ କଲେ ସେ ଅନ୍ୟ ଲୋକାପେକ୍ଷା ଅଧିକ ହେବ ତାହା ସ୍ଥିର କରିବା ସର୍ବଦା କଠିନ ଅଟଇ । କିନ୍ତୁ ବଡ଼ ଦୁଃଖର ବିଷୟ ଏଠାରେ ଯେଉଁ ବମ୍ବୋଡ଼ି(?) ଦରବାର ହୋଇଗଲା ତହିଁରେ ନଗରବାସୀ ରାଜକର୍ମଚାରୀ ଓ କେତେକ ଜମିଦାର ଭିନ୍ନ ମୋଫସଲରୁ କେହି ନ ଆସିଲେ । ଆମ୍ଭ ଦେଶର ଲୋକର ସୌଭାଗ୍ୟର ପରିଚୟ ପାଇ ଶ୍ରୀମତୀ ମହାରାଣୀ ମର୍ଯ୍ୟାଦାସୂଚକ ପଦ ପଠାଇ ଦେଲେ କିନ୍ତୁ ଆମ୍ଭମାନଙ୍କର ଜମିଦାର ଓ ରାଜାମାନେ କଷ୍ଟର କ୍ଲେଶ ସ୍ୱୀକାର କରି ନଗର ପର୍ଯ୍ୟନ୍ତ ଆସି ନ ପାରିଲେ ଏଥିରେ କେବଳ ରାଜଭକ୍ତି ଗୁଣର ପରିଚୟ ପାଇଗଲା ଏମନ୍ତ ନୁହଇ ଆପଣା ଦେଶର ଗୌରବ ପ୍ରକାଶ କରିବାରେ ମଧ୍ୟ ଏମାନଙ୍କ ଅଶ୍ରଦ୍ଧା ଥିବାର ଜଣାଯାଏ । କେହି କହନ୍ତି ଯେ ରାଜାମାନେ ଆପଣା ମାନହାନିର ଆଶଙ୍କା କରି ଦରବାରକୁ ଆସିବାରୁ କ୍ଷାନ୍ତ ହେଲେ । ସେମାନେ ମନେ କରନ୍ତି ଯେ ଏକ ବ୍ୟକ୍ତିର ମର୍ଯ୍ୟାଦା ହେଉଥିବା ସମୟରେ ସେମାନଙ୍କର କିସି ରହିବା ଅମର୍ଯ୍ୟାଦାର କଥା ଏବଂ ପୂର୍ବ ପ୍ରଥାନୁସାର ଯେଉଁ ରାଜାର ଯେମନ୍ତ ମର୍ଯ୍ୟାଦା ତହିଁରେ ଊଣା ମର୍ଯ୍ୟାଦାର ରାଜା ଉଚ୍ଚ ମର୍ଯ୍ୟାଦା ରାଜା ସମ୍ମୁଖରେ ଅଧିକ ସମାଦର ପାଇଲେ ଉଚ୍ଚମର୍ଯ୍ୟାଦା ରାଜାର ମନ କ୍ଷୁଣ୍ଣ ହୁଅଇ । ଏରୂପ ଆପତ୍ତିମାନ ଯେ ଅସାର ଓ ଅହଙ୍କାରର ତାହା ବୋଧହୁଅଇ କାହାରିକୁ ଦେଖାଇ ଦେବାର ଆବଶ୍ୟକ ନାହିଁ ଯେଉଁମାନେ ଏରୂପ କଥା ମନେ କରନ୍ତି ସେମାନଙ୍କୁ ଉଚିତ କି ସ୍ୱଜାତି(?) କର୍ତ୍ତବ୍ୟକର୍ମର ଅନୁଷ୍ଠାନ ଦ୍ୱାରା ଆପଣା ପୂର୍ବାର୍ଜ୍ଜିତ ମର୍ଯ୍ୟାଦାକୁ ରକ୍ଷା କରନ୍ତୁ ଯେବେ ସେମାନେ ସେଥିରେ ଚେଷ୍ଟା ନ କଲେ ତେବେ ତାହାଙ୍କର ଆପଣା ଦୋଷ ଅଟଇ । ଏଥିପାଇଁ ଅନ୍ୟଲୋକର ମର୍ଯ୍ୟାଦା ବଢ଼ାଇବାରେ ଯୋଗ ନ ଦେବା ଅତ୍ୟନ୍ତ ଅବିଜ୍ଞର ଅଟଇ । ପାରିକୁଦ ରାଜାଙ୍କ ହେତୁ ଉତ୍କଳର ଯେମନ୍ତ ମର୍ଯ୍ୟାଦା ବିଦେଶରେ ହୋଇଅଛି ସେଥିରେ ସମସ୍ତ ଉତ୍କଳବାସିଙ୍କ ଆନନ୍ଦ ହେବାର ଉଚିତ ମାତ୍ର ସଭାକୁ ନ ଆସିବାରୁ ସେ ଆନନ୍ଦର ପରିଚୟ କିଛି ମାତ୍ର ଜଣା ନ ଗଲା । ଯାହା ହେଉ ଏ ସବୁ କଥା ଅତି ଶୋଚନୀୟ ଅଟଇ । ମାତ୍ର ଆମ୍ଭେମାନେ ଭରସା କରୁଁ ଅସଭ୍ୟ ଧନାଢ୍ୟ ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏ ସମସ୍ତ ବିବେଚନା କରିବେ ଓ ଭବିଷ୍ୟତରେ ସମ୍ପୂର୍ଣ୍ଣ ଉତ୍ସାହିତ ହୋଇ ଦରବାରର ବ୍ୟାପାରରେ ଯୋଗଦେବେ ।

ଉପସଂହାର ସ୍ଥଳେ ଆଉ ଗୋଟିଏ କଥା ଉଲ୍ଲେଖ କରିବାର ପ୍ରୟୋଜନ ହେଲା । ଦରବାରରେ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରେ କିଏ କେଉଁଠାରେ ବସିବ ଏ ବିଷୟରେ କେତେକ ମନେ ଦୁଃଖ କରି ହେବାର ଦେଖାଗଲା । ଏଥିରେ କାହାର ଦୋଷ ଥିବା ଯାଇ ନ ପାରେ ସାମାନ୍ୟରୂପ ବିବେଚନା କଲେ ସଭ୍ୟମାନେ କିଏ କେଉଁଠାରେ ବସିଲେ ସେ କଥା ମନରେ ସେଚିନ୍ତା ଅନୁଚିତ ସ୍କୁଲ ପିଲାମାନଙ୍କୁ ଏକା ସେ କଥା ଶୋଭାପାଏ । ଯାହାର ଯେମର୍ଯ୍ୟାଦା ତାହା କେହି କାହାକୁ ଦେଇ ନାହିଁ ଯେ ଟିକିଏ ତଳୁପର ହେଲେ କେହି ସେଥିରୁ ଊଣା ଅଧିକ ଜ୍ଞାନ କରିବ । ତେବେ ଯଦ୍ୟପି ଦରବାରରେ ଏ ବିଷୟ ଜଣାନ୍ତ ଧର୍ତ୍ତବ୍ୟ ତେବେ ଦରବାର କର୍ତ୍ତାଙ୍କର ଉଚିତ ଯେ ପ୍ରତ୍ୟେକ ଚୌକିରେ ଆମନ୍ତ୍ରିତ ବ୍ୟକ୍ତିର ନାମ ଲେଖିରଖିବେ ତାହା ହେଲେ କିଛି ଭଲ ଦୂଷଣ ହେବ ନାହିଁ । କିନ୍ତୁ ଆମ୍ଭେମାନେ ବୋଧକରୁଁ ସେଥିରେ ଅଧିକ ମନୋଦୁଃଖ ଜାତ ହେବାର ସମ୍ଭାବନା କୌଣସି କଥାର ମାର୍ଜନା କଲେ ଯେତେ ମାନ୍ଦୁଥିବ ଲୋକଙ୍କ ତାହାର ସ୍ପଷ୍ଟ ପ୍ରକାଶ ହେଉଥିବ ଓ ଗୋଳମାଳରେ କାର୍ଯ୍ୟ ହେଲେ ଅନେକ ଅନର୍ଥକ ମନଃପୀଡ଼ା ଘଟିବାର ହୁଅଇ ।

---

### ଶ୍ରୀଯୁକ୍ତ ପାରିକୁଦ ରାଜାଙ୍କ ଅଭ୍ୟର୍ଥନା ନିମନ୍ତେ ସଭା ।

ଯଦ୍ୟପିକି ଆମ୍ଭେମାନେ ଦରବାର ଉପଲକ୍ଷରେ ସମ୍ଭ୍ରାନ୍ତବ୍ୟକ୍ତିଙ୍କର ଅନୁତ୍ସାହର କଥା ବର୍ଣ୍ଣନା କରି ଦୁଃଖିତ ହୋଇଅଛୁ ତଥାପି ପାଠକମାନେ ଏମନ୍ତ ବିବେଚନା କରିବେ ନାହିଁ ଯେ ରାଜା ମହୋଦୟଙ୍କ ସମ୍ମାନ କରିବାକୁ ଅନ୍ୟ ଲୋକେ ସାମାନ୍ୟ ଜ୍ଞାନ କରିଅଛନ୍ତି । ଦରବାରର ପରଦିନ ସୁଦ୍ଧା ପାଞ୍ଚ ସମୟରେ କଟକ ପ୍ରିନ୍ସିପାଲଙ୍କ ଦୋମହଲା କୋଠା ଉପରେ ଉତ୍କଳ ଉଲ୍ଲାସିନୀର ସଭାର ଗୋଟିଏ ବିଶେଷ ଅଧିବେଶନ ହୋଇଥିଲା । ଏଥିରେ ଉତ୍କଳ ସଭାର ସଭ୍ୟ ଛଡ଼ା ଆଉ କେତେକଣ ସମ୍ଭ୍ରାନ୍ତବ୍ୟକ୍ତି ଆମନ୍ତ୍ରିତ ହୋଇଥିଲେ । ରାଜା ମହୋଦୟଙ୍କ ଉପସ୍ଥିତ

ମର୍ଯ୍ୟାଦା ଲୋପ କରିବାରେ ଅସଭ୍ୟ ଲୋକଙ୍କ ଦର୍ପ ପ୍ରକାଶ କରିବା ଏ ସଭାର ଉଦ୍ଦେଶ୍ୟ ଥିଲା । ଏବଂ ସେ କାର୍ଯ୍ୟ ଯେ ଅତ୍ୟୁତ୍ତମ ରୂପେ ସଂପନ୍ନ ହୋଇଅଛି ଲେଖିବା ବାହୁଲ୍ୟ ମାତ୍ର । ଉକ୍ତାସିଙ୍ଗୀର ସମ୍ପାଦକ ଖଣ୍ଡିଏ ଅଭିନନ୍ଦନପତ୍ର ପାଠ କଲେ ଏବଂ ଶ୍ରୀ ପଣ୍ଡିତ ପଭିକର ଚୂଡ଼ାମଣି ଗୋଟିଏ ବକ୍ତୃତା କରି ଉତ୍କଳର ବର୍ତ୍ତମାନ ଦୁରବସ୍ଥା ଓ ରାଜା ମହୋଦୟଙ୍କ ପରି ମର୍ଯ୍ୟାଦାପନ୍ନ ଲୋକଙ୍କ ଦ୍ୱାରା ଦେଶର ଉନ୍ନତି ସମ୍ଭାବନା ଥିବାର ଦର୍ଶାଇଲେ । ରାଜା ଏ ସମସ୍ତରେ ବସ୍ତ୍ର ... ଓ ସଭାର ସଭ୍ୟ ଶ୍ରେଣୀରେ ପୂଜିତ ହୋଇ ପ୍ରତ୍ୟାଗମନ କରିବାରେ ସଭା ଭଙ୍ଗ ହେଲା । କଟକ ଟିଣ୍ଟେଲୁଷ୍ଟାକାର ଗୃହ ନିର୍ମାଣ ହୋଇ ପ୍ରଥମେ ସେଥିରେ ଅତ୍ରଦେଶୀୟ ସର୍ବୋଚ୍ଚ ସମ୍ମାନ ପ୍ରାପ୍ତ ବ୍ୟକ୍ତିଙ୍କ ଅଭ୍ୟର୍ଥନା ନିମିତ୍ତ ସଭା ହେବାରୁ ଏହାର ପ୍ରତିଷ୍ଠା କାର୍ଯ୍ୟ ଉତ୍ତମରୂପେ ହୋଇଅଛି ବୋଲିବାକୁ ହେବ ।

---

ସ୍ଥାନାନ୍ତରକୁ ଟଙ୍କା ପଠାଇବାର ନିୟମ

ଯେଉଁଦେଶରେ ବାଣିଜ୍ୟ ଯେମନ୍ତ ଉନ୍ନତି ଲାଭ କରୁଅଛି ସେ ଦେଶରେ ଭିନ୍ନଦେଶକୁ ଟଙ୍କା ପଠାଇବାର ସେପ୍ରକାର ସୁଯୋଗ ହୋଇ ଅଛି । ବିଦେଶୀୟ ଦ୍ରବ୍ୟର ବାଣିଜ୍ୟ କରିବାକୁ ହେଲେ ଅବଶ୍ୟ ଟଙ୍କା ପଠାଇବାର ପ୍ରୟୋଜନ ହେବ । କଟକରେ ବର୍ତ୍ତମାନ ବନ୍ୟ ବାଣିଜ୍ୟ ବୃଦ୍ଧି ହେବାର ଦେଖାଯାଏ ଓ ଅଧିକାଂଶ ବାଣିଜ୍ୟଦ୍ରବ୍ୟ ପ୍ରାୟ କଲିକତା ଓ ଅନ୍ୟାନ୍ୟ ସ୍ଥାନରୁ ଆସଇ କିନ୍ତୁ ପ୍ରତିଦାନ ସେସମସ୍ତ ଦ୍ରବ୍ୟ ଆଣିବାକାରଣ ଟଙ୍କା ପଠାଇବାର ଆବଶ୍ୟକ ହେଉଥିଲେ ମଧ୍ୟ ଅଦ୍ୟାପି ସରକାରର ସହାୟତା ଭିନ୍ନ ଅନ୍ୟ କୌଣସିରୂପେ ଟଙ୍କା ପଠାଇବାର ଉପାୟ ହୋଇ ନାହିଁ । ମହାଜନୀ ହୁଣ୍ଡୀ କଦାଚ କଟକରେ ପ୍ରାପ୍ତ ହୁଅଇ ମାତ୍ର ଏଥିର ପରିମାଣ ଅତ୍ୟଳ୍ପ । ଗବର୍ଣ୍ଣମେଣ୍ଟ ମଧ୍ୟ ମହାଜନଙ୍କ ଟଙ୍କା ପଠାଇବାକୁ ସର୍ବଦା ଅନୁକୂଳ । ପୂର୍ବେ ଖଜଣାଖାନାର ଯେତେ ଇଚ୍ଛା ଟଙ୍କାର ହୁଣ୍ଡୀ ପ୍ରାପ୍ତ ହେଉଥିଲା କିନ୍ତୁ ମନିଅର୍ଡ଼ର ନିୟମ ପ୍ରଚଳ ହେଲାଦିନୁ ତାହା ସ୍ଥଗିତ ହୋଇ ଅଛି । ମନିଅର୍ଡ଼ର ନିୟମ ପୁଣି ଅଧିକ ଟଙ୍କା ପ୍ରେରଣ ନିମିତ୍ତ ହୋଇ ନାହିଁ କେବଳ ଅଳ୍ପ ଟଙ୍କା ସ୍ଥାନାନ୍ତରକୁ ପଠାଇବାର ସୁବିଧାକାରଣ ଗବର୍ଣ୍ଣମେଣ୍ଟ ଏ ମହକୁମା ସ୍ଥାପନ କରି ଅଛନ୍ତି । ... ଅନ୍ୟ ଉପାୟ ଅଭାବରେ ମନିଅର୍ଡ଼ର ଦ୍ୱାରା ଅନେକ ଟଙ୍କା କଲିକତାକୁ ଯାଉଥିଲା ଦେଖି ଏକାଉଣ୍ଟାଣ୍ଟ ଜେନେରଲଙ୍କ ଆଜ୍ଞାନୁସାରେ କଲେକ୍ଟର ସାହେବ ନିୟମକରି ଅଛନ୍ତି ଯେ ଏକଦିନରେ କୌଣସି ଏକସ୍ଥାନକୁ ୫୦୦ଙ୍କାର ଅଧିକ ହୁଣ୍ଡି ନ ହେବ ଓ କୌଣସି ଏକବ୍ୟକ୍ତି ୧୫୦ ଙ୍କାର ହୁଣ୍ଡି ପାଇବ ନାହିଁ । କେବଳ ଯେଉଁ ସ୍ଥାନକୁ ପୂର୍ତ୍ତି ୫୦୦ ଏକଦିନରେ ହୋଇ ନ ଥିବ ସେଠାକୁ କୌଣସିବ୍ୟକ୍ତି ୫୦୦ ଙ୍କା ପର୍ଯ୍ୟନ୍ତ ପଠାଇ ପାରେ । ଏ ନିୟମରେ ମହାଜନଙ୍କର ଟଙ୍କା ପଠାଇବା ଏକାବେଳକେ ରହିତ ପ୍ରାୟ ହୋଇଅଛି । ଏମନ୍ତ ଦିନ ନାହିଁ ଯେ କଲିକତାକୁ ଅଳ୍ପ ହୋଇ ୫୦୦ ଙ୍କାର ହୁଣ୍ଡୀ ନ ହୁଅଇ । ମହାଜନମାନେ କରେନସି ନୋଟଦ୍ୱାରା ଟଙ୍କା ପଠାଇବାର ଚେଷ୍ଟା କରନ୍ତି ମାତ୍ର ତାହା ଖଜଣାଖାନାରୁ ପ୍ରାପ୍ତ ହେଉନାହିଁ ଓ ଗବର୍ଣ୍ଣମେଣ୍ଟର ଇଚ୍ଛା ନୁହଇ ଯେ ସ୍ଥାନାନ୍ତରକୁ ଟଙ୍କା ପାଇବା ପାଇଁ କରେନସି ନୋଟ ବ୍ୟବହୃତ ହୁଅଇ । ସୁତରାଂ ସରକାରଦ୍ୱାରା ଏଣିକି ମହାଜନମାନେ କୌଣସିରୂପେ ଟଙ୍କା ପଠାଇ ନ ପାରନ୍ତି । କିନ୍ତୁ ଟଙ୍କା ପଠାଇବାର ସୁଯୋଗ ନ ହେଲେ ଦେଶର ବାଣିଜ୍ୟ ଊଣା ପଡ଼ିବ ସେଥିରେ ଦ୍ରବ୍ୟର ମୂଲ୍ୟ ଅଧିକ ହୋଇ ଲୋକଙ୍କର କ୍ଳେଶ ବୃଦ୍ଧି ହେବ । ଅତଏବ ବର୍ତ୍ତମାନ ବାଣିଜ୍ୟ ପକ୍ଷରେ ଘୋର ସଙ୍କଟ ଉପସ୍ଥିତ ହୋଇ ଅଛି ଓ ଏଥିର ପ୍ରତୀକାର କରିବା ଅସ୍ମଦ୍ଦେଶୀୟ ଲୋକଙ୍କର ନିତାନ୍ତ କର୍ତ୍ତବ୍ୟ ଓ ଗୋଟିଏ ବାଙ୍କସ୍ଥାପନ ଭିନ୍ନ ଆଉ କିଛି ଉପାୟ ଦୃଶ୍ୟ ହେଉନାହିଁ । କିନ୍ତୁ ବାଙ୍କସ୍ଥାପନ କିଏ କରିବ ଏଠାର କତି ମହାଜନମାନଙ୍କର ଏମନ୍ତ ସାହସ ଦେଖା ଯାଏ ନା ସେମାନେ ଐକ୍ୟ ହୋଇ ଏକାର୍ଯ୍ୟ ସାଧନ କରିବେ ମାତ୍ର ନ ହେଲେ ସେଥିର ମନ୍ଦ ଫଳ ଆମ୍ଭମାନଙ୍କୁ ଭୋଗ କରିବାକୁ ହେବ । ଅତଏବ ଏ ସପ୍ତାହରେ ଆମ୍ଭେମାନେ ଅତ୍ରତ୍ୟ ସମ୍ଭ୍ରାନ୍ତ ଓ ଧନାଢ୍ୟ ବ୍ୟକ୍ତିଙ୍କୁ ଅନୁରୋଧ କରୁଅଛୁଁ ଯେ ଗୋଟିଏ ବାଙ୍କ ସ୍ଥାପନର ଉପାୟ କଳ୍ପନା କରନ୍ତୁ ଆଗାମୀ ସପ୍ତାହରେ ଏ ବିଷୟର ପୁନର୍ବାର ଆଲୋଚନାରେ ପ୍ରବୃତ୍ତ ହେବୁଁ ।

---

# ସାପ୍ତାହିକସଂବାଦ ।

ଗ୍ରାମବାର୍ତ୍ତାପ୍ରକାଶିକା ଲେଖୁଅଛନ୍ତି, "ଜର୍ମାନଦେଶୀୟ ଏକଜଣ ପ୍ରସିଦ୍ଧ ଜ୍ୟୋତର୍ବିତ୍ ପଣ୍ଡିତ କ୍ଷୁଦ୍ରାକ୍ଷରରେ ଖଣ୍ଡିଏ ପୁସ୍ତକ ପ୍ରଚାର କରି ଅଛନ୍ତି ସେ କହନ୍ତି ପୃଥିବୀରେ ଆଉ ଗୋଟିଏ ଚନ୍ଦ୍ର ଉଦୟ ହେବେ, ଏହି ଚନ୍ଦ୍ର ବର୍ତ୍ତମାନ ତହିଁଠାରୁ ନିକଟବର୍ତ୍ତୀ ରହିବେ । ଇଣ୍ଡିଆନ ମିରର କହନ୍ତି, ଉକ୍ତ ଗ୍ରନ୍ଥକର୍ତ୍ତା ସେହି ଗ୍ରନ୍ଥରେ ତାହାଙ୍କର ମତ ସମ୍ପୂର୍ଣ୍ଣରୂପେ ପ୍ରମାଣ କରି ଅଛନ୍ତି ।"

୧୮୬୮ ସାଲର ୧୯ ନମ୍ବର

ଫୌଜଦାରୀ ଏକ୍ଟମେଡାଙ୍କ ।

୨୦ । ଯଦ୍ୟପି ଫୌଜଦାରୀ କାର୍ଯ୍ୟବିଧି ଆଇନର ୨୮୨ ଧାରାନୁସାରେ କୌଣସି ବ୍ୟକ୍ତିଙ୍କୁ ମେଜଷ୍ଟ୍ରେଟ୍ଙ୍କୁ ତଲବ ହୁଏ, ତେବେ ତାହା ନିଜ ଟଙ୍କରୁ ସାକ୍ଷୀରକ୍ଷାର ମୁଚଲକା ନେବା ପୂର୍ବରୁ ଅଦାଲତଙ୍କ ପ୍ରମାଣ ନେଇ ବିଚାର କରିବାକୁ ହେବ ଯେ ତାହା ନିକଟରୁ ମୁଚଲକା ନେବାର ଉଚିତ କି ନାହିଁ । ବିନା ପ୍ରମାଣରେ ଏକାବେଳକେ ମୁଚଲକା ନେବାର ମେଜଷ୍ଟ୍ରେଟଙ୍କର କ୍ଷମତା ନାହିଁ ।

ଜାପାନର ଗଭର୍ଣ୍ଣମେଣ୍ଟ ଯେ ଯାତକରି ଇଣ୍ଡିଆନ ମିରର ଅବଗତ ହୋଇଅଛନ୍ତି ଯେ, ସେଠାରେ ୧୮ ମାସରେ ଗୋଟିଏ ସନ୍ଧାନ ପ୍ରବୃତ୍ତ ... ହୋଇ ଅଛି ।

୧୮୭୦ । ୭୧ ଅବ୍ଦର ଭାରତର ଫିନାନ୍ସ ବଜେଟରେ ୬୧୯ ଲକ୍ଷ ଟଙ୍କା ବ୍ୟୟ ଲେଖା ହୋଇଅଛି । ୧୮୬୯ । ୭୦ ଅବ୍ଦଠାରୁ ଏ ଥର ପ୍ରାୟ ୭୪ ଲକ୍ଷ ଟଙ୍କା ବ୍ୟୟ କମି ଯାଇଅଛି ସେହି ୬୧୦ ଲକ୍ଷ ମଧ୍ୟରେ ୪୩୫ ଲକ୍ଷ ନିତ୍ୟ ବ୍ୟୟ ଖାତରେ ଏବଂ ୧୮୦ ଲକ୍ଷ ଟଙ୍କା ନୈମିତ୍ତିକ ବ୍ୟୟ ଖାତରେ ଲେଖା ହୋଇଅଛି ।

ତା ୧୮୬୮ ସାଲର ୪୭ ନମ୍ବର ଖାସଅଦାଲତ୍

ଫୌଜଦାରି କାର୍ଯ୍ୟ ବିଧି ଆଇନର ୨୦ ଅଧ୍ୟାୟର ଅନୁସାରେ ମାଜିଷ୍ଟ୍ରେଟ କୌଣସି ହୁକୁମ ଦେଲେ ତାହା ରହିତକରଣ ନିମିତ୍ତ ଦେୱାନୀ ଅଦାଲତରେ ନାଲିଶ ହୋଇଁ ପାରିବ ନାହିଁ ।

ବଙ୍ଗପ୍ରଦେଶର ଉନ୍ନତିଶୀଳ ସିଭିଲ ସର୍ଭିସ୍ କାର୍ଯ୍ୟ କାରକମାନେ ଆପଣା ନାମର ପାର୍ଶ୍ୱ ଲିଖିତ ଭାଷାରେ ନୈପୁଣ୍ୟ ପ୍ରାପ୍ତିର ପ୍ରଶଂସା ପତ୍ର ପ୍ରାପ୍ତ ହେବାରୁ ସେମାନଙ୍କୁ ଏକସହସ୍ର ଟଙ୍କା

ଲେଖାଏ ପୁରସ୍କାର ପଦାନ ହୋଇଅଛି ଯଥା। ଶ୍ରୀଯୁକ୍ତ ଟି, ଏମ ଇର୍କ ତ୍ରି ସାହେବ ବଙ୍ଗଳାରେ ଶ୍ରୀଯୁକ୍ତ ଅର ଏଫ ଗ୍ରିଫିଥ ସାହେବ ଉତ୍କଳରେ

କୌଣସି ସମ୍ବାଦପତ୍ରରେ ସ୍ତ୍ରୀର ସୌନ୍ଦର୍ଯ୍ୟ ନିରୂପଣ ବିଷୟ ଉଲ୍ଲିଖିତ ସାର୍ଦ୍ଧ ବୈଷମିକ ନିୟମ ଲେଖାଅଛି ଯଥା।

ତିନୋଟି ଶୁକ୍ଳବସ୍ତୁ,—ଚର୍ମ, ଦନ୍ତ ଓ ହସ୍ତ
ତିନୋଟି କୃଷ୍ଣବସ୍ତୁ—ଚକ୍ଷୁ, ଭ୍ରୂ ଓ ଚକ୍ଷୁପତା
ତିନୋଟି ରକ୍ତବସ୍ତୁ—ଓଷ୍ଠ, ଗଣ୍ଡ ଓ ନଖ
ତିନୋଟି ଲମ୍ବ —ଶରୀର, କେଶ ଓ ହସ୍ତ
ତିନୋଟି କ୍ଷୁଦ୍ର —ଦନ୍ତ, କର୍ଣ୍ଣ ଓ ପଦ
ତିନୋଟି ଓସାର —ବକ୍ଷ, କପାଳ ଓ ଦୁଇ ଚକ୍ଷୁର ମଧ୍ୟସ୍ଥାନ

ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ସାହେବ ଆଜ୍ଞା କରିଅଛନ୍ତି ଯେ ଅଚିହ୍ନିତ କାର୍ଯ୍ୟକାରକଙ୍କ ଛୁଟି ବିଷୟର ନୂତନ ନିୟମ ପ୍ରଚଳ ହେବା ପର୍ଯ୍ୟନ୍ତ ଚଳିତମାସ ତା ୧ ରିକଠାରୁ କୌଣସି କାର୍ଯ୍ୟକାରକର ପ୍ରତିନିଧିର ବେତନ ସମ୍ବଳରେ ଗତନିର୍ଦ୍ଧାରିତଙ୍କ ଲେଖାଏଁ ଦିଆଯିବ।

ବମ୍ବେ ଗାଜ୍ଜିଟ୍ର ଲେଖନ୍ତି ଯେ କଲିକତାର ଶ୍ରୀଯୁକ୍ତ ପାଦ୍ରି ଲଙ୍ଗ ସାହେବଙ୍କ ଅଭ୍ୟର୍ଥନା ନିମିତ୍ତ ବମ୍ବେ ନଗରରେ ଗୋଟିଏ ସଭା ହୋଇଥିଲା ସେଥିରେ ଅନେକ ଦେଶୀୟ ଓ ଇଉରୋପୀୟ ଲୋକେ ଉପସ୍ଥିତ ଥିଲେ। ଏ ସଭାରେ ବଙ୍ଗାଳି ଓ ବମ୍ବେର ବାସିଙ୍କ ମଧ୍ୟରେ ଉନ୍ନତିର କର୍ତ୍ତା କ ପର୍ଯ୍ୟନ୍ତ ହୋଇଅଛି ତାହା ତୁଳନା ହୋଇଥିଲା ସମ୍ପାଦକ ବୋଲନ୍ତି ଯେ ବଙ୍ଗୀୟମାନେ ସ୍ତ୍ରୀ ଶିକ୍ଷା ଓ ବ୍ରାହ୍ମ ବୋଲଲ ବ୍ୟବହାର ବିଷୟରେ ବମ୍ବେବାସିଙ୍କଠାରୁ ଉଚ୍ଚପଦ ପାଇଅଛନ୍ତି ମାତ୍ର ବମ୍ବେର ଉନ୍ନତକାରୀ ସଭ୍ୟ ସମ୍ପ୍ରଦାୟ ସଦ୍‌ଗୁଣ ସାହସ ଓ ସରଳାନ୍ତଃକରଣରେ ଶ୍ରେଷ୍ଠ ଅଟନ୍ତି।

ପୂନବର ବ୍ୟୟ ଲାଘବ ଆଜ୍ଞା ଏ ସ୍ଥଳରେ ସର୍ବାଗ୍ରେ ଫୌଜଦାରୀ ସାହେବଙ୍କ ଉପରେ ପ୍ରତିପାଳନ ହେଲା। ଏ ବ୍ୟକ୍ତି ଏଠାର ସହକାରୀ ସୁପ୍ରିଣ୍ଟେଣ୍ଡେଣ୍ଟ ଥାଇ କର୍ମଚ୍ୟୁତ ହୋଇଯାଇଅଛନ୍ତି ଓ ଗଭର୍ଣ୍ଣମେଣ୍ଟ ଏହି ଅବସରରେ ତାହାଙ୍କୁ ବିଦାୟ ଦେଲେ।

ଶ୍ରୀଯୁକ୍ତ ବର୍ଲିଂ ସାହେବ ଯେ ଏ ସ୍ଥାନର ଜଏଣ୍ଟମାଜିଷ୍ଟ୍ରେଟ ହୋଇଥିଲେ ତାହାଙ୍କର ଏଠାକୁ ଆସିବାର ହେଲା ନାହିଁ।

ଶ୍ରୀଯୁକ୍ତ ବର୍କୁଟ ସାହେବ ମାଲ ଇଲାକାର ରେବିନ୍ୟୁ ସୁପରଣ୍ଟେଣ୍ଡେଣ୍ଟ ହୋଇ ପୁରୀ ବାଲେଶ୍ୱର ମେଦନାପୁର ହୁଗୁଳି ଓ ବର୍ଦ୍ଧମାନ ଜିଲ୍ଲାମାନଙ୍କରେ କଲେକ୍ଟର ଓ ମାଜିଷ୍ଟ୍ରେଟ କ୍ଷମତା ପାଇଅଛନ୍ତି। ନାନା ସମ୍ପର୍କୀୟ ସମ୍ପ୍ରଦାୟ ମନ୍ଦଦନ ଏହାଙ୍କୁ ନିବୃତ୍ତି କରିବାକୁ ହେବ।

୧।୧୮୬୮ ସାଲର ୧୧୭।୧୯୮।୧୨୨ ନମ୍ବର ଡାକେଇ ଅପିଲ

ଯେବେ କୌଣସି ବ୍ୟକ୍ତି ଉଣ୍ଟୀବାଣୀରେ ଦେଣଦାରର ଦ୍ରବ୍ୟ ବୋଲିକରି କୌଣସି ସମ୍ପତ୍ତି ନିଲାମରେ କ୍ରୟ କରେ ଓ ଉକ୍ତୀୟ ପକ୍ଷ ଉଚ୍ଚ କାଲଗରେ ଧାର୍ଯ୍ୟ ହୋଏ ଯେ ନିଲାମୀଦ୍ରବ୍ୟରେ ଦେଣଦାରର କୌଣସି ସ୍ୱତ୍ୱ ନାହିଁ, ଏବଂ ନିଲାମୀର ଦ୍ୱାରା ଉକ୍ତ ସମ୍ପତ୍ତିରେ ଏ ଉକ୍ତୀୟ ବ୍ୟକ୍ତିର ସ୍ୱତ୍ୱର କୌଣସି ହାନି ହୁଏ ନାହିଁ, ତାହା ହେଲେ ଉଣ୍ଟୀବାଣିର ନିଲାମ ଖରିଦଦାର ତାହାର ଦତ୍ତମୂଲ୍ୟ ଫେରନ୍ତ ପାଇବାର ନିମିତ୍ତ ଉଣ୍ଟୀଦାରର ଉପର ନାଲିଶ କରିପାରେ ନାହିଁ; କାରଣ ଖରିଦଦାରର ଜାଣି ଶୁଣି ଖରିଦ କରିବାର ଉଚିତ ଥିଲା।

୨।୧୮୬୮ ସାଲର ୧୨୮।୧୩୧ ଓ ୧୮ ୧୩ ନମ୍ବର ଖାସ ଅପିଲ

ଯେବେ କେହି ତମସୁକ ଲେଖିଦେଇ ଦିଏ ଓ ମାଇବରିଲ ଇମିତ୍ତ ଓ ଅସ୍ଥାବର ସମ୍ପତ୍ତି ବନ୍ଧକ ରଖେ ତାହା ହେଲେ ଏ ଦଲିଲ ରେଜିଷ୍ଟରି ନୋହିଲେ ଶୁଦ୍ଧ ଟଙ୍କା ପାଇବା ନିମିତ୍ତ ନାଲିଶରେ ତାହା ଦାଖିଲ ହେବାର କୌଣସି ବାଧା ନାହିଁ। ସୁଧ ଟଙ୍କା ପାଇବାର ଦାବି କଲେ ୧୮୬୬ ସାଲର ୨୦ଆଇନର ୧୭ ଓ ୪୯ ଧାରା ଘଟେ ନାହିଁ।

କୌଣସି ଦତ୍ତକ ବା ଲୁଚ ପୁତ୍ର ମୃତ୍ୟୁ ରହିଲା-ପିତାର ଉତ୍ତରାଧିକାରୀ ହୋଇ ଏହି ପିତାର ସମ୍ପତ୍ତି ଗ୍ରହଣ ଓ ବ୍ୟବହାର ନ କଲେ ଏହି ପିତାର ଋଣ ପରିଶୋଧ ନିମିତ୍ତ ଦାୟୀ ହୋଏ ନାହିଁ।

ମିରର ବୋଲନ୍ତି, ସମ୍ପ୍ରତି କଲିକତାରେ ବା ୧୬ବର୍ଷ ବୟସ୍କ ନାୟକ ବାଗୀସ୍ଥ ବରର ସହିତ ବ୧୮ବର୍ଷ ବୟସ୍କା ଅବିବାହିତା କନ୍ୟାର ବ୍ରହ୍ମମତରେ ବିବାହ ହୋଇଯାଇଅଛି। କନ୍ୟାଟି ବାବୁ ଶ୍ରୀମନ୍ତନ ଠାକୁରଙ୍କର ଅତି ନିକଟସ୍ଥ କୁଟୁମ୍ବିନୀ, ଲେଖା ପଡା ଉତ୍ତମ ଶିଖିଅଛି।

ରେଙ୍ଗୁଣର ମୌଲବୀ ଅବ୍ଦୁଲ ନାମକ ଏକ ବ୍ୟକ୍ତି ତାହାଙ୍କରେ କଲିକତାକୁ ଆସିଅଛନ୍ତି। ଏ ବ୍ୟକ୍ତି ଓହାବି ଓ ରାଜଦ୍ରୋହୀ ବୋଲି ଲେପ୍ଟେନେଣ୍ଟ ଦାର୍ଟ ଏହାଙ୍କୁ ଧରିବାର କରିବାର ଏକ ପତ୍ରିକା ନେଇଅଛନ୍ତି। ଏଥର ଗଭର୍ଣ୍ଣମେଣ୍ଟଙ୍କ ଆଜ୍ଞାନୁସାରେ ନ ହୋଇ ମାଜିଷ୍ଟ୍ରେଟଙ୍କ ଅନୁମତି ନେଇ ହୋଇଅଛି।

ଯେଉଁ ସମସ୍ତ ନୋଟ ଏକବାର ପ୍ରଚଳିତ ହୋଇ ହାତେ ୨ ଛିନ୍ନ ପ୍ରାୟ ହୋଇଅଛି ତାହା କରେନ୍‌ସି ଅଫିସରୁ ପନର୍ବାର ବାହାରକରି ଦେବ ନାହିଁ। ନୂତନନୋଟରେ ବାର୍ଷିକ ପ୍ରାୟ ଏକଲକ୍ଷଟଙ୍କା ବ୍ୟୟ ହେବ। ନୋଟ ଅତି ମଧ୍ୟ କଚ୍ଛପୃଷ୍ଠ କଲେ ହ ବ୍ୟୟ ଲାଘବ ହେବାର ସମ୍ଭାବନା ନାହିଁ।

ଗବର୍ଣ୍ଣରଜେନେଲ ଷ୍ଟିଫେନ୍ସ ସାହେବ ଲେଷ୍ଟିଅନ୍ତ ଏଡମଣ୍ଡସନ୍ତରଙ୍କ ସ୍ମରଣାର୍ଥ ଦରବାର ହୋଇବ ନାହିଁ। ତଥାପି ତାହାଙ୍କ ସମ୍ମାନାର୍ଥ ଲକ୍ଷ୍ନୌ ଓ ସିମଲାରେ ବିସ୍ତର ସୈନ୍ୟ ଏକତ୍ରିତ କରା ହୋଇବ। ଏଥିରେ କ ସେଠାରେ ଅନ୍ନକଷ୍ଟ ଅଧିକତର ହୋଇବ ନାହିଁ?

ହିନ୍ଦୁସ୍ଥାନର ପ୍ରଥମ ସ୍କନ୍ଦଲୁମ ଉକ୍ତ ନଗରବାସୀୟ ବ୍ୟବସ୍ଥାପକସଭାର ଅନ୍ୟତର ସଭ୍ୟ କରିବ ନିମିତ୍ତ ଗବର୍ଣ୍ଣର ଜେନରଲ ତାହାଙ୍କ ନିକଟରେ ପ୍ରସ୍ତାବ କରିଅଛନ୍ତି। କିନ୍ତୁ ସ୍କନ୍ଦଲୁମାନ ଯଥୋଚିତ ଧନମ୍ବ ପ୍ରଦର୍ଶନ କରି ଏହି ସମ୍ମାନ ଗ୍ରହଣରେ ଅସମ୍ମତି ପ୍ରକାଶ କରିଅଛନ୍ତି ବ୍ୟବସ୍ଥାପକମାନଙ୍କର ଯେପ୍ରକାର ସ୍ୱାଧୀନତା ତହିଁରୁ ଉଚ୍ଚତରଲୋକମାନେ ଏହି ପଦକୁ ଯେ ଅଗ୍ରାହ୍ୟ କରିବେ ଏହା ଆଶ୍ଚର୍ଯ୍ୟର ବିଷୟ ନୋହେ।

ଅହେଣ୍ଟଗା ପାରଶ୍ୟରେ ବାସଭବନ କରିଅଛନ୍ତି। ଅବଦୁଲ ହେମତ ଖାଁ ତିହାଙ୍କନଙ୍କରେ ବାସ କରିଅଛନ୍ତି। ଏକ୍ଷଣରେ ଅହେଣ୍ଟଗାଙ୍କ ପୂର୍ବ ମଧ୍ୟ ଇବ୍ରାହିମ ଖାଁ କେବଳ ସିପ୍ତାର ଅଧିର ଭଳି ରହିଲେ। ଅମ୍ଭେ ଯେବେ ସୈନ୍ୟମାନଙ୍କୁ ଯଥା ସ୍ଥିର ବେତନ ଦେଇ କ୍ରମଶଃ ରଣଶିକ୍ଷାରେ ନିପୁଣ କରନ୍ତି ତାହା ହେଲେ ଦେଶସ୍ଥ ମହମ୍ମଦଙ୍କ ସ୍ୱଳ୍ପ ବହୁକାଳ ସ୍ଥାୟୀ ହେବ।

---

## ମୂଲ୍ୟପ୍ରାପ୍ତି।

---

ଶ୍ରୀ ବାବୁ କମାଇଚରଣ ଦେବ ସ ଉଦରଣ ୪ ୮।
,, ଚୌଧୁରୀ କାଳୁଚରଣ ଦାସ ବକ୍ସି ୪ ୬

---

☞ ଏହି ଉତ୍କଳଦୀପିକା ସହର କଟକ ଦରଘା ବଜାର କଟକ ପ୍ରିଣ୍ଟିଂଗ୍ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

Split by PDF Splitter

# ଅତିରିକ୍ତ ।

ଉତ୍କଳଦୀପିକା ତା ୨୦ ରିଖ ନବମ୍ବର ସନ ୧୮୭୦ ।

ଶ୍ରୀ ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କର ସ୍ୱାକ୍ଷର ।

Sd. Victoria Reg.

ଶ୍ରୀଶ୍ରୀମତୀ ଭିକ୍ଟୋରିଆ ଜଗଦୀଶ୍ୱରଙ୍କ କୃପା-ରେ ଗ୍ରେଟବ୍ରିଟନ ଓ ଆୟୁର୍ଲଣ୍ଡ ସଂଯୁକ୍ତ ରାଜ୍ୟର ରାଣୀ ଓ ଧର୍ମ ରକ୍ଷା କର୍ତ୍ତ୍ରୀ ଓଷ୍ଟାରଅଫଇଣ୍ଡିଆର ଅତ୍ୟୁତ୍କୃଷ୍ଟ ପଦବର୍ଗର ଅଧୀଶ୍ୱରୀଙ୍କର ଉତ୍କଳ-ଦେଶର ପୁରୀଜିଲ୍ଲା ଅନ୍ତର୍ଗତ ଢଙ୍କା ପାରିକୁଦର ଶ୍ରୀ ରାଜାଙ୍କୁ ନମସ୍କାର ।

ଯେହେତୁ ଆପଣଙ୍କ ପ୍ରତି ଓ ଅମ୍ଭମାନଙ୍କର ଭାରତବର୍ଷ ସାମ୍ରାଜ୍ୟ ପକ୍ଷରେ ଆପଣ ଯେଉଁ ଆନୁକୂଲ୍ୟ କରିଅଛନ୍ତି ତତ୍ପ୍ରତି ଅମ୍ଭମାନଙ୍କର ସୁଦୃଷ୍ଟି ହୋଇ ଯଥାଯୋଗ୍ୟ ସମ୍ମାନସୂଚକ କୌଣସି ଚିହ୍ନ ପ୍ରଦାନ କରିବାକୁ ଅମ୍ଭମାନଙ୍କର ଇଚ୍ଛା ଅଛି । ଅତଏବ ପୂର୍ବୋକ୍ତ ଷ୍ଟାର ଅଫ ଇଣ୍ଡିଆର ଅତ୍ୟୁତ୍କୃଷ୍ଟ ପଦବର୍ଗର କମ୍ପାନିଅନ ଶ୍ରେଣୀରେ ଆପଣଙ୍କୁ ମନୋନୀତ ଓ ନିଯୁକ୍ତ କରିବାକୁ ବହୁତ ବୋଧ କରିଅଛୁଁ । ଅତଏବ ଆପଣଙ୍କ ପ୍ରତି ଅମ୍ଭେମାନେ ଏହି ସନଦଦ୍ୱାରା ଅମ୍ଭମାନଙ୍କର ଉକ୍ତ ଶ୍ରେଣୀର କମ୍ପାନିଅନ ଉପାଧି ପ୍ରଦାନ କରୁଅଛୁଁ ଏବଂ ପୂର୍ବୋକ୍ତ ଶ୍ରେଣୀର କମ୍ପାନିଅନ ପଦ ଓ ମର୍ଯ୍ୟାଦା ଓ ତତ୍ସମ୍ପର୍କୀୟ ସମସ୍ତ ଓ ବିଶେଷ ଅଧିକାର ପ୍ରାପ୍ତ ହେବା ନିମନ୍ତେ ଏତଦ୍ଦ୍ୱାରା ଆପଣଙ୍କୁ କ୍ଷମତା ପ୍ରଦାନ କରୁଅଛୁଁ ।

ଅମ୍ଭମାନଙ୍କ ରାଜ୍ୟର ୩୨ ଅଙ୍କ ଅର୍ଥାତ୍ ସନ ୧୮୬୮ ସାଲ ଡିସମ୍ବର ମାସ ତା ୮ ରିଖରେ ଅମ୍ଭଦ୍ୱାରା ସ୍ୱାକ୍ଷରିତ ଓ ଉକ୍ତ ପଦବୀର ମୋହର-ରେ ମୋହରାଙ୍କିତ ହୋଇ ୱିଣ୍ଡସର ରାଜ ଦରବାରରେ ଦିଆଗଲା ।

ଶ୍ରୀ ଶ୍ରୀମତୀ ମହାରାଣୀଙ୍କର ଆଜ୍ଞାନୁସାରେ (ସ୍ୱାକ୍ଷର) ଷ୍ଟାଫୋର୍ଡ ନର୍ଥକୋର୍ଟ ।

ପାରିକୁଦ ଢଙ୍କର ରାଜାଙ୍କୁ ଷ୍ଟାର ଅଫ ଇଣ୍ଡିଆର ଅତ୍ୟୁତ୍କୃଷ୍ଟ ପଦବର କମ୍ପାନିଅନ ଉପାଧିର ସନଦ ।

ଶ୍ରୀଯୁକ୍ତ କମିଶ୍ନରସାହେବଙ୍କ ବକ୍ତୃତା ।

---

ଶ୍ରୀଯୁକ୍ତ ରାଜେନ୍ଦ୍ର ଚନ୍ଦ୍ରଶେଖର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟେ ମହୋ-ଦୟ ।

ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ପ୍ରଦତ୍ତ ଅତ୍ୟୁତ୍କୃଷ୍ଟ ଷ୍ଟାର ଅଫ୍ ଇଣ୍ଡିଆର କମ୍ପାନିଅନ ପଦବୀ ଓ ତତ୍ସଦୃଶ ପଦକ ପଟିକା ଏବଂ ପଦକ ଆପଣଙ୍କୁ ପ୍ରକା-ଶ୍ୟ ଦରବାରରେ ଦେବା ନିମନ୍ତେ ଅମ୍ଭଙ୍କୁ ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି । ଯେଉଁ ଅସାଧାରଣ ଗୁଣଶାଳୀ ବ୍ୟକ୍ତିମାନେ ଭାରତ-ବର୍ଷରେ ଇଙ୍ଗ୍ଲଣ୍ଡେଶ୍ୱରୀଙ୍କ ପକ୍ଷରେ କୌଣସି ବିଶେଷ ଆନୁକୂଲ୍ୟ କରିଅଛନ୍ତି ତାହା କରିବେ ସେମାନଙ୍କର ପୁରସ୍କାର ସ୍ୱରୂପେ ଏ ପଦ ସୃଜନା ହୋଇଅଛି ।

୨ । ଆପଣଙ୍କ ସ୍ୱଦେଶୀୟ ଉତ୍କଳଲୋକଙ୍କ ମଧ୍ୟରେ ଆପଣ ଏ ପଦବୀ ପ୍ରଥମେ ପ୍ରାପ୍ତ ହେଉଅଛନ୍ତି, ଆଉ ଅମ୍ଭେ ଭରସାକରୁଁ ଯେ ଯେଉଁ କାର୍ଯ୍ୟଦ୍ୱାରା ଆପଣ ଶ୍ରୀଶ୍ରୀମତୀମହାରାଣୀଙ୍କର ଏପ୍ରକାର ବିଶେଷ ଅନୁଗ୍ରହର ଚିହ୍ନ ପ୍ରାପ୍ତ ହେଲେ ତଦନୁଗମନରେ ଅନେକବ୍ୟକ୍ତିଙ୍କର ପ୍ରବୃତ୍ତି ଜନ୍ମିବ ।

୩ । ଆପଣଙ୍କ ବଂଶୀୟମାନେ ସର୍ବଦା ମହା-ରାଣୀଙ୍କ ନିକଟରେ ରାଜଭକ୍ତ ଥାଇ ମାନ୍ୟ ହୋଇ ଅଛନ୍ତି ମାତ୍ର ଆପଣ ଦୁସ୍ତର ଦୁର୍ଭିକ୍ଷସମ-ୟରେ ଯେରୂପ କାର୍ଯ୍ୟ କରିଥିଲେ ସେହେତୁ ଆପଣଙ୍କୁ ସମ୍ପ୍ରତି ଏହି ବିଶେଷ ମର୍ଯ୍ୟାଦା କରା ଯାଉଅଛି ।

କାଗଜପତ୍ର ଜାଗଜାତିରୁ ଦେଖାଯାଏ ଯେ ଦୁର୍ଭିକ୍ଷ ସମୟରେ ଆପଣଙ୍କ ଜମିଦାରୀରେ ପ୍ରଜାମାନଙ୍କର ଯେପରି ଦୁରବସ୍ଥା ହୋଇଥିଲା ତଦପେକ୍ଷା ଅଧିକ କଷ୍ଟ ଆଉ କୌଣସି ଠାରେ ହୋଇ ନ ଥିଲା ଆପଣ ସେ ସମୟରେ ବଦା-ନ୍ୟତା ସହକାରରେ ପ୍ରଜାମାନଙ୍କର ଦୁଃଖ ନିବାରଣ କରିବାରେ ଯତ୍ନ କରିଅଛନ୍ତି ଓ ସାଧାରଣ ଦୁର୍ଭିକ୍ଷ ନିବାରଣ ନିମନ୍ତେ ଉପଯୁକ୍ତ ଚାନ୍ଦା ଦେବା ବ୍ୟତିରେକେ ଅରକ୍ଷିତ ବାଳକ ବାଳିକା ମାନଙ୍କୁ ସଂଗ୍ରହ କରି ସେମାନଙ୍କର ପ୍ରତିପାଳନ କରୁଥିଲ, ବରଂ କଥିତ ଅଛି ଯେ ଆପଣ ଲୋକଙ୍କର କଷ୍ଟ ଲାଘବ କରିବା ପକ୍ଷରେ ନିଜେ ପରିଶ୍ରମ କରିବା ହୋଇ ଅଛନ୍ତି, ଅତ-ଏବ ଲୋକମାନେ କୃତଜ୍ଞତା ଓ ମର୍ଯ୍ୟାଦା ସହିତ ଆପଣଙ୍କର ପ୍ରଶଂସା କରିଅଛନ୍ତି ।

ଆପଣଙ୍କର ଏ କାର୍ଯ୍ୟ ଗବର୍ଣ୍ଣମେଣ୍ଟରେ ପ୍ରଶଂସନୀୟ ହୋଇଅଛି, ଓ ସନ ୧୮୬୬ ସାଲରେ ଓଡ଼ିଶାରେ ଯେପରି ଦୁର୍ଘଟନା ହୋଇଥିଲା ସେସମୟରେ ଆପଣଙ୍କଦ୍ୱାରା ବିଶେଷ ସାହାଯ୍ୟ ହୋଇଅଛିବୋଲି ଏହା ଅମ୍ଭର ଜଣିବାର ବାହୁଲ୍ୟ । ଦୁର୍ଭିକ୍ଷର କାରଣ ଓ ତାହା ନିବାରଣ ନିମନ୍ତେ ଯେସମସ୍ତ ଉପାୟ ହୋଇଥିଲା ତାହା କମିଟୀ ସମ୍ପୂର୍ଣ୍ଣରୂପେ ତଦାରଖ କରି ଯେଉଁ ରିପୋର୍ଟ କରିଅଛନ୍ତି ତହିଁରେ ଆପଣଙ୍କର ପ୍ରଶଂସା ଲେଖା ଅଛି । ଅମ୍ଭେ ଭରସାକରୁଁ ଯେ ଆପଣଙ୍କୁ ଯେଉଁ ମର୍ଯ୍ୟାଦା ବର୍ତ୍ତମାନ ପ୍ରଦତ୍ତ ହେଉଅଛି ତାହା ଆପଣ ବହୁକାଳ ଭୋଗ କରିବେ ଓ ଭବିଷ୍ୟତରେ କୌଣସି ସମୟରେ ଏହିପରି ଦାନଶୀଳତା ପ୍ରକାଶ କରିବାର ଆବଶ୍ୟକ ହେଲେ ଗତଅପେ-କ୍ଷା ଆହୁରି ଅଧିକରୂପେ ଆପଣଙ୍କର ଅନୁଗାମୀ ହେବେ ଇତି ।

---

ମୂଲପତ୍ର ଦେଖ ।

Split by PDF Splitter

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା ।


ଭାଗ ୪

ସଂଖ୍ୟା ୪୭

ତା ୨୭ ତାରିଖ ନବମ୍ବର ସନ ୧୮୬୯ ମସିହା । ସ୍ମୀ ମାର୍ଗଶିର ଦିଂ ୧୪ନ ସନ ୧୨୭୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪

ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫

ମଫସଲ ପାଇଁ ଡାକମାସୁଲ ୧


### କାଳିଯାତ୍ରା

ଚିର ପ୍ରଚଳିତ ରୀତି ଅନୁସାରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏ ନଗର ମହାନଦୀ କୂଳରେ ଯାତ୍ରା କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେଲା । ଏବର୍ଷ ଯାତ୍ରାରେ ବିଶେଷ କିଛି ନୂତନ ବିଷୟ ଦେଖାଯିବାରୁ ତହିଁର କିଛି ପରିଚୟ ଦେବାର ଆବଶ୍ୟକ ହେଉଅଛି । ଏକ ସ୍ଥଳରେ ନାନାପ୍ରକାର ଦ୍ରବ୍ୟ ବିକ୍ରୟ ଏବଂ ଦ୍ୱିତୀୟ ବ୍ରାହ୍ମଧର୍ମର ଉପଦେଶ ପ୍ରଥମ କାର୍ଯ୍ୟଟି କାନୁନ୍ଗୋ କମ୍ପାନିଙ୍କଦ୍ୱାରା ଓ ଦ୍ୱିତୀୟ କାର୍ଯ୍ୟ ଉତ୍କଳ ବ୍ରାହ୍ମସମାଜର ସଭ୍ୟଙ୍କଦ୍ୱାରା ନିର୍ବାହିତ ହେଲା । ଯାତ୍ରା ମଧ୍ୟସ୍ଥଳରେ କାନୁନ୍ଗୋ କମ୍ପାନି ଏକ ଝାଉଁଳି ତିଆରି କରି ତନ୍ମଧ୍ୟରେ ନାନାପ୍ରକାର ବିଲାତି ପ୍ରଯୋଜନୀୟ ଏବଂ ଖେଳନା ପ୍ରଭୃତି ଦେଇ ତହିଁର ରକ୍ଷାନିମିତ୍ତ ଉପଯୁକ୍ତ ପ୍ରହରୀ ରଖି ଦ୍ରବ୍ୟ ନିଲାମ କରୁଥିଲେ । ଚତୁର୍ଦ୍ଦିଗରେ ବହୁସଂଖ୍ୟକ ଲୋକ ଜମା ହୋଇଥିଲେ କିନ୍ତୁ ଅଧିକ ବିକ୍ରୟ ହେଉଥିଲା କି ନାହିଁ କହି ନ ପାରୁଁ କାରଣ ଆମ୍ଭେମାନେ ସେଠାରେ ବହୁତ କ୍ଷଣ ଠିଆ ହେବାକୁ ଅବକାଶ ପାଇଲୁଁ ନାହିଁ ଅରେ ମାତ୍ର ଭିତରକୁ ଦୃଷ୍ଟି କରି ଦେଖିଲୁଁ ଯେ ଅନେକ ଉତ୍ତମ ଦ୍ରବ୍ୟ ବିକ୍ରୟାର୍ଥେ ସଜା ଝାଉଁଳାରେ ରଖା ଯାଇଥିଲା ଓ ତାହା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା ବୋଲି ଅନେକ ଲୋକ ସେଠାରେ ଏକତ୍ରିତ ହୋଇଥିଲେ । ଦିନକୁ ଦିନ ସଂସାର ଏତେ ଜଟିଳ ହୋଇଆସୁଅଛି ଓ ଲୋକମାନେ ସ୍ୱସ୍ୱ ନିର୍ବାହର ଉପାୟ କରିବାକୁ ଏତେ ଆବଶ୍ୟକ ... କରୁଅଛନ୍ତି ଯେ ସହଜ ଲୋକର କଥା ଛାଡ଼ିଦିଅ ଥାଉ କମ୍ପାନି ଭଳି ବଡ଼ ବ୍ୟବସାୟୀଙ୍କୁ ମଧ୍ୟ ଏପରି ଦୋକାନ ମାଡ଼ିବାକୁ ଅବକାଶ ହେଉ ନାହିଁ । ଯାହା ହେଉ ଏହାକୁ ବାଣିଜ୍ୟର ଉନ୍ନତି କହିବାକୁ ହେବ ଓ ବର୍ତ୍ତମାନ ଏ ନଗରରେ ଯେମନ୍ତ ବାଣିଜ୍ୟର ବୃଦ୍ଧି ଦେଖାଯାଏ ଏଥିରୁ ଅନୁମାନ ହୁଅଇ ଯେ ଅଚିରେ ଏହାର ଶ୍ରୀ ବୃଦ୍ଧି ହେବ ।

ବ୍ରାହ୍ମଧର୍ମ ଉପଦେଶ ଅଦ୍ଭୁତ ମଧ୍ୟ ଏ ଦିନ ବସ୍ତୁତ ହୋଇଥିଲା । ପୂର୍ବେ ଯେ ପ୍ରଥମେ ଖ୍ରୀଷ୍ଟିୟାନମାନେ ସ୍ୱଧର୍ମ ପ୍ରଚାର ଉଦ୍ଦେଶରେ ବକ୍ତୃତା ଆରମ୍ଭ କଲେ ଓ ବ୍ରାହ୍ମମାନେ ତାହାଙ୍କ ସହିତ ବହୁକାଳ ଯୁକ୍ତି କରି ଅନ୍ୟସ୍ଥାନରେ ଅତି ଆପଣା ଧର୍ମର ଗୌରବ ପ୍ରଚାର କଲେ ପ୍ରଚାରକମାନେ ଛାତିରେ ହାତ ଓ ଗଳାରେ ମାଳି ପକାଇ ନୂତନ କାର୍ଯ୍ୟ ଅନୁଷ୍ଠାନ କରୁଥିବାରୁ ମୂର୍ଖବତଃ ହିନ୍ଦୁ ଦର୍ଶକମାନେ ଏହାଙ୍କ ଚତୁର୍ଦ୍ଦିଗରେ ବେଢ଼ିଯାଇ କୌତୁକ ଶୁଣିବାରେ ମଗ୍ନ ହେଲେ ଓ କେତେ ଲୋକ ସନାତନ ଧର୍ମର ବ୍ୟାଖ୍ୟା ଶୁଣି ପ୍ରଶଂସା ମଧ୍ୟ କରୁଥିଲେ ପୌତ୍ତଳିକତା ବିରୁଦ୍ଧରେ ନୂତନ ବ୍ରାହ୍ମମାନେ ବହୁତ ଯୁକ୍ତି ଦର୍ଶାଉଥିଲେ କିନ୍ତୁ ପୌତ୍ତଳିକ ଧର୍ମ ଉଦ୍ଧତ ହେଲେ ତାହାଙ୍କ ଧର୍ମ ପ୍ରଚାର ପକ୍ଷରେ କେତେ ବ୍ୟାଘାତ ହେବ ସେମାନେ ତହିଁପ୍ରତି ଦୃଷ୍ଟି କରୁ ନାହାନ୍ତି । କାର୍ତ୍ତିକପୂର୍ଣ୍ଣିମା ଦିନ ବିଶେଷ କାଳରେ ସ୍ନାନ ଓ ବିଶେଷ ସମୟରେ ପୂଜା ଓ ଦେବତା ଦର୍ଶନାଦି ପୌତ୍ତଳିକଧର୍ମ ଉପଲକ୍ଷରେ ଯେ ଦିନ ବହୁ ଲୋକ ଏକତ୍ର ହେଲେ ପୁନ ହୋଇଥିଲେ ବୋଲି ବ୍ରାହ୍ମମାନେ ସେମାନଙ୍କୁ ଉପଦେଶ ଦେବାକୁ ସମର୍ଥ ହେଲେ ଯେବେ ଏ ନିୟମମାନ ଉଠିଯିବ ତେବେ ବହୁ ଲୋକଙ୍କୁ ଏକସ୍ଥାନରେ ଦେଖିବାର ଦୁଷ୍କର ହେବ । କୃଷି-ପ୍ରଦର୍ଶନ ସଭା ଦରବାରସଭାରେ ବ୍ରାହ୍ମମାନେ ଧର୍ମ ଉପଦେଶ ଦେବାକୁ ସମୟ ପାଇବେ ଏମନ୍ତ ବୋଧ ହେଉ ନାହିଁ ।

### ଓଡ଼ିଆଭାଷାରେ ଶିକ୍ଷା ଦେବାର ବିଧାନ ।

ଅମ୍ଭେମାନେ ଗତ ସପ୍ତାହରେ ଉତ୍କଳ ପ୍ରବେଶିକା ପରୀକ୍ଷାକାରିଣୀ ସଭା ନିଯୁକ୍ତ ହେବାର କଥା ଉଲ୍ଲେଖ କରିଥିଲୁଁ । ସମ୍ପ୍ରତି ଏ ବିଷୟରେ ଗବର୍ଣ୍ଣମେଣ୍ଟ ଯେ ଅଧ୍ୟାପ୍ୟମାନ ପ୍ରକାଶ କରିଅଛନ୍ତି ତାହାଁ ଅବଗତ ହୋଇ ସେଥିର ସାରାଂଶ ପାଠକଙ୍କ ଜ୍ଞାତବ୍ୟ କାରଣ ପ୍ରକାଶ କରୁଅଛୁଁ । ପାଠକମାନେ ସେଥିରୁ ଜାଣିବେ ଯେ ଏକେକାଳ ଓଡ଼ିଆ ଓ ବଙ୍ଗଳାଭାଷା ଯେଉଁ ଯେଉଁ ବିରୋଧ ଜାତ ହୋଇଥିଲା ତାହା ସମସ୍ତ ରହିତ ହେଲା ଓ ଯେଉଁମାନେ ବଳେ ପଡ଼ି ଓଡ଼ିଆର ହାନି କରିବାକୁ ତତ୍ପର ମୋଫସଲରେ ଚେଷ୍ଟା କରି କୌଣସି ଉପାୟ ପରିତ୍ୟାଗ କରି ନ ଥିଲେ ସେମାନଙ୍କର ଶ୍ରମ ସାର୍ଥକ ହେଲା ନାହିଁ ।

ଗବର୍ଣ୍ଣମେଣ୍ଟ ବଙ୍ଗାଳ ଏ ବିଷୟରେ ଡାଇରେକ୍ଟରଙ୍କ ନିକଟକୁ ଯେଉଁ ପତ୍ର ପଠାଇଅଛନ୍ତି ସେଥିରେ ଉତ୍କଳଭାଷା ଶିକ୍ଷା ପ୍ରସ୍ତାବ ଅନୁମୋଦ

Digitized by srujanika@gmail.com

Split by PDF Splitter



ଅଦ୍ୟାବଧି ଯେଉଁ କର୍ମଚାରୀ ଯେପ୍ରକାର ମତ ପ୍ରକାଶ କରିଅଛନ୍ତି ତାହା ସମସ୍ତ ବର୍ଣ୍ଣିତ ହୋଇଅଛି। ଏ ଦେଶର କମିଶନର ଶ୍ରୀଯୁକ୍ତ ରେଭେନ୍ସା ସାହେବ ସନ ୧୮୬୫ ମସିହାରେ ଏ ପ୍ରସ୍ତାବର ଅବତାରଣା କରିଥିଲେ ତଦୁତ୍ତାରୁ ଏ ବିଷୟରେ ଯେଉଁ କର୍ମଚାରୀ ଯେମନ୍ତ ପ୍ରକାଶ କରିଅଛନ୍ତି ତାହା ସମୁଦାୟ ସମୟ ସମୟରେ ଏ ପତ୍ରିକାରେ ପ୍ରକାଶ ହୋଇଥିବାରୁ ବର୍ତ୍ତମାନ ଲେଖିବାର ଆବଶ୍ୟକ ନାହିଁ କେବଳ ଏତିକି ମାତ୍ର ଜଣାଇବାର ଉଚିତ ଯେ ଏ ଅଞ୍ଚଳର ବିଦ୍ୟାଳୟସମୂହର ଇନସ୍ପେକ୍ଟର ଓ କମିଶନର ଏବଂ ଅଧିକାଂଶ ମାଜିଷ୍ଟ୍ରେଟମାନେ ଏକମତ ହୋଇ ଅଂଶତଃ ବିଦ୍ୟାଳୟସମସ୍ତରେ ଉତ୍କଳଭାଷାରେ ଶିକ୍ଷା ଦେବାର ଅଧିନ କରିବାକୁ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କଲେ ଓ ଏକା ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ଏଥିର ବିପରୀତ ମତାନୁଗାମୀ ହୋଇ ବଙ୍ଗଭାଷାରେ ଶିକ୍ଷା ଦେବାର ଅନୁରୋଧ କରିଥିଲେ। ଏ ମତ ପୋଷକତାରେ ଉକ୍ତ କର୍ମଚାରୀ ଯେଉଁ ଯୁକ୍ତିମାନ ଦର୍ଶାଇ ଅଛନ୍ତି ତାହା ନୂତନ ନୁହଇ ବୋଲି ଲେଖିବାର ପ୍ରୟୋଜନ ନାହିଁ। ଯେଉଁମାନେ ବାବୁ ରାଜେନ୍ଦ୍ରଲାଲ ମିତ୍ର ଓ ବାବୁ ଉମାଚରଣ ହାଲଦାର ଓ ତାହାଙ୍କ ସମ୍ପ୍ରଦାୟର ଲୋକଙ୍କ ଯୁକ୍ତି ସମସ୍ତକୁ ସ୍ମରଣ କରିବେ ସେମାନେ ଅନାୟାସରେ ତାହା ଜାଣିପାରିବେ। ଏମାନେ ଯେତେ କଥା କହିଥିଲେ ସେସମସ୍ତ ତାହାରେ କୃତିକ ପରେ ପରିବେଷିତ ହୋଇଅଛି। ଆମ୍ଭମାନଙ୍କୁ ଏତିକି ବିସ୍ମୟ ଜଣାଯାଉଅଛି ଯେ ହର୍ଷ କାହାପାଇଁ ଏ ଯୁକ୍ତିମାନ ଦେଖାଇଲା। ସେ ଯାହା ହେଉ ସୁଯୁକ୍ତ ଲେପ୍ଟନେଣ୍ଟ ଗବର୍ଣ୍ଣର ଉକ୍ତ ଯୁକ୍ତିମାନଙ୍କୁ ନିତାନ୍ତ ତୁଚ୍ଛ ଜ୍ଞାନ କରି ସ୍କୁଲ ଇନସ୍ପେକ୍ଟର ଶ୍ରୀଯୁକ୍ତ ମାର୍ଟିନ ସାହେବଙ୍କ ଉପଲକ୍ଷିତ ମତକୁ ସ୍ଥିର କରି ଜ୍ଞାନ କରି ଏତଦ୍ରୂପ ବ୍ୟବସ୍ଥା କରିଅଛନ୍ତି। ଯଥା,

"ପ୍ରଥମ, ବଡ ହାଇସ୍କୁଲ ଓ ଓଡିଶାର ଅନ୍ୟ ବୃହତ୍ତ ସ୍କୁଲରେ ବଙ୍ଗଳା ଅଥବା ଓଡିଆ କିମ୍ବା ପାଠ କରିବା ଛାତ୍ରଙ୍କ ସ୍ୱେଚ୍ଛାଧୀନ ରହିବ ଅଥବା ଲେପ୍ଟନେଣ୍ଟ ଗବର୍ଣ୍ଣରଙ୍କ ମତରେ ଦୁଇ ଭାଷା ଶିଖିବାକୁ ହେବ। ଦ୍ୱିତୀୟ ମଧ୍ୟଶ୍ରେଣୀର ଇଂରାଜୀ ଓ ଭାଷାସ୍କୁଲରେ ସଂସ୍କୃତ ବିଷୟର ଶିକ୍ଷା ଉତ୍କଳଭାଷାରେ ଦିଆଯିବ ଇଂରାଜୀ ଅବଶ୍ୟ ପଢିବାକୁ ହେବ ଏବଂ ବଙ୍ଗଳା ଇଚ୍ଛାଧୀନ ରହିବ। ତୃତୀୟ ସମସ୍ତ ଶ୍ରେଣୀର ଉତ୍କଳବିଦ୍ୟାଳୟରେ ଯେ ପର୍ଯ୍ୟନ୍ତ ଉତ୍କଳଭାଷାରେ ଉତ୍ତମ ସାହିତ୍ୟ ପୁସ୍ତକ ହୋଇ ନାହିଁ କେବଳ ଭାଷା ଶିଖିବା ପାଇଁ ବଙ୍ଗଳା ପଢାଯିବ ଏବଂ ଚତୁର୍ଥ ନିମ୍ନ ଶ୍ରେଣୀର ଉତ୍କଳବିଦ୍ୟାଳୟରେ କେବଳ ଉତ୍କଳଭାଷାରେ ଶିକ୍ଷା ଦିଆଯିବ।

ସମସ୍ତେ ବୋଲନ୍ତି ଯେ ଉତ୍କଳଭାଷାରେ ପାଠ୍ୟପୁସ୍ତକର ଅଭାବ ଥିବାରୁ ଏରୂପ ଶିକ୍ଷାପ୍ରଣାଳୀ ଚଳାଇବା କଷ୍ଟକର ଅଟଇ ଓ ଉତ୍କଳଭାଷାରେ ବର୍ତ୍ତମାନ କେଉଁ ପୁସ୍ତକମାନ ପ୍ରାପ୍ୟ ଯଥେଷ୍ଟରୂପେ ଜଣା ହେବା ପର୍ଯ୍ୟନ୍ତ ଲେପ୍ଟନେଣ୍ଟ ଗବର୍ଣ୍ଣର କୌଣସି ନିଶ୍ଚୟ ନିୟମ କରିବାକୁ ଅସମର୍ଥ ହେଲେ। ସାଧାରଣ ରୂପେ ତାହାଙ୍କର ମତ ଏହି ଯେ କଲିକତା ଭଳି ସମସ୍ତ ବିଦ୍ୟାଳୟରେ ଉତ୍କଳଭାଷାରେ ଶିକ୍ଷା ପ୍ରଦାନ ହେବ ଏବଂ ଜିଲାସ୍କୁଲ ଓ ହାଇସ୍କୁଲରେ ଛାତ୍ରମାନେ ଇଚ୍ଛା କଲେ ବଙ୍ଗଳା ଶିକ୍ଷା କରିପାରିବେ।"

ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଗବର୍ଣ୍ଣମେଣ୍ଟଙ୍କର ଏହି ଅଭିପ୍ରାୟ ଶୀଘ୍ର କାର୍ଯ୍ୟରେ ପରିଣତ କରିବାପାଇଁ ଡାଇରେକ୍ଟର ସାହେବ ଅଦେଶ ପାଇଅଛନ୍ତି।

ଉତ୍କଳପୁସ୍ତକର ଅଭାବ ବ ନାହିଁ କିମ୍ବା ଉପରଲିଖିତ ପ୍ରଣାଳୀ ଶୀଘ୍ର ପ୍ରଚଳିତ ହୋଇପାରୁ ନାହିଁ ଏହି ବିଷୟରେ ଗବର୍ଣ୍ଣମେଣ୍ଟ ଡାଇରେକ୍ଟର ସାହେବଙ୍କୁ ସ୍ମରଣ କରାଇଦେଇଅଛନ୍ତି ଯେ ଉତ୍କଳଭାଷାରେ ଅନୁବାଦିତ ଅଥବା ନୂତନ ରଚନାର ଦୋଷ ଗୁଣ ବିଚାରାର୍ଥେ ସ୍କୁଲବୁକ ସୋସାଇଟୀକୁ ସାହାଯ୍ୟ କରିବା ଧାରଣ ରୋଡିଏ ସଭା ନିଯୁକ୍ତ ହୋଇଅଛି ଯାତ ସପ୍ତାହରେ ଏହି ସଭାସଭ୍ୟଙ୍କ ନାମ ପ୍ରକାଶିତ ହୋଇଅଛି କଲିକତା ସ୍କୁଲବୁକ ସୋସାଇଟୀଙ୍କ ଠାକୁ ଯେସମସ୍ତ ଉତ୍କଳପୁସ୍ତକ ମୁଦ୍ରାଙ୍କନ ନିମିତ୍ତ ପ୍ରେରଣ ହେବ ଏ ସଭା ସେଥିର ଦୋଷ ଗୁଣ ବିଚାରରେ ଯେପ୍ରକାର ମତ ଦେବେ ତଦନୁସାର କାର୍ଯ୍ୟ ହେବ। କିନ୍ତୁ ଆପାତତଃ ଲେପ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଇଚ୍ଛା ଯେ ନୂତନ ଶିକ୍ଷାପ୍ରଣାଳୀ ଅର୍ଥାତ ଜିଲ୍ଲା ଓ ହାଇସ୍କୁଲ ଭିନ୍ନ ଓଡିଶାର ସମସ୍ତ ସ୍କୁଲରେ ଉତ୍କଳଭାଷାକୁ ଶିକ୍ଷାଦାନର ଚଳିତ ଭାଷା ବୋଲି ଚଳାଇବା ଓ ଅନ୍ୟସ୍ଥରେ ତାହା ସ୍ୱେଚ୍ଛାଧୀନ ରହିବା ନିୟମ ସମ୍ପର୍କରେ ସକଳ କଥାର ବିବୃତ କରି ମତ ପ୍ରଦାନ କରିବେ। ଏମାନଙ୍କ ମତ ଜାଣିଲାରୁ ଗବର୍ଣ୍ଣମେଣ୍ଟର ଏତଦ୍ବିଷୟରେ ନିଶ୍ଚିତ ନିୟମମାନ ପ୍ରଚଳିତ ହେବ ଅତଏବ ଦେଖାଯାଏ ଯେ ଏପ୍ରଣାଳୀ ଚଳିବା ପକ୍ଷରେ ଯେତିକି ବିଳମ୍ବ ତାହା ଏହି ସଭା ହାତରେ ରହିଅଛି ସୁତରାଂ ଆମ୍ଭେମାନେ ସଭ୍ୟମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଏମନ୍ତ ଶୁଭକାର୍ଯ୍ୟରେ ଢିଲମାଦ ସେମାନେ ବିଳମ୍ବ ନ କରି ଗବର୍ଣ୍ଣମେଣ୍ଟ ଅଭିପ୍ରାୟାନୁଯାୟୀ ପ୍ରଣାଳୀ ସ୍ଥିର କରନ୍ତୁ।

ଆମ୍ଭେମାନେ ଏ ସମସ୍ତ କଥା ଅବଗତ ହୋଇ କେତେ ଆନନ୍ଦିତ ହୋଇଅଛୁଁ ବର୍ଣ୍ଣନା କରିବାକୁ ଅସମର୍ଥ। ଏହି ଉତ୍କଳ ଓ ବଙ୍ଗଭାଷା ବିଷୟରେ ଆମ୍ଭମାନଙ୍କୁ ଯେପର୍ଯ୍ୟନ୍ତ କ୍ଲେଶ ସହିବାକୁ ହୋଇଅଛି ତାହା କାହାରକୁ ଅବିଦିତ ନାହିଁ। କଦା ଓ ବ୍ୟଙ୍ଗୋକ୍ତି ଛଡା ଦରକାର ପର୍ଯ୍ୟନ୍ତ ଶୁଣା ହୋଇଥିଲୁଁ। କିନ୍ତୁ ପରିଶେଷରେ ଆମ୍ଭମାନଙ୍କର ଆଶା ପୂର୍ଣ୍ଣ ହେଲା ଏମନ୍ତ ନୁହଇ ଆମ୍ଭେମାନେ ପ୍ରଥମେ ଯେ ପ୍ରସ୍ତାବମାନ କରିଥିଲୁଁ ତାହା ଗବର୍ଣ୍ଣମେଣ୍ଟର ପ୍ରକାଶ ହେଲା ଆମ୍ଭମାନଙ୍କର ହିତାକାଙ୍କ୍ଷୀ କମିସନର ଶ୍ରୀଯୁକ୍ତ ରେଭେନଶା ସାହେବ ଏ ବିଷୟରେ ଯେପର୍ଯ୍ୟନ୍ତ ଉତ୍କଳର ହିତସାଧନରେ କୃତକାର୍ଯ୍ୟ ହେଲେ ଉତ୍କଳର ଉପଯୁକ୍ତ ଧନ୍ୟବାଦ ରୂପେ ବ୍ୟକ୍ତ କରିବାକୁ ଅସମର୍ଥ ହେଉଅଛୁଁ ଏ ତାହାଙ୍କର କୀର୍ତ୍ତିସ୍ତମ୍ଭ ପ୍ରାୟ ରହିଲା ସନ୍ଦେହ ନାହିଁ। ପରିଶେଷରେ ବକ୍ତବ୍ୟ ଏହି ଯେ ଅଧିକାଂଶ ମାଜିଷ୍ଟ୍ରେଟମାନେ ଗବର୍ଣ୍ଣମେଣ୍ଟଙ୍କୁ ଉତ୍କଳଭାଷାରେ ଶିକ୍ଷାଦାନ ବିଷୟରେ ଯେଉଁ ପରାମର୍ଶ ଦେଇଥିଲେ ଶ୍ରୀଯୁକ୍ତ ଲେପ୍ଟନେଣ୍ଟ ଗବର୍ଣ୍ଣର ସାହେବ ତାହାକୁ ଯୁକ୍ତିଯୁକ୍ତ ଜ୍ଞାନ କରି ସେଥିର ପ୍ରଶଂସା କରିଅଛନ୍ତି। ଏଥିରୁ ଉତ୍କଳୀୟମାନେ ବୁଝନ୍ତୁ ଯେ ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ କିପରି ପ୍ରାମର୍ଶ ଗ୍ରହଣ କରିବାକୁ କାତର ନୁହନ୍ତି ଓ ଏହା ଜାଣି ସେମାନେ ଅନାୟାସ ବିଷୟରେ ସତ୍ପରାମର୍ଶ ଦେବାକୁ ଉଦ୍ୟତ ହେଉନ୍ତୁ।

---

## କଟକରେ ରୋଡିଏ ବଧାଙ୍କ ସ୍ଥାପନର ଅବଶ୍ୟକତା।

ବର୍ତ୍ତମାନ ଜନତାକୁ ଟଙ୍କା ପଠାଇବାର ଯେରୂପ କ୍ଲେଶ ହୋଇଅଛି ଗତପ୍ରାହରେ ତାହା ପାଠକଙ୍କୁ ଜଣାଇଥିଲୁ। ଦିନ ଦିନ ସେ କ୍ଲେଶ ଅଧିକ ହେବାର ଦେଖାଯାଏ ଓ କୌଣସି ଉପାୟ ଅବଲମ୍ବନ କଲେ ସେହି ପରିମାଣରେ ଅନୁଭବ ହୁଅଇ। ଯେବେ କୌଣସି ସୁଯୋଗରେ ଟଙ୍କା ଯାଉଥାଇବା ଭେତେ କ୍ୟାଙ୍କ ସ୍ଥାପନର କଥା ରେ ଆମ୍ଭ କରିବାର କାରଣ

Digitized by srujanika@gmail.com

ହୁଅନ୍ତା । କିନ୍ତୁ ସେପ୍ରକାର ଉପାୟ କିଛି ଦୃଶ୍ୟ ହେଉ ନାହିଁ । ପ୍ରତିମାସ ଯେତେଟଙ୍କାର ଦ୍ରବ୍ୟ ସ୍ଥାନାନ୍ତରରୁ ଏଠାକୁ ଆସୁଅଛି ତେତେ ଟଙ୍କାର ଦ୍ରବ୍ୟ ଏଠାରୁ ଯାଉଥିଲେ କାର୍ଯ୍ୟ ଚଳନ୍ତା । ଦୁର୍ଭିକ୍ଷ ପୂର୍ବରେ ଏପ୍ରକାର ହେଉଥିଲା, କିନ୍ତୁ ସେ ସମୟଠାରୁ ଏସ୍ଥାନର ପ୍ରଧାନ ବାଣିଜ୍ୟଦ୍ରବ୍ୟ ଶସ୍ୟ ଅପ୍ରାପ୍ତ ହେବାରୁ ଏଠାର ରପ୍ତାନି ବାଣିଜ୍ୟ ମାନ୍ଦା ପଡିଅଛି ଓ କେବେ ଏହାର ପୁନରୁଦ୍ଦୀପନ ହେବ କୁହାଯାଇ ନ ପାରେ । ଫଳତଃ ଆପାତତ ହେବାର ସମ୍ଭାବନା ନାହିଁ । ବର୍ତ୍ତମାନ କଲ୍ୟୁପ୍ରମାଣରେ ଚାଉଳ ମାନ୍ଦ୍ରାଜ ଅବ ଦକ୍ଷିଣଦେଶକୁ ଯାଉଅଛି । ଏବ୍ୟବସାୟରେ ଲକ୍ଷଟଙ୍କାର ଦ୍ରବ୍ୟ ଯିବାର ମଧ୍ୟ ସନ୍ଦେହ ଓ ତାହା ହେଲେ ସୁଦ୍ଧା ସେଥିରେ ଉପକାର ନାହିଁ କାରଣ ତଦ୍ଦ୍ୱାରା କଲିକତାକୁ ଟଙ୍କା ପଠାଇବାରତ ସୁଯୋଗ ହେଲା ନାହିଁ । କଲିକତାକୁ ଟଙ୍କା ପଠାଇବାର ଗୋଟିଏ ମାତ୍ର ଉପାୟ ଦୃଶ୍ୟ ହେଉଅଛି । ତାହା ଏହିଯେ ଯେମନ୍ତ ଜାହାଜରେ ବାଣିଜ୍ୟଦ୍ରବ୍ୟ ଆସୁଅଛି ସେହିପରି ଜାହାଜରେ ଏଠାରୁ ଟଙ୍କା ଯାଇ ପାରେ ଓ ଜାହାଜକୁମ୍ପାନି ସେଥିର ଭଡ଼ା ଶତକଡ଼ା ଚାରିଅଣା ମାତ୍ର ନିଅନ୍ତି ଅତଏବ ଭଡ଼ା ଅଧିକ ନୁହଇ ଓ ଅନ୍ୟାନ୍ୟ ଖର୍ଚ୍ଚ ଶତକଡ଼ା ଅଳ୍ପ ଚାରିଅଣା ପଡିବ ସୁତରାଂ ଅଠଅଣାରେ ଶହେଟଙ୍କା ଗଲେ ହୁଣ୍ଡିଖର୍ଚ୍ଚ ଏକଟଙ୍କା ସ୍ଥଳରେ କମ୍ଭତ ଖର୍ଚ୍ଚା ପଡିବ । ମହାଜନମାନେ ଜାହାଜରେ ପଠାଇବାକୁ ଭୟ କରୁଅଛନ୍ତି ହାଲେ ଜାହାଜ ବୁଡ଼ିଯାଏ ତାହାଙ୍କର ସର୍ବସ୍ୱ ଯିବ । କିନ୍ତୁ ଏ ଆପତ୍ତି ଆମ୍ଭମାନଙ୍କ ବିବେଚନାରେ ପ୍ରବଳ ନୁହଇ କାରଣ ଜାହାଜରେ ଟଙ୍କା ବୁଡ଼ିଯିବାର ଯେମନ୍ତ ସମ୍ଭାବନା ବାଣିଜ୍ୟଦ୍ରବ୍ୟ ବୁଡ଼ିଯିବାର ମଧ୍ୟ ସେହିପରି ସମ୍ଭାବନା ଏ କ୍ଷତି ସହିବାକୁ ସମ୍ମତ ହେଲେ ସେ କ୍ଷତି ସହିବାକୁ ଅସମ୍ମତ ହେବାର କାରଣ ନାହିଁ । ତେବେ ଅନ୍ୟଗୋଟିଏ ପ୍ରବଳ କାରଣ ଅଛି ତାହା ଏହି ଯେ ଯାହାର କମ୍ପନି ଟଙ୍କା ପଠାଇବାକୁ ହେବ ସେ ବୀମାମତ ପ୍ରହରୀ ସଙ୍ଗେ ପଠାଇବାକୁ ହେବ ସେ ବୀମାମତ ପ୍ରହରୀ ସଙ୍ଗେ ପଠାଇଲେ ବ୍ୟୟ ଭିଣା ପଡ଼ିବ । ଅଳ୍ପପାର୍ଣ୍ଣିର ମହାଜନ ସେପରି କରି ନ ପାରେ ଓ କଲେ ତାହାର ଖର୍ଚ୍ଚ ଅଧିକ ପଡ଼ିବ କେଶରେ ଅଳ୍ପପାର୍ଣ୍ଣି ଲୋକର ଦମ୍ଭ ଥିଲା ତାହାର ଏତାଦୃଶ ସାହସ ନ ହେଲେ ତାହାକୁ ଦୋଷ ଦିଆଯାଇ ନ ପାରେ । ଅତଏବ ସୁତରାଂ ପ୍ରମାଣ ହେଉଅଛି ଯେ କେହି ଏକ ଧନାଢ୍ୟ ବ୍ୟକ୍ତି ବା ଯାହାଠାରେ ସାଧାରଣର ବିଶ୍ୱାସ ହେବାର ସମ୍ଭାବନା ଏରୂପ କାର୍ଯ୍ୟର ଅନୁଷ୍ଠାନ କଲେ ସାଧାରଣ ଉପକାର ଓ ତାହାର ଲାଭ ହୋଇପାରିବ ବହୁତଲୋକର ଟଙ୍କା ତାହାହାତକୁ ଆସିଲେ ସେ ଅଳ୍ପବ୍ୟୟରେ ସମୁଦାୟ କଲିକତାକୁ ପଠାଇପାରିବ ଓ ସେଠାରେ କଣ୍ଟିଙ୍କା(?) କୌଣସି ବ୍ୟାଙ୍କ ହାତରେ ରଖି ତାହା ଉପରକୁ ଏଠାରୁ ହୁଣ୍ଡି ଦେବେ । ଜନସାଧାରଣକୁ ଯାହା ହେଉ ସମ୍ମତ ଲୋକେ ଶତକଡ଼ା ଏକଟଙ୍କା ଦେବାକୁ ଅନିଚ୍ଛୁକ ହେବେ ନାହିଁ ବରଂ ଏରୂପ ସୁଯୋଗ ପାଇଲେ ଆନନ୍ଦପୂର୍ବକ ତାହା କରିବେ । ଅତଏବ ପ୍ରତ୍ୟେକ ଶହେଟଙ୍କାରେ ଅଠଅଣା ଲାଭ ହୋଇପାରେ ଏଥିକୁ ଏସ୍ଥାନରୁ କଲିକତାକୁ ଛାଗ୍ହାରି ବାର୍ଷିକ ଦଶଲକ୍ଷଟଙ୍କାରୁ ଊଣା ପ୍ରେରିତ ହୁଅଇ ନାହିଁ ଓ ଦୁଇଲକ୍ଷଟଙ୍କା କଲିକତାରେ ବନ୍ଦ ରଖିଲେ ଏକାର୍ଯ୍ୟ ଚଳିବ ସୁତରାଂ ଦୁଇଲକ୍ଷଟଙ୍କାରେ ବାର୍ଷିକ ପ୍ରାୟ ପାଞ୍ଚହଜାର ଟଙ୍କା ଲାଭ ହେବାର ସମ୍ଭାବନା ଓ ଏଥିରୁ ଅନ୍ୟାନ୍ୟ ଖର୍ଚ୍ଚ ଗଲେ ମଧ୍ୟ ପ୍ରାୟ ତିନି କି ସାଢ଼େ ତିନିଲକ୍ଷଟଙ୍କା ଲାଭ ହେବ । ଦୁଇଲକ୍ଷ ଟଙ୍କା ଏ ବ୍ୟବସାୟରେ ଲଗାଇବା ଭଳି ଏମନ୍ତଲୋକର ଏଠାରେ ଅଭାବ ନାହିଁ ଓ ... ଏକଜଣ ତାହା କରିବାକୁ କୁଣ୍ଠିତ ହୁଅନ୍ତି ତେବେ ଦଶଟି ପାଞ୍ଚଜଣ ମିଶି କରିପାରନ୍ତି । କର୍ମାବସ୍ଥା ଜାଣ ଏଠାରୁ ଜାହାଜ ଗତାଗତ କରୁଅଛି କେବେ କିଛି ଦୁର୍ଘଟନା ହୋଇ ନାହିଁ ଅତଏବ ବୀମା କମ୍ପାନିର ସାହାଯ୍ୟ ନେବାର ଦେଖା ନ ଯାଏ ଓ ଯେବେ ତାହା ନିତାନ୍ତ ପ୍ରୟୋଜନ ହେବ ତେବେ ସେ କଥା ଦୁଃସାଧ୍ୟ ନୁହଇ । ଏହିରୂପେ କାର୍ଯ୍ୟ ଆରମ୍ଭ କଲାଠାରୁ କ୍ରମେ ଆଉ ବହୁପାୟମାନ ପ୍ରତ୍ୟକ୍ଷ ହେବ ଓ ସେଥିରେ ଏକାର୍ଯ୍ୟ ପ୍ରବୃତ୍ତ ବ୍ୟାଙ୍କ ହାପ୍ ହୋଇଉଠିବ ।

— ✻ —

# ସାପ୍ତାହିକସଂବାଦ ।

ଅଳ୍ପକାଳ ଦୂଇମାସ ହେବ ଏ ନଗର ଅହମଖାନ ବଜାରରେ ଗୋଟିଏ ପିଲାକୁ ବଧ କରିବା ମକଦ୍ଦମାରେ ଯେଉଁ ଚାରିଜଣ ଧୃତ ହୋଇଥିଲେ ତାହାଙ୍କର ବିଚାର ହୋଇ ଶ୍ରୀଯୁକ୍ତ ସେସନଜଜ ସାହେବ ତିନି ବ୍ୟକ୍ତିଙ୍କୁ ମୁକ୍ତ ଓ କେବଳ ଯାହାଠାରୁ ମୃତବ୍ୟକ୍ତିର ହାତର କଡ଼ୁ ବାହାରିଥିଲା ତାହାକୁ ଯାବଜ୍ଜୀବନ କାଳାପାଣିର ଦଣ୍ଡ ଦେଇଅଛନ୍ତି । ପ୍ରମାଣାଭାବରୁ ମକଦ୍ଦମାର ବିଚାର ଲୋକଙ୍କ ମନୋନୀତ ହେଲା ନାହିଁ ।

ଶ୍ରୀଯୁକ୍ତ କର୍କ୍ରଫ୍ଟ ସାହେବଙ୍କ ନୂତନ ମହଲୁମାର ବନ୍ଦୋବସ୍ତ ଆଗାମୀମାସ ତା ୧ ରିଖଠାରୁ ହେବ । କଲକ୍ଟର ଅଧାପୂର ସମସ୍ତ କର୍ମ ଏହାଙ୍କୁ କରିବାକୁ ହେବ ଓ ଏହାଙ୍କୁ ଏମନ୍ତ କ୍ଷମତା ଦିଆଯାଇଅଛି ଯେ ଏ ସମ୍ପର୍କରେ ଗବର୍ଣ୍ଣମେଣ୍ଟକୁ ସ୍ୱୟଂ ସମ୍ବାଦ ଲେଖିବେ । ଏହାଙ୍କ ଅଧୀନରେ ଯେଉଁ ଡେପୁଟୀମାନେ ରହିବେ ତାହାଙ୍କ ନିକଟରୁ ମକଦ୍ଦମାର ଅପିଲ ଏହାଙ୍କ ନିକଟରେ ହେବ ଓ କଟକ ପୁରୀ ବାଲେଶ୍ୱର ମେଦନୀପୁର ବର୍ତ୍ତମାନ ଆବ ଜିଲ୍ଲାରେ ଯେତେ ନାଲ ଅଛି ବା ହେବ ଏ ସମସ୍ତର କଲକ୍ଟର ଆଦାୟ ଓ ମୋକଦ୍ଦମାର ଭାର ଏହାଙ୍କୁ ଅର୍ପିତ ହୋଇଅଛି ।

ଆମ୍ଭେମାନେ ଆନନ୍ଦରସହିତ ଅବଗତ ହେଲୁଁ ଯେ ପୁରୀର ଭୂତପୂର୍ବ କଲେକ୍ଟର ଶ୍ରୀଯୁକ୍ତ ବାର୍ଲୋ ସାହେବ କୁଶଳରେ ବିଲାତରୁ ପ୍ରତ୍ୟାଗମନ କରିଅଛନ୍ତି । ଆମ୍ଭମାନଙ୍କର ଏକାନ୍ତ ଆଶା ଯେ ପୁନର୍ବାର ସେ ଉତ୍କଳକୁ ଆସନ୍ତୁ । ତାହାଙ୍କପରି ଉତ୍ତମ ହାକିମ ମିଳିବା ସୌଭାଗ୍ୟର ବିଷୟ ଅଟଇ ।

ଏ ଅଞ୍ଚଳର ପୁଲିସର ଡେପୁଟୀ ଇନସ୍ପେକ୍ଟର ଜେନେରଲ ଗଡସ୍ପାହରୁ ଏକାଗରରେ ପ୍ରବେଶ ହୋଇ ଏ ଜିଲ୍ଲାପୁଲିସର ବ୍ୟୟ ଲାଘବ ଆଶାରେ କର୍ମଚାରୀ କର୍ତ୍ତନ ବିଷୟରେ ବ୍ୟସ୍ତ ଥିଲେ । ଅବଗତ ହେଲୁଁ ଯେ ୪ ଜଣ ଇନସ୍ପେକ୍ଟର ଏବଂ ୨୭ଜଣ ହେଡକନଷ୍ଟବଲ କର୍ତ୍ତନ କରିବାର ପରାମର୍ଶ ସ୍ଥିର କରିଅଛନ୍ତି । ଏଥିରେ ବାର୍ଷିକ ଦଶହଜାରଟଙ୍କା ବ୍ୟୟ ଲାଘବ ହେବ । କିନ୍ତୁ ଆମ୍ଭମାନଙ୍କ ବେତନରେ ଅନ୍ୟୂନ ଏଗାରଜଣ ସବଇନସ୍ପେକ୍ଟର ନିଯୁକ୍ତ ହୋଇ ଅଧିକ ଦଶହଜାର ଟଙ୍କା ବ୍ୟୟ ଉଣାହୋଇ ପାରନ୍ତା । ଫଳତରେ ଅନର୍ଥକ ବହୁତ ଲୋକ ଥାଇ କେବଳ ଗଣ୍ଡଗୋଳ କରୁଅଛନ୍ତି । ଅଳ୍ପଲୋକରେ କାର୍ଯ୍ୟ ସୁନ୍ଦରରୂପେ ଚଳିବାର ସମ୍ଭାବନା ଦେଖାଯାଏ ।

ଅନୁଗୁଳର ତହସିଲଦାର ବାବୁ ଅନନ୍ତବଲ୍ଲଭ ମିଶ୍ରଙ୍କ ନାମରେ କୌଣସି ଗୁରୁତର ଅପରାଧର ଅଭିଯୋଗ ହେବାରୁ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ତାହାଙ୍କୁ ସସପେଣ୍ଡ କରି ତାହାଙ୍କ କର୍ମରେ ବାବୁ ସଦାନନ୍ଦ ଖରବାରଙ୍କୁ ନିଯୁକ୍ତ କରିଅଛନ୍ତି । ସରକାର ମହାଶୟ ଶ୍ରୀହରମତ ଯାମିନ ଦେଇଅଛନ୍ତି ଅବଳମ୍ବରେ ସେଠାରେ

ପର୍ଯ୍ୟନ୍ତ କାର୍ଯ୍ୟଭାର ଗ୍ରହଣ କରିବେ । ଶ୍ରୀଯୁକ୍ତ ମୁଣ୍ଡ୍ରେଣ୍ଟ ସାହେବ ସ୍ୱୟଂ ଏ ମୋକଦ୍ଦମାର ତଦନ୍ତ କରିବା ଲାଗି ଅଗାମି ଶୁକ୍ରବାର ଅନୁକୂଳକୁ ଦିନାର ସ୍ଥିର କରିଅଛନ୍ତି ।

ମାନ୍ଦ୍ରାଜ ମହାଜନମାନେ ଅତି ଅଳ୍ପ କାଳ ଯେ ପରିମାଣରେ ଏଠାରୁ ଚାଉଳ କିଣିକରି ନେଉଅଛନ୍ତି ଏଥିରୁ ବୋଧ ହୁଅଇ ଯେ ପ୍ରଚୁର ଶସ୍ୟହେତୁରୁ କୃଷିଜୀବୀଙ୍କର ଦୁଃଖ ଦୂର ହେବ ନାହିଁ । ମାନ୍ଦ୍ରାଜରେ ଚାଉଳମହଣକୁ ୫ ୪ ଙ୍କା କମ୍ପା ତାହାଁରୁ ଅଧିକ ହୋଇଅଛି ଅତଏବ ସେମାନେ ୫ଙ୍କାକୁ ସେ ୨୦ ର ପର୍ଯ୍ୟନ୍ତ କ୍ରୟ କରିପାରନ୍ତି । ଏମନ୍ତ ହେଲେ ଅତ୍ର ଭଳି ଶସ୍ତା ହେବ ନାହିଁ । ବର୍ତ୍ତମାନ କ୍ଷେତର ସମସ୍ତ କଳୁ କଟକରେ ମୃତ୍ତଲର ମୂଲ୍ୟ ଚଢ଼ିବାକୁ ଆରମ୍ଭ ହେଲାଣି । ଅତଏବ ଅମ୍ଭେମାନେ ବୋଧ କରୁଁ ଯେ ବହୁପରିମାଣରେ ଚାଉଳର ରପ୍ତାନି ହେଉଅଛି ଗବର୍ଣ୍ଣମେଣ୍ଟକୁ ତାହା ବୁଝିବାର ଅବଶ୍ୟକ ରଖଇ ।

ଯେଉଁ ଦଲିଲଦ୍ୱାରା ମୂଲ୍ୟ ସମେତ ଟଙ୍କା ଅଦାୟ ନିମିତ୍ତ କୌଣସି ସ୍ଥାବର ସମ୍ପତ୍ତି ନିଲାମ କରିବାର ସ୍ୱତ୍ୱ ଦତ୍ତ ହୁଅଇ ଅବା ଦେବାର ଅଭିପ୍ରେତ ହୁଅଇ, ତଦ୍ୱାରା ସ୍ଥାବରସମ୍ପତ୍ତିର ସ୍ୱତ୍ୱ ଉତ୍ପନ୍ନ ହୁଅଇ, ଏବଂ ତାହା ରେଜେଷ୍ଟ୍ରୀ ନ ହେଲେ ଭାରତବର୍ଷୀୟ ରେଜେଷ୍ଟ୍ରୀ ଆଇନର ୪୯ ଧାରା ଅନୁସାରେ ପ୍ରମାଣ ରୂପେ ଗ୍ରହଣ କରାଯାଇ ନ ପାରେ ।

୧୮୬୯ ସାଲର ୧୦୯ ନଂ ମୋକଦ୍ଦମା ।

ଯେବେ ଅପରର ସ୍ଥଳାଭିଷିକ୍ତ ସୂତ୍ରରେ କାହାର ବିରୁଦ୍ଧରେ ଡିକ୍ରୀ ହୁଅଇ, ଏବଂ ସେ ମୃତବ୍ୟକ୍ତିର ଯେତେ ପରିମାଣରେ ସମ୍ପତ୍ତି ପାଇଥାଏ, ସେହିପରିମାଣରେ ଡିକ୍ରୀ ପରିଶୋଧ ନିମିତ୍ତ ଟଙ୍କା ଦେଇଥାଏ, ତେବେ ମୃତବ୍ୟକ୍ତିର କୌଣସି ସମ୍ପତ୍ତି ତାହା ହସ୍ତରେ ଥିବା କଥା ଡିକ୍ରୀଦାର ସପ୍ରମାଣ କରିପାରିଲେ ମଧ୍ୟ ଡିକ୍ରୀ ଆଉ ଜାରୀ ହୋଇ ନ ପାରେ ।

ଶୁଣା ଯାଉଅଛି ଯେ, ପୁଲିସର ଇନସ୍ପେକ୍ଟର ଜେନେରେଲ ଅନୁରୋଧ କରିଅଛନ୍ତି ଯେ, ଡାକ୍ତରଣ ଡେପୁଟି ଇନସ୍ପେକ୍ଟର ଜେନେରଲ ଏବଂ ଅର୍ଦ୍ଧେକ ଅଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟ ନ୍ୟୂନ କରାଯାଉ ।

ଅଗ୍ରାର ପଣ୍ଡିତ କାଶୀନାଥ ହିନ୍ଦୁ ଏବଂ ମୁସଲମାନ ଜାତି ବିଷୟରେ ଉର୍ଦ୍ଦୁ ଭାଷାରେ ଏକଖଣ୍ଡ ନୀତିସମ୍ବଳ ପ୍ରସ୍ତୁତ କରିଅଛନ୍ତି । ଉତ୍ତରପଶ୍ଚିମ ପ୍ରଦେଶର ସାଧାରଣ ଶିକ୍ଷାକାର୍ଯ୍ୟର ଡିରେକ୍ଟର ଜେନେରେଲ ଉକ୍ତ ପୁସ୍ତକର ପ୍ରଚୁର ପ୍ରଶଂସା ଲେଖାରେ ତତ୍ରତ୍ୟ ଗବର୍ଣ୍ଣମେଣ୍ଟ ପଣ୍ଡିତ କାଶୀନାଥଙ୍କ ପ୍ରଣୀତ ପୁସ୍ତକର ସହସ୍ରଖଣ୍ଡ କ୍ରୟ କରିବାକୁ ସ୍ୱୀକାର ପାଇଅଛନ୍ତି, ଏବଂ ପଣ୍ଡିତମହାଶୟଙ୍କୁ ୫୦୦ଙ୍କା ପୁରସ୍କାର ଦେବାର ଅନୁମତି କରିଅଛନ୍ତି ।

ଡେଲିନିଉସ ଶୁଣିଅଛନ୍ତି, ଏଲାହାବାଦର ନୂଆ ଇଉନିଭର୍ସିଟିର ନିମିତ୍ତ ରାମପୁରର ନବାବ ୫ ୧୪,୮୦୦ ଙ୍କା ଏବଂ ବାରାଣସୀର ମହାରାଜ ୫ ୫୦୦୦ ଙ୍କା ଦାନ କରିଅଛନ୍ତି ।

ବାଲେଶ୍ୱରର ପୋର୍ଟ ଫଣ୍ଡରେ ୫ ୫୦୦୦୦ ଙ୍କା ଜମା ଅଛି । ଗତବର୍ଷ ଅର୍ଥାତ୍ ସନ ୧୮୬୮।୬୯ ରେ ୫୧୦୬୭ ଙ୍କା ପ୍ରାପ୍ତ ହୋଇଥିଲା । ଏହିବର୍ଷ ୨୩ ଖଣ୍ଡ ଜାହାଜ ଏବନ୍ଦରକୁ ଆସିଥିଲା ଏବଂ ଫଲ୍ସପଏଣ୍ଟ ଅନ୍ୟବନ୍ଦରରେ ( ବୋଧ ହୁଅଇ ଧାମରା ହେବ ) ୬୪ ଖଣ୍ଡ ଜାହାଜ ସର୍ବସୁଦ୍ଧା ୧୩୭ ଖଣ୍ଡ ଜାହାଜ ଆସିଥିଲା ।

## ପ୍ରେରିତପତ୍ର ।

" [illegible] ମିଶନରିମାନଙ୍କ ସହିଷ୍ଣୁତାର ପ୍ରଶଂସକ " ଏହି ସ୍ୱାକ୍ଷରରେ ଜଣେ ପତ୍ରପ୍ରେରକ ଲେଖନ୍ତି ଯେ ବାଲେଶ୍ୱରରେ ଉତ୍କଳ ବ୍ରାହ୍ମସମାଜର କେତେକ ଲୋକଙ୍କ ଓ ମିଲର ସାହେବଙ୍କ ମଧ୍ୟରେ ଧର୍ମବିଷୟରେ ତର୍କ ବିତର୍କ ହେଉଥିଲା । ବିତର୍କକାଳ ତର୍କ ହେଉଁ ସାହେବ ଏକ ବ୍ରାହ୍ମଙ୍କୁ " ଉଲ୍ଲୁ " ଇତ୍ୟାଦ ଇତ୍ୟାଦି ବାକ୍ୟବଳିଲେ ପୁଣି ବ୍ରାହ୍ମଙ୍କର କାର୍ଯ୍ୟକୁ ଦଣ୍ଡ ବିଧି ଆଇନାନୁଯାୟୀ ଅପରାଧ ଜ୍ଞାନ କରି ସେମାନଙ୍କୁ ଶାସନ କରିବା କାରଣ ଶ୍ରୀଯୁକ୍ତ ମେଜିଷ୍ଟ୍ରେଟ ସାହେବଙ୍କୁ କହିବାର ସ୍ଥିର କଲେ । ପତ୍ର ବାହୁଲ୍ୟ ହେତୁରୁ ସମୁଦାୟ ପ୍ରକାଶ ନ କରି ଅମ୍ଭେମାନେ ତାହାଁର କିୟଦଂଶ ଉଦ୍ଧୃତ କରୁଁ । ଯଥା ।

"ସମ୍ପାଦକ ମହାଶୟ ଖ୍ରୀଷ୍ଟିୟ ପ୍ରଚାରକ ସଙ୍ଗରେ ତର୍କ କଲେ ଅବା ସେମାନଙ୍କଠାରୁ ପ୍ରଚୁର ଦୂରରେ ଅନ୍ୟ କୌଣସି ଧର୍ମ ପ୍ରଚାର କଲେ କେହିଁ ଆଇନର କେଉଁ ଦଫାରେ ଦଣ୍ଡନୀୟ ଅଟଇ ଅନୁଗ୍ରହ କରି କହିବା ହେବେ ଯେ ସମସ୍ତେ ସତର୍କ ହୋଇଯାଇଁବୁ । ମାତ୍ର ଏକପ୍ରକାର ଆଇନ ଥିବାର ଅମ୍ଭେମାନେ ଜାଣି ନାହୁଁ କେବଳ କୌଣସି ମନୁଷ୍ୟର ଧର୍ମଭାବ ପ୍ରତି ବଦୂପାତ କଲେ ଦଣ୍ଡବିଧି ଆଇନର ଦ ୨୯୮ ଧା ଅନୁସାରେ ଦଣ୍ଡନୀୟ ହୁଅଇ ହିନ୍ଦୁ ପଣ୍ଡିତ ବା ବ୍ରାହ୍ମମାନେ ଏ ପ୍ରକାର କଥା କରି ନାହାନ୍ତି ଓ କେହି କଲେହେଁ ମଧ୍ୟ ଖ୍ରୀଷ୍ଟୀୟ ପ୍ରଚାରକମାନେ ଏ ବିଷୟ ନେଇ ତାଙ୍କୁ ଦୋଷୀ କରିବାର କେତେ ଦୂର ପର୍ଯ୍ୟନ୍ତ ସଙ୍ଗତ ହୁଅଇ ତାହା ଅମ୍ଭେମାନେ ନ ଜାଣୁ ଯାହା ହେଉ, ଏ ସ୍ଥଳରେ ଅମ୍ଭେମାନେ ଅଧିକ ଆଉ କହି ନ ପାରୁଁ ଖ୍ରୀଷ୍ଟୀୟ ପ୍ରଚାରକମାନେ ଯେପରି ଉଦାର ଓ ନିସ୍ୱାର୍ଥ ଭାବରେ ଏ ଦେଶର ବହୁଲ ଉପକାର ସାଧନ କରିଅଅଛନ୍ତି ତନ୍ନିମିତ୍ତ ଅମ୍ଭେମାନେ କୃତଜ୍ଞ ଅଟୁଁ । ସେଥିପାଇ ବିନୀତଭାବରେ ସେମାନଙ୍କଠାରେ ନିବେଦନ କରୁଁ ଯେ ସେମାନେ ଏପ୍ରକାର ଦୁର୍ବିନୀତ ଓ ଇତର ବ୍ୟବହାର ପରିହାର କରନ୍ତୁ । ଖ୍ରୀଷ୍ଟଙ୍କର ଉପଦେଶ ପ୍ରତି ଥରେ ଦୃଷ୍ଟିପାତ କରନ୍ତୁ ଯେ ସେମାନଙ୍କର ଅଭୀଷ୍ଟ ସିଦ୍ଧ ହେବାର ସମ୍ଭାବନା ରହିବ ନତୁବା ନାବାଳଗ ଅନାଥ ଦୁର୍ଭିକ୍ଷ ପିଲା ଅଥବା ଅନ୍ନାଭାବ ପୀଡିତ ବ୍ୟକ୍ତି ବ୍ୟତୀତ ବୋଧ ଶୋଧବିଶିଷ୍ଟ ମନୁଷ୍ୟକୁ ଦୀକ୍ଷିତ କରିବାର ପ୍ରତ୍ୟାଶା କରି ପାରିବେ ନାହିଁ । ଇତି ।"

## NOTICE.

The next ordinary general meeting of the Cuttack Debating Club will be held at the High School Premises on Wednesday the 1st December next at 7 P. M. when Baboo Lajkisna Mookherjea M. A. B. L. will open the discussion on "the present wants of Orissa"

Obinash Chunder Chatterjea
Hony Secy. C. D. Club
Cuttack, the 26th Novr. 1862.

## ମୂଲ୍ୟ ପ୍ରାପ୍ତି ।

ବାବୁ ରଘୁନାଥ ଘୋଷ କଟକ ବକେୟା ୫୦
" ବାଲମୁକୁନ୍ଦ ପଟ୍ଟନାୟକ ସମ୍ବଲପୁର ବକେୟା ୫ ୧।

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

ଭା ୯ ଗ | ସଂ ୪୭ ଖ୍ୟା — ତା ୧୮ରିଖ ଡିସେମ୍ବର ସନ ୧୮୭୪ ମସିହା । ମୁଂ ମାର୍ଗଶିର ୨୮ଂକ ସନ ୧୨୮୨ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୨
ମଫସଲ ପାଇଁ ଡାକମାସୁଲ ୫୦

## ବଙ୍ଗଦେଶକୁ ଚାଉଳ ରପ୍ତାନି

ଅନେକାଳ ଯେ ପତ୍ରମାନଙ୍କରେ ମାନ୍ଦ୍ରାଜ ବଂଗସାହିମାନେ ଏଠାରୁ ଚାଉଳ କ୍ରୟକରି ବାହାରକୁ ନେଇ ପଠାଉଅଛନ୍ତି ତାହା ଦେଖି ଲୋକେ ଅତ୍ୟନ୍ତ ଉଦ୍ବିଗ୍ନ ହୋଇଅଛନ୍ତି । ବସ୍ତୁତ ଚାଉଳ କ୍ରୟ ହେବାରୁ ମୋଫସଲରୁ ଅମଦାନି ଜଣା ପଡୁଅଛି ଓ ତାହା ସଙ୍କେଟ ଲାଭ ଜନକ ହେଉଅଛି ଏମନ୍ତ କି ଚାଉଳ ଶସ୍ୟ ହେବାରୁ ଯେମନ୍ତ ଶସ୍ତା ହେବାର ଅନୁମାନ ହେଉଥିଲା ତାହା ଆଉ ରହିବ ନାହିଁ ନିଶ୍ଚୟ ଜଣାଯାଏ କେହି କହନ୍ତି ଯେ ଅନ୍ୟୁନ ତିନିଲକ୍ଷ ଟଙ୍କାର ଚାଉଳ ମହାଜନମାନେ କ୍ରୟ କରିବେ ଯେବେ ଏ କଥା ସତ୍ୟ ହୁଅଇ ତେବେ ଏଠାରେ ଚାଉଳ ଦର ମହାର୍ଘ ହେବ ସନ୍ଦେହ ନାହିଁ ଓ ସେପ୍ରକାର ଘଟଣା ହେବାର ସମ୍ଭବ କି ନା ଓ ହେଲେ ବାସ୍ତବରେ କେ ପର୍ଯ୍ୟନ୍ତ ଏ ଦେଶର କ୍ଲେଶ ହେବ ଏତେବେଳେ ବୁଝିବାର ପ୍ରୟୋଜନ ହେଉଅଛି କାରଣ ଚାଉଳ ବାହାରିଗଲେ ପଛେ ବିବେଚନା କରିବାର କଥା ହେବ । ପୂର୍ବେ ଚାଉଳ ରପ୍ତାନିର ଦ୍ବାରା ଗବର୍ଣ୍ଣମେଣ୍ଟ ନିଷେଧ ଆଜ୍ଞା ପ୍ରଚାର କରିଥିଲେ ତାହା ଗତବର୍ଷ ଉଠାଇଦେବା ସମୟରେ କଲେକ୍ଟର ସାହେବଙ୍କୁ ଆଦେଶ କରିଥିଲେ ଯେ ବନ୍ଦରମାନଙ୍କରେ ଉକ୍ତ ଆଜ୍ଞାଦ୍ବାରା କେତେ ଚାଉଳ ବାହାରିଯାଏ ତହିଁର ତତ୍ତ୍ବାନୁସନ୍ଧାନ କରିବେ ଓ ଯେବେ ଏମନ୍ତ ବିବେଚନା ହୁଅଇ ଯେ ଏଠାରୁ ଖର୍ଚ୍ଚ ଉଚିତ ଅବଶ୍ୟକୀୟ ଚାଉଳ ନ ରହି ଅଧିକ ବାହାର ଯାଉଅଛି ତେବେ ରପ୍ତାନି ବନ୍ଦ କରିବାର ଉପାୟ ହେବ । ଏଥିରୁ ଯଥାର୍ଥରେ ଏତେଦୂର ଅନିଷ୍ଟ ଘଟିବାର ସମ୍ଭାବନା କି ନା ଏହା ଭଲରୂ ବୁଝିବାର ଆବଶ୍ୟକ ।

ଅନୁମାନ ମାନ୍ଦ୍ରାଜମହାଜନମାନେ ନିଶ୍ଚୟ କେତେଟଙ୍କାର ଚାଉଳ କ୍ରୟକଲେକି ତାହା ଆମ୍ଭେମାନେ ଜାଣିପାରୁ ନାହୁଁ । କିନ୍ତୁ ପୂର୍ବ ରିପୋର୍ଟରୁ ଜଣାଯାଏ ଯେ କିସ୍ତୁର କ୍ରୟ ହେଉଅଛି ବୋଲି ଲୋକେ ଉଦ୍ବିଗ୍ନ ଅଛନ୍ତି । ତଥାପି ଆମ୍ଭେମାନେ ବିବେଚନା କରୁଁ ଯେ ଏପ୍ରକାର ଉ[illegible] ଅବସ୍ଥା ହେଉ ନାହିଁ ବରଂ ମହାଜନଙ୍କ ଆ[illegible]ରେ କେତେକ ଉପକାର ହୋଇଅଛି । ପୁ[illegible] ଏହା ଯେ ବର୍ତ୍ତମାନ ଫସଲ ବଜାରରେ ପ୍ରବେଶ ହେବା କାଳରେ ସରକାରୀ ଚାଉଳ ପ୍ରାୟ ପଞ୍ଚାଶହଜାର ମହଣ ଏଠାରେ ଜମାଥିଲା ସେ ଚାଉଳ ବିକ୍ରୟ ହେବାର କୌଣସି ଭରସା ନ ଥିଲା । ବଜାର ଚାଉଳସଙ୍ଗରେ ସେ ଚାଉଳ ସରି ନୁହଇ ଏବଂ କେତେକାଳରୁ କୋଠାମାନଙ୍କରେ ରହି ବହୁ ନଷ୍ଟ ହେଉଥିଲା । ଯେବେ ମହାଜନମାନେ ଆସି ନ ଥାନ୍ତେ ତେବେ ସେ ଚାଉଳ ମାଟି ହୋଇଥାନ୍ତା କିନ୍ତୁ ପୂର୍ବୋକ୍ତ ମହାଜନ ସମ୍ପ୍ରଦାୟ ଚାଉଳକୁ ୫୮୦୦୦ ଟଙ୍କାରେ କ୍ରୟକରି ସରକାରର ଅନଟନ ସମୟରେ ଉପକାର କରିଅଛନ୍ତି ପକ୍ଷାନ୍ତରେ ସରକାରୀ ଚାଉଳ ଆମ୍ଭମାନଙ୍କର ପ୍ରୟୋଜନ ନ ଥିଲା ପରବାହାରେ ତାହା ଉଠି ଯିବାରୁ ଦେଶର ଚାଉଳ ରକ୍ଷା ପାଇବା ଦ୍ବାରା ଆମ୍ଭମାନଙ୍କର ଉପକାର ହେଲା । ଦ୍ବିତୀୟ ଏହାକି କେତେ ପରିମାଣରେ ଚାଉଳ ବିଦେଶକୁ ରପ୍ତାନି ନ ହେଲେ ଚାଉଳର ଦର ଅତ୍ୟନ୍ତ ଶସ୍ତା ହୋଇ ଚଷାଙ୍କର କ୍ଷତି ହେବାର ସମ୍ଭାବନା । ସବୁ ସ୍ଥାନର ଭୂମି ଏକାପରି ନୁହଇ କେଉଁଠାରେ ଅଳ୍ପ ପରିଶ୍ରମରେ ବହୁତ ଶସ୍ୟ ଉତ୍ପନ୍ନ ହୁଅଇ ଓ କେଉଁଠାରେ ସେପ୍ରକାର ହୁଅଇ ନାହିଁ । ଯେଉଁଠାରେ ପ୍ରଚୁର ଶସ୍ୟ ହୁଅଇ ସେଠାରେ ତାହା ଅବଶ୍ୟ ଶସ୍ତା ହୁଅଇ ଓ ସେଠା କୃଷିମାନେ ଅନ୍ୟ କୃଷିଙ୍କ ଅପେକ୍ଷା ଲାଭ କରନ୍ତି କିନ୍ତୁ ଶସ୍ତାସ୍ଥାନର ମହାଜନମାନେ ବିଦେଶକୁ ଚାଉଳ ନେଇକିଣି ମୂଲ୍ୟ ବୃଦ୍ଧି [illegible]ଇ ତେତେବେଳେ ଅ[illegible] ଉତ୍ପନ୍ନ [illegible] ବି ମଧ୍ୟ ଉଚ[illegible] କରିବାକୁ ସମର୍ଥ ହୁଏ ଓ ସେଥିରେ ତାହାର ତୁଳନାରେ ସମାନ ଲାଭ ନ ହେଲେହେଁ କ୍ଷତି ସହ୍ୟ କରିବାକୁ ହୁଅଇ ନାହିଁ । ବିଶେଷତଃ ଏ ସ୍ଥାନରେ କୃଷୀ ଅଧିକ ଓ ବଣିଗ୍ବୃତ୍ତି ଲୋକର ସଂଖ୍ୟା ଊଣା ଏଥିରେ ଶସ୍ୟର ଦର କିଛି ବୃଦ୍ଧି ହେଲେ ଅଳ୍ପ ଲୋକର କ୍ଷତି ଓ ବହୁତ ଲୋକର ଲାଭ ଥିବାରୁ ପରିମିତ ଶସ୍ୟ ରପ୍ତାନିକୁ ସାଧାରଣ ଉପକାର ବୋଲିବାକୁ ହେବ । ଏହିବର୍ଷ କେଉଁଠାରେ ଖୋଲା ଓ କେଉଁଠାରେ ବୃଷ୍ଟିର ଅପ୍ରତୁଲ ହେତୁରୁ ଊଣା ଫସଲ ହୋଇଅଛି ଓ କେଉଁଠାରେ ଜଳକର ସ୍ବରୂପ ଅଧିକା ବ୍ୟୟ ସ୍ବୀକାର କରି ଫସଲ ପ୍ରସ୍ତୁତ କରିଅଛି । ରପ୍ତାନି ନ ହେଲେ ଏସ୍ଥାନମାନଙ୍କର ଉତ୍ପନ୍ନ ଶସ୍ୟର ମୂଲ୍ୟ ବୃଦ୍ଧି ହେବାର ଭରସା ନ ଥିଲା କାରଣ ଲୋକେ ଏକ ସ୍ଥାନରେ ଶସ୍ତା ପାଇଲେ ମହାର୍ଘ ସ୍ଥାନରୁ

Digitized by srujanika@gmail.com

ଦ୍ରବ୍ୟ ମିଳିବେ ନାହିଁ ଅତଏବ ରପ୍ତାନି ସମ୍ବନ୍ଧ ଛାଡ଼ି ସମାନ କରିବାର ଗୋଟିଏ ସୁଗମ ଉପାୟ ଅଟଇ ଓ ଏହି କାରଣରୁ ଏହାକୁ ନିଷେଧ କରିବାର ଅନୁଚିତ । ଦ୍ୱିତୀୟ ଶସ୍ୟ ରପ୍ତାନିଦ୍ୱାରା କେବଳ ଏ ଦେଶର ଚଷାମାନଙ୍କର ଉପକାର ଏମନ୍ତ ନୁହେ । ଅନ୍ୟ ଯେ ସମସ୍ତ ସ୍ଥାନରୁ ଏଠାକୁ ଶସ୍ୟ ଆସଇ ସେମାନଙ୍କର ମଧ ଉପକାର ଅଛି ସମ୍ବଲପୁର ଓ ଛତିଶଗଡ଼ ଓ ଅନ୍ୟ ଗଡ଼ଜାତଆଦୁ ଅନେକ ଶସ୍ୟ କଟକକୁ ଆସଇ କଟକ ସେ ସମସ୍ତ ସ୍ଥାନର ଅଧିକରୁ ଶସ୍ୟର ହାଟ ଅଟଇ । ଯେବେ କଟକରୁ ରପ୍ତାନି ନ ହେବ ତେବେ ଏଠା ଶସ୍ୟ ଏଠାରେ ବ୍ୟୟ ହେବାର ଦୁସ୍ତର ଓ ମୂଲ୍ୟ ଶସ୍ତା ଥିବାରୁ ଅନ୍ୟସ୍ଥାନର ବେପାରି ମହାଜନ ଗାଡ଼ିକିରି ଶସ୍ୟ ଆଣି ସେ ଦରରେ ବିକ୍ରୟ କରିପାରିବ ନାହିଁ ଓ ମହାଜନମାନେ ସେବଗମାନଙ୍କରୁ ନ ଆସିଲେ ଏଠାରୁ ଯେ ସମସ୍ତ ଦ୍ରବ୍ୟ ଯାଏ ତାହା ମଧ ବିକ୍ରୟ ହେବ ନାହିଁ । ଶୃଙ୍ଖଳ ରପ୍ତାନିଦ୍ୱାରା ଏ ଦୁର୍ଘଟନା ନିବାରଣ ହେବାର ସମ୍ଭାବନା ଥିବାରୁ ତାହାକୁ ଉପକାରୀ ବୋଲିବାକୁ ହେବ ।

ଏହିରୂପ ନାନା ବିବେଚନାରେ ଦେଖାଯାଏ ଯେ ପରିମିତରୂପେ ଚାଉଳ ରପ୍ତାନି ହେବାରେ ମଙ୍ଗଳ ଅଛି ଓ ସେଥିରେ ଲୋକମାନେ ଖିନ୍ନ ନ ହୋଇ ଆହ୍ଲାଦିତ ହେବାର ଉଚିତ । ବସ୍ତୁତରେ କେବଳ ବଣିକମାନେ ଏଥିରେ ଦୁଃଖିତ ହେଉଛନ୍ତି ଯେହେତୁ ସେମାନେ ଯେ ଅନୁମତ ଅଛନ୍ତି ଏହା ସେମାନେ ସ୍ୱୀକାର ନ କରିବ ଓ ଏ ଦେଶରେ [illegible] ଅଧିକ ଥିବାରୁ ଏହା [illegible] ଅନ୍ନର ଲକ୍ଷଣ ଅତଏବ ଏ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ହସ୍ତକ୍ଷେପ ନ କରିବାର ଅନୁଚିତ ଅଟଇ ତେବେ ଏତକ ମାତ୍ର ସାବଧାନ ରହିବାର ଆବଶ୍ୟକ ଯେମନ୍ତ କି ଏ ଦେଶର ପ୍ରୟୋଜନର ଊଣା ନ ହୁଅଇ ଓ ତାହା ଜାଣିବା କାରଣ ଯେ ଉପାୟ ଅବଲମ୍ବନ କରିବାର ଆବଶ୍ୟକ ତାହା ଶୀଘ୍ର କରିବା ଉଚିତ । ବୋଧ ହୁଅଇ ଶୃଙ୍ଖଳର ରାତ୍ରିଦ୍ୱାରା ସେ କଥା ଜଣାଯାଇ ପାରେ ଓ ସମ୍ପ୍ରତି ଦେଶର ଅବସ୍ଥା ଯେରୂପ ଦେଖାଯାଏ ତହିଁରେ କୌଣସି ଅନିଷ୍ଟର ସମ୍ଭାବନା ନାହିଁ ।

---

## ଜୁଆଖେଳ ।

ଅମ୍ଭେମାନେ ଯଥାର୍ଥଭାବରେ ମହିତ ଅବଗତ ହେଲୁଁ ଯେ ଏ ନଗରରେ ଜୁଆଖେଳର ଅତିଶୟ ପ୍ରଶ୍ରୟ ହଉଛି କାରଣ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଥିଲେ ଏ ଆଇନ ଜାରି ହେଲାଠାରୁ ପୁଲିସ ବିନା ଓ୍ୱାରଣ୍ଟରେ ଜୁଆ ଖେଳୁଥିବା ବ୍ୟକ୍ତିଙ୍କି ଧରିପାରିବ ଓ ସେମାନଙ୍କର ମାଜିଷ୍ଟ୍ରେଟିରେ ଉପସ୍ଥିତ ହୋଇ ଦଣ୍ଡ ହୋଇପାରିବ । ବର୍ତ୍ତମାନ ଆଇନ ଜାରି ନାହିଁ ବୋଲି ଅନେକ ସ୍ଥାନରେ ଜୁଆଖେଳ ଦେଖାଯାଏ ଓ ଯଦ୍ୟପି ଖେଳାଳିମାନେ ଉଦ୍ଧୃତ ପ୍ରଭୃତି ପୁଲିସକର୍ମଚାରୀଙ୍କୁ ଲୁଚାଇ କାର୍ଯ୍ୟ କରନ୍ତି ଓ ପୁଲିସ କନଷ୍ଟବଲମାନେ କେବେ କେବେ ଧମକାଇ ଫଳ ପ୍ରାପ୍ତ ହୁଅନ୍ତି ମାତ୍ର ତାହାଙ୍କୁ ଶାସନ କରିବାର ଆଇନ ନ ଥିବାରୁ ଏ ଖେଳ ଦିନକୁ ଦିନ ବଢ଼ୁଅଛି । ଅନେକଗୁଡ଼ା ବଜାରର ହତ୍ୟାକାଣ୍ଡର ମୂଳ ପ୍ରବର୍ତ୍ତକ ଜୁଆ ବୋଲି ସର୍ବସାଧାରଣରେ ଏକାନ୍ତ ବିଶ୍ୱାସ ହୋଇଅଛି । ସାମାନ୍ୟ ପ୍ରବୃତ୍ତି ଚରିତାର୍ଥ କରିବା ପାଇଁ ମନୁଷ୍ୟ ପ୍ରାଣ ବଧ ମୂଢ଼ା ଗୁରୁତର ଅପରାଧ ଜ୍ଞାନ ହେଲା ନାହିଁ ଆଉ ମଦର କଥା କଅଣ କହିବା । କିନ୍ତୁ କେହି କେହି କହିପାରନ୍ତି ଯେ ଏକ୍ସାଇଜମାନେ ଇତରଲୋକ ବୋଲି ଏମନ୍ତ କଲେ । ଭଦ୍ରଲୋକ କେହି ଏମନ୍ତ ନ କରନ୍ତା ଏଥିକୁ ଜୁଆଖେଳ ଦ୍ୱାରା ଅନେକ ସମ୍ଭ୍ରାନ୍ତଲୋକଙ୍କ ଅନ୍ୟର ପ୍ରାଣ ଧନ କରନ୍ତୁ ମତ ଧନ ପ୍ରାଣରେ ମରିବାର ଦୃଷ୍ଟାନ୍ତ ଦେଖାଯାଉଅଛି । ଓ ଏ ନଗରରେ ଯେ ସମ୍ପ୍ରତି ସମ୍ଭ୍ରାନ୍ତ ଜୁଆଖେଳାଳି ଅଛନ୍ତି ବୋଲିବାର ବାହୁଲ୍ୟ ପ୍ରାୟ ଏକମାସ ହେବ ଜଣେ [illegible] ଭଦ୍ରଲୋକଙ୍କର ଜୁଆରେ [illegible] ବିଷୟ ପୁଲିସକୁ ସମ୍ବାଦ ଦେବା ଆଶାରେ [illegible] ଥିଲେ ଆଇନ ପ୍ରଚଳିତ ନ ଥିବାରୁ ପୁଲିସର ବଳ ନାହିଁ ବୋଲି ଅମ୍ଭେମାନେ ତାହା ପ୍ରକାଶ କରିବା ଅନାବଶ୍ୟକ ବୋଧ କରିଥିଲୁଁ । ବିଶେଷତଃରେ ଏ କଥମାନ ଗୋପନ ରହିବ ନାହିଁ । ମାଦକଦ୍ରବ୍ୟ ସେବନ ପରଦାର ଓ ଜୁଆଖେଳ ମନୁଷ୍ୟର ଉଚ୍ଛନ୍ନ ହେବାର ତିନି ପ୍ରଧାନ କାରଣ ଅଟଇ । ଏଥିମଧ୍ୟରେ ଜୁଆଖେଳ ସମସ୍ତଠାରୁ ଶ୍ରେଷ୍ଠ ମନୁଷ୍ୟ ଲକ୍ଷ୍ମୀଭ୍ରଷ୍ଟ ହେବାର ଏଥିକୁ ବଳିକରି ଉପାୟ ନାହିଁ । ମାଦକ ଦ୍ରବ୍ୟର ବ୍ୟୟର ସୀମା ଅଛି କାରଣ କେହି ମନେ କଲେ ଯଥେଷ୍ଟ ଖାଇ ପାରିବ ନାହିଁ । ପରଦାର ଗମନରେ ଏଥିରୁ କିଛି ଅଧିକ ବ୍ୟୟ ହୁଏ ସତ୍ୟ କିନ୍ତୁ ଏଥିରି ମଧ୍ୟ ସୀମା ଅଛି । କାରଣ ପରସ୍ତ୍ରୀ ପାଇଁ ଜାଇ ହୋଇ କେହି ଏକଦିନରେ ସର୍ବସ୍ୱ ବନ୍ଧ ଦେଇ ନାହିଁ । ଜୁଆରୀ ପକ୍ଷରେ ଧନହୀନ ହେବାକୁ ସମଧିକ ଅପେକ୍ଷା କରେ । କିନ୍ତୁ ଜୁଆଖେଳର ବ୍ୟୟ ଅନନ୍ତ ଏଥିରେ ହଠାତ୍ ଦରିଦ୍ର ହେବାର କଥା । ମନୁଷ୍ୟ ବୁଦ୍ଧିରେ ଧନନାଶର ଯେତେ ଉପାୟ ହୋଇଅଛି କେହି ଜୁଆଖେଳ ସଙ୍ଗେ ସରି ନୁହଇ ଏବଂ ଏଥିରେ ଧନ ନାଶର ଆଶା ଥିବାରୁ ଅତି ଭଦ୍ରଲୋକ ମଧ୍ୟ ପ୍ରତାରିତ ହୋଇ ତାଙ୍କୁ ଲୁଚାଇ ବସେ । ଏପ୍ରକାର ଅନିଷ୍ଟକର ବିଷୟ ନିବାରଣ କରିବା କେତେଦୂର ଉପକାରକ କଥା ତାହା କିଏ ସ୍ୱୀକାର ନ କରିବ । ଅମ୍ଭେମାନେ ଭରସା କରୁଁ ଯେ ଶ୍ରୀମନ୍ତ ଲେପ୍ଟନେଣ୍ଟଗବର୍ଣ୍ଣରଙ୍କର ଶୀଘ୍ର ଆଇନ ଜାରି କରିବାର ବିଜ୍ଞାପନ ପ୍ରଚାର କରନ୍ତୁ ଓ ଶ୍ରୀଯୁକ୍ତ ରେଭେନସା ସାହେବ ଏହା ଉଦୟ କରିଅଛନ୍ତି ସେ ଭାଷା ତାହାଙ୍କର ସତ ସତ ଧନ୍ୟବାଦ ଦେଉଅଛୁଁ ଉତ୍କଳର ଅନ୍ୟାନ୍ୟ ଜିଲ୍ଲାର ମାଜିଷ୍ଟ୍ରେଟମାନେ ଆପଣା ଶାସିତ ସ୍ଥାନମାନଙ୍କରେ ଏ ଆଇନ ପ୍ରଚଳ କରାଇବାର ଚେଷ୍ଟା କରନ୍ତୁ ।

---

## ଗବର୍ଣ୍ଣମେଣ୍ଟର ଧନ ଅଭାବ ।

ଗତ ଅଷ୍ଟମ ତାରିଖ ମାସରେ ଯେତେବେଳେ ଲୋକେ ଦେଖିଲେ ଯେ ବର୍ଷା ହେଲା ନାହିଁ ସେତେବେଳେ ସର୍ବତ୍ର ଏହି ଜନରବ ହେଲା ଯେ ଚଳିତ ବର୍ଷର ଫସଲ ହେବ ନାହିଁ । ଲୋକେ ପୂର୍ବବାର ଦୁର୍ଭିକ୍ଷ ଯାତନା ସହ୍ୟ କରିଥିବେ । [illegible] ମିଳିବାର [illegible] ତାହାଙ୍କ ଓ [illegible] ଅଧିକ ଅନିଷ୍ଟ ପାଇବ ବୋଲି ଲୋକଙ୍କ ବିଶ୍ୱାସ କନ୍ୟାଇବାରେ କିଛି ମାତ୍ର ତ୍ରୁଟି ହେଲା ନାହିଁ । ଈଶ୍ୱରଙ୍କ ଅନୁଗ୍ରହରୁ ଅଳ୍ପରୁ ସୁଫଳ ହେଲା ଯାହା ଉତ୍କଳବାସୀମାନେ ଅପଣାବଚନ ଅର୍ଥ ଦେଖି ମନେ ମନେ ଦୁଃଖିତ ହେଲେ ଓ ଲୋକେ ଫସଲର ଅବସ୍ଥାରେ ତୁଷ୍ଟ ହୋଇ ତେଣୁ ଆଉ କଷ୍ଟ ଭୟ ମନେ କଲେ ନାହିଁ । କିନ୍ତୁ ଏ ଅସମ୍ଭବର ବିଷୟ ଯଦ୍ୟପି ଏ ଦୁର୍ଭିକ୍ଷରେ ଲୋକଙ୍କର କ୍ଲେଶ ମୋଚନ ହେବାର ସମ୍ଭାବନା ହେଲା ତଥାପି ଉତ୍କଳବାସୀଙ୍କ ସକଳ ଚିନ୍ତା ରୂପେ ଭଗ୍ନ ହେଲା ନାହିଁ । ଗତ ଅକ୍ଟୋବର ମାସ ଆରମ୍ଭରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ପ୍ରକାଶିତ ଅର୍ଥ ବ୍ୟୟର ବୃତ୍ତାନ୍ତରୁ ପ୍ରକାଶ ହେଲା ଯେ ଏ ବର୍ଷ ଆୟ ଅପେକ୍ଷା ପ୍ରାୟ ଦୁଇକୋଟି ଅଧିକ ବ୍ୟୟ ହେବାର ସମ୍ଭାବନା ଓ ସେ

Split by PDF Splitter
Digitized by srujanika@gmail.com